# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୬/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, April 6/2021 | ★★★★★★

୪୭ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କ୍ୱାରାଣ୍ଟାଇନରେ ବି ଆକ୍ଟିଭ ଆଲିଆ**

କରୋନାରେ ଆକ୍ରାନ୍ତ ହୋଇଥିବା ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ କ୍ୱାରାଣ୍ଟାଇନରେ ଥିବାବେଳର ଫଟୋ ଇନ୍‌ଷ୍ଟାଗ୍ରାମରେ ସେୟାର କରିଛନ୍ତି। ୧୪

୧୫ **ହୁର୍କାଜ ଜିତିଲେ ମାୟାମି ଟାଇଟଲ**

ପୋଲାଣ୍ଡର ହୁବର୍ଟ ହୁର୍କାଜ ମାୟାମି ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।






# ରାଫାଲ ଦୁର୍ନୀତିର ନୂଆ ଫର୍ଦ୍ଦ

## ଭାରତୀୟ ମଧ୍ୟସ୍ଥଙ୍କୁ ୧୧ ଲକ୍ଷ ୟୁରୋ କମିଶନ

**ତଦନ୍ତ ଦାବି କଲା କଂଗ୍ରେସ**

**ଭିତ୍ତିହୀନ କହିଲା ଭାଜପା**

ନୂଆଦିଲ୍ଲୀ, ୫।୪(ପି.ଟି.)

ଫ୍ରାନ୍ସର ଡାସଲ୍ଟ କମ୍ପାନୀଠାରୁ ରାଫାଲ ଯୁଦ୍ଧବିମାନ କିଣାରେ ବଡ଼ ଧରଣର କମିଶନି କାରବାର ହୋଇଛି। ଭାରତୀୟ ମଧ୍ୟସ୍ଥ ଏହି ଚୁକ୍ତିନାମା ପାଇଁ ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀଠାରୁ ୧୧ ଲକ୍ଷ ୟୁରୋ (ପ୍ରାୟ ୯,୪୮,୯୨,୬୯୩ ଟଙ୍କା) କମିଶନି ପାଇଥିବା ଫ୍ରାନ୍ସ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭାରତରେ ଏହାକୁ ନେଇ ରାଜନୀତି ପୁଣିଥରେ ଜୋର୍ ଧରିଛି। ରାଫାଲ ଡିଲ୍‌ର ଉପଯୁକ୍ତ ତଦନ୍ତ ପାଇଁ ସୋମବାର କଂଗ୍ରେସ ଦାବି କରିବା ସହ ଏହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଜବାବ ଦିଅନ୍ତୁ ବୋଲି କହିଛି। ରାଫାଲ କିଣାରେ ଦୁର୍ନୀତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଫ୍ରାନ୍ସ ନ୍ୟୁଜ୍ ପୋର୍ଟାଲ ରିପୋର୍ଟ ପରେ ତାଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନାଯୋଗ୍ୟ ରାଫାଲ କାରବାରରେ ମଧ୍ୟସ୍ଥ ଭୂମିକା ନିଭାଇଥିବା ଡେଫ୍‌ସିସ୍ ସଲ୍ୟୁସନ୍ସ କମ୍ପାନୀର ମାଲିକ ହେଉଛନ୍ତି ସୁଶେନ୍ ଗୁପ୍ତା। ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତିରେ ସମ୍ପୃକ୍ତ ଥାଇ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିଲେ।

୩୬ଟି ରାଫାଲ ଜେଟ୍ କିଣିବା ପାଇଁ ଭାରତ ୨୦୧୬ରେ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏହି ଚୁକ୍ତିନାମା ପରେ ରାଫାଲ ନିର୍ମାତା ଡାସଲ୍ଟ ଭାରତୀୟ କମ୍ପାନୀ ଡେଫ୍‌ସିସ୍ ସଲ୍ୟୁଶନ୍ସକୁ ୧.୧ ନିୟୁତ ୟୁରୋ ପୈଠ କରିଥିବା ସେଠାର ଦୁର୍ନୀତି ନିରୋଧୀ ସଂସ୍ଥା (ଏଏଫ୍‌ଏ) ତଦନ୍ତରୁ ଜଣାପଡ଼ିଥିବା ସୁର୍ଜେୱାଲା କହିଛନ୍ତି। ଡେଫ୍‌ସିସ୍ ସଲ୍ୟୁଶନ୍ସ ରାଫାଲ ଡିଲ୍‌ରେ ମଧ୍ୟସ୍ଥ ଭୂମିକା ତୁଲାଇଥିଲା। ଫ୍ରାନ୍ସ ଗଣମାଧ୍ୟମ 'ମିଡିଆପାର୍ଟ'ରେ କମିଶନି କାରବାର ରିପୋର୍ଟ ପ୍ରକାଶ ପାଇବା ପରେ ଏଏଫ୍‌ଏ ଅଭିଯୋଗର ତଦନ୍ତ କରିଥିଲା। ଦେଶର ସର୍ବବୃହତ ପ୍ରତିରକ୍ଷା ଚୁକ୍ତିନାମାରେ ବାସ୍ତବରେ କେତେ ଟଙ୍କା ଲାଞ୍ଚ ଓ କମିଶନି କାରବାର ହୋଇଛି, ଏବେ ତାହାର ସମ୍ପୂର୍ଣ୍ଣ ତଥା ନିରପେକ୍ଷ ତଦନ୍ତର ଆବଶ୍ୟକତା ନାହିଁ କି ବୋଲି କଂଗ୍ରେସ ମୁଖପାତ୍ର ପ୍ରଶ୍ନ କରିଛନ୍ତି।

ଡାସଲ୍ଟ କମ୍ପାନୀ ଉକ୍ତ କମିଶନିକୁ ଏହାର କ୍ଲାଏଣ୍ଟଙ୍କ ପାଇଁ ଉପହାର ଖର୍ଚ୍ଚ ବୋଲି ଉଲ୍ଲେଖ କରିଛି। ତେବେ ଭାରତ ସରକାରଙ୍କ ନୀତି ତଥା ପ୍ରତିରକ୍ଷା ଉପକରଣ କିଣା ପ୍ରକ୍ରିୟା(ଡିପିପି) ଅନୁଯାୟୀ ପ୍ରତ୍ୟେକ ପ୍ରତିରକ୍ଷା କାରବାରରେ ଏକ ସଚ୍ଚୋଟତା ଧାରା ରହିଥାଏ, ଯେଉଁଥିରେ କୌଣସି ମଧ୍ୟସ୍ଥ କିମ୍ବା କମିଶନି ଅଥବା ଲାଞ୍ଚ କାରବାର ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥାଏ ବୋଲି ସୁର୍ଜେୱାଲା କହିଛନ୍ତି। ଡିପିପି ଅନୁଯାୟୀ ଯଦି ମଧ୍ୟସ୍ଥ କିମ୍ବା ଲାଞ୍ଚ କାରବାରର ପ୍ରମାଣ ମିଳେ ତେବେ ଦଣ୍ଡସ୍ୱରୂପ ଯୋଗାଣକାରୀଙ୍କୁ ବ୍ୟାନ୍ କରାଯିବା ସହ ଚୁକ୍ତିନାମା ବାତିଲ କରାଯାଇପାରିବ। ଏଥିସହିତ ଏତଲା ଦାଏର ସାଙ୍ଗକୁ କମ୍ପାନୀ ☞ପୃଷ୍ଠା-୪



ରାଫାଲର ଇତିବୃତ୍ତ: ପୃଷ୍ଠା-୭

# ମାଓବାଦୀଙ୍କ କବ୍‌ଜାରେ ନିଖୋଜ ଯବାନ

## ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କଲେ ସ୍ତ୍ରୀ

### ମାଓବାଦୀଙ୍କୁ ଦୃଢ଼ହସ୍ତରେ ଦମନ କରାଯିବ: ସ୍ୱରାଷ୍ଟ୍ର ମନ୍ତ୍ରୀ

ରାୟପୁର, ୫।୪



ରାକେଶ୍ୱର ସିଂ ମନ୍‌ହାସ

ଛତିଶଗଡ଼ର ବିଜାପୁର ଏନ୍‌କାଉଣ୍ଟର ବେଳେ ନିଖୋଜ ଥିବା ସିଆର୍‌ପିଏଫ୍ ଯବାନ ରାକେଶ୍ୱର ସିଂ ମନ୍‌ହାସ ମାଓବାଦୀଙ୍କ କବ୍‌ଜାରେ ରହିଥିବା ଜଣେ ଅଜଣା ବ୍ୟକ୍ତି ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ଶନିବାରଠାରୁ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନର ୩୫ ବର୍ଷୀୟ କନଷ୍ଟେବଲ ରାକେଶ୍ୱର ଏନ୍‌କାଉଣ୍ଟରସ୍ଥଳରୁ ନିଖୋଜ ଅଛନ୍ତି। ମାଓବାଦୀଙ୍କ କବଳରେ ଥିବା ରିପୋର୍ଟ ମିଳିବା ପରେ ଜମ୍ମୁର ଏହି ଯବାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି। ରାକେଶ୍ୱରଙ୍କୁ ନିରାପଦରେ ଫେରାଇ ଆଣିବା ଲାଗି ତାଙ୍କ ସ୍ତ୍ରୀ ମୀନୁ ମାନ୍‌ହାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଆକୁଳ ନିବେଦନ କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋମବାର ଜଗଦଲପୁରରେ ପହଞ୍ଚି ମାଓବାଦୀଙ୍କ ☞ପୃଷ୍ଠା-୪

# ରାଜ୍ୟରେ ସଂକ୍ରମଣ ଉପରମୁହାଁ

## ୧୦ ଜିଲାରେ ଲାଗୁ ହେଲା ରାତ୍ରି କର୍ଫ୍ୟୁ



- ଦିନକରେ ୫୭୩ ସଂକ୍ରମିତ
- ହଟ୍‌ସ୍ପଟ୍ ଆଡ଼କୁ ଖୋର୍ଦ୍ଧା ଜିଲା
- ଜଟିଳ ହେଉଛି ସୀମାନ୍ତ ଜିଲାର ସ୍ଥିତି
- ଅଭାବ ହୋଇପାରେ ଟିକା, ୨ ଦିନ ଯିବ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଗତ କିଛି ମାସ ତଳେ କରୋନା ସଂକ୍ରମଣ କମିଯିବା ପରେ କଟକଣା ଢିଲା ହୋଇଗଲା। ଲୋକେ ମଧ୍ୟ ମାସ୍କ, ସାନିଟାଇଜର ବ୍ୟବହାର ଏବଂ ସାମାଜିକ ଦୂରତା ବଜାୟ ରଖିବା ଭୁଲିଗଲେ। ଏହି ସୁଯୋଗରେ କୋଭିଡ୍-୧୯ ଜୀବାଣୁ ଭିତରେ ଭିତରେ ପୁଣି ସକ୍ରିୟ ହୋଇଉଠିଲା। ଆଉ ଏବେ ରାଜ୍ୟରେ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଭଳି ସ୍ଥିତି। ସଂକ୍ରମଣ ପୂରା ଉପରମୁହାଁ। ଦିନକୁ ବାହାରିଲେଣି ୫୦୦ରୁ ଅଧିକ ଆକ୍ରାନ୍ତ। ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୭୩ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୪

### ଦିନ କର୍ଫ୍ୟୁ ଦ୍ୱନ୍ଦ୍ୱ: ମନ୍ତ୍ରୀ କହିଲେ ଲାଗୁ ହୋଇପାରେ

ଭୁବନେଶ୍ୱର, ୫।୪(ବ୍ୟୁରୋ)

କର୍ଫ୍ୟୁ ନାଁ ଶୁଣିଲେ ଲୋକଙ୍କ ମନରେ ଗତବର୍ଷର ଯନ୍ତ୍ରଣା କଥା ମନେ ପଡ଼ିଯାଉଛି। ଇତିମଧ୍ୟରେ ରାଜ୍ୟର ୧୦ ଜିଲାରେ ରାତ୍ରି କର୍ଫ୍ୟୁ ଲାଗୁହୋଇଥିବାବେଳେ ଦିନ କର୍ଫ୍ୟୁକୁ ନେଇ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ସକାଳେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଥମେ ଦିନ କର୍ଫ୍ୟୁର ସଙ୍କେତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଅନୁଧ୍ୟାନ କରୁଛନ୍ତି, ଆଉ ୪/୫ ଦିନ ଭିତରେ ଏହା ଲାଗୁ ହୋଇପାରେ। ☞ପୃଷ୍ଠା-୪

### ବାହାଘରରେ ଭୋଜି ନୁହେଁ, ଖାଦ୍ୟପୁଡ଼ିଆ

ଛତ୍ରପୁର,୫।୪(ଡି.ଏନ.ଏ)

**ଗଞ୍ଜାମ ଜିଲା ପ୍ରଶାସନର ନୂଆ ପଦକ୍ଷେପ**

- ତାରାତାରିଣୀଙ୍କ ଯାତ୍ରାରେ ହେବନି ମୁଣ୍ଡନ
- କୋଭିଡ୍ ନିୟମ ଅନୁପାଳନ କରି ଦର୍ଶନ ଅନୁମତି

ଗଞ୍ଜାମ ଜିଲାରେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଯାଇଛି। ଗତ କିଛିଦିନ ହେଲା ଜିଲାରେ ଦୈନିକ ସଂକ୍ରମଣ ପୁଣି ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବିବାହ ଓ ଯାତ୍ରା ମହୋତ୍ସବ କଟକଣା ମଧ୍ୟରେ ଆୟୋଜନ କରିବାକୁ ନିର୍ଦ୍ଦେଶ ହୋଇଛି। ବିବାହ ଉତ୍ସବରେ ଅତିଥିମାନଙ୍କୁ ଖୋଲାରେ ଭୋଜି ନ ଦେଇ ରନ୍ଧାଖାଦ୍ୟ ପୁଡିଆ ଦେବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିବାହ ଉତ୍ସବରେ ଶହେ ଲୋକ ଏକାଠି ହେବାକୁ ଅନୁମତି ମିଳିଛି। ଏହି ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ କହିଛନ୍ତି। କେହି ଏହାର ☞ପୃଷ୍ଠା-୪

# ଆନ୍ଧ୍ର ବିରୋଧରେ ପୁଣି ସୁପ୍ରିମକୋର୍ଟ ଯିବ ଓଡ଼ିଶା

## କୋଟିଆରେ ଜିଲା ପରିଷଦ ନିର୍ବାଚନ

ଭୁବନେଶ୍ୱର, ୫।୪(ବ୍ୟୁରୋ)

- ରାଜ୍ୟପାଳଙ୍କୁ ଭେଟିଲା ଭାଜପା, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା କଂଗ୍ରେସ
- ଏଓଆର୍‌ଙ୍କୁ ଚିଠି ଲେଖିଲା ଆଇନ ବିଭାଗ

କୋଟିଆରେ ପୁଣିଥରେ ନିର୍ବାଚନ କରିବା ଲାଗି ଆନ୍ଧ୍ରପ୍ରଦେଶ ସରକାର ଅଣ୍ଟା ଭିଡିଛନ୍ତି। ଆସନ୍ତା ୮ ତାରିଖରେ କୋଟିଆର ୨ଟି ପଞ୍ଚାୟତରେ ସମିତି ସଭ୍ୟ ଏବଂ ଗୋଟିଏ ଜିଲା ପରିଷଦ ସଭ୍ୟ ନିର୍ବାଚନ କରିବା ଲାଗି ଆନ୍ଧ୍ର ସରକାର ନିଷ୍ପତ୍ତି ନେଇଥିବା ନେଇ ଖବର ଆସିବାପରେ ରାଜ୍ୟ ସରକାରଙ୍କ ଏନେଇ ଚିନ୍ତା ପଶିଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ପୁଣିଥରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ନିଜ ଆଡୁ ସୂଚନା ଦେଇଛନ୍ତି। ଅନ୍ୟପଟେ କିଛିଦିନ ତଳେ ଆନ୍ଧ୍ର ସରକାର କୋଟିଆ ଏବଂ ଅନ୍ୟ କେତେଗୁଡ଼ିଏ ସୀମାବର୍ତ୍ତୀ ଅଞ୍ଚଳରେ ନିର୍ବାଚନ କରାଇବା ଘଟଣାରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଦାୟର କରିଥିବା ଏକ ମାମଲା ରହିଛି।

ରାଜ୍ୟ ଆଇନ ବିଭାଗ ଉପସଚିବ ଭଗବାନ ନାୟକ ସୋମବାର ନୂଆଦିଲ୍ଲୀରେ ରହିଥିବା ଆଡ୍‌ଭୋକେଟ ଅନ ରେକର୍ଡ(ଏଓଆର୍) ଶିବ ଶଙ୍କର ମିଶ୍ରଙ୍କୁ ଚିଠି ଲେଖି ପୁଣିଥରେ ସୁପ୍ରିମକୋର୍ଟରେ ଏକ ସୁଟ୍ ଫାଇଲ କରିବା ନେଇ କହିଛନ୍ତି। ଏହାସହ ଏକ ଓକିଲାତିନାମା ମଧ୍ୟ ପଠାଇଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ସରକାର କୋଟିଆ ଅଞ୍ଚଳରେ ☞ପୃଷ୍ଠା-୪

# ଆସାମ ବୁଥ୍‌ରେ ହେରଫେର

## ୯୦ ଭୋଟର ୧୭୧ ଭୋଟ୍

ଗୁଆହାଟୀ, ୫।୪

ଆସାମରେ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ମତଦାନରେ ବ୍ୟାପକ ହେରଫେର ଅଭିଯୋଗ ଆସିଛି। ଦିମା ହସାଓ ଜିଲା ହାଫ୍‌ଲୋଙ୍ଗ ନିର୍ବାଚନମଣ୍ଡଳୀର ଏକ ବୁଥ୍ ଅଧୀନରେ ୯୦ ଜଣ ଭୋଟର ଥିବାବେଳେ ସେଠାରେ ୧୭୧ ଖଣ୍ଡ ଭୋଟ ପଡ଼ିଛି। ଏହି ବୁଥ୍‌ରେ ଏପ୍ରିଲ ୧ରେ ଭୋଟ ଗ୍ରହଣ କରାଯାଇଥିଲା। ଘଟଣା ସାମ୍ନାକୁ ଆସିବା ପରେ ନିର୍ବାଚନ କମିଶନ ୫ ଜଣ ପୋଲିଂ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**କେମିତି ବୁଝେଇବେ**


# ପିପିଲିରୁ ୫୦ ଲକ୍ଷ ଟଙ୍କା ଜବତ

**ଉପନିର୍ବାଚନରେ ବାଣ୍ଟିବାକୁ ଅଣାଯାଉଥିବା ଚର୍ଚ୍ଚା**

ପିପିଲି,୫।୪ (ଡି.ଏନ୍.ଏ./ସ୍ୱ.ପ୍ର.)

- ବାଇକ ସହ ୨ ଅଟକ
- ପିପିଲି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଚଢ଼ାଉ



ପିପିଲିର ତରାକାଜ ଓଭରବ୍ରିଜ୍‌ଠାରେ ସୋମବାର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଚଢ଼ାଉ କରି ଏକ ବାଇକ ସମେତ ନଗଦ ୫୦ଲକ୍ଷ ଟଙ୍କା ଜବତ କରିଛନ୍ତି। ଏହି ଘଟଣାରେ ଧରାପଡ଼ିଥିବା ୨ଜଣ ଯୁବକଙ୍କୁ ପିପିଲି ଥାନାରେ ଅଟକ ରଖାଯାଇଛି। ସେମାନେ ଡେଲାଙ୍ଗ ଅଞ୍ଚଳର ବୋଲି ପୋଲିସ କହିଛି। ସମ୍ପୃକ୍ତ ଯୁବକ ଦ୍ୱୟ ଏତେ ଟଙ୍କା କେଉଁଠୁ ଆଣିଲେ, କୁଆଡ଼େ ନେଉଥିଲେ ଆଦି ବିଭିନ୍ନ ବିଷୟରେ ପୋଲିସ ସେମାନଙ୍କୁ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପିପିଲି ଉପନିର୍ବାଚନରେ ଭୋଟରଙ୍କୁ ଏହି ଟଙ୍କା ବଣ୍ଟାଯିବାକୁ ଅଣାଯାଉଥିଲା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ସୂଚନା ମୁତାବକ, ପିପିଲି ଉପନିର୍ବାଚନକୁ ଦୃଷ୍ଟିରେ ରଖି ମଧ୍ୟାହ୍ନରେ ସ୍ଥାନୀୟ ଟୋଲ୍‌ପ୍ଲାଜା ନିକଟରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ଚାଲିଥିଲା। ଏହି ସମୟରେ ଦୁଇଜଣ ଯୁବକ ଏକ ନୀଳରଙ୍ଗର ପଲସର ବାଇକ୍ (ଓଆର୍ ୧୩ ଜି-୬୬୭୨) ଯୋଗେ ଭୁବନେଶ୍ୱର ଆଡୁ ପିପିଲି ଅଭିମୁଖେ ଆସୁଥିଲେ। ସେମାନେ ପୋଲିସକୁ ଦେଖି ଦ୍ରୁତଗତିରେ ଟୋଲପ୍ଲାଜା ଅତିକ୍ରମ କରି ଚାଲିଯାଉଥିଲେ। ତେବେ ପୋଲିସର ସନ୍ଦେହ ହେବାରୁ ଉକ୍ତ ବାଇକର ପିଛା କରି ତରାକାଜ ଓଭରବ୍ରିଜ ନିକଟରେ ଅଟକାଇବା ସହ ୨ଯୁବକଙ୍କୁ କାବୁ କରିଥିଲା। ପୋଲିସ ସେମାନଙ୍କୁ ତଲାସି କରିବାରୁ ଏକ ବ୍ୟାଗରେ ୨୦ଟି ବଣ୍ଡଲ ହୋଇରହିଥିବା ୫୦ ଲକ୍ଷ ଟଙ୍କା ମିଳିଥିଲା। ପୋଲିସ ଉକ୍ତ ଟଙ୍କା ଓ ବାଇକ୍ ଜବତ କରିବା ସହ ଯୁବକ ଦ୍ୱୟଙ୍କୁ ଧରି ଥାନାକୁ ଆଣିଥିଲା। ଖବର ପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି ଏବଂ ତହସିଲଦାର ସପନ କୁମାର ନନ୍ଦ ପହଞ୍ଚିଥିଲେ। ଏହି ଟଙ୍କା କେଉଁଠୁ ଓ କାହାପାଖରୁ ଆସିଛି ଏବଂ କେଉଁଠିକୁ ନିଆଯାଉଥିଲା ସେ ନେଇ ଅନୁସନ୍ଧାନ କରାଯାଉଛି ବୋଲି ଏସ୍‌ଡିପିଓ ବରାଳ କହିଛନ୍ତି। ତେବେ ତଦନ୍ତ ଜାରି ରହିଥିବାରୁ ଅଧିକ କିଛି ତଥ୍ୟ ଦେବାକୁ ସେ ମନା କରିଦେଇଛନ୍ତି।

# ଅନିଲ ଦେଶମୁଖଙ୍କ ଇସ୍ତଫା

ମୁମ୍ବାଇ, ୫।୪

- ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପଦ ଛାଡ଼ିଲେ ମହାରାଷ୍ଟ୍ର ଗୃହମନ୍ତ୍ରୀ
- ଦିଲୀପ ୱାଲ୍‌ସେ ପାଟିଲ ହେଲେ ନୂଆ ଗୃହ ମନ୍ତ୍ରୀ



ଅନିଲ ଦେଶମୁଖ



ଦିଲୀପ ୱାଲ୍‌ସେ ପାଟିଲ

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ତାଙ୍କ ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ଲାଗି ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଦେଶମୁଖ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ଭେଟି ଇସ୍ତଫା ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ପଦବୀରେ ରହିବାର ନୈତିକ ଅଧିକାର ନ ଥିବା ଅନୁଭବ କରି ସେ ଇସ୍ତଫା ଦେବା ଲାଗି ନିଷ୍ପତ୍ତି ନେଲେ ବୋଲି କହିଛନ୍ତି।

ଦୁର୍ନୀତି ଅଭିଯୋଗର ଶୁଣାଣି କରି ହାଇକୋର୍ଟ ସିବିଆଇକୁ ୧୫ ଦିନ ମଧ୍ୟରେ ପ୍ରାରମ୍ଭିକ ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଜି.ଏସ୍. କୁଲକର୍ଣ୍ଣିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଏହା ଏକ ଅସାଧାରଣ ତଥା ଅଭୂତପୂର୍ବ ମାମଲା ହୋଇଥିବାରୁ ☞ପୃଷ୍ଠା-୪

## ମୁମ୍ବାଇରେ ୧୪୪ ଧାରା

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ମୁମ୍ବାଇ ପୋଲିସ ପକ୍ଷରୁ ମହାନଗରରେ ସୋମବାରଠାରୁ ମାସ ଶେଷ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଏହି ଧାରା ସକାଳ ୭ଟାରୁ ରାତି ୮ଟା ମଧ୍ୟରେ ୫ରୁ ଅଧିକ ଲୋକ ଏକାଠି ଯିବାଆସିବା କରିବା କିମ୍ବା ଏକତ୍ର ହେବା ନିଷେଧ କରାଯାଇଛି। ଅନ୍ୟ ସମୟରେ ବିନା କାରଣରେ କୌଣସି ବ୍ୟକ୍ତିଙ୍କୁ ଘରୁ ବାହାରିବାକୁ ଦିଆଯିବ ନାହିଁ।

## ସଂକ୍ଷେପରେ

### କୋଇଲା ଦୁର୍ନୀତି ମାମଲା: ଶୁଣାଣି କରିବେ ୨ ବିଚାରପତି

**ନୂଆଦିଲ୍ଲୀ, ୫।୪:** ଦୀର୍ଘଦିନ ହେଲା ପଡ଼ିରହିଥିବା କୋଇଲା ଦୁର୍ନୀତି ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ଦୁଇଜଣ ନ୍ୟାୟିକ ଅଧିକାରୀ ଅରୁଣ ଭରଦ୍ୱାଜ ଏବଂ ସଞ୍ଜୟ ବଂଶଲଙ୍କୁ ସ୍ୱତନ୍ତ୍ର ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି। ୪୧ଟି କୋଇଲା ଦୁର୍ନୀତି ମାମଲାର ବିଚାର ପାଇଁ ପୂର୍ବରୁ ଭରତ ପରାଶରଙ୍କୁ ସ୍ୱତନ୍ତ୍ର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ଦିଲ୍ଲୀ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ଅନୁରୋଧକ୍ରମେ ସୁପ୍ରିମକୋର୍ଟ ପରାଶରଙ୍କ ସ୍ଥାନରେ ଉପରୋକ୍ତ ଦୁଇ ବିଚାରପତିଙ୍କୁ ନିଯୁକ୍ତ କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ପଠାଇଥିବା ୫ ନ୍ୟାୟିକ ଅଧିକାରୀଙ୍କ ନାମକୁ ବିଚାରକୁ ନେଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଆର୍.ଏସ୍. ଚିମାଙ୍କ ପ୍ରସ୍ତାବଙ୍କ ପ୍ରସ୍ତାବକୁ ଗ୍ରହଣ କରି ଖଣ୍ଡପୀଠ କୋଇଲା ଦୁର୍ନୀତି ମାମଲାର ବିଚାରପତି ସେମାନଙ୍କ ମଧ୍ୟରୁ ଦୁଇଜଣ ନ୍ୟାୟିକ ଅଧିକାରୀଙ୍କୁ ସ୍ୱତନ୍ତ୍ର ବିଚାରପତି ଭାବେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ।

### ଡଙ୍ଗା ବୁଡ଼ି ୨୭ ମୃତ

**ଢାକା, ୫।୪:** ବାଂଲାଦେଶର ଶୀତାଲାଖ୍ୟା ନଦୀରେ ପ୍ରାୟ ୧୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଏକ ମାଲବାହୀ ଜାହାଜ ସହ ଧକ୍କା ହୋଇ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ରାଜଧାନୀ ଢାକାର ଦକ୍ଷିଣପୂର୍ବରେ ପ୍ରାୟ ୧୬ କିମି ଦୂର ନାରାୟଣଗଞ୍ଜ ଜିଲାରେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ରବିବାର ୫ ମୃତଦେହ ଏବଂ ସୋମବାର ଆହୁରି ୨୫ ଜଣଙ୍କ ଜବତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ନୌସେନା, କୋଷ୍ଟଗାର୍ଡ, ଅଗ୍ନିଶମ କର୍ମଚାରୀଙ୍କ ସମେତ ପୋଲିସ ଟିମ୍ ସାମିଲ ହୋଇଥିଲେ। ଯାତ୍ରୀବାହୀ ଡଙ୍ଗା 'ଏମ୍ଏଲ୍ ସବିତ୍ ଅଲ୍ ହସନ୍' ଏକ ମାଲବାହୀ ଜାହାଜ ଏସ୍‌କେଏଲ୍-୩ ସହ ଧକ୍କା ହୋଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ୮ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ବୈଠକ

**ନୂଆଦିଲ୍ଲୀ, ୫।୪:** ଦେଶରେ କରୋନା ସଂକ୍ରମଣ ବଢୁଥିବାବେଳେ ଆସନ୍ତା ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ ମହାମାରି ସ୍ଥିତି ଏବଂ ଟିକାକରଣ ସମ୍ପର୍କରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିବେ। ସୋମବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୫ ଦିନ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ସମୀକ୍ଷା ବୈଠକ ହେବାକୁ ଯାଉଛି। ଏହା ପୂର୍ବରୁ ଗତ ରବିବାର ପ୍ରଧାନମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ କରୋନା ସ୍ଥିତି ସମୀକ୍ଷା କରିବା ସହ ମହାରାଷ୍ଟ୍ର, ପଞ୍ଜାବ ଓ ଛତିଶଗଡ଼କୁ କେନ୍ଦ୍ରୀୟ ଟିମ୍ ପଠାଇବା ସମ୍ପର୍କରେ ନିଷ୍ପତ୍ତି ନେଇଥିଲେ। ଦେଶରେ କରୋନାର ଦୈନିକ ସଂକ୍ରମଣ ୧ ଲକ୍ଷ ଟପିଥିବାରୁ ବୈଠକରେ କିଛି ବଡ଼ ନିଷ୍ପତ୍ତି ନିଆଯାଇପାରେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସର୍ବାଧିକ ସଂକ୍ରମିତ ୧୧ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ମଙ୍ଗଳବାର କରୋନା ସ୍ଥିତି ସମ୍ପର୍କରେ ଆଲୋଚନା କରିବେ।



## ଜୁକରବର୍ଗଙ୍କ ଡାଟା ଲିକ୍

ଗତ ଜାନୁୟାରୀରୁ ପ୍ରାୟ ୫୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ତଥ୍ୟ ହ୍ୟାକର୍ସଙ୍କ ୱେବ୍‌ସାଇଟରେ ମାଗଣା ଉପଲବ୍ଧ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଏଥିରେ ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗଙ୍କ ବ୍ୟକ୍ତିଗତ ଫୋନ୍ ନମ୍ବର ସହ ଅନ୍ୟାନ୍ୟ ଡାଟା ମଧ୍ୟ ପ୍ରଘଟ ହୋଇଥିବା ସାଇବର ସିକ୍ୟୁରିଟି ରିସର୍ଚ୍ଚର ଡେଭ୍ ୱାକର କହିଛନ୍ତି। ଆମେରିକାର ପ୍ରାୟ ୩.୨ କୋଟି ୟୁଜର୍ସଙ୍କ ଡାଟା ଲିକ୍ ହୋଇଥିବାବେଳେ ସେଥିରେ ଜୁକରବର୍ଗଙ୍କ ବ୍ୟକ୍ତିଗତ ତଥ୍ୟ ରହିଛି। ନିକଟରେ 'ବିଜ୍‌ନେସ୍ ଇନ୍‌ସାଇଡର' ୱେବସାଇଟ୍‌ରେ ପ୍ରକାଶିତ ରିପୋର୍ଟ ଅନୁସାରେ ୧୦୬ଟି ଦେଶର ପ୍ରାୟ ୫୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ଡାଟା ଲିକ୍ ହୋଇଥିବାବେଳେ ଫେସ୍‌ବୁକ୍ ଏହାକୁ 'ପୁରୁଣା ଘଟଣା' ବୋଲି କହିଛି।

## ଋଷିଙ୍କ ସ୍ଥାନ ନେଲେ ଅମିତାଭ

ହଲିଉଡ୍ ମୁଭି 'ଦ ଇନ୍‌ଟର୍ନ'ର ହିନ୍ଦୀ ଭର୍ସନରେ ବଲିଉଡ୍ ଅଭିନେତା ସ୍ୱର୍ଗତ ଋଷି କପୁରଙ୍କ ସ୍ଥାନ ନେଇଛନ୍ତି ବିଗ୍ ବି ଅମିତାଭ ବଚ୍ଚନ। ଆନେ ହାଥୱେ ଓ ରବର୍ଟ ଡି ନିରୋଙ୍କ ଅଭିନୀତ ୨୦୧୫ର ଏହି ଚଳଚ୍ଚିତ୍ରରେ ପୂର୍ବରୁ ଅଭିନେତ୍ରୀ ଦୀପିକା ପାଦୁକୋନ ଏବଂ ଋଷିଙ୍କୁ ନିଆଯାଇଥିଲା। କିନ୍ତୁ ଋଷିଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ଅମିତାଭଙ୍କୁ ନିଆଯାଇଛି। ଫିଲ୍ମ 'ପିକୁ' ପରେ ଦୀପିକା ଓ ବିଗ୍‌ବିଙ୍କୁ ଏକ ସଙ୍ଗରେ ଦର୍ଶକେ ସ୍କ୍ରିନ୍‌ରେ ଦେଖିବାକୁ ପାଇବେ। ବଚ୍ଚନଙ୍କ ଭଳି ସ୍ୱତନ୍ତ୍ର କଳାକାରଙ୍କ ସହ କାମ କରିବାକୁ ଆଉ ଏକ ସୁଯୋଗ ପାଇବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ଏକ ପୋଷ୍ଟର ଶେୟାର କରି ଦୀପିକା କହିଛନ୍ତି।



# ଦ୍ରୁତ ବେଗରେ ବଢୁଛି ସଂକ୍ରମଣ

### ୨୫ ଦିନରେ ୨୦ ହଜାରରୁ ଲକ୍ଷେ

ନୂଆଦିଲ୍ଲୀ, ୫।୪(ପି.ଟି.)

କରୋନା ସଂକ୍ରମଣର ଦ୍ୱିତୀୟ ଲହର ପୂର୍ବାପେକ୍ଷା ଅଧିକ ଦ୍ରୁତ ବେଗରେ ମାଡ଼ିଚାଲିଛି। ଦୈନିକ ସଂକ୍ରମଣ ୨୦ହଜାରରୁ ୧ ଲକ୍ଷରେ ପହଞ୍ଚିବାକୁ ମାତ୍ର ୨୫ ଦିନ ସମୟ ଲାଗିଛି। ଗତବର୍ଷ ସେପ୍ଟେମ୍ବର ୧୭ରେ ସର୍ବାଧିକ ଦୈନିକ ସଂକ୍ରମଣ ୯୭,୮୯୪ରେ ପହଞ୍ଚିଥିଲା। ଏଥିପାଇଁ ୭୬ ଦିନ ସମୟ ଲାଗିଥିଲା। ଗୋଟିଏ ଦିନରେ ୧,୦୩,୫୫୮ ସଂକ୍ରମଣ ସହ ଦେଶରେ ମୋଟ ସଂକ୍ରମିତଙ୍କ ୧,୨୫,୮୯,୦୬୭ରେ ପହଞ୍ଚିଥିବା ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ନୂଆ ସଂକ୍ରମଣର ୫୫.୧୧ ପ୍ରତିଶତ କେବଳ ମହାରାଷ୍ଟ୍ରରେ ରହିଛି। ସେଠାରେ ଦୈନିକ ସଂକ୍ରମଣ ୫୭,୦୭୬ ହୋଇଥିବାବେଳେ ଛତିଶଗଡ଼ରେ ୫,୨୫୦ ଏବଂ କର୍ନାଟକରେ ୪,୫୫୩ ରହିଛି।

ଗତବର୍ଷ ଡିସେମ୍ବର ୧୪ ପରେ ଦୈନିକ ସଂକ୍ରମଣ ୩୦ ହଜାର ତଳକୁ ଖସିଥିଲା ଏବଂ ଗତ ଫେବୃୟାରୀ ୨ରେ ଏହା ହ୍ରାସ ପାଇ ୮,୬୩୫ରେ ପହଞ୍ଚିଥିଲା। ଏହା ପରେ ପୁଣିଥରେ ସଂକ୍ରମଣ ଉପରମୁହାଁ ହୋଇଥିଲା। ଏବେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୭,୪୧,୮୩୦କୁ ବୃଦ୍ଧି ପାଇଛି, ଯାହା ଫେବୃୟାରୀ ୧୨ରେ ସର୍ବନିମ୍ନ ୧,୩୫,୯୨୬ ଥିଲା। ଡିସେମ୍ବର ୧୯ରେ ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ କୋଟି ଟପିଥିଲା।

## ମହାରାଷ୍ଟ୍ରରୁ ପ୍ରବାସୀ ଶ୍ରମିକ ଘରମୁହାଁ

ନାସିକ, ୫।୪



ବହୁ ସଂଖ୍ୟାରେ ଘର ବାହୁଡ଼ା ପ୍ରବାସୀ ଶ୍ରମିକ ମୁମ୍ବାଇର ଲୋକମାନ୍ୟ ତିଲକ ଟର୍ମିନସରେ ଟ୍ରେନ୍ ଧରିବା ପାଇଁ ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରରେ କରୋନା ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିଥିବାବେଳେ ରାଜ୍ୟ ସରକାର ରାତ୍ରକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଗତବର୍ଷ ଲକ୍‌ଡାଉନ ଯୋଗୁ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାମଧନ୍ଦା ହରାଇ ସେମାନଙ୍କୁ ଭୋକ ଉପାସରେ ରହିବାକୁ ପଡ଼ିଥିଲା। ଘରକୁ ଫେରିବା ପାଇଁ ସେମାନେ ଶହ ଶହ କିଲୋମିଟର ଚାଲିଥିଲେ। ତେଣୁ

- ଗତ ଲକ୍‌ଡାଉନରେ ନାହିଁ ନଥିବା ହିନସ୍ତା ହୋଇଥିଲେ ଦାଦନ
- ରାଜ୍ୟରେ ରାତ୍ରକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ ଲକ୍‌ଡାଉନ ଲାଗୁ ହୋଇଛି
- ଆଗକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ ଆଶଙ୍କା କରୁଛନ୍ତି ପ୍ରବାସୀ ଶ୍ରମିକ

ଆଗାମୀ ଦିନରେ ସମ୍ପୂର୍ଣ୍ଣ ଲକ୍‌ଡାଉନ ହେବା ଆଶଙ୍କାରେ ମହାରାଷ୍ଟ୍ରରେ ଥିବା ପ୍ରବାସୀ ଶ୍ରମିକମାନେ ଘରମୁହାଁ ହୋଇଛନ୍ତି। ସୀମାରେ କଟକଣା ଲାଗୁ ହେବା ପୂର୍ବରୁ ନାସିକରୁ ଅନେକ ପ୍ରବାସୀ ଶ୍ରମିକ ସେମାନଙ୍କ ରାଜ୍ୟ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗ ଫେରିଗଲେଣି। ଏହି ଶ୍ରମିକମାନେ ବିଭିନ୍ନ ରେଷ୍ଟୁରାଣ୍ଟ, ଶିଳ୍ପସଂସ୍ଥା ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। କେତେଜଣ ଶ୍ରମିକ ସେମାନଙ୍କ ରାଜ୍ୟକୁ ଯିବା ଲାଗି ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ଅପେକ୍ଷାରେ ରହିଛନ୍ତି।

ନାସିକ ରେଷ୍ଟୁରାଣ୍ଟରେ କୁକ୍ ଭାବେ କାର୍ଯ୍ୟ କରୁଥିବା ରୋଷନ କୁମାର ସିଂ ତାଙ୍କର ସ୍ତ୍ରୀ, ତିନି ପିଲା ଓ ତାଙ୍କ ଭାଇଙ୍କ ପରିବାର ସଦସ୍ୟମାନଙ୍କୁ ସାଙ୍ଗରେ ଧରି ନିଜ ଘର ଉତ୍ତରପ୍ରଦେଶର କାନପୁର ଅଭିମୁଖେ ବାହାରିଛନ୍ତି। ଯଦି ଆଉଥରେ ଲକ୍‌ଡାଉନ ହୋଇଯାଏ ତେବେ ଆମେ ବହୁତ ଅସୁବିଧାରେ ପଡ଼ିଯିବୁ ବୋଲି ସେ କହିଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଅନୁରାଗ ସିଂ ତାଙ୍କ ନିଜ ରାଜ୍ୟ ଉତ୍ତରପ୍ରଦେଶକୁ ଫେରିଆସିଛନ୍ତି। ଏଠାରେ ସ୍ଥିତି ଭଲ ଅଛି ଓ ଯେକୌଣସି ପ୍ରକାରେ ଚଳିଯିବେ ବୋଲି ସେ କହିଛନ୍ତି। ଗତଥର ଲକ୍‌ଡାଉନ ବେଳେ ତାଙ୍କ ନିଯୁକ୍ତିଦାତା ଟ୍ରେନ୍ ଚାଲିବା ପର୍ଯ୍ୟନ୍ତ ଖାଦ୍ୟ ଓ ଆଶ୍ରୟ ଯୋଗାଇ ଦେଇଥିଲେ। ବର୍ତ୍ତମାନ କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କ କର୍ମଚାରୀଙ୍କୁ ସହାୟତା କରିବା ସ୍ଥିତିରେ ନ ଥିବା ଅନୁରାଗ କହିଛନ୍ତି। ତେଣୁ ସମ୍ପୂର୍ଣ୍ଣ ଲକ୍‌ଡାଉନ ଲାଗୁ ହେବା ପୂର୍ବରୁ ପ୍ରବାସୀ ଶ୍ରମିକମାନେ ସେମାନଙ୍କ ନିଜ ରାଜ୍ୟକୁ ଫେରିଯିବାକୁ ଶ୍ରେୟ ମଣୁଛନ୍ତି।

## ଯବାନଙ୍କ ମୃତ୍ୟୁ ପାଇଁ ଦୁର୍ବଳ ଅଭିଯାନକୁ ଦାୟୀ କଲେ ରାହୁଲ



ନୂଆଦିଲ୍ଲୀ, ୫।୪(ପି.ଟି.)

ଛତିଶଗଡ଼ ଏନ୍‌କାଉଣ୍ଟରରେ ୨୨ ଯବାନ ଶହୀଦ ହେବା ଘଟଣା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅର୍ଦ୍ଧସାମରିକ ବାହିନୀ ଓ ରାଜ୍ୟ ପୋଲିସର ଦୁର୍ବଳ ମାଓବାଦୀ ଦମନ ଅଭିଯାନକୁ ଦାୟୀ କରିଛନ୍ତି। ଅଭିଯାନକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା, ଯେଉଁଥିପାଇଁ ଏତେ ସଂଖ୍ୟାରେ ଯବାନଙ୍କ ଜୀବନ ଗଲା ବୋଲି ରାହୁଲ ଟୁଇଟ୍ କରିବା ସହ ପ୍ରତ୍ୟେକ ଯବାନଙ୍କ ସୁରକ୍ଷା ପାଇଁ ବଡି ଆର୍ମର ଯୋଗାଇଦେବାକୁ ଦାବି କରିଛନ୍ତି। ଶନିବାର ଏନ୍‌କାଉଣ୍ଟର ବେଳେ ସିଆର୍‌ପିଏଫ୍‌ର ୮ ଯବାନଙ୍କ ସମେତ ବାସ୍ତରିଆ ବାଟାଲିୟନର ଜଣେ, ଡିଆର୍‌ଜିର ୮ ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସର ୫ ଯବାନ ଶହୀଦ ହୋଇଥିଲେ। ଏକବିଂଶ ଶତାବ୍ଦୀରେ ବଡ଼ି ଆର୍ମର ବିନା କୌଣସି ଯବାନ ଶତ୍ରୁଙ୍କୁ ସାମ୍ନା କରିବା ଉଚିତ ନୁହେଁ ବୋଲି ରାହୁଲ ମତ ଦେଇଛନ୍ତି। ସେନା ଅଭିଯାନରେ ଗୋଇନ୍ଦା ବିଫଳତା ହୋଇନାହିଁ ଏବଂ ସମାନ ସଂଖ୍ୟକ ମାଓବାଦୀ ନିହତ ହୋଇଛନ୍ତି ବୋଲି ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ କୁଲଦୀପ ସିଂ କହିଥିବାବେଳେ ରାହୁଲ ଏହାକୁ ଖଣ୍ଡନ କରିଛନ୍ତି। ଯଦି ଗୋଇନ୍ଦା ତଥ୍ୟ ସଂଗ୍ରହରେ ବିଫଳ ହୋଇନାହିଁ, ତେବେ ଏତେ ସଂଖ୍ୟାରେ ଯବାନ ଶହୀଦ ହେବା ଅପରେଶନର ଦୁର୍ବଳ ଡିଜାଇନ୍‌କୁ ସୂଚାଉଛି ବୋଲି ସେ କହିଛନ୍ତି।

# ଆଜି ୫ ରାଜ୍ୟରେ ନିର୍ବାଚନ

ନୂଆଦିଲ୍ଲୀ, ୫।୪

ପଶ୍ଚିମବଙ୍ଗ, କେରଳ, ଆସାମ, ତାମିଲନାଡୁ ଓ ଛତିଶଗଡ଼ରେ ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାବେଳେ ଆସାମରେ ଶେଷ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ପଶ୍ଚିମବଙ୍ଗରେ ଏପ୍ରିଲ ୨୯ ମଧ୍ୟରେ ଆଉ ୫ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ମେ'ରେ ଭୋଟ ଗଣତି କରାଯିବ।

ମଙ୍ଗଳବାର ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା, ହାଓଡା ଏବଂ ହୁଗ୍‌ଲି ଜିଲାର ୩୧ ଆସନରେ ଭୋଟଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୭୮.୫ ଲକ୍ଷ ଭୋଟର ୨୦୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସମ୍ବେଦନଶୀଳ ୧୦,୮୭୧ ବୁଥ୍‌କୁ ଜଗିବା ପାଇଁ ୬୧୮ କମ୍ପାନୀ ସିଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି।

ତାମିଲନାଡୁରେ ଶାସକ ଏଆଇଏଡିଏମ୍‌କେ ଏବଂ ବିରୋଧୀ ଦଳ ଡିଏମ୍‌କେ ମଧ୍ୟରେ ଜୋର୍‌ଦାର ଟକ୍କର ହେଉଛି। ୨୦୧୧ରୁ କ୍ଷମତାଠାରୁ ଦୂରରେ ରହିଥିବା ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଏଥର ସରକାର ଗଢ଼ିବା ଲକ୍ଷ୍ୟରେ ଥିବାବେଳେ ୧୩୦ଟି ଆସନରେ ଏଆଇଏଡିଏମ୍‌କେ ସହ ଏହାର ଜୋର୍‌ଦାର ଲଢ଼େଇ ହେଉଛି।

୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ପାଇଁ ଶାସକ ଏଲ୍‌ଡିଏଫ୍ ଏବଂ ବିରୋଧୀ ଦଳ ୟୁଡିଏଫ୍ ମଧ୍ୟରେ ଜୋରଦାର ଲଢ଼େଇ ହେଉଛି। ସେହିପରି ଆସାମରେ ମଙ୍ଗଳବାର ୩ୟ ତଥା ଶେଷ ପର୍ଯ୍ୟାୟରେ ୪୦ ଆସନରେ ୩୩୭ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ୩୦ ଆସନ ବିଶିଷ୍ଟ ପୁଡୁଚେରୀ ବିଧାନସଭା ପାଇଁ ମଙ୍ଗଳବାର ୧୦,୦୪,୫୦୭ ଭୋଟର ୩୨୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## 'ଗୋଟିଏ ଗୋଡ଼ରେ ପଶ୍ଚିମବଙ୍ଗ, ଦୁଇ ଗୋଡ଼ରେ ଦିଲ୍ଲୀ ଜିତିବି'

କୋଲକାତା, ୫।୪



ମମତା ବାନାର୍ଜୀ

ପଶ୍ଚିମବଙ୍ଗରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ନିଜ ବିଜୟ ପାଇଁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏକ ସାଧାରଣ ସଭାରେ ଯୋଗଦେଇ ମମତା କହିଛନ୍ତି, ଏବେ ଗୋଟିଏ ଗୋଡ଼ରେ ପଶ୍ଚିମବଙ୍ଗ ନିର୍ବାଚନ ଜିତିବି, ଭବିଷ୍ୟତରେ ଦୁଇ ଗୋଡ଼ରେ ଦିଲ୍ଲୀରେ ବିଜୟ ହାସଲ କରିବି। ଗତମାସରେ ନନ୍ଦିଗ୍ରାମରେ ପ୍ରାର୍ଥୀପତ୍ର ଦାଖଲବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ହ୍ୱିଲ ଚେୟାରରେ ବସି ନିର୍ବାଚନ ପ୍ରଚାର କରୁଥିବାରୁ ଏଭଳି ମନ୍ତବ୍ୟ ଦେଇଛନ୍ତି।

# ଜଳୁଛି ଉତ୍ତରାଖଣ୍ଡର ୪୫ ଜଙ୍ଗଲ

- ୧୩ ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ସମ୍ପଦ ନଷ୍ଟ
- ନିଆଁ ଲିଭାରେ ବାୟୁସେନାର ୨ ହେଲିକପ୍ଟର ନିୟୋଜିତ
- ୧୨ ହଜାର ବନ କର୍ମଚାରୀ ସାମିଲ

ଡେରାଡୁନ୍, ୫।୪



ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୪୫ ଜଙ୍ଗଲ ଏବେ ହୁ ହୁ ହୋଇ ଜଳୁଛି। ସରକାରୀ ତଥ୍ୟ ଅନୁସାରେ ଗଡ୍‌ୱାଲ ଏବଂ କୁମାଉନ୍ ସ୍ଥିତ ନୈନିତାଲ, ଆଲମୋରା, ତେହରି ଏବଂ ପୌରି ଜିଲାର ଜଙ୍ଗଲରେ ଭୀଷଣ ନିଆଁ ଲାଗିଛି। ଏବେ ସୁଦ୍ଧା ପ୍ରାୟ ୩୭ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ଅନେକ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟିସାରିଲାଣି। ନିଆଁକୁ ଆୟତ୍ତ କରିବାକୁ ରବିବାର ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ ଏକ ଉଚ୍ଚସ୍ତରୀୟ ବୈଠକ ଡାକିବା ସହ କେନ୍ଦ୍ରକୁ ସହାୟତା ମାଗିଥିଲେ। ନିଆଁ ଲିଭାଇବାକୁ ବାୟୁସେନାର ୨ଟି ହେଲିକପ୍ଟର ମୁତୟନ କରିବାକୁ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଥିଲେ। ପରେ କେନ୍ଦ୍ର ପକ୍ଷରୁ ଏନ୍‌ଡିଆରଏଫ୍ ଟିମ୍ ପଠାଯିବା ସହ ୨ଟି ବାୟୁସେନା ହେଲିକପ୍ଟର ନିଆଁ ଲିଭା ନିମନ୍ତେ ନିୟୋଜିତ ହୋଇଛନ୍ତି। ରାଜ୍ୟ ସରକାର ୧୨ ହଜାର ବନ କର୍ମଚାରୀଙ୍କୁ ମୁତୟନ କରିବା ସହ ୧୩ ଶହ ଫାୟାର କ୍ରିଉ ଷ୍ଟେଶନ ନିର୍ମାଣ କରାଯାଇଛି।

### ସର୍ବାଧିକ କ୍ଷତିଗ୍ରସ୍ତ ଜଙ୍ଗଲ

ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ଗଡ୍‌ୱାଲ ଏବଂ କୁମାଉନ୍ ଅଞ୍ଚଳରେ ଥିବା ଜଙ୍ଗଲଗୁଡ଼ିକରେ ନିଆଁ ବ୍ୟାପିବାରେ ଲାଗିଛି। ସେଥିମଧ୍ୟରୁ ନୈନିତାଲ, ଆଲମୋରା, ତେହରି ଏବଂ ପୌରି ଜିଲାରେ ଥିବା ବାଗେଶ୍ୱର ରେଞ୍ଜ, ଗନ୍‌କ୍ଷେତ, କାପକୋଟ୍ ଓ ଧର୍ମଗଡ ରେଞ୍ଜ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କିଛି ଅଞ୍ଚଳରେ ଜଙ୍ଗଲ ନିଆଁ ନିକଟବର୍ତ୍ତୀ ଗ୍ରାମକୁ ଉଡ଼ିବାରୁ ମଧ୍ୟ କ୍ଷତି ଘଟାଇଛି। ୨୦୧୬ ପରଠାରୁ ଚଳିତବର୍ଷ ଏହା ଅଧିକ ଭୟଙ୍କର ଅଗ୍ନିକାଣ୍ଡ ବୋଲି କୁହାଯାଇଛି। ଗତ ଜାନୁୟାରୀଠାରୁ ଏ ପର୍ଯ୍ୟନ୍ତ ୯୮୩ ଥର ଉତ୍ତରାଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଲାଣି। ଏହାଦ୍ୱାରା ପ୍ରାୟ ୧୩ଶହ ହେକ୍ଟର ଜଙ୍ଗଲ ସମ୍ପଦ ପ୍ରଭାବିତ ହୋଇଛି। କେବଳ ମାର୍ଚ୍ଚ ମାସରେ ୨୭୮ଟି ଅଗ୍ନିକାଣ୍ଡ ମାମଲା ପଞ୍ଜୀକରଣ ହୋଇଛି।

### ଅଗ୍ନିକାଣ୍ଡର କାରଣ

ପ୍ରତିବର୍ଷ ଏହି ସମୟରେ ଉତ୍ତରଖଣ୍ଡର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଥାଏ। ଶୁଖିଲା ପତ୍ର ଝଡୁଥିବା କାରଣରୁ ନିଆଁ ବ୍ୟାପିଥାଏ। ସାଧାରଣତଃ ବର୍ଷା ହେବା ଦ୍ୱାରା ନିଆଁ ଅଧିକ ଦିନ ତିଷ୍ଠି ପାରି ନ ଥାଏ। କିନ୍ତୁ ଚଳିତ ବର୍ଷ ବର୍ଷା ଅଭାବରୁ ଏଭଳି ସ୍ଥିତି ଉପୁଜିଛି। ଏହି ସମୟରେ ରାଜ୍ୟ ସରକାର ନିଆଁ ପ୍ରତିରୋଧ ପାଇଁ ଶୁଖିଲା ପତ୍ର ସଫା କରିବା ସହ ବିଭିନ୍ନ ପଦକ୍ଷେପ ନେଇଥାନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଏଥର ଏହି କାର୍ଯ୍ୟକ୍ରମଗୁଡ଼ିକ ପ୍ରଭାବିତ ହୋଇଛି। ଫଳରେ ପ୍ରାୟ ଦେଢ଼ ବର୍ଷ ଧରି ଗଦା ହୋଇରହିଥିବା ଶୁଖିଲ ପତ୍ର ହଟାଇବା ଅଗ୍ନି ପ୍ରତିରୋଧକାରୀଙ୍କ ପକ୍ଷେ ସହଜ ହୋଇପାରୁନାହିଁ। ଉତ୍ତରାଖଣ୍ଡ ଭଳି ଥଣ୍ଡା ପାଣିପାଗରେ ମୃତ୍ତିକାର ଆର୍ଦ୍ରତା ଅଭାବ ମଧ୍ୟ ଏକ ପ୍ରମୁଖ କାରଣ ହୋଇଛି। ୨୦୧୯ ଏବଂ ୨୦୨୦ରେ ମୌସୁମୀ ସମୟରେ ବର୍ଷାର ପରିମାଣ ହାରାହାରି ୧୮% ଓ ୨୦% ହ୍ରାସ ପାଇବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହାବାଦ ମନୁଷ୍ୟକୃତ କାରଣରୁ ମଧ୍ୟ ଜଙ୍ଗଲରେ ନିଆଁ ଲାଗୁଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୨୧,୯୪,୪୪୭ | ୨୮,୬୯,୩୬୯ | ୧୦,୬୪,୨୬,୮୨୨ |
| ଭାରତ | ୧,୨୬,୭୫,୯୬୩ | ୧,୬୫,୫୨୩ | ୧,୧୭,୨୮,୧୨୨ |
| ଓଡ଼ିଶା | ୩,୪୩,୨୬୮ | ୧୯୨୨(+୫୩) | ୩,୩୮,୧୫୦ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚଣ୍ଡିଖୋଲରେ ହେବ ଦେଶର ବଡ଼ ତୈଳଭଣ୍ଡାର

- ପେଟ୍ରୋଲିୟମ ମନ୍ତ୍ରଣାଳୟ ସଚିବ-ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା
- ପାରାଦୀପରେ ନୂଆ ଏଲ୍‌ପିଜି ଆମଦାନୀ ସୁବିଧା ଖୁବ୍‌ଶୀଘ୍ର
- ଓଡ଼ିଶାରେ ପେଟ୍ରୋଲିୟମ ଓ ଗ୍ୟାସ୍ ଭିତ୍ତିଭୂମିର ବିକାଶ ପାଇଁ ୨ ଲକ୍ଷ ୧୩ ହଜାର ୨୦୯ କୋଟିର ପୁଞ୍ଜିନିବେଶ ହେବ

ଭୁବନେଶ୍ୱର,୫।୪(ବ୍ୟୁରୋ)

ଯାଜପୁର ଜିଲା ଚଣ୍ଡିଖୋଲଠାରେ ତିଆରି ହେବ ଦେଶର ସବୁଠୁ ବଡ଼ ତୈଳ ଭଣ୍ଡାର। ଇଣ୍ଡିଆନ ଅଏଲର ଏହି ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭୟରରେ ଅଶୋଧିତ ତୈଳ ସଂରକ୍ଷଣ କରାଯାଇ ପାରିବ। ଏ ନେଇ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ସବୁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୋମବାର ଓଡ଼ିଶା ଗସ୍ତରେ ଆସି ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ତରୁଣ କପୁର ଏହି ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ କପୁର କହିଛନ୍ତି, ଓଡ଼ିଶାରେ ତୈଳ ଏବଂ ଗ୍ୟାସ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପକ୍ଷରୁ ୬୯ଟି ପ୍ରକଳ୍ପ ପାଇଁ ୨ ଲକ୍ଷ ୧୩ ହଜାର ୨୦୯ କୋଟି ଟଙ୍କାର ପୁଞ୍ଜିନିବେଶର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେଥିରୁ ୨୦୧୪ରୁ ଏ ପର୍ଯ୍ୟନ୍ତ ୪୩ ହଜାର ୩୨୨ କୋଟି ଟଙ୍କା ମୂଲ୍ୟର ୨୫ଟି ତୈଳ ଓ ଗ୍ୟାସ୍ ପ୍ରକଳ୍ପ କାମ ଶେଷ ହୋଇଛି। ବର୍ତ୍ତମାନ ୭୭ ହଜାର ୩୩୧ କୋଟି ଟଙ୍କା ମୂଲ୍ୟର ୩୪ଟି ପ୍ରକଳ୍ପ କାମ ଚାଲୁରହିଛି। ସେହିପରି ୧୦ଟି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୯୨ ହଜାର ୫୫୬ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ନେଇ ଆକଳନ କରାଯାଇଛି। ରାଜ୍ୟରେ ଶକ୍ତିର ଚାହିଦାକୁ ପୂରଣ କରିବା ନିମନ୍ତେ ବର୍ତ୍ତମାନ ୨,୦୬୮ଟି ରିଟେଲ ଆଉଟ୍‌ଲେଟ, ୯୫୨ ଏଲ୍‌ପିଜି ବିତରକ, ୧୬୧ କିରୋସିନ ଡିଲରଶିପ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଓଡ଼ିଶାରେ ୪୭.୩୬ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି। ଆସନ୍ତା ମେ ୨୧ରେ ପାରାଦୀପରେ ନୂତନ ଏଲ୍‌ପିଜି ଆମଦାନୀ ସୁବିଧା କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି। ରାୟଗଡ଼ା, ଖୋର୍ଦ୍ଧାଠାରେ ଦୁଇଟି ଏଲ୍‌ପିଜି ପ୍ଲାଣ୍ଟ ମଧ୍ୟ ନିର୍ମାଣ କରାଯାଉଛି। ଓଡ଼ିଶାରେ ପେଟ୍ରୋଲ ତୈଳ ଲୁବ୍ରିକାଣ୍ଟ (ପିଓଏଲ୍)ର ଚାହିଦାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ଅଏଲ ବ୍ରହ୍ମପୁର, ବିପିସିଏଲ୍ ପକ୍ଷରୁ ସଦାଶିବପୁର ଏବଂ ଝାରସୁଗୁଡ଼ାରେ ୩ଟି ପିଓଏଲ୍ ଟର୍ମିନାଲ ନିର୍ମାଣ କରାଯାଉଛି। ବରଗଡ଼ ଜିଲାରେ ବିପିସିଏଲ୍ ଦ୍ୱାରା ଏକ ବାୟୋ ଇଥାନଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି। ପାରାଦୀପ ବିଶୋଧନାଗାରରୁ ଉତ୍ପାଦର ଗତିକୁ ସୁଗମ କରିବା ପାଇଁ ପାରାଦୀପ-ରାୟପୁର-ରାଞ୍ଚି ପାଇପଲାଇନକୁ ଦାୟିତ୍ୱ ଦିଆଯାଇଥିବାବେଳେ ପାରାଦୀପ-ହାଇଦ୍ରାବାଦ ପାଇପ୍‌ଲାଇନ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବା ସମ୍ଭାବନା ରହିଛି। ପାରାଦୀପ-ହଳଦିଆ-ଦୁର୍ଗାପୁର ଏଲ୍‌ପିଜି ପାଇପ୍‌ଲାଇନକୁ ପାଟନା-ମୁଜାଫରପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଶୁବ୍‌ଶୀଘ୍ର ସମାପ୍ତ କରାଯିବ ବୋଲି କପୁର କହିଛନ୍ତି।

ପେଟ୍ରୋଲିୟମ ତୈଳ ବିପଣନ କମ୍ପାନୀ (ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍, ଗେଲ୍, ଓଏନ୍‌ଜିସି, ନୟାରା, ଓଆଇଏଲ୍, ଆର୍‌ଏମବିଏଲ୍)ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସଚିବ କପୁର ସମୀକ୍ଷା କରିଛନ୍ତି। ଏହାପରେ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ସାକ୍ଷାତ୍ କରି ତୈଳ ଏବଂ ଗ୍ୟାସ୍ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ରାଜ୍ୟରେ ପେଟ୍ରୋଲିୟମ ଓ ଗ୍ୟାସ୍ ପ୍ରକଳ୍ପ ନେଇ ହୋଇଥିବା ଆଲୋଚନା ସକାରାତ୍ମକ ହୋଇଛି। ସବୁ ପ୍ରକଳ୍ପରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ଇଣ୍ଡିଆନ ଅଏଲ୍‌ର ଅଧ୍ୟକ୍ଷ ଏସ୍.ଏମ୍. ବୈଦ୍ୟ, ଇଣ୍ଡିଆନ ଅଏଲ୍‌ର ହ୍ୟୁମ୍ୟାନ ରିସୋର୍ସର ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, ତୈଳ ଉଦ୍ୟୋଗଗୁଡ଼ିକର ରାଜ୍ୟସ୍ତରୀୟ ସଞ୍ଚାଳକ ତଥା ଇଣ୍ଡିଆନ ଅଏଲ୍‌ର ରାଜ୍ୟମୁଖ୍ୟ ଶୁଭଜିତ ଘୋଷ ଏବଂ ତୈଳ ନିଗମର ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।। ବୈଠକରେ ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାରେ ତୈଳ ଓ ଗ୍ୟାସ୍ ପ୍ରକଳ୍ପର କାମ ଦ୍ରୁତଗତିରେ ତ୍ୱରାନ୍ୱିତ ହୋଇଥିବାରୁ ମନ୍ତ୍ରୀଙ୍କୁ ସଚିବ କପୁର ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ୧୫ ଲକ୍ଷ ଡୋଜ୍ ଟିକା ଦେବାକୁ କେନ୍ଦ୍ରକୁ ଅନୁରୋଧ

**କୋଭିଡ୍-୧୯ ଟିକାକରଣ**

**ଭୁବନେଶ୍ୱର,୫।୪(ବ୍ୟୁରୋ):** ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି। ତୁରନ୍ତ ୧୫ ଲକ୍ଷ କୋଭିଶିଲ୍ଡ ଡୋଜ୍ ଓଡ଼ିଶାକୁ ପଠାଇବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବଙ୍କୁ ହ୍ୱାଟ୍‌ସଆପ୍ ଜରିଆରେ ଜଣାଇଛନ୍ତି। ପ୍ରଦୀପ୍ତ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ୫ ତାରିଖ ସକାଳ ୮ଟା ସୁଦ୍ଧା ୬,୦୨,୪୩୦ କୋଭିଶିଲ୍ଡ ଏବଂ ୧,୪୮,୫୫୦ କୋଭାକ୍ସିନ ଡୋଜ୍ ଟିକା ଗଚ୍ଛିତ ଅଛି। ଦୈନିକ ଓଡ଼ିଶାରେ ୨ ଲକ୍ଷ ଲୋକଙ୍କୁ ଟିକା ଦିଆଯାଉଛି। ଆସନ୍ତା ଦୁଇଦିନ ମଧ୍ୟରେ ରାଜ୍ୟରେ କୋଭିଶିଲ୍ଡର ଘୋର ଅଭାବ ଦେଖା ଦେବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ୧୫ ଲକ୍ଷ ଡୋଜ୍ ରାଜ୍ୟକୁ ପଠାଇବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ୬ ତାରିଖ ସନ୍ଧ୍ୟା ସୁଦ୍ଧା ୩,୪୯,୧୩୦ ଡୋଜ୍ କୋଭିଶିଲ୍ଡ ଟିକା ଓଡ଼ିଶାରେ ପହଞ୍ଚିବ ବୋଲି କୁହାଯାଇଛି। ତେବେ ଏହା ଦୁଇଦିନ ପାଇଁ ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ମାତ୍ର ୦.୫ % ଟିକା ନଷ୍ଟ ହେଉଛି, ଯାହାକି ଦେଶର ସବୁଠାରୁ କମ୍ । ତୁରନ୍ତ ୧୫ ଲକ୍ଷ ଟିକା ପଠାଇବାକୁ ପ୍ରଦୀପ୍ତ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି।

### କାଳବୈଶାଖୀରେ ଉଡ଼ିଲା ସ୍କୁଲ ଆଜବେଷ୍ଟସ

**ବ୍ରହ୍ମଗିରି,୫।୪(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ରବିବାର କାଳବୈଶାଖୀରେ ଫସଲ ନଷ୍ଟ ହେବା ସହ ଏକ ସ୍କୁଲ ଘରର ଆଜବେଷ୍ଟସ୍ ଉଡ଼ିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ବ୍ରହ୍ମଗିରି ଅଞ୍ଚଳରେ ପ୍ରାୟ ୨ଘଣ୍ଟା କାଳବୈଶାଖୀ ହୋଇ ପବନ, ବର୍ଷା ହୋଇଥିଲା। ଏହି କାଳବୈଶାଖୀରେ ଅନେକ ପାଚିଲା ଧାନ ଖେତ ଉଜୁଡ଼ିଯାଇଛି।

## ପରୀ ହତ୍ୟା ମାମଲା: ୧୯ରେ ସୁପ୍ରିମକୋର୍ଟରେ ଶୁଣାଣି

ନୟାଗଡ଼(ଅଫିସ୍)/ନୂଆଦିଲ୍ଲୀ, ୫।୪

ନୟାଗଡ଼ର ୫ବର୍ଷୀୟା ଶିଶୁ କନ୍ୟା ପରୀ ହତ୍ୟା ମାମଲାର ଶୁଣାଣି ଆସନ୍ତା ୧୯ରେ ସୁପ୍ରିମକୋର୍ଟରେ ହେବ। ମାମଲାର ସିବିଆଇ ତଦନ୍ତ ଦାବି କରି ପରୀର ମା' ସୌଦାମିନୀ ସାହୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ରାଜ୍ୟ ସରକାର ଜବାବ ଦାଖଲ କରିସାରିଥିବାବେଳେ ସିବିଆଇ ମଧ୍ୟ ଖୁବ୍ ଶୀଘ୍ର ଜବାବ ଦାଖଲ କରିବ। ଭିଡିଓ କନ୍‌ଫରେନ୍ସରେ ସୁପ୍ରିମ୍‌କୋର୍ଟ ରେଜିଷ୍ଟ୍ରାର ରାଜେଶ କୁମାର ଗୋଏଲ ସୋମବାର ଉକ୍ତ ମାମଲାର ଶୁଣାଣି କରି ଆସନ୍ତା ଶୁଣାଣି ବିଚାରପତି ଏମ୍.ଏମ୍. ଖାନ୍‌ୱିଲ୍‌କରଙ୍କ ଖଣ୍ଡପୀଠରେ କରିବାକୁ ତାଲିକାଭୁକ୍ତ ନିମନ୍ତେ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ଆଇନଜୀବୀ ସ୍ୱସ୍ତିକ ଦଳେଇ ମାମଲାର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ମାମଲାଟି ଏକ ୫ବର୍ଷୀୟା ଶିଶୁ କନ୍ୟାକୁ ବଳାତ୍କାର ଏବଂ ହତ୍ୟା କରାଯାଇଥିବା ସମ୍ପର୍କିତ। ଏପରି କି ତା'ର ଶରୀରର ବିଭିନ୍ନ ଅଙ୍ଗ ଚାଲାଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ମାମଲାର ଏସ୍‌ଆଇଟି ତଦନ୍ତ କରୁଥିବାବେଳେ ହାଇକୋର୍ଟ ଏହାକୁ ମନିଟରିଂ କରୁଛନ୍ତି ବୋଲି ପୂର୍ବରୁ ଓଡ଼ିଶା ପୋଲିସ ଏହି ମାମଲାରେ ଏକ ସତ୍ୟପାଠ ଦାଖଲ କରିଥିଲା। ସୂଚନାଯୋଗ୍ୟ, ନୟାଗଡ଼ ଯଦୁପୁର ଗ୍ରାମର ପରୀ ଗତ ଜୁଲାଇ ୧୪ରେ ଘର ସମ୍ମୁଖରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ଏହାର ୧୦ଦିନ ପରେ ତା'ର ମୃତଦେହ ଏକ ଅଖାବସ୍ତା ମଧ୍ୟରେ ଘର ପଛପଟେ ଏକ ବୁଦାମୂଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ଏସ୍‌ଆଇଟି ସ୍ଥାନୀୟ ଜଣେ ନାବାଳକଙ୍କୁ ଗିରଫ କରି ମୁଖ୍ୟ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ପରୀର ପରିବାର ପକ୍ଷରୁ ଅଭିଯୋଗ କରାଯିବା ସହ ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନ କରାଯାଇଛି।



ପୁନଃ ନିଯୁକ୍ତି ଦାବିରେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଚୁକ୍ତିଭିତ୍ତିକ ନର୍ସ ଓ ଫାର୍ମାସିଷ୍ଟମାନେ ସୋମବାର ଧାରଣାରେ ବସିଛନ୍ତି।

## ପୁନଃ ନିଯୁକ୍ତି ଦାବିରେ ଚୁକ୍ତିଭିତ୍ତିକ ନର୍ସିଂ, ଫାର୍ମାସିଷ୍ଟଙ୍କ ଧାରଣା

କଟକ ଅଫିସ, ୫।୪

ପୁନଃ ନିଯୁକ୍ତି ଦାବିରେ ଏସ୍‌ସିବିର ଚୁକ୍ତି ଭିତ୍ତିକ ନର୍ସ ଓ ଫାର୍ମାସିଷ୍ଟମାନେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ସୋମବାର ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ ମାର୍ଚ୍ଚ ୨୪ରୁ ସେମାନଙ୍କୁ ଚୁକ୍ତି ଭିତ୍ତିରେ କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ରଖାଯାଇଥିଲା। ପ୍ରତ୍ୟେକ ତିନି ମାସରେ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଏପରିକି ସେମାନେ କରୋନା ରୋଗୀଙ୍କର ସେବା କରିବାକୁ ଯାଇ ନିଜେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏପରିସ୍ଥଳେ ୨୦୨୧ ମାର୍ଚ୍ଚ ୩୧ରେ କେବଳ ୯ଜଣ ଫାର୍ମାସିଷ୍ଟ ଓ ୩୫ଜଣ ଷ୍ଟାଫନର୍ସଙ୍କୁ ରଖାଯାଇ ଅନ୍ୟମାନଙ୍କୁ ଛଟେଇ କରାଯାଇଛି। ଅନ୍ୟପକ୍ଷରେ କିଛି ଜିଲାରେ ଚୁକ୍ତିଭିତ୍ତିକ ଛଟେଇ ନର୍ସଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସୋମବାର ୨୫୨ ଷ୍ଟାଫନର୍ସ ଓ ଫାର୍ମାସିଷ୍ଟ ଧାରଣାରେ ବସିଥିଲେ। ଏସ୍‌ସିବି ଅଧୀକ୍ଷକ ଲୁସି ଦାସ କହିଛନ୍ତି, ଏସ୍‌ସିବିରେ କରୋନା ବେଡ୍ ୫୦୦ରୁ ୭୫କୁ କମେଇ ଦିଆଯାଇଛି। ଏଣୁ ଷ୍ଟାଫଙ୍କ ସଂଖ୍ୟା ସେହି ଅନୁପାତରେ କମାଯାଇଛି। ଯଦି ଏସ୍‌ସିବିରେ ପୁନର୍ବାର କରୋନା ବେଡ୍ ସଂଖ୍ୟା ବୃଦ୍ଧି କରାଯାଏ ତେବେ ଆମ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇବ। ସେମାନେ ଚାହିଁଲେ ଦରଖାସ୍ତ କରିପାରିବେ।

## ଫ୍ୟାମିଲି କୋର୍ଟରେ ହାଜର ହେଲେ ବର୍ଷା-ଅନୁଭବ

**ଛାଡ଼ପତ୍ର ମାମଲା**

କଟକ ଅଫିସ, ୫।୪



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମବାର କଟକ ଫ୍ୟାମିଲି କୋର୍ଟରେ ହାଜର ହୋଇଛନ୍ତି କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଏଠାରେ ଉଭୟଙ୍କ ଛାଡପତ୍ର ମାମଲାର ଶୁଣାଣି କରାଯିବ। ଅନୁଭବ ଦିଲ୍ଲୀର ପଟିଆଲା କୋର୍ଟରେ ସ୍ତ୍ରୀ ବର୍ଷାଙ୍କଠାରୁ ଛାଡପତ୍ର ପାଇଁ ଆବେଦନ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ନାହିଁ। ବିବାହର ୭ ବର୍ଷ ମଧ୍ୟରେ ତାଙ୍କ ମଧ୍ୟରେ ଶାରୀରିକ ସମ୍ବନ୍ଧ ସ୍ଥାପନ ହୋଇନାହିଁ। ତାଙ୍କ ପରିବାରକୁ ଆଗକୁ ବଢ଼ାଇବା ପାଇଁ ବର୍ଷାଙ୍କ ପକ୍ଷରୁ କୌଣସି ପ୍ରୟାସ କରାଯାଇନାହିଁ। ଏଥିସହ ତାଙ୍କ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରିଛନ୍ତି ବର୍ଷା। ଅନୁଭବଙ୍କ ଏହି ଛାଡପତ୍ର ମାମଲାକୁ ଚ୍ୟାଲେଞ୍ଜ କରି ବର୍ଷା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ଷା ଆବେଦନ ପତ୍ରରେ ଦର୍ଶାଇଥିଲେ, ସେ ଏଠାରେ ଏକା ରହୁଛନ୍ତି। ତାଙ୍କର ବାପା କିମ୍ବା ଭାଇ ନାହାନ୍ତି। ତାଙ୍କର ସମସ୍ତ ବିବାହିତା ଭଉଣୀ ସଂସାରରେ ବ୍ୟସ୍ତ। ମାଆ ରୋଗାକ୍ରାନ୍ତ। ଏପରି ସ୍ଥଳେ ଦିଲ୍ଲୀ ଯାଇ ମାମଲା ଲଢ଼ିବା ବର୍ଷାଙ୍କ ପକ୍ଷେ ସମ୍ଭବ ନୁହେଁ। ଏଣୁ ଅନୁଭବଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲା କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ବର୍ଷା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ଶୁଣାଣିବେଳେ ଅନୁଭବ ତାଙ୍କ ଓକିଲ ଜରିଆରେ ହାଜର ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ମାମଲାକୁ କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଝିଅ ଯୋଗାଇବାକୁ ବାଧ୍ୟ କରୁଥିଲେ ଆର୍ମଡ ଡିସିପି

**ଫିନାଇଲ ପିଇ ସିପାହିଙ୍କ ଆତ୍ମହତ୍ୟା ଉଦ୍ୟମ**

- କମିଶନରଙ୍କୁ ଅଭିଯୋଗ କଲେ ସିପାହିଙ୍କ ସ୍ତ୍ରୀ
- ଅତିରିକ୍ତ କମିଶନର ଲେଖା ଲୋହାନୀଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୫।୪(ବ୍ୟୁରୋ)

ଝିଅ ଯୋଗାଇବାକୁ ମୋ ସ୍ୱାମୀଙ୍କୁ ବାଧ କରୁଥିଲେ ଓଏସ୍‌ଏପି ଡିସିପି ବିଜୟ କୁମାର ସାହୁ। ଏଥିପାଇଁ ତାଙ୍କୁ ମାନସିକ ଚାପ ମଧ୍ୟ ପକାଉଥିଲେ। ଝିଅ ନ ଯୋଗାଇଲେ ଅନ୍ୟତ୍ର ବଦଳି ସହ ଚାକିରିରୁ ବାହାର କରିଦେବାକୁ ଧମକ ଦେଉଥିଲେ। ଶେଷରେ ଅତ୍ୟଧିକ ମାନସିକ ଚାପରେ ପଡ଼ି ମୋ ସ୍ୱାମୀ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଓଡ଼ିଶା ପୋଲିସର ଜଣେ ଉଚ୍ଚ ପଦସ୍ଥ ଅଫିସରଙ୍କ ନାଁରେ ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଓଏସ୍‌ଏପି ସିପାହୀ ନୀହାର ରଞ୍ଜନ ନାୟକଙ୍କ ସ୍ତ୍ରୀ। ତାଙ୍କ ସହିତ ପୁଅ, ଭଉଣୀ ଓ ମା' ସୋମବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି।

ନୀହାର ସପ୍ତମ ବାଟାଲିଅନର ଫ୍ୟାମିଲି ୱେଲ୍‌ଫେୟାର ସେଣ୍ଟରରେ ଟେଲରିଂ ସିପାହୀ ଭାବେ କାର୍ଯ୍ୟ କରନ୍ତି। ନୀହାର ସେଠାରେ ମହିଳାଙ୍କୁ ଟେଲରିଂ ଶିଖାନ୍ତି। ପୋଲିସ କର୍ମଚାରୀଙ୍କ ଝିଅ, ସ୍ତ୍ରୀ ଓ ଭଉଣୀମାନେ ସେଠାକୁ ହସ୍ତଶିଳ୍ପ ଓ ଟେଲରିଂ ଶିଖିବାକୁ ଆସନ୍ତି। ତେବେ ନୀହାରଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଡିସିପି ବିଜୟ ଉକ୍ତ ୱେଲ୍‌ଫେୟାର ସେଣ୍ଟରକୁ ଟେଲରିଂ ଶିଖିବାକୁ ଆସୁଥିବା ଝିଅ ବୋହୂଙ୍କୁ ତାଙ୍କ ପାଖକୁ ପଠାଇବାକୁ ସ୍ୱାମୀଙ୍କୁ ବାଧ କରୁଥିଲେ। ଉଚ୍ଚପଦସ୍ଥ ଅଫିସର ହୋଇଥିବାରୁ ତାଙ୍କ ଚାପରେ ନୀହାର କେତେଥର ଝିଅମାନଙ୍କୁ ବିଜୟଙ୍କ ବଙ୍ଗଳାକୁ ବୁଲାଇ ନେଇଥିଲେ। ଏପରି କି ବିଜୟ ସେହି ଝିଅମାନଙ୍କ ସହ ପୁରୀ ବୁଲି ଯିବାକୁ ବ୍ୟବସ୍ଥା କରିବାକୁ ସ୍ୱାମୀ ନୀହାରଙ୍କୁ ସବୁବେଳେ କହୁଥିଲେ। ନୀହାର ନ ମାନିବାରୁ ଚାକିରିରୁ ବାହାର କରିଦେବାକୁ କହି ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ମୋ ସ୍ୱାମୀ ଜଣେ ତଳିଆ କର୍ମଚାରୀ ହୋଇଥିବାରୁ ଡିସିପିଙ୍କୁ କିଛି କହି ପାରୁ ନ ଥିଲେ। ଶେଷରେ ଭୟରେ ୩ ଦିନ ତଳେ ଫିନାଇଲ ପିଇ ଦେଇଥିଲେ ବୋଲି ସେ କହିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ନୀହାର ଏବେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଏ ସଂକ୍ରାନ୍ତରେ ଡିସିପି ବିଜୟଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସିପାହୀ ନୀହାର ୮ବର୍ଷ ଧରି ଗୋଟିଏ ସଂସ୍ଥାରେ ରହିଥିଲେ। ତାଙ୍କୁ ସେଠାରୁ ବଦଳି କରାଯାଇଥିବାରୁ ଏହାକୁ ରୋକିବା ପାଇଁ ସ୍ତ୍ରୀଙ୍କ ମାଧ୍ୟମରେ ଏପରି ଏକ ଅଭିଯୋଗ କରିଛନ୍ତି। ମୋ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରାଗଲେ ସତ କ'ଣ ଓ ମିଛ କ'ଣ ତାହା ସାମ୍ନାକୁ ଆସିପାରିବ।

ଅନ୍ୟପକ୍ଷରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତ୍ୟନ୍ତ ସଙ୍ଗିନ ହୋଇଥିବାରୁ ଏହାର ତୁରନ୍ତ ତଦନ୍ତ କରିବାକୁ ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅଭିଯୋଗରେ ସତ୍ୟାସତ୍ୟ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସିପାହି ନୀହାରରଞ୍ଜନ ନାୟକ



ଆର୍ମ୍‌ଡ ଡିସିପି ବିଜୟ ସାହୁ

### ବିଜୟଙ୍କ ନାମରେ ରହିଛି ଏକାଧିକ ଅଭିଯୋଗ

ଆର୍ମଡ ଡିସିପି ବିଜୟ କୋଭିଡ୍ ମହାମାରୀ ସମୟରେ ଖୋଲାଖୋଲି ନିୟମ ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ଉଠିଥିଲା। ବାଟାଲିଅନରେ ଫୋର୍ସକୁ ଏକତ୍ରିତ କରୁଥିଲେ। କେହି ଆପତ୍ତି ଉଠାଇଲେ ସେ କ୍ଷମତା ବଳରେ ମୁହଁ ଚୁପ୍ କରିଦେଉଥିଲେ। ଏନେଇ ଡିଜିପି, ପୋଲିସ କମିଶନର ଓ ହୋମ୍ ସେକ୍ରେଟାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା। ଏଥିସହିତ ଓଏସ୍‌ଏପିର କେତେଜଣ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଡିସିପି ବିଜୟ ତଳିଆ କର୍ମଚାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି। ଡ୍ୟୁଟି ଟାଇମ୍ ପରେ ନିଜ ବ୍ୟକ୍ତିଗତ ତଥା ଅନ୍ୟ କାର୍ଯ୍ୟରେ ନିୟୋଜିତ କରୁଥିଲେ। ଯିଏ ମୁହଁ ଖୋଲୁଥିଲେ ସେମାନଙ୍କୁ କଳାହାଣ୍ଡି, କନ୍ଧମାଳ ଆଦି ଜିଲାକୁ ବଦଳି କରାଇଦେବାକୁ ଧମକ ଦେଉଥିଲେ। ହେଲେ ଭୟରେ କେହି ମୁହଁ ଖୋଲୁ ନ ଥିଲେ।

## ତାଳଚେରରେ ଖୁବ୍‌ଶୀଘ୍ର ଏନ୍‌ଟିପିସିର ନୂଆ ୟୁନିଟ୍

ଭୁବନେଶ୍ୱର, ୫।୪(ବ୍ୟୁରୋ)

ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର(ଟିଟିପିଏସ୍)କୁ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଏକ ପତ୍ର ଲେଖିଥିଲେ। ସେହି ଅନୁଯାୟୀ ସୋମବାର ରାଜ୍ୟ ସରକାର ଏବଂ ନ୍ୟାଶନାଲ ଥର୍ମାଲ୍ ପାୱାର କର୍ପୋରେଶନ(ଏନ୍‌ଟିପିସି) ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ତାଳଚେରରେ ଥିବା ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ର ଚଳାଇବା ଏବଂ ନୂଆ ୟୁନିଟ୍ ପ୍ରତିଷ୍ଠା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ନୂତନ ୟୁନିଟ୍ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷ କମିଟି ଅନୁମୋଦନ ଦେଇଛନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏଥିରେ ପ୍ରାୟ ୭,୭୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ହେବ। ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ ଏନ୍‌ଟିପିସିକୁ ଜମି, ଜଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ଏନ୍‌ଟିପିସି ଅଧ୍ୟକ୍ଷ କହିଛନ୍ତି।

ତାଳଚେରରେ ରାଜ୍ୟର ବିଦ୍ୟୁତ୍ ଚାହିଦା ଅନୁଯାୟୀ ଗୋଟିଏ କିମ୍ବା ୨ଟି ଅଲ୍‌ଟ୍ରା-ମେଗା ପାୱାର ୟୁନିଟ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏହି ନୂଆ ୟୁନିଟ୍‌ର ପ୍ରତିଷ୍ଠା, ଉତ୍ପାଦିତ ବିଦ୍ୟୁତ୍‌ର ବିପଣୀ ଓ କାରବାର ସମ୍ବନ୍ଧରେ ଗ୍ରୀଡ୍‌କୋ ଏବଂ ଏନ୍‌ଟିପିସି ମିଳିତ ଭାବେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ। ଏ ବିଷୟରେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଏନ୍‌ଟିପିସି ଅଧ୍ୟକ୍ଷ ଗୁରୁଦୀପ ସିଂ କହିଛନ୍ତି। ତାଳଚେରରେ ନୂଆ ୟୁନିଟ୍ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପୁରୁଣା ୟୁନିଟ୍‌କୁ ଚଳାଇ ରଖିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ସମ୍ବନ୍ଧିତ କିଛି ପଦକ୍ଷେପ ସହ ଏହି ପ୍ଲାଣ୍ଟ ଚଳାଯାଇପାରିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସମ୍ପାଦକ କେ.ମୁରୁଗେସନ କହିଛନ୍ତି। ପ୍ଲାଣ୍ଟର ନିରାପତ୍ତା ଅଡିଟ୍ କରି ଏହି ପ୍ଲାଣ୍ଟକୁ ପୁନଃ ଚଳାଇବା ଲାଗି ସମସ୍ତ ସମ୍ଭାବନାର ଅନୁଧ୍ୟାନ କରିବା ପାଇଁ ଏନ୍‌ଟିପିସି ଅଧ୍ୟକ୍ଷ ବୈଠକରେ ଉପସ୍ଥିତ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ୟୁନିଟ୍ ଚଳାଇବା ଲାଗି ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ।

କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକୁ ରାଜ୍ୟ ସରକାରଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ମଧ୍ୟ ସେ କହିଥିଲେ। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶକ୍ତି ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ତାଳଚେର ତାପଜ କେନ୍ଦ୍ର ସମ୍ବନ୍ଧିତ ବୈଷୟିକ, ପ୍ରଶାସନିକ ଏବଂ ବ୍ୟବସାୟିକ ଦିଗ ଉପରେ ଆଲୋଚନା କରିଥିଲେ।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

**LIFE INSURANCE CORPORATION OF INDIA**
**DIVISIONAL OFFICE, JEEVAN PRAKASH**
**KHODASINGI, BERHAMPUR-760010, DIST. GANJAM (ODISHA)**
**PH.NO. 0680-2296379, 2296396**

**EMPANELMENT NOTICE**

Applications are invited from intended vendors / suppliers/ firms for the empanelment for various jobs as mentioned below:
1. Supply of Competition Prizes
2. Supply of Gift Articles / Mementos.
3. Various publicity related jobs like Wall painting, Flex Preparation / Mounting, Neon/Glow Sign Board preparation, Rental Hoarding etc., Printing of leaflets / Brochures, Posters etc.

The Vendors / Firms desirous to be empanelled with us can visit **www.licindia.in** (Tenders) for details or personally contact Sales Deptt., Divisional Office, Berhampur within Office Hours.
The application for empanelment along with necessary enclosures are to be sent to the following address so as to reach us on or before **20.04.2021 (05.30 P.M.)**.
LIC of India reserves the right to accept or reject any or all applications in full / part without assigning any reasons whatsoever.
**Date: 05.04.2021** **Sr. Divisional Manager**

**ଆଜିର ମନ୍ତବ୍ୟ**

"ମମତା ବାନାର୍ଜୀ ଏକାକୀ ଅନ୍ୟାୟ ବିରୋଧରେ ଲଢ଼େଇ କରୁଛନ୍ତି। ତାଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ଓ ଭଲପାଇବା ରହିଛି।

– ଜୟା ବଚ୍ଚନ, ସମାଜବାଦୀ ପାର୍ଟି ଏମ୍‌ପି



## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ରାଫାଲ ଦୁର୍ନୀତିର...

ଉପରେ ବଡ଼ ଧରଣର ଅର୍ଥଦଣ୍ଡ ଲଗାଯାଇପାରିବ। ରାଫାଲ ଡିଲ୍‌ରେ ଡିପିପିର ଉଲ୍ଲଂଘନ ପାଇଁ ଡାସଲ୍ଟ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ନୁହେଁ କି ବୋଲି କଂଗ୍ରେସ ମୁଖପାତ୍ର ପ୍ରଶ୍ନ କରିଛନ୍ତି। ରାଫାଲ ଚୁକ୍ତିନାମା ଦୁଇଦେଶର ସରକାରଙ୍କ ମଧ୍ୟରେ ହୋଇଥିଲା। ଏଥିରେ ମଧ୍ୟସ୍ଥ ଏବଂ କମିଶନି କାରବାରକୁ ଅନୁମତି ମିଳିଲା କିପରି। ଡିପିପିର ଲଲଂଘନ କରି ପ୍ରତିରକ୍ଷା ସାମଗ୍ରୀ କିଣା ପାଇଁ ଚୁକ୍ତିନାମା ହୋଇଥିଲା କି ବୋଲି ସୁର୍ଜେୱାଲା ଜାଣିବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ରାଫାଲ ଚୁକ୍ତିନାମାରେ ଦୁର୍ନୀତି ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ରାଫାଲ କିଣା ଚୁକ୍ତିନାମାରେ କୌଣସି ତ୍ରୁଟି ନ ଥିବା ପୂର୍ବରୁ ସିଏଜି କହିଥିବାବେଳେ ତଦନ୍ତ ଦାବିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଫ୍ରାନ୍ସ ଗଣମାଧ୍ୟମ ରିପୋର୍ଟକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ପରେ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଫାଲକୁ ଏକ ବଡ଼ ପ୍ରସଙ୍ଗ କରି ଶୋଚନୀୟ ପରାଜୟ ବରଣ କରିଥିଲା। ଫ୍ରାନ୍ସ ଗଣମାଧ୍ୟମ ଯେଉଁ ଆର୍ଥିକ ଅନିୟମିତତା ରିପୋର୍ଟ ପ୍ରସ୍ତୁତ କରିଛି ତାହା ସେଠାକାର ବିରୋଧୀ କମ୍ପାନୀଗୁଡ଼ିକର ଚକ୍ରାନ୍ତ ହୋଇଥାଇପାରେ ବୋଲି ରବିଶଙ୍କର କହିଛନ୍ତି। ପୂର୍ବରୁ କଂଗ୍ରେସ ରାଫାଲ ଡିଲ୍‌କୁ ନେଇ ତୁମ୍ଭିତୋଫାନ କରିଥିଲା। ତେବେ ସିଏଜି ତଦନ୍ତରୁ କୌଣସି ତ୍ରୁଟି ମିଳି ନ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ରାଜ୍ୟରେ ସଂକ୍ରମଣ...

୩୩୭ଜଣ କ୍ୱାରାଣ୍ଟାଇନ ସେଣ୍ଟର ଓ ୨୩୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯୬ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୮୦, ନୂଆପଡ଼ାରୁ ୬୦, ବରଗଡ଼ରୁ ୪୩ ଓ ଝାରସୁଗୁଡ଼ାରୁ ୩୯ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୪୩,୨୬୮ରେ ପହଞ୍ଚିଛି। ସଂକ୍ରମଣର ଗ୍ରାଫ୍‌କୁ ଦେଖିଲେ ଖୋର୍ଦ୍ଧା ପୁଣି ହଟ୍‌ସ୍ପଟ୍ ପାଲଟୁଥିବାବେଳେ ଛତିଶଗଡ଼ ପାଇଁ ସୀମାନ୍ତ ଜିଲାଗୁଡ଼ିକରେ କରୋନା ସ୍ଥିତି ଜଟିଳ ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୋମବାର ରାତି ୧୦ରୁ ସୀମାନ୍ତ ୧୦ଜିଲାରେ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି। ଏହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି। ଅନ୍ୟପକ୍ଷରେ ରାଜ୍ୟରେ ଆବଶ୍ୟକ ପଡ଼ିଲେ ଦିନ କର୍ଫ୍ୟୁ ଲାଗିପାରେ ବୋଲି ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଗୋଟିଏ ପଟେ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ରାଜ୍ୟରେ ଟିକାର ଅଭାବ ଦେଖାଦେଲାଣି। ରାଜ୍ୟରେ ଦୈନିକ ପ୍ରାୟ ୨ଲକ୍ଷ ଟିକାକରଣ ହେଉଛି। ଆଗକୁ ଟିକା ଅଭାବ ଦେଖାଦେଇପାରେ ବୋଲି ଆଶଙ୍କା କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ। ସେ କହିଛନ୍ତି, ରାଜ୍ୟରେ ୬ ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଅଛି। ଗଚ୍ଛିତ ଟିକା ଆଉ ୨ ଦିନ ଯିବ। ତେଣୁ ଅଧିକ ଟିକା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି। ରାଜ୍ୟରେ ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି ସରକାର। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଟିକାକରଣରେ ରେକର୍ଡ କରୁଛି। ରାଜ୍ୟରେ ୧କୋଟି ୧୬ଲକ୍ଷ ଲୋକଙ୍କ ଟିକାକରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେଣୁ ଅଧିକ ଟିକା ଯୋଗାଇଦେବାକୁ ରାଜ୍ୟ ସରକାର କେନ୍ଦ୍ରକୁ ଜଣାଇଥିବା ସେ କହିଛନ୍ତି।

## ଦିନ କର୍ଫ୍ୟୁ ଦ୍ୱନ୍ଦ୍ୱ:...

କରୋନା ନେଇ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି। ସମସ୍ତେ ସରକାର ଜାରି କରିଥିବା କଟକଣା ମାନିବା ଉଚିତ ବୋଲି ବାଚସ୍ପତି କହିଥିଲେ। ହେଲେ ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ଭିନ୍ନ ମତ ରଖିଥିଲେ। ରାଜ୍ୟରେ କୋଭିଡ୍–୧୯ ସ୍ଥିତି ନିୟନ୍ତ୍ରଣରେ ରହିଛି। ସରକାର ସବୁଦିଗରୁ ଚିର୍କିନିଖି ଅନୁଧ୍ୟାନ କରି ପଦକ୍ଷେପ ନେଉଛନ୍ତି। ତେଣୁ ଦିନ କର୍ଫ୍ୟୁ ଜାରି ହେବାର କୌଣସି ଯୋଜନା ନ ଥିବା ଏସ୍‌ଆର୍‌ସି ଟୁଇଟ୍ କରି ଜଣାଇଥିଲେ। ହେଲେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ସୂଚନା ଆଉ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବାଚସ୍ପତି କହିଥିବା କଥାକୁ ସମର୍ଥନ କରି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଦରକାର ପଡ଼ିଲେ ଦିନ କର୍ଫ୍ୟୁ ଲାଗୁ କରାଯିବ। ସୀମାବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟବେକ୍ଷକ ଗସ୍ତକରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏଥିସହ ଟେଷ୍ଟିଂ କେମିତି ବଢ଼ିବ, ତା'ଉପରେ ଗୁରୁତ୍ୱ ଦିଆଯାଉଛି। ସ୍କୁଲ୍, ବିମାନବନ୍ଦର ଓ ରେଳ ଷ୍ଟେଶନରେ ଚିହ୍ନଟ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲାଣି। ସେଥିପାଇଁ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଦରକାର ପଡ଼ିଲେ ଜିଲାପାଳମାନେ ନାଇଟ୍ କର୍ଫ୍ୟୁ ଲୋଡ଼ିପାରିବେ। ରିପୋର୍ଟ ପଠାଇ ସରକାରଙ୍କଠୁ ଅନୁମତି ନେଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି। ତେବେ ଦିନ କର୍ଫ୍ୟୁକୁ ନେଇ ୨୪ ଘଣ୍ଟା ମଧ୍ୟରେ ବାଚସ୍ପତି, ଅଧିକାରୀ ଓ ମନ୍ତ୍ରୀଙ୍କ ମଧ୍ୟରେ ଏଭଳି ଭିନ୍ନ ମନ୍ତବ୍ୟ ରାଜ୍ୟରେ କରୋନା ସ୍ଥିତିକୁ ଆହୁରି ଗୋଳମାଳିଆ କରିଦେଉଛି। ବର୍ତ୍ତମାନ ଯେପରି ଭାବେ ରାଜ୍ୟରେ ସଂକ୍ରମଣ ବଢ଼ୁଛି, ତାହାକୁ ରୋକିବାକୁ ସାମୂହିକ ତଥା ଯୋଜନାବଦ୍ଧ ଉଦ୍ୟମ ଲୋଡ଼ା ହେଉଛି। କର୍ଫ୍ୟୁର ବିକଳ୍ପ ବାହାର କରିବା ସହ ଚଢ଼ାଉ, ଯାଞ୍ଚ ଓ ପଦକ୍ଷେପକୁ ଜୋର୍‌ଦାର କରାଯାଉ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ବାହାଘରରେ ଭୋଜି...

ଉଲ୍ଲଂଘନ କରିଲେ ବିପର୍ଯ୍ୟୟ ପରିଚାଳନା ଆକ୍ଟ–୨୦୦୫ ଓ ଅନ୍ୟାନ୍ୟ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଛି। ଅନ୍ୟପକ୍ଷରେ ଏବେ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଚାଲିଛି। କେବଳ ଗଞ୍ଜାମର ମାନସିକଧାରୀ ସେମାନଙ୍କ ପିଲାଙ୍କ ମୁଣ୍ଡନ କରାଇପାରିବେ ବୋଲି ପୂର୍ବରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ପ୍ରଥମପାଳି ଯାତ୍ରା କଟକଣା ମଧ୍ୟରେ ସରିଥିବା ବେଳେ ଦ୍ୱିତୀୟ ପାଳିଠାରୁ ମୁଣ୍ଡନ ଓ ଭୋଜିଭାତକୁ ବନ୍ଦ କରାଯାଇଛି। କେବଳ ଜିଲାର ଦର୍ଶନାଭିଳାଷୀ ସମସ୍ତ ଭକ୍ତ ଏବଂ ଶ୍ରଦ୍ଧାଳୁ କୋଭିଡ୍ ନିୟମାବଳୀକୁ ମାନି ମା'ଙ୍କ ଦର୍ଶନ କରିପାରିବେ ବୋଲି ଜିଲାପାଳ କହିଛନ୍ତି। କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ପ୍ରକାରେ ୨୫ ଜଣ ଦଣ୍ଡୁଆ କିମ୍ବା ମାନସିକଧାରୀଙ୍କୁ ନେଇ ଦଣ୍ଡଯାତ୍ରା ହୋଇପାରିବ। ରାତିର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିବା ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଆନ୍ଧ୍ର ବିରୋଧରେ ପୁଣି...

ନିର୍ବାଚନ କରୁଥିବାରୁ ସୁପ୍ରିମକୋର୍ଟରେ ଆବେଦନ କରି ଏହି ନିର୍ବାଚନ ଉପରେ ରିହାତିଦେଶ ଜାରି ଆଦେଶ ଆଣିବାକୁ ପଦକ୍ଷେପ ନେବା ନେଇ ଆଇନ ବିଭାଗ କହିଛି। ଖୁବଶୀଘ୍ର ଦସ୍ତାବିଜ ଏକାଠି କରି ରିଟ୍ ପିଟିସିନ ହେବ ବୋଲି ଜଣାପଡିଛି। ଅପରପକ୍ଷରେ କୋରାପୁଟ ଜିଲା ଜୟପୁରର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ହସ୍ତକ୍ଷେପ କରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରନ୍ତୁ। ବାରମ୍ବାର ଅବୈଧ ପ୍ରବେଶ କରି ଆନ୍ଧ୍ର ସରକାର ସେଠାରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଆନ୍ଧ୍ରପଟୁ ଅନୁପ୍ରବେଶ କରୁଥିବା ଲୋକଙ୍କୁ ଗିରଫ କରାଯିବା ଦରକାର ବୋଲି ବାହିନୀପତି କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ଭାଜପା ଏମ୍‌ପି ସୁରେଶ ପୂଜାରୀ ରାଜ୍ୟପାଳଙ୍କୁ ଭେଟିଛନ୍ତି। ଏହି ଅବସରରେ ସୁରେଶ କହିଛନ୍ତି, ଏ ବାବଦରେ ରାଜ୍ୟପାଳଙ୍କୁ ଅବଗତ କରାଇବା ପାଇଁ ଆସିଥିଲି। ଏନେଇ ରାଜ୍ୟ ସରକାର କିଛି ପରାମର୍ଶ ଦିଅନ୍ତୁ। କିପରି ସୀମାବର୍ତ୍ତୀ ଗାଁଗୁଡିକୁ ରାଜ୍ୟ ସରକାର ନିମ୍ନମିତ ସ୍ୱାସ୍ଥ୍ୟସେବା, ଶିକ୍ଷା, ରାସ୍ତାଘାଟ, ପିଇବା ପାଣି ଏବଂ ଗମନାଗମନ ବ୍ୟବସ୍ଥା କରାଇବେ ସେବାବଦରେ ରାଜ୍ୟପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଉପଦେଶ ଦେବା ଲାଗି ଆସିଥିବା ସେ କହିଛନ୍ତି।

## ଅନିଲ ଦେଶମୁଖଙ୍କ...

ଏହାର ନିରପେକ୍ଷ ତଦନ୍ତ ଆବଶ୍ୟକ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଦେଶମୁଖ ପ୍ରଥମେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଓ ଦଳର ଅନ୍ୟ ନେତାମାନଙ୍କୁ ଭେଟି ଗୃହମନ୍ତ୍ରୀ ପଦରେ ରହିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିନେବାକୁ ଏନ୍‌ସିପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ବୋଲି ଦଳର ନେତା ନୱାବ ମଲିକ କହିଛନ୍ତି। ବମ୍ବେ ହାଇକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶ ବିରୋଧରେ ମହାରାଷ୍ଟ୍ରସରକାର ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି। ଅନିଲ ଦେଶମୁଖ ମଧ୍ୟ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିବା ନେଇ ସୂଚନା ଦେଇଥିବା ଜଣାପଡ଼ିଛି। ଦେଶମୁଖଙ୍କ ଇସ୍ତଫା ପରେ ଅନ୍ୟତମ ଏନ୍‌ସିପି ମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲଙ୍କୁ ଗୃହ ବିଭାଗ ଦିଆଯାଇଛି। ଦେଶମୁଖଙ୍କ ଇସ୍ତଫାରେ ରାଜ୍ୟ ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ଖୁସିବ୍ୟକ୍ତ କରିଛନ୍ତି। ସିବିଆଇ ତଦନ୍ତ ପରେ ଅନେକ ନୂଆ ତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଦୁର୍ନୀତି ମାମଲାରେ ଗୃହମନ୍ତ୍ରୀଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ଠାକ୍‌ରେ ଶାସନ କରିବାର ନୈତିକ ଅଧିକାର ହରାଇଥିବା ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଦେଶମୁଖ ନୈତିକ ଦାୟିତ୍ୱ ନେଲେ, ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ କ'ଣ ବୋଲି ପ୍ରସାଦ ପ୍ରଶ୍ନ କରିଛନ୍ତି।

## ମାଓବାଦୀଙ୍କ କବ୍‌ଜାରେ...

ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏଥିସହ ମାଓବାଦୀଙ୍କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶାହା କହିଛନ୍ତି। ଅପରପକ୍ଷରେ ଫୋନ୍ କରି ରାକେଶ୍ୱରଙ୍କ ସମ୍ପର୍କରେ ସୂଚନା ଦେଇଥିବା ବ୍ୟକ୍ତି ଜଣକ ନିଜକୁ ହିଡ୍‌ମା (ଦୁର୍ଦ୍ଧର୍ଷ ମାଓବାଦୀ କମାଣ୍ଡର) ବୋଲି କହିଛନ୍ତି। ସୋମବାର ସେ ବିଜାପୁରର ଜଣେ ଖବରଦାତାଙ୍କୁ ଫୋନ୍ କରି ଯବାନ ସୁରକ୍ଷିତ ଏବଂ ମାଓବାଦୀଙ୍କ କବ୍‌ଜାରେ ରହିଥିବା ସୂଚନା ଦେଇଥିଲେ। ତେବେ ତାଙ୍କୁ ଫେରାଇ ଦେବା ବଦଳରେ ମାଓବାଦୀଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଦାବି କରାଯାଇନାହିଁ। ସିଆର୍‌ପିଏଫର କେତେଜଣ ଅଫିସର ରାକେଶ୍ୱରଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଖବରଦାତାଙ୍କ ସୂଚନାର ସତ୍ୟାସତ୍ୟ ଜାଣିବା ପାଇଁ ଉଦ୍ୟମ କରାଯାଉଥିବା ସେମାନେ ପରିବାରକୁ ଆଶ୍ୱାସନା ଦେଇଛନ୍ତି।

## ଆସାମ ବୁଥ୍‌ରେ...

ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଏହାସହ ସେଠାରେ ପୁଣିଥରେ ମତଦାନ ହୋଇପାରେ ବୋଲି ଜଣାପଡ଼ିଛି। ୭୪ ପ୍ରତିଶତ ମତଦାନ ହୋଇଥିବା ଏହି ନିର୍ବାଚନମଣ୍ଡଳୀ ୨୦୧୬ରେ ଭାଜପା ପ୍ରାର୍ଥୀ ବୀରଭଦ୍ର ହାଜେରଙ୍କ ହାତକୁ ଯାଇଥିଲା।

ମୁଖ୍ୟ ଭୋଟିଂ ସେଣ୍ଟରର ସହାୟକ ମତଦାନ କେନ୍ଦ୍ର ମୋଲଡମ୍ ଏଲ୍‌ପି ସ୍କୁଲଠାରେ ଗୁରୁବାର ଭୋଟ ସଂଗ୍ରହ ହୋଇଥିଲା। ଏହି ବୁଥ୍ ଅଧୀନରେ ୯୦ ଜଣ ମତଦାତା ଥିବାବେଳେ ଇଭିଏମ୍‌ରେ କିନ୍ତୁ ୧୭୧ ଖଣ୍ଡ ଭୋଟ ଆସିଥିବା ଜଣାପଡ଼ିଥିଲା। କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ଏପ୍ରିଲ ୨ରେ ନିର୍ବାଚନ କମିଶନ ୫ ଅଧିକାରୀଙ୍କ ବିରୋଧରେ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ ହେଁ ସୋମବାର ଘଟଣା ପଦାକୁ ଆସିଛି। ଗାଁ ମୁଖିଆ ବୁଥ୍‌ରେ ଥିବା ଭୋଟର ଲିଷ୍ଟକୁ ଗ୍ରହଣ କରିବାକୁ ମନା କରି ନିଜର ଏକ ତାଲିକା ପ୍ରସ୍ତୁତ କରି ମତଦାନ କେନ୍ଦ୍ରକୁ ଆସିଥିଲେ ଏବଂ ସେହି ତାଲିକା ଅନୁସାରେ ସ୍ଥାନୀୟ ଲୋକ ଭୋଟ ଦେଇଥିଲେ ବୋଲି ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି। ତେବେ ଦାୟିତ୍ୱରେ ଥିବା ଅଧିକାରୀ ଓ ସୁରକ୍ଷାକର୍ମୀ କାହିଁକି ଏହାକୁ ବିରୋଧ କରି ନ ଥିଲେ ବୋଲି ପ୍ରଶ୍ନ ଉଠିଛି। ଗତ ୨ ତାରିଖରେ ଆସାମର ଜଣେ ଭାଜପା ବିଧାୟକଙ୍କ ସ୍ତ୍ରୀଙ୍କ କାର୍‌ରୁ ଇଭିଏମ୍ ଜବତ ହେବା ପରେ ନିର୍ବାଚନ କମିଶନ ୩ ଅଧିକାରୀଙ୍କୁ ନିଲମ୍ବନ କରିବା ସହ ରତାବାରି ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଡୁଆ ସୂତାରୁ ଖିଏ;**
**ଆମ ଦିହିଙ୍କର ଲାଗିଛି କଳି,**
**ଯାକୁ ଭାଙ୍ଗିବ କିଏ?**

ଦାମ୍ପତ୍ୟ ଜୀବନରେ କଳହ ଅତି ସାଧାରଣ କଥା। ଛୋଟ ମୋଟ କଥା ବା ଅତି ସାମାନ୍ୟ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥାଏ। ସେ କଜିଆ ମନକୁ ମନ କେତେବେଳେ ସମାଧାନ ହୋଇଯାଏ କହି ହୋଇ ନ ଥାଏ। ସ୍ୱାମୀ ସ୍ତ୍ରୀଙ୍କ କଳିକଜିଆରୁ ଆଗପଛ କିଛି ମିଳି ନ ଥାଏ। ଏ କଜିଆ ଭାଙ୍ଗିବାକୁ ଚେଷ୍ଟା କରିବା ନିର୍ବୋଧତା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଙ୍ଗାଏ ମାହାର୍ଦ୍ଧ୍ୟ ଛୁଇଁଲେ ଯେ,**
**କଣିକାଏ ନିର୍ମାଲ୍ୟ ଛୁଇଁଲେ ସେ।**

ଅଙ୍ଗାଏ ମାହାର୍ଦ୍ଧ୍ୟ ବା ମହାପ୍ରସାଦ ଯାହା କଣିକାଏ ନିର୍ମାଲ୍ୟ ତାହା। ସ୍ଥଳବିଶେଷରେ ଏ ସବୁ ଏକା କଥା। ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଶନି ସହ ଚନ୍ଦ୍ରଙ୍କ ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ।

**ବୃଷ**



କର୍ମସ୍ଥ ବୃହସ୍ପତି ହେତୁ ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବେ। ଦୀର୍ଘ ଦିନରୁ ପରିକଳ୍ପନା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ**



ଧନାଧିପତି ଅଷ୍ଟମସ୍ଥ ଓ ପାପଗ୍ରହ ଯୁକ୍ତ କାରଣରୁ ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟକରିପାରେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ ମନର ଦୁଃଖକୁ ଲୁଚାଇ ବନ୍ଧୁଙ୍କ ସମ୍ମୁଖରେ ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଅପରାହ୍ନେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ**



ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବେ। ଏକାଦଶସ୍ଥ ମଙ୍ଗଳ ଯୋଗୁଁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**



କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। କେତୁଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**



ପାପଗ୍ରହ ପ୍ରଭାବରେ ସନ୍ଦେହ ଘନୀଭୂତ ହେବାରୁ ବନ୍ଧୁ ସହ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ପୁରାତନ ରୋଗ ଯୋଗୁଁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**



ଚନ୍ଦ୍ରଙ୍କ ଅଶୁଭତ୍ୱ କାରଣରୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**ବିଛା**



କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ନିଜର ଆତ୍ମୀୟ ମାନଙ୍କ ସହ ଆଲୋଚନା କରିପାରନ୍ତି। ଦୀର୍ଘଦିନରୁ ଲାଗି ରହିଥିବା ଜମିଜମା ବିବାଦର ଆଶୁ ଅବସାନ ଘଟିବ। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ**



ଚତୁର୍ଥଭାବର ସୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଉତ୍ତରାଷାଢା ନକ୍ଷତ୍ରର ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ତଥାପି ଧୈର୍ଯ୍ୟ ଧରି କର୍ମ କରିଚାଲିଲେ ସଫଳତା ଅବଶ୍ୟ ମିଳିପାରେ।

**ମକର**



କର୍ମକ୍ଷେତ୍ରରେ ସବୁକଥାକୁ ବେପରୁଆ ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପାପଗ୍ରହ ଯୁକ୍ତ ଚତୁର୍ଥାଧିପତି ହେତୁ ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ବନ୍ଧୁ ମାନଙ୍କ ମଧ୍ୟରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ହୋଇପାରନ୍ତି।

**କୁମ୍ଭ**



ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ମନ ଅଶାନ୍ତ ରହିବ।

**ମୀନ**



ଦ୍ୱାଦଶସ୍ଥ ବୃହସ୍ପତି ଓ ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଚିନ୍ତା ହଟିବ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବେ। ପାରିବାରିକ କ୍ଷେତ୍ରରେ ମନ ଅସ୍ଥିର ରହିବ। ରାଜନୈତିକ ଦୁଃସ୍ଥିତି କୂଟନୀତି ବଳରେ ସମାଧାନ କରିବେ।

ଆଜି ଚୈତ୍ର କୃଷ୍ଣ ଦଶମୀ ମଙ୍ଗଳବାର, ଏପ୍ରିଲ ୬ ତାରିଖ। ରାଶିନକ୍ଷତ୍ର–ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୦୭ମି. ଗତେ ଘ.୧୦.୩୫ମି. ମଧ୍ୟେ, ଘ.୦୧.୦୩ମି. ଗତେ ଘ.୦୨.୪୧ମି. ମଧ୍ୟେ, ଘ.୦୩.୩୦ମି. ଗତେ ଘ.୦୫.୦୯ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୩ମି. ଗତେ ଘ.୦୪.୨୬ମି. ମଧ୍ୟେ ରାହୁକାଳ।



# classifieds Everyday

0674-2580101, 2549302



**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425



**SALE**

**3 BHK flat with 2 Balconies, 2 Toilets for sale @ Kalyan Plaza 1, Sundarpada. 9439991147.** D-20435

3500 sqft. developed boundary plot near Charbatia Housing Board Cuttack @600. No broker. 9937299609. D-20432

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**1200sqft. gharabari boundary plot 30ft. road Gudiapokhari 8,00,000/-Rangabazar 10,00,000/-, 8455094875.** D-70828

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Rent for Office/ Shop/ Others 2000sqft. area. Prime location on NH- Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-59984



Monalisa massage club : All types body massage with hiprofile smart lady rooms service available 9708545108. D-20437

Refreshing your mind, your body with the best therapy at Lotus Spa. 9801811949. D-70445

Swarna SPA newly open positively health benefits with expert therapist. 9556978408. D-70576

Zen SPA positively health benefits with experts therapeutic genuinely massage. 7205084157. D-70577

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Get good massage for your health the best therapy. 7749997224. D-70444

Ayurvedic full body massage by experienced (M/F) therapist. 9861193818, 8018656899. D-59985


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦୈନିକ ଦୁଇଟି କ୍ଲାସ୍ ନେବେ ପ୍ରଧାନ ଶିକ୍ଷକ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଏଣିକି ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଦୈନିକ ଦୁଇଟି ଲେଖା କ୍ଲାସ ନେଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢାଇବେ। ଏହା ଏଥର ବାଧ୍ୟତାମୂଳକ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ସବୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଜଣାଇ ଦିଆଯାଇଛି। ଡିଇଓ ଉକ୍ତ ଚିଠିକୁ ସବୁ ବିଦ୍ୟାଳୟକୁ ପଠାଇ ଏ ବାବଦରେ ଅବଗତ କରାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଆଲୋକ କୁମାର କର ଦେଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ବିଭାଗର ପ୍ରମୁଖ ଶାସନ ସଚିବ ବିଭିନ୍ନ ଜିଲାର କେତେଗୁଡିଏ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ କୌଣସି ପ୍ରଧାନଶିକ୍ଷକ ସେମାନଙ୍କୁ ବିଦ୍ୟାଳୟରେ କ୍ଲାସ ନେଉ ନ ଥିବା ତାଙ୍କ ଦୃଷ୍ଟିକୁ ଆସିଥିଲା। ସେମାନେ ପ୍ରାୟ ସ୍କୁଲ ପରିଚାଳନା ସହିତ ଅନ୍ୟାନ୍ୟ ସଂଯୋଜନା କାମରେ ନିଜକୁ ନିୟୋଜିତ ରଖୁଛନ୍ତି। ପ୍ରଧାନଶିକ୍ଷକ ହେଉଛନ୍ତି ସ୍କୁଲଗୁଡିକର ସବୁଠାରୁ ଉଚ୍ଚଶିକ୍ଷିତ ଏବଂ ଦକ୍ଷ ଲୋକ ଅଟନ୍ତି। ତେଣୁ ସେମାନେ ଦୈନିକ ଦୁଇଟି କ୍ଲାସ ନେବା ସହିତ ଅନ୍ୟ ଶିକ୍ଷକମାନେ କିଭଳି କ୍ଲାସ ନେଉଛନ୍ତି ତାକୁ ଦେଖିବା ପାଇଁ ସେ କହିଛନ୍ତି।

# ଦୁର୍ନୀତିରେ ବୁଡ଼ିରହିଛି ପାକ୍ସ

## ୧୬୦ କର୍ମଚାରୀ ନିଲମ୍ବିତ, ୬ ବହିଷ୍କୃତ

ଯାଜପୁର ଅଫିସ,୫।୪

ରାଜ୍ୟରେ ୨,୭୧୦ ପ୍ରାଥମିକ କୃଷି ସମବାୟ ସମିତି ବା ପ୍ରାଇମେରୀ ଏଗ୍ରିକଲଚରାଲ କ୍ରେଡିଟ୍ ସୋସାଇଟି (ପାକ୍ସ) କାର୍ଯ୍ୟ କରୁଛି। ଏଥିରୁ ୧୫୬ ପାକ୍ସର ୧୬୦ ସମ୍ପାଦକ, ଭାରପ୍ରାପ୍ତ ସମ୍ପାଦକ, ପରିଚାଳନା ନିର୍ଦ୍ଦେଶକଙ୍କୁ ଆର୍ଥିକ ଅନିୟମିତତା, ଅର୍ଥ ତୋସରପାତ, ଧାନ କ୍ରୟରେ ଅନିୟମିତତା ଅଭିଯୋଗକୁ ନେଇ ନିଲମ୍ବନ କରାଯାଇଛି। ଏଥିରେ ବରଗଡ଼ ଜିଲାର ସର୍ବାଧିକ ୧୭ ଜଣ ରହିଛନ୍ତି। ଦେବଗଡ଼, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲାରେ ଏହି ତାଲିକାରେ କେହିନାହାନ୍ତି। ନିଲମ୍ବିତ ହୋଇଥିବା ସମ୍ପାଦକଙ୍କ ମଧ୍ୟରୁ ୬ ଜଣଙ୍କୁ ଚାକିରିରୁ ବହିଷ୍କାର, ୧୯ ଜଣଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ଓ ୩୨ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଦ୍ୟ ଶେଷ ହୋଇଥିବା ବିଧାନସଭାର ବଜେଟ ଅଧିବେଶନରେ ବିଧାୟକ ମୁକେଶ ମହାଲିଙ୍ଗ ଓ ସନ୍ତୋଷ ସିଂ ସାଲୁଜାଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ମିଳିଛି। କିନ୍ତୁ ଯାଜପୁର ଜିଲା ମାର୍କଣ୍ଡପୁର ପାକ୍ସରେ ଧାନକିଣା ମହାଦୁର୍ନୀତିରେ ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ନାମ ଉପରୋକ୍ତ ତାଲିକାରେ ନ ରହିବା ନେଇ କ୍ଷୋଭ ପ୍ରକାଶ ପାଇଛି।

ଚାଷୀଙ୍କ ନାମ ପଞ୍ଜୀକରଣ, ସେମାନଙ୍କଠାରୁ ଧାନ କିଣିବା, ସେମାନଙ୍କ ପାଇଁ ଋଣ ଏବଂ କୃଷି ବୀମା ଆଦି ବ୍ୟବସ୍ଥା କରିବା ପାକ୍ସର କାର୍ଯ୍ୟ। କିନ୍ତୁ ପାକ୍ସଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଏବଂ ଅବହେଳା ଯୋଗୁ କୃଷି ବୀମା ଓ ଋଣ ଯୋଗାଣ ଆଦିରେ ବ୍ୟାପକ ହେରଫେର ହେଉଛି। ଏହି ଦୁର୍ନୀତିରେ ପ୍ରଭାବିତ ଚାଷୀକୁଳ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ ହେଁ ତଦନ୍ତ ନିର୍ଦ୍ଦେଶରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଅଭିଯୋଗ ତୁଳନାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନର ଅଭାବ ଦେଖିବାକୁ ମିଳିଛି। ଦୁର୍ନୀତି ଅଭିଯୋଗ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଗଞ୍ଜାମ ଜିଲାରେ ୧୨ ଜଣ, ଗଜପତିରେ ୩, ମୟୂରଭଞ୍ଜରେ ୪, ସୁନ୍ଦରଗଡ଼ରେ ୪, ସମ୍ବଲପୁରରେ ୬, ଝାରସୁଗୁଡ଼ାରେ ୫, କେନ୍ଦୁଝରରେ ୮, ବୌଦ୍ଧରେ ୮, ଅନୁଗୋଳରେ ୨, ଖୋର୍ଦ୍ଧାରେ ୨, କଳାହାଣ୍ଡିରେ ୬, ନୂଆପଡ଼ାରେ ୩, ବଲାଙ୍ଗୀରରେ ୧୫, ସୁବର୍ଣ୍ଣପୁରରେ ୬, ଢେଙ୍କାନାଳରେ ୩, ଯାଜପୁରରେ ୨, ଜଗତ୍‌ସିଂହପୁରରେ ୭, କେନ୍ଦ୍ରାପଡ଼ାରେ ୮, ନବରଙ୍ଗପୁରରେ ୩, ମାଲକାନଗିରିରେ ୪, ପୁରୀରେ ୮, ନୟାଗଡ଼ରେ ୧୬, ବରଗଡ଼ରେ ୧୭, କଟକରେ ୧, ଭଦ୍ରକରେ ୨ ଏବଂ ବାଲେଶ୍ୱର ଜିଲାରେ ୪ କର୍ମଚାରୀ ରହିଛନ୍ତି। ଏହି ତାଲିକାକୁ ଅବଲୋକନ କଲେ ଆହୁରି ଅନେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ କଳେବଳେ କୌଶଳେ ଖସିଯାଇଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାର ମହିଶରା, ବନ୍ଧାଲୋ, ବ୍ରହ୍ମବରଦା, ରଖିଦେଇପୁର, କୋରେଇ ଆଦି ପାକ୍ସ କର୍ମଚାରୀଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି, ଯାହାର ତଦନ୍ତ ଦୀର୍ଘଦିନ ଧରି ଚାଲିଛି। ପାକ୍ସ, ଲାମ୍ପସ (ଲାର୍ଜ ଏରିଆ ମଲଟିପରପୋଜ କୋଅପରେଟିଭ ସୋସାଇଟି), ସମବାୟ ବ୍ୟାଙ୍କ ଇତ୍ୟାଦିରେ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେଲେ ସମ୍ପୃକ୍ତ ସମ୍ପାଦକ ଓ ଅନ୍ୟ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ବହିଷ୍କାର ଏବଂ ଆବଶ୍ୟକସ୍ଥଳେ ଗିରଫ କରାଯିବାକୁ ନେଇ ରାଜ୍ୟ ସରକାର ୨୦୨୦ ସେପ୍ଟେମ୍ବରରେ ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକଙ୍କୁ ଓସିଏସ୍ ଆଇନ-୧୯୬୨ର ଧାରା ୩୩-ଏ(ବି) ଅନୁଯାୟୀ କ୍ଷମତା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଭାରପ୍ରାପ୍ତ ଏଆରସିଏସ୍ ଶରତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ମାର୍କଣ୍ଡପୁର ପାକ୍ସ ଦୁର୍ନୀତି ଅଭିଯୋଗ ମାମଲାରେ ଭାରପ୍ରାପ୍ତ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଛି। ତେବେ କାହିଁକି ତାଲିକାରେ ତାହା ପ୍ରକାଶ ପାଇନାହିଁ ସେ ଜାଣିନାହାନ୍ତି ବୋଲି କହିଛନ୍ତି।

## ପିପିଲି ଉପନିର୍ବାଚନ: ପ୍ରଚାର କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୪(ବ୍ୟୁରୋ): ପିପିଲି ଉପନିର୍ବାଚନ ପାଇଁ ଜମୁଛି ପ୍ରଚାର। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ତେବେ ପ୍ରଚାର ଲାଗି ପିପିଲି ମଇଦାନ୍‌କୁ ଓହ୍ଲାଇବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କ ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିବେ। ହେଲେ କେବେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର କରିବେ, ସେନେଇ କିଛି ସ୍ଥିର ହୋଇ ନ ଥିବା ପିପିଲି ପର୍ଯ୍ୟବେକ୍ଷକ ପ୍ରତାପ ଦେବ କହିଛନ୍ତି। କରୋନା କଟକଣା ଭିତରେ ମୁଖ୍ୟମନ୍ତ୍ରୀ ପିପିଲିରେ ପ୍ରଚାର କରିବେ। ପିପିଲି ଉପନିର୍ବାଚନ ରଣନୀତି ନେଇ ସୋମବାର ଅନୁଷ୍ଠିତ ବୈଠକ ପରେ ପର୍ଯ୍ୟବେକ୍ଷକ ଦେବ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ କହିଛନ୍ତି, ପିପିଲିରେ ବିଜେଡି ଭଲସ୍ଥିତିରେ ରହିଛି। ଏଠାକାର ଜନସାଧାରଣ ନବୀନ ସରକାରଙ୍କ ଉପରେ ଭରସା ରଖିଛନ୍ତି। ବିଜେଡି ଚଳିତ ନିର୍ବାଚନରେ ବାଜିମାତ କରିବ।

## ସୈନ୍ୟବାହିନୀରେ ଚାକିରି ପାଇଁ ଜାଲିଆତି, ୭ ଗିରଫ



ଗିରଫ ଯୁବକମାନେ।

ଗୋପାଳପୁର,୫।୪

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ ସୈନ୍ୟବାହିନୀରେ ଚାକିରି ପାଇଁ ଜାଲିଆତି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ସୋମବାର ୭ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନରେନ୍ଦ୍ରପୁରର କେ.ଭିମରାଜୁ ରେଡ୍ଡୀ, ହୁମୁରିର କାହ୍ନୁ ଚରଣ ସାହୁ, ବାସନାପୁଟିର ଆର.ଲକ୍ଷ୍ମୀ ନାରାୟଣ ରେଡ୍ଡୀ, ହାତିପାଦୁର ରଙ୍ଗଲା ପ୍ରକାଶ, ନୂଆଗୋଳାବନ୍ଧର ସୁରକାଲା କଲ୍ୟାଣ କୁମାର, ବିକ୍ରମପୁରର ଏସ.ଧର୍ମରାଜୁ ଓ ଆର.ରଘୁନାଥ ରେଡ୍ଡୀ।

ପ୍ରକାଶ ଯେ, ଗତ ୨୫ ତାରିଖରୁ ଆର୍ମି ଏଡି କଲେଜ ସୈନ୍ୟବାହିନୀରେ ଭର୍ତ୍ତି ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ୭ ଅଭିଯୁକ୍ତ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। କିନ୍ତୁ ସେମାନଙ୍କ ବୟସ ଅଧିକ ହୋଇଯାଇଥିବାରୁ ବ୍ରହ୍ମପୁରର ଦୁଇଟି ଘରୋଇ ଶିକ୍ଷାନୁଷ୍ଠାନରେ ବୟସ କମ୍ କରି ନାମ ଲେଖାଇଥିଲେ। ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଓପନ ସ୍କୁଲ ବୋର୍ଡ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ୧୦ମ ଶ୍ରେଣୀ ପରୀକ୍ଷା ଦେଇ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଗତ ୩ ତାରିଖରେ ଜିଡି ପଦବୀ ପାଇଁ ଅଭିଯୁକ୍ତମାନେ ଇଣ୍ଟରଭ୍ୟୁ ଦେଉଥିବା ବେଳେ ମିଲିଟାରୀ ଗୋଇନ୍ଦା ଅଧିକାରୀ ସନ୍ଦେହରେ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ତଦନ୍ତ ପରେ ଅଭିଯୁକ୍ତମାନେ ଜାଲ ସାର୍ଟିଫିକେଟ ହାତେଇଥିବା ଜଣାପଡ଼ିଥିଲା। ଥାନା ନଂ. ୬୦/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ, ୫।୪

ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧିର ପ୍ରତିବାଦ କରି ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏଥିରେ ରାଜ୍ୟ ସରକାର, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ସମେତ ୧୧ଜଣଙ୍କୁ ପକ୍ଷଭୁକ୍ତ



କରାଯାଇଛି। ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଏହି ମାମଲା ରୁଜୁ କରିଛନ୍ତି।

ଗତ ୨୭ତାରିଖରେ ଓଇଆର୍‌ସି ୟୁନିଟ ପିଛା ୩୦ପଇସା ବୃଦ୍ଧି କରିଥିଲେ। ଫଳରେ ପ୍ରଥମ ୫୦ ୟୁନିଟ ପିଛା ୩ଟଙ୍କା, ସେହିପରି ୫୧ରୁ ୨୦୦ ୟୁନିଟ ଦର ୟୁନିଟ ପିଛା ୪ଟଙ୍କା ୮୦ ପଇସା, ୨୦୦ରୁ ୪୦୦ ୟୁନିଟ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ୟୁନିଟ ପିଛା ୫ଟଙ୍କା ୮୦ ପଇସା ଏବଂ ୪୦୦ ୟୁନିଟରୁ ଅଧିକ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ୬ ଟଙ୍କା ୨୦ ପଇସା ଦେବାକୁ ପଡୁଛି। ଏହି ବର୍ଦ୍ଧିତ ଦର ଗତ ୪ତାରିଖ ଠାରୁ ଲାଗୁ ହୋଇଛି। ବିଦ୍ୟୁତ୍ ଦର ବୃଦ୍ଧି ଫଳରେ ସାଧାରଣ ଉପଭୋକ୍ତା ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ଆବେଦନରେ ଦର୍ଶାଯାଇଛି। ପ୍ରକାଶ ଯେ, ଓଇଆର୍‌ସି ଗତ ୬ମାସ ମଧ୍ୟରେ ୨ଟି ପର୍ଯ୍ୟାୟରେ ୟୁନିଟ ପିଛା ୫୦ପଇସା ବୃଦ୍ଧି କଲେଣି। ଏହାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଛି। ଏପରି କି ବିରୋଧୀ ଗତ ବିଧାନସଭା ଅଧିବେଶନରେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତ୍ୟାହାର ପାଇଁ ସରକାରଙ୍କ ଉପରେ ଚାପ ପକାଇଥିଲେ। ପରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏନେଇ ପୁନର୍ବିଚାର କରିବାକୁ ଓଇଆର୍‌ସିକୁ ଚିଠି ଲେଖିଥିଲେ। ମାତ୍ର ଇତିମଧ୍ୟରେ ଓଇଆର୍‌ସି ବିଦ୍ୟୁତ୍ ଶୁଳ୍କ ହ୍ରାସ କରିନଥିବା ଆବେଦନକାରୀ ଦର୍ଶାଇଛନ୍ତି।

## ଭାଜପା ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି




ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ବିଜେଡି ପ୍ରତିନିଧିମଣ୍ଡଳୀ ଅଭିଯୋଗପତ୍ର ଦେଉଛନ୍ତି।

ଭୁବନେଶ୍ୱର, ୫।୪(ବ୍ୟୁରୋ)

ପିପିଲି ଉପନିର୍ବାଚନ ନେଇ ପ୍ରଚାର ଚାଲିଥିବା ବେଳେ ସୋମବାର ପୋଲିସ ଦୁଇ ଜଣ ଯୁବକଙ୍କ ପାଖରୁ ୫୦ ଲକ୍ଷ ଟଙ୍କା ଜବତ କରିଛି। ଏନେଇ ବିଜେଡି ପକ୍ଷରୁ ଭାଜପା ବିରୋଧରେ ଅଭିଯୋଗ କରାଯାଇଛି। ବିଜେଡିର ଗୋଟିଏ ଟିମ୍ ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କୁ ଭେଟିଛନ୍ତି। ବିଜେଡି ଅଭିଯୋଗରେ ଦର୍ଶାଇଛି ଯେ, ଭାଜପାର ଦୁଇ ଜଣ ନେତାଙ୍କ ନିକଟରୁ ପିପିଲିରେ ୫୦ ଲକ୍ଷ ଟଙ୍କା ଧରାଯାଇଛି। ଉପନିର୍ବାଚନ ହାରିଯାବା ଭୟ ବଢୁଥିବା ଯୋଗୁ ଭାଜପା ପ୍ରଚୁର ଟଙ୍କା ଧରି ପିପିଲି ଲୋକଙ୍କୁ ଭ୍ରମିତ କରିବାର ଅପଚେଷ୍ଟା ଆରମ୍ଭ କରିଛି। ହେଲେ ପିପିଲିବାସୀ ଶିକ୍ଷିତ ଏବଂ ସଚେତନ ଭୋଟର। ଭାଜପାର ଏସବୁ ପଦକ୍ଷେପକୁ ସେମାନେ ପ୍ରତ୍ୟାଖାନ କରିବେ। ଏସବୁ ଅନୈତିକ କାର୍ଯ୍ୟକ୍ରମ ଉପରେ ରୋକେ ଲଗାଇବା ପାଇଁ ପିପିଲି ନିର୍ବାଚନମଣ୍ଡଳୀରେ ଆହୁରି ଗାଡିକୁ ପଇଁତରା କାର୍ଯ୍ୟରେ ନିୟୋଜିତ କରାଯାଉ। ଏହାସହ ଅଧିକ ସର୍ଭିଲାନ୍ସ ଟିମ୍ ବୃଦ୍ଧି କରି ଭାଜପାର ଏଭଳି କାମକୁ ରୋକାଯିବା ଆବଶ୍ୟକ। ଏହାସହ ଧରା ପଡିଥିବା ଟଙ୍କା କେଉଁଠାରୁ ଆସିଲା ତାହାର ଠିକ୍‌ରେ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ବ୍ୟତୀତ ଏକ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ପଦକ୍ଷେପ ନେବା ପାଇଁ ବିଜେଡି ଟିମ୍ ଅନୁରୋଧ କରିଛନ୍ତି।

## ଭାଜପା ହିଁ ସୁନାର ବଙ୍ଗଳା କରିପାରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଭାଜପା ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗର ବିକାଶ କରିବା ସହ ସୁନାର ବଙ୍ଗଳା ନିର୍ମାଣ କରିପାରିବ ବୋଲି ସୋମବାର ପାନିହାଟ ସମେତ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସରକାରଙ୍କ ପ୍ରଥମ ଦାୟିତ୍ୱ ହେବା ଦରକାର। ଯାହାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସାମୁଦ୍ରିକ ଅର୍ଥନୀତି ସହ ପଶ୍ଚିମବଙ୍ଗ ବିଭିନ୍ନ କ୍ଷେତ୍ରରେ ଆଗୁଆ ରହିଛି। ଏଠାକାର ଲୋକମାନେ ବୌଦ୍ଧିକ କ୍ଷମତା ଦୃଷ୍ଟିରୁ ତୀକ୍ଷ୍ଣ। ପୂର୍ବ ଭାରତକୁ ଦେଶର ଜ୍ଞାନ ଆଧାରିତ ଅର୍ଥନୀତି ଭାବେ ପୁନଃପ୍ରତିଷ୍ଠା କରିବା ପାଇଁ ଯୋଜନା ରହିଛି। ଏ ଦିଗରେ ଏହି ଅଞ୍ଚଳର ସାମଗ୍ରିକ ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ଭାରତ ବିନା ସମଗ୍ର ଭାରତର ବିକାଶ ଅସମ୍ଭବ। ସେହିପରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖଣିଜ କ୍ଷେତ୍ରରେ ନୀତି ସଂସ୍କାଣ ଅଣାଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ ଭଳି ରାଜ୍ୟ ଏହାର ଉଦାହରଣ। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଆବାସ ଯୋଜନାରେ ଘର, ଉଜ୍ଜଳା ଯୋଜନାରେ ଗ୍ୟାସ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍, ଜନଧନ ଆକାଉଣ୍ଟରେ ମହିଳାଙ୍କୁ ଆର୍ଥିକ ସହଯୋଗ ପ୍ରଭୃତି ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣୀ ଯୋଜନାର ପୂର୍ବ ଭାରତ ଆଜି ଅଧିକ ଲାଭାର୍ଥୀ ହୋଇଛନ୍ତି। ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ସୋମବାର ପାନିହାଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ଯୁବ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ବିଶାଳ ଜନସଭାରେ ସମ୍ବୋଧିତ କରିବା ସହ ଅନ୍ୟାନ୍ୟ ନିର୍ବାଚନ ଶୋଭାଯାତ୍ରାରେ ଧର୍ମେନ୍ଦ୍ର ସାମିଲ ହୋଇଛନ୍ତି।

## ଭାଜପା ଚାଷୀ, ଯୁବ ବିରୋଧୀ: ରୋହିତ ସିଂହ

ଭୁବନେଶ୍ୱର,୫।୪(ବ୍ୟୁରୋ): ଦେଶରେ କୃଷକ, ଶ୍ରମିକ ଓ ଯୁବକ ହନ୍ତସନ୍ତ ହେଉଥିବା ବେଳେ ମୋଦି ସରକାର ବେଫିକର। ଭାଜପା ଦେଶରେ କ୍ଷମତାସୀନ ହୋଇ ରହିବାକୁ ଧର୍ମକୁ ନେଇ ଲୋକମଙ୍କ ମଧ୍ୟରେ ବିଭେଦତା ସୃଷ୍ଟି କରୁଛି। ସୋମବାର ଦିନିକିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଯୁବ ଚେତନାର ରାଷ୍ଟ୍ରୀୟ ସଂଯୋଜକ ରୋହିତ କୁମାର ସିଂହ ଏହା କହିଛନ୍ତି। ସେ କହିଛନ୍ତି ଯେ ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ଯୁବ ଚେତନା ଉଦ୍ୟମ ଜାରି ରଖିଛି। ୨୦୧୪ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ଦେଶରେ ନିଯୁକ୍ତି ଦେବା ସହ ପ୍ରତ୍ୟେକ ଲୋକଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବାକୁ ସ୍ୱପ୍ନ ଦେଖାଇଥିଲେ। ଲୋକମାନେ ପଇସା ମାଗିବାରୁ ଭାଜପା ଏହାକୁ ନିର୍ବାଚନ ନାଟକବାଜି ବୋଲି କହୁଛି। ଦେଶକୁ ବଞ୍ଚାଇବା ପାଇଁ କୃଷକ ଓ ଯୁବକଙ୍କୁ ଏକାଠି ହୋଇ ସଂଘର୍ଷ କରିବାକୁ ପଡିବ। ଦୀର୍ଘ ୧୩୦ ଦିନ ଧରି ଚାଷୀ ଆନ୍ଦୋଳନ ଚଳାଇଥିବା ବେଳେ ପ୍ରଧାନମନ୍ତ୍ରୀ ମୌନବ୍ରତ କରିଛନ୍ତି। ହିଂସା ନୁହେଁ ଗାନ୍ଧୀ ଓ ଆମ୍ବେଦକର ବିଚାରଧାରା ଉପରେ ଚାଲିବାର ଦେଶ ଭାରତ। ଏହା ସଂଘର ବିଚାରଧାରା ଉପରେ ଚାଲିବାର ଦେଶ ନୁହେଁ। ଦେଶକୁ ବିଶ୍ୱଗୁରୁ କରିବାକୁ ହେଲେ ସାମୁହିକ ଭାବେ ଉଦ୍ୟମ କରିବାକୁ ହେବ ବୋଲି ସିଂହ କହିଛନ୍ତି।

## ସିଏଜି ରିପୋର୍ଟକୁ ନେଇ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଦୀର୍ଘ ୨୧ ବର୍ଷ ଶାସନ କଲା ପରେ ବିଜେଡି ସରକାର ଆହୁରି ଦୁର୍ନୀତି ଖୋର ଓ ଭ୍ରଷ୍ଟାଚାରୀ ହୋଇଚାଲିଛି। ଓଡିଶାର ପ୍ରାକୃତିକ ସମ୍ପଦକୁ ଲୁଟ୍ କରି କିଛି ମୁଷ୍ଟିମେୟ ଅଧିକାରୀଙ୍କୁ ରାଜ୍ୟ ସରକାର ପୋଷିଛନ୍ତ। ଆଇନ କାନୁନ, ନିୟମ, ସମ୍ବିଧାନକୁ ଜଳାଞ୍ଜଳି ଦେଇ ରାଜ୍ୟ ସରକାର ରାଜସ୍ୱ ହାନୀ କରାଇବା ଏବଂ ରାଜ୍ୟକୁ ପଛୁଆ କରିବା ସହ ରାଜ୍ୟବାସୀଙ୍କୁ ଦାରିଦ୍ର୍ୟ ଆଡକୁ ଠେଲିଦେବା ଚକ୍ରାନ୍ତ ଚଲାଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ସିଏଜି ରିପୋର୍ଟ ଅନୁସାରେ ଉଭୟ ବିଦ୍ୟୁତ କ୍ଷେତ୍ର ଏବଂ ଜମି ଦୁର୍ନୀତିରେ ରାଜ୍ୟ ରାଜକୋଷରୁ ବ୍ୟାପକ ଅର୍ଥ କ୍ଷତି ହୋଇଥିବା ପ୍ରମାଣ ହୋଇଛି। ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ଯୋଗୁ ବିଦ୍ୟୁତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଯୋଗ୍ୟତା ନ ଥିବା ୫ ସଂସ୍ଥାକୁ ରାଜ୍ୟ ସରକାର ଟ୍ରାନ୍ସଫରମର କିଣିବାକୁ ଅନୁମତି ଦେଇଥିଲେ। ୩୬ଟି ଟ୍ରାନ୍ସଫରମର ଲଗାଇବାର ଯୋଗ୍ୟତା ଥିବା ଏକ ଘରୋଇ କମ୍ପାନୀକୁ ୯୫ ଟ୍ରାନ୍ସଫରମର ଲଗାଇବାକୁ ଅନୁମତି ଦିଆଗଲା। ସେହିପରି ବିଭିନ୍ନ କମ୍ପାନୀ ହାତରେ କାମ ମନଇଚ୍ଛା ଦେଇ ଦିଆଗଲା। ଓପିଟିସିଏଲ ପାଖରେ ଟ୍ରାନ୍ସଫରମର ଲଗାଇବାକୁ କ୍ଷମତା ଥିବା ସତ୍ତ୍ୱେ ଘରୋଇ କମ୍ପାନୀକୁ ଲାଭ ଦେବା ଲାଗି ସୁଯୋଗ ଦିଆଯାଇଛି। ଅନେକ ସ୍ଥାନରେ ସବ୍‌ଷ୍ଟେଶନ ବସାଯାଇନାହିଁ। ଘରୋଇ ପୁଞ୍ଜିପତିଙ୍କ ପାଇଁ ସରକାର ଜମି ମାଫିଆ ସାଜିଛନ୍ତି। ନୂଆ ପଲିସିରେ ଲୋକଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ରାଜ୍ୟ ସରକାର ସରକାରୀ ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ ନ କରି ଘରୋଇ କମ୍ପାନୀକୁ ଆବଶ୍ୟକତା ଠାରୁ ଅଧିକ ଜମି ଯୋଗାଇ ଚାଲିଛନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

ବିଜେଡି କିନ୍ତୁ ଭାଜପା ଅଭିଯୋଗକୁ ଖଣ୍ଡନ କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବିଧି ବିଧାନ ସଂକ୍ରାନ୍ତରେ ଅବହିତ ନ ହୋଇ ଔଷଧ ବିକଳରେ ତାଟିଆ କାମୁଡିଲା ଭଳି ଭାଜପା ନେତ୍ରୀ ସିଏଜି ରିପୋର୍ଟ ଉପରେ ଯେଉଁଭଳି ଫୁଳାଏ ଅସତ୍ୟ କହିଛନ୍ତି ଯାହା ସମ୍ପୂର୍ଣ୍ଣ, ଅବାସ୍ତବ, କପୋଳକଳ୍ପିତ ଏବଂ ଭିତ୍ତିହୀନ। ଲେଖାଶ୍ରୀ ବୋଧହୁଏ ଜାଣିନାହାନ୍ତି ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେଲାପରେ ବିଧାନସଭା ପବ୍ଲିକ ଆକାଉଣ୍ଟସ୍ କମିଟିରେ ତାର ତର୍ଜମା କରାଯାଏ। ସେହି କମିଟି ଅଧ୍ୟକ୍ଷ ବିରୋଧୀ ଦଳର ନେତା ବିଧାୟକ ପ୍ରଦୀପ୍ତ ନାଏକ। ପବ୍ଲିକ ଆକାଉଣ୍ଟସ୍ କମିଟି ତର୍ଜମା କରିବା ପୂର୍ବରୁ ଭାଜପା ନେତ୍ରୀ ତରବରିଆ ଭାବେ ବକ୍ତବ୍ୟ ରଖିବା ତାଙ୍କର ଅଜ୍ଞାନତାକୁ ପରିପ୍ରକାଶ କରୁଛି। ଯଦି ଜଣେ ବିଧାୟକ ଥାଆନ୍ତେ ତେବେ ବିଧି ବ୍ୟବସ୍ଥା ସଂକ୍ରାନ୍ତରେ ଅବଗତ ହୋଇଥାନ୍ତେ। ସିଏଜି ଏ ପ୍ରକାରର ରିପୋର୍ଟ କେନ୍ଦ୍ର ଏବଂ ସମସ୍ତ ରାଜ୍ୟ ସରକାରମାନଙ୍କୁ ପ୍ରଦାନ କରିଥାଆନ୍ତି ବୋଲି ଲେନିନ୍ କହିଛନ୍ତି।

CHIEF DISTRICT MEDICAL AND PUBLIC HEALTH OFFICER, MALKANGIRI

No. 3884//V.B6(Veh).51/2021 Dated, Malkangiri the 02nd April 2021

TENDER CALL NOTICE

No. E-02: Sealed quotations are invited from interested reputed Travel Agencies/Tour Operators or Private Individuals for providing vehicle on hiring basis. The tender paper in details along with term and condition of tenders are available **THROUGH DISTRICT WEBSITE www.malkangiri.nic.in**. Bidders can download the tender papers from the website and such bidders have to enclosed a non-refundable **State Bank of India** Demand Draft of **Rs.100/- (Rupees One Hundred) only** in favour of **Chief District Medical & Public Health Officer, Malkangiri** payable at **SBI, Malkangir** with BDI documents and subscribe the BID documents that it has been downloaded from the website. The sealed tender should reach to the undersigned on or before **15.04.2021 upto 5.00 P.M.**.
The tender will be opened **15.04.2021 at 5.00 P.M.** in the presence of tenderer or their authorized representative by the Chairman of Purchase Committee at the O/o. CDM&PHO, Malkangiri.

Sd./- P. Ku. Nanda
Chief District Medical & Public Health Officer, Malkangiri
OIPR-10082/11/0001/2122

केन्द्रीय बागवानी परीक्षण केन्द्र
CENTRAL HORTICULTURAL EXPERIMENT STATION
(ICAR-Indian Institute of Horticultural Research, Bengaluru-560089)
(भाकृअनुप-भारतीय बागवानी अनुसंधान संस्थान, बेंगलुरु-560089)
Aiginia, Bhubaneswar - 751 019, Odisha
Ph.:0674-2471712(O), Tele fax: 0674-2471867, E-mail: headches@rediffmail.com

SHORT TENDER NOTICE NO. 01/2021

On behalf of the Director, ICAR-IIHR, BENGALURU the Head, C.H.E.S., Aiginia, Bhubaneswar-751019 invites sealed tenders for job contract works towards (i) **FIELD AGRICULTURAL WORKS, (ii) ENGAGEMENT OF MANPOWER ON OUTSOURCING BASIS & (iii) SECURITY WATCH & WARD SERVICES** for CHES, Aiginia, Bhubaneswar from Registered agencies having Registration Certificate as per rule issued by the Competent Authority, ESI and EPF registration, GST Registration, etc..

The Bid document may be obtained from the above office on working days between **10 a.m.** and **2.00 p.m.** on payment of ₹ **500/-** (non-refundable) for each tender document by cash/ DD drawn in favour of CHES, BBSR payable at Bhubaneswar on or before Dt. **24.04.2021**. The document can also be downloaded from IIHR website (**www.iihr.res.in**). In case the document is downloaded from the website, the cost of bid document shall have to be deposited by the bidder in the form of DD while submitting their bids in sealed cover. The tenders will be received up to **2 p.m.** on Dt. **26.04.2021**. Tenders will be opened on Dt. **26.04.2021** at **3.00 p.m.** HEAD

ODISHA BIODIVERSITY BOARD
Regional Plant Resource Centre Campus
Ekamrakanan, Nayapalli, Bhubaneswar-751015, Odisha
Forest & Environment Department, Government of Odisha, Tel No.-0674-2552006
E-mail: msobb@rediffmail.com, www.odishabiodiversityboard.in

F. No.144/OBB/2021/4218 Date: 05.04.2021

TENDER CALL NOTICE FOR SUPPLY OF DESKTOP COMPUTER

Sealed tenders are invited from reputed manufacturers (Principal)/authorized agents/distributors/dealers engaged in supply of Desktop Computer. The technical specifications, other terms and conditions and formats are available in the website www.odishabiodiversityboard.in, which can be downloaded for use. Interested parties may submit their tender through Speed Post/Registered Post/Courier service, which should reach the undersigned on or before **Date: 23.04.2021 (before 4.00 PM)** positively.

Sd/-
Member Secretary

ODISHA PUBLIC SERVICE COMMISSION

NOTICE

No. 2295/P.S.C., Dt. 5.4.21
(DR-IV) (2PH-02-2020-21)

**No. D-02:-** In continuation to this Office Notice No. 2115/PSC, dt. 18.03.2021, it is for information of all concerned that the written examination for recruitment to the post of Lecturer in different disciplines of Government Ayurveda Medical Colleges of the State, pursuant to Advertisement No. 01 of 2020-21 will be held on 18.04.2021 (Sunday) in two sessions i.e. 1st Session from 10.30 A.M. to 12.00 Noon (10 .30 A.M. to 12 .30 P.M. for PWD candidates) and 2nd Session from 1.30 P.M. to 3.00 P.M. (1.30 P.M. to 3.30 P.M. for PWD candidates) at **Indira Gandhi Women's College, Shelter Chhak, Cuttack, 753002.**
2. The list of PPSAN of the candidates along with their corresponding Roll Nos. are available in the website of the Commission. The candidates are required to download their "**Admission Certificate**" and "**Instruction to Candidates**" from the website of the Commission **(www.opsc.gov.in)** from 12.04.2021 onwards.

OIPR-12002/11/0002/2122 **Sd./- Secretary**

OFFICE OF THE DFO-CUM-DMU CHIEF, DHENKANAL FOREST DIVISION
At: Ganesh Bazar, P.O./Dist.- Dhenkanal, PIN - 759001
Phone No. 06762-226717 (O), Email: dmuchiefdkl@gmail.com

No. 349/19 Date: 31.03.2021

CONTRACTUAL ENGAGEMENT OF SMS, (M&E, GIS/MIS, REDD+) for DMU DHENKANAL UNDER OFSDP-II

No. MM-01: Divisional forest Officer-cum-DMU Chief, Dhenkanal invites application from suitable candidates for the following position at Divisional Management Unit, Dhenkanal under Odisha Forestry Sector Development Project, Phase - II.

| Division | Name of the Post | Vacancy | Essential Qualification and Experience |
|---|---|---|---|
| Dhenkanal Forest Division | Subject Matter Specialist (SMS) - (M&E, MIS & GIS, REDD+) | 01 | **Essential Qualification** B.E./B.Tech in Computer Science/IT or B.E./B.Tech/Bachlor's Degree in Science/Social Sciences/Statistics/Economics with MCA (3 years work experience with at least 2 years at Technical Expert in GIS/Remote Sensing (RS) in respect of Monitoring & Evaluation in relevant sector). |

Interested candidates may obtain details of **Terms of Reference (ToR) and the Application Form** from O/o. The Divisional Forest Officer-cum-DMU Chief, Dhenkanal during office hours in any working day between **10.30 A.M. to 5.00 P.M. from 05.04.2021 to 15.04.2021** or may download from the OFSDS website **(www.ofsds.in)**. Filled in application complete in all respect along with self-attested Xerox copy of relevant documetns in respect of qualifications and experience and Bank Draft for **Rs.500/- (non-refundable)** drawn in favour of **DFO-cum-DMU Cheif, Dhenkanal, payable at Dhenkanal** should reach the O/o the Divisional Forest Officer-cum-DMU Chief, Dhenkanal **through Speed Post/Courier Service on or before 5.00 P.M. on 15.04.2021**.

**Sd./- DFO-cum-DMU Chief, Dhenkanal Forest Division**
**OIPR-08037/11/0001/2122**

> ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ– ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। –ଶ୍ରୀମା



# କେମିତି ବୁଝେଇବେ

ବିଦେଶରୁ ଭାରତ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବା ବିଷୟ ଯେତେବେଳେ ଆଲୋଚନାକୁ ଆସେ ସେତେବେଳେ ବୋଫର୍ସ ଦୁର୍ନୀତି କଥା ମନେପଡ଼େ। ଏବେ କିଛି ବର୍ଷ ହେବ ବୋଫର୍ସକୁ ପଛରେ ପକାଇ ଅଗୁଷ୍ଟା ୱେଷ୍ଟଲାଣ୍ଡ୍ ଓ ୨୦୧୬ରେ ରାଫାଲ ଯୁଦ୍ଧବିମାନ କିଣା ବେଳେ ହୋଇଥିବା ଆର୍ଥିକ ଅନିୟମିତତା ବିଷୟ ଆଗକୁ ଚାଲିଯାଇଛି। ତା'ପୂର୍ବରୁ ଏଚ୍‌ଡିଡବ୍ଲ୍ୟୁ ବୁଡ଼ାଜାହାଜଠାରୁ ଆରମ୍ଭ କରି କଫିନ୍ କିଣା ପର୍ଯ୍ୟନ୍ତ ସବୁଥିରେ ଦୁର୍ନୀତି ହେଉଥିବା ସମ୍ପର୍କରେ ଆମେ ଦେଶବାସୀ ପଢ଼ିବାକୁ ପାଇଆସୁଛୁ। ଆମକୁ କୁହାଯାଏ ଯେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତ୍ ବ୍ୟବସ୍ଥା। କିନ୍ତୁ ଭାରତୀୟ ସେନାଠାରେ ଅସହାୟ ସ୍ଥିତି ସବୁବେଳେ ଲାଗିରହିଥିବା ବିଷୟ ଶୁଣିବାକୁ ମିଳେ। ଦେଶର ସୀମାନ୍ତଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ସଶସ୍ତ୍ର ସେନାର ଦୁର୍ବଳତାର ପ୍ରମାଣ ମିଳୁଛି। ସୀମାରେ ଥିବା ଉରି, ପଠାନକୋଟ୍‌ଠାରୁ ନେଇ ପୁଲ୍‌ୱାମା ପର୍ଯ୍ୟନ୍ତ ଏବଂ ସଦ୍ୟ ଛତିଶଗଡ଼ର ସୁକ୍‌ମା ବିଜାପୁର ଅଞ୍ଚଳରେ ଭାରତର ସଶସ୍ତ୍ର ବଳ ନିଜର ମନୋବଳ ବଜାୟ ରଖିଥିଲେ ମଧ୍ୟ ଆବଶ୍ୟକ ସରକାରୀ ସହଯୋଗ ମିଳୁ ନ ଥିବାରୁ ନିଜର ଅଭିଯାନରେ ବାରମ୍ବାର ବିଫଳ ହେଉଛନ୍ତି। ଏଠାରେ ଦୋଷ ଯବାନମାନଙ୍କର ନୁହେଁ ଓ ସେମାନଙ୍କ ବଳିଦାନକୁ କେହି କେବେ ଗୌଣ କରିପାରିବେ ନାହିଁ। ଦୋଷ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ନେତୃତ୍ୱ ଉପରେ ଲଦିହେବ, କାରଣ ସବୁ ଅଘଟଣକୁ ରାଜନୈତିକ ମୋଡ଼ ଦେଇ ଲାଭ ଉଠାଇବା ବ୍ୟତୀତ କ୍ଷମତାସୀନ ବ୍ୟକ୍ତିମାନେ ବାହିନୀର ବାସ୍ତବ ଚାହିଦାକୁ ବୁଝିବା ପାଇଁ କେବେହେଲେ ଚେଷ୍ଟା କରୁ ନାହାନ୍ତି।

ପ୍ରତିରକ୍ଷା ସଂକ୍ରାନ୍ତ ତଥ୍ୟ ସାଧାରଣରେ ପ୍ରକାଶ କରାଯିବା ଉପରେ ପ୍ରତିବନ୍ଧକ ଥିବାରୁ ସେ ସମ୍ପର୍କରେ କେହି ପ୍ରଶ୍ନ କରିପାରି ନ ଥାନ୍ତି। ଭାରତର ଗୋଇନ୍ଦା ଓ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ଦକ୍ଷ ନ ଥିବାରୁ ଏଭଳି ଚୁକ୍ତି ବେଳେ ହେଉଥିବା ଗୋପନୀୟ କାରବାରକୁ ଧରାଯାଇପାରି ନ ଥାଏ। ଇତିହାସ ଦେଖିଲେ ବିଦେଶୀ ତଦନ୍ତକାରୀ ସଂସ୍ଥା ବା ଗଣମାଧ୍ୟମ ଏ ସଂକ୍ରାନ୍ତ ଅନିୟମିତତାକୁ ପଦାକୁ ଆଣିଥାଆନ୍ତି। ଏବେ ଏକ ବିଦେଶୀ ସଂସ୍ଥା ଦ୍ୱାରା ସତ୍ୟ ପ୍ରକାଶ ପାଇବା ପରେ ଭାରତ ସରକାର ଉଲଗ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଦେଖିଲେ କେନ୍ଦ୍ରରେ ନରେନ୍ଦ୍ର ମୋଦି କ୍ଷମତାସୀନ ହେବା ପରେ ୨୦୧୬ରେ ଫ୍ରାନ୍ସଠାରୁ ରାଫାଲ ଯୁଦ୍ଧ ବିମାନ କିଣାଯିବା ନେଇ ଏହାର ନିର୍ମାତା ଡାସଲ୍ଟ ଆଭିଏଶନ ସହ ହୋଇଥିବା ଚୁକ୍ତି ବିବାଦୀୟ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ଦେଖାଯାଇଥିଲା ଯେ ଡାସଲ୍ଟ କମ୍ପାନୀ ଅନ୍ତର୍ଜାତୀୟ ଚୁକ୍ତିକୁ ଉଲ୍ଲଂଘନ କରି ଆର୍ଥିକ ହେରଫେର କରିଛି। ୫ ଏପ୍ରିଲ ୨୦୨୧ରେ ଫ୍ରାନ୍ସର ଦୁର୍ନୀତି ଜଗୁଆଳି ସଂସ୍ଥା ଏଜେନ୍ସି ଫ୍ରାନ୍‌ସେଜ୍ ଆଣ୍ଟିକରପ୍‌ସନ୍ (ଏଏଫ୍‌ଏ) ପକ୍ଷରୁ କୁହାଯାଇଛି ଯେ, ଡାସଲ୍ଟ ଆଭିଏଶନ୍ ଏଥିଲାଗି ସୁସେନ୍ ଗୁପ୍ତାଙ୍କ ମାଲିକାନାରେ ଥିବା ଡେଫ୍‌ସିସ୍ ସଲ୍ୟୁଶନକୁ ୧୧ ଲକ୍ଷ ୟୁରୋ ଦେଇଛି। ଅର୍ଥାତ୍ ଏହି ଭାରତୀୟ ମଧ୍ୟସ୍ଥଙ୍କ ଆକାଉଣ୍ଟକୁ ଡାସଲ୍ଟ ଆଭିଏଶନରୁ ଉପହାର ହିସାବରେ ଯାଇଥିବା ଅର୍ଥକୁ ଫ୍ରାନ୍ସର ଦୁର୍ନୀତି ନିରୋଧୀ ସଂସ୍ଥା ଅଡିଟ୍ କଲା ବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଯେ, ଫ୍ରାନ୍ସରେ ପ୍ରତିରକ୍ଷା କ୍ଷେତ୍ରରେ ହେଉଥିବା ଚୁକ୍ତି ବେଳେ ଉପହାରକୁ ଅତି ଗମ୍ଭୀର ଭାବେ ଦେଖାଯାଇଥାଏ।

ଏହା ସ୍ୱାଭାବିକ କଥା ଯେ, ପ୍ରତିରକ୍ଷା ସଂକ୍ରାନ୍ତ ବିଷୟରେ ସ୍ୱଚ୍ଛତା ରହିବା କୌଣସି ସରକାର ପାଇଁ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱ ବହନ କରିଥାଏ। ସେଥିପାଇଁ ସମ୍ଭବତଃ ଉପହାରକୁ ଗର୍ହିତ ତାଲିକାରେ ଫ୍ରାନ୍ସ ରଖିଛି। ଭାରତରେ ସେହି ବିଷୟକୁ ପ୍ରାଧାନ୍ୟ ଦିଆଯାଉ ନ ଥିବାରୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ ବେଳେ ଆର୍ଥିକ ଦୁର୍ନୀତି ପରିମାଣ ବୃଦ୍ଧି ପାଉଛି। ୨୦୧୩ରେ ଉପା–୨ ସରକାର ବେଳେ ଅଗୁଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି ହୋଇଥିବା ବିଷୟ ଚହଳ ପଡ଼ିଥିଲା। ସେତେବେଳେ ବିରୋଧୀ ଆସନରେ ଥିବା ଭାଜପା ଚିଲାଇ କହିଥିଲା ଯେ, କଂଗ୍ରେସ ଅମଳରେ ସବୁ ବଡ଼ ପ୍ରତିରକ୍ଷା ଦୁର୍ନୀତି ହୋଇଛି। ଜନସାଧାରଣ ଦେଶରୁ କଂଗ୍ରେସକୁ ନ ହଟାଇଲେ ଭାରତର ସୁରକ୍ଷା ବିପନ୍ନ ହେବ ବୋଲି ଭାଜପାର ତୁଙ୍ଗନେତାମାନେ ବାରମ୍ବାର କହୁଥିଲେ। ଆଜି ଯେତେବେଳେ କେନ୍ଦ୍ରରେ ଭାଜପା ସରକାର ଦ୍ୱାରା ରାଫାଲ ଚୁକ୍ତି ବେଳେ ହୋଇଥିବା ଦୁର୍ନୀତି ସର୍ବସମ୍ମୁଖକୁ ଆସିଛି, ଏହାର ନେତାମାନେ କାହିଁକି ନୀରବ ରହୁଛନ୍ତି ବୋଲି ପ୍ରତିରକ୍ଷା ସମୀକ୍ଷକମାନେ ପ୍ରଶ୍ନ କରିବା ସ୍ୱାଭାବିକ। ଆଶ୍ଚର୍ଯ୍ୟର ବିଷୟ ଯେ ଫ୍ରାନ୍ସର ଦୁର୍ନୀତି ନିରୋଧୀ ସଂସ୍ଥା ଯେଉଁ ଗୁପ୍ତାଙ୍କ କଥା କହିଛି, ସେହି ବ୍ୟକ୍ତି ୨୦୧୩ ଅଗୁଷ୍ଟା ୱେଷ୍ଟଲାଣ୍ଡ୍ ହେଲିକପ୍ଟର କିଣା ବେଳେ ମଧ୍ୟସ୍ଥ ଭାବେ ପ୍ରବଳ ଲାଞ୍ଚ ନେଇଥିବାରୁ ୨୦୧୯ରେ ଗିରଫ ହୋଇଥିଲେ। ଏଥିରୁ ବୁଝିବାକୁ ହେବ ଯେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ଭିତିରି ସମ୍ପର୍କ ରଖିଥିବା ବ୍ୟବସାୟ ଗୋଷ୍ଠୀ ସରକାରଙ୍କ ଗୋପନୀୟ ଦଲିଲ ହାତେଇବାରେ ସକ୍ଷମ ହେଉଛନ୍ତି ଏବଂ ଯେଉଁ ରାଜନେତା କ୍ଷମତାକୁ ଆସନ୍ତୁପଛେ ସମସ୍ତେ ଗୋଟିଏ ଗାତରେ ପଶି ରାମ୍ପିବାକୁ ଚାହୁଁଛନ୍ତି। ଏଥିରେ ଦଳ ପରିବର୍ତ୍ତନ ଘଟିଲେ ଚରିତ୍ର ପରିବର୍ତ୍ତନ ଘଟୁନାହିଁ। ସ୍ପଷ୍ଟ ବୁଝିବାକୁ ହେବ ଯେ ଯେଉଁ ସରକାରୀ ଭିତିରି ବୁଝାମଣାରେ ଆକର୍ଷଣୀୟ ଅର୍ଥ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ରହିଛି, ସେହି ଯନ୍ତାରେ ସବୁ ଲୋଭୀ ଜନ୍ତୁ ପଡ଼ିଯାଉଛନ୍ତି। ସେଭଳି ସ୍ତରରେ କେହି କାହାଠାରୁ ଭିନ୍ନ ନୁହନ୍ତି। ତେଣୁ କେନ୍ଦ୍ରରେ ଯେଉଁ ଦଳ ସରକାର ଗଢ଼ିଲେ ମଧ୍ୟ ଏଭଳି ମଧ୍ୟସ୍ଥଙ୍କ ପାଇଁ କିଛି ତଫାତ୍ ରହୁନାହିଁ।

ରାଫାଲ ଯୁଦ୍ଧ ବିମାନ କ୍ରୟରେ ଦୁର୍ନୀତି ଘଟିଥିବା ବିଷୟ ଯେତେବେଳେ ପଦାକୁ ଆସିଲା ସେତେବେଳେ ଡାସଲ୍ଟ ଆଭିଏଶନ ଭାରତରେ ଦୀର୍ଘବର୍ଷର ଅଭିଜ୍ଞତା ଥିବା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ପରିବର୍ତ୍ତେ ଏକ ଘରୋଇ କମ୍ପାନୀକୁ ବିଦେଶୀ ସହଯୋଗୀ ଭାବେ ନେଇଥିବା ଜଣାପଡ଼ିଥିଲା। ଫଳରେ ଭାଜପା ସରକାରକୁ ବିରୋଧୀମାନେ ଘେରିଥିଲେ। ଏବେ ଫ୍ରାନ୍ସର ଦୁର୍ନୀତି ନିରୋଧୀ ସଂସ୍ଥା ଏଏଫ୍‌ଏ ଯେତେବେଳେ ଭାରତୀୟ ମଧ୍ୟସ୍ଥଙ୍କ ସମ୍ପୃକ୍ତି ବିଷୟ ଉଲ୍ଲେଖ କରିଛି, ସେଥିରୁ ବୁଝିବାକୁ ହେବ ଯେ ରାଫାଲ ଯୁଦ୍ଧବିମାନ କିଣାରେ ନିଶ୍ଚିତ ବଡ଼ ଧରଣର ଆର୍ଥିକ ହେରଫେର ଘଟିଛି। ଦର୍ଶାଯାଇଥିବା ଆର୍ଥିକ ପରିମାଣ ଆଖିକୁ କେବଳ ଦିଶୁଛି। ଭିତରକୁ କେତେ ଗଭୀର ପରିମାଣ ବୁଡ଼ିରହିଛି ତାହା ଜାଣିବା କାହା ପାଇଁ ସମ୍ଭବପର ନୁହେଁ। କେବଳ ମୁହଁରୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ କଥା ଶୁଣି ଜନସାଧାରଣ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି। କାରଣ ପ୍ରାୟ ପ୍ରତିଦିନ ଭାରତୀୟ ଯବାନ ବିନା କାରଣରେ ମରୁଛନ୍ତି। ଏବେ ଦେଶରେ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଚାଲିଛି। ଏଭଳି ସମୟରେ ରାଫାଲ ଚୁକ୍ତିର କୁତ୍ସିତ ଚେହେରା ସାମ୍ନାକୁ ଆସିଯାଇଥିବାରୁ ଭାଜପା ପାଇଁ ଅଡୁଆ ସ୍ଥିତି ଆରମ୍ଭ ହୋଇଗଲା। ଭୋଟରଙ୍କୁ ବୁଝେଇବା ସକାଶେ ଭାଜପା ଆଉ କି ବାହାନା ଦେଖାଇବ ଦେଖିବାକୁ ବାକି ରହିଲା।

# ସଂରକ୍ଷଣ ଓ ସାମାଜିକ ବ୍ୟବସ୍ଥା



ବୈକୁଣ୍ଠନାଥ ମିଶ୍ର

'ଯଦି ମୋତେ କେହି ପଚାରେ ଏ ଦେଶର ପ୍ରଗତିପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ କ'ଣ, ତେବେ ନିଃସନ୍ଦେହରେ ମୁଁ ଦୁଇଟି କଥା ଉପରେ ଗୁରୁତ୍ୱ ଦେଇପାରେ। ପ୍ରଥମତଃ ସଂରକ୍ଷଣ ବ୍ୟବସ୍ଥା ଓ ଦ୍ୱିତୀୟଟି ଦୁର୍ନୀତି'। ଏହାଥିଲା ଗୁଜରାଟ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ଜେ.ବି. ପାର୍ଡ଼ିୱାଲାଙ୍କ ମତ। ସ୍ୱାଧୀନତାର ସାତ ଦଶନ୍ଧି ଅତିକ୍ରାନ୍ତ ହେବା ପରେ ମଧ୍ୟ ଏ ଦେଶର କିଛି ପରିବାର ବିବିଧ ସରକାରୀ ସୁବିଧା ହାସଲ କରୁଛନ୍ତି, ଯଦିଓ ଅର୍ଥନୈତିକ ଦୃଷ୍ଟିରୁ ସେମାନେ ଆଉ ଅନଗ୍ରସର ନୁହନ୍ତି। ଡ. ଆମ୍ବେଦକରଙ୍କ ସଭାପତିତ୍ୱରେ ଯେତେବେଳେ ସମ୍ବିଧାନ ପ୍ରଣୟନ ହେଲା, ସେତେବେଳେ ଅର୍ଥନୈତିକ ଅନଗ୍ରସରତାରେ ପୀଡ଼ିତ ଜାତି ଓ ଜନଜାତି ବର୍ଗଙ୍କୁ ଚିହ୍ନଟ କରାଯାଇ ଦଶବର୍ଷ ପାଇଁ ଚାକିରି ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ସୁବିଧା ପ୍ରଦାନର ବ୍ୟବସ୍ଥା କରାଗଲା। ଉଦ୍ଦେଶ୍ୟ ଥିଲା, ସେମାନେ ଆର୍ଥିକ ଦୁରବସ୍ଥାରୁ ମୁକ୍ତିପାଇ ଉକ୍ତ ଅବଧି ମଧ୍ୟରେ ମହାଭାରତୀୟ ସ୍ରୋତରେ ନିଜକୁ ସାମିଲ କରିନେବା। ସମ୍ବିଧାନ ପ୍ରଣୟନର ବହୁପୂର୍ବରୁ ମହାତ୍ମା ଗାନ୍ଧୀ ସେମାନଙ୍କୁ ହରିଜନ ଓ ଗିରିଜନ ନାମରେ ନାମିତ କରି ସମାଜର ଏକ ବଡ଼ବ୍ୟାଧି ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ମତରେ 'ଅନ୍‌ଟଚେବିଲିଟି ଇଜ୍ ଏ କ୍ରାଇମ୍ ଏଗେନ୍‌ଷ୍ଟ ମ୍ୟାନ୍ ଆଣ୍ଡ ଗଡ୍'।

ସ୍ୱାଧୀନୋତ୍ତର ଭାରତବର୍ଷରେ ସାମାଜିକ ସ୍ତରରେ ସମାନତା ଆସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅସ୍ପୃଶ୍ୟତାର ଘୃଣ୍ୟ ସତ୍ତା ଲୋପ ପାଇଛି। ସବୁ ମଣିଷ ଗୋଟିଏ ଜାତି ବୋଲି ସମାଜ ଗ୍ରହଣ କରି ସାରିଥିଲେ ମଧ୍ୟ ସରକାରୀ ସ୍ତରରେ ଜାତିପ୍ରଥା ଉଜ୍ଜୀବିତ ରହିଛି ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବ ମଧ୍ୟ। ଭୋଟ ପାଇଁ ସଂରକ୍ଷଣ ଏକ ଅମୋଘ ଅସ୍ତ୍ର ବୋଲି ରାଜନୈତିକ ଦଳଗୁଡ଼ିକ ମନେକରନ୍ତି। ଏଲ୍.ପି.ଜି. ସବ୍‌ସିଡି ତ୍ୟାଗ କରିବାକୁ ସରକାର ଯେପରି ସ୍ୱଚ୍ଛଳବର୍ଗଙ୍କୁ ଆହ୍ୱାନ ଦେଇଥିଲେ, ଠିକ୍ ସେହିପରି ଆର୍ଥିକ ସ୍ୱଚ୍ଛଳତା ହାସଲ କରିଥିବା ଦଳିତ ଓ ଆଦିବାସୀ ପରିବାରଙ୍କୁ ସଂରକ୍ଷଣ ତ୍ୟାଗ କରିବାକୁ ଆହ୍ୱାନ ଦେବେକି? ସେମାନେ ମଧ୍ୟ ସ୍ୱତଃ ଏହା ତ୍ୟାଗ କରିବାକୁ ଆଗେଇ ଆସିବା ଉଚିତ। କାରଣ ସେମାନଙ୍କ ପିଲାମାନଙ୍କୁ କେହି ଅଙ୍ଗୁଳି ନିର୍ଦ୍ଦେଶ ନ କରୁ ଯେ, ସେମାନେ ନିଜ ଯୋଗ୍ୟତା ନୁହେଁ; ବରଂ ସଂରକ୍ଷଣ ବଳରେ ତାଙ୍କ ସ୍ଥିତି ଲାଭ କରିଛନ୍ତି। ଉଚ୍ଚ ଜାତିର ଅନେକ ଦାରିଦ୍ର୍ୟ ପ୍ରପୀଡ଼ିତ ଅଛନ୍ତି, ଯେଉଁମାନଙ୍କ ପିଲାଙ୍କ ପାଇଁ ସଂରକ୍ଷଣ ଓ ଅନ୍ୟାନ୍ୟ ପ୍ରୋତ୍ସାହନର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଆର୍ଥିକ ଦୁର୍ଗତଙ୍କ ପାଇଁ ଯେଉଁ ପଦକ୍ଷେପ ନେବାର ଘୋଷଣା କରିଛନ୍ତି, ତାହା ପର୍ଯ୍ୟାପ୍ତ ନୁହେଁ।

ସଂରକ୍ଷଣକୁ ନା କହିବା ତ ଦୂରର କଥା; ବରଂ ଅଧିକରୁ ଅଧିକ ଗୋଷ୍ଠୀ ନିଜ ପାଇଁ ସଂରକ୍ଷଣ ଦାବି ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବାର ନଜିର ରହିଛି। ଉଦାହରଣ ସ୍ୱରୂପ, ଗୁଜରାଟର 'ପଟେଲ' ସଂପ୍ରଦାୟ ପାଇଁ ତରୁଣ ହାର୍ଦ୍ଦିକ ପଟେଲଙ୍କ ବୈପ୍ଳବିକ ଆନ୍ଦୋଳନ, ହରିୟାଣାର ଜାଠମାନଙ୍କର ସଂରକ୍ଷଣବାଦୀ ଆନ୍ଦୋଳନ ସବୁ ସୀମା ଟପି ଯାଇଥିଲା। ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝରର କୁଡମୀ ସଂପ୍ରଦାୟର ଆଦିବାସୀ ମାନ୍ୟତା ପ୍ରାପ୍ତିର ଆନ୍ଦୋଳନ ପ୍ରାୟତଃ ଲାଗିରହିଛି। ବିଶେଷକରି ଚାକିରି କ୍ଷେତ୍ରରେ ସୁବିଧା ହାସଲ ପାଇଁ କିଛି ସାଧାରଣବର୍ଗ ଚଞ୍ଚକତା ପୂର୍ବକ ସଂରକ୍ଷଣ ହାତେଇଥିବାର ଖବର ଗଣମାଧ୍ୟମରୁ ଶ୍ରୁତିଗୋଚର ହୋଇଛି। ସଂରକ୍ଷଣ ମାତ୍ରା ପଚାଶ ପ୍ରତିଶତରୁ ଅଧିକ ନ ହେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଥିଲେ ମଧ୍ୟ କେନ୍ଦ୍ର ଓ ପ୍ରାଦେଶିକ ସରକାରମାନେ ଏହାକୁ ବୃଦ୍ଧି କରିଚାଲିଛନ୍ତି। ଦେଶରେ ସମାନ ସଂରକ୍ଷଣ ନୀତି ଅନୁସୃତ ହୋଇ ପାରିନାହିଁ। ଫଳରେ ସୁପ୍ରିମ୍ କୋର୍ଟ ସଂରକ୍ଷଣ ନୀତିର ଧ୍ରୁବୀକରଣ ପାଇଁ ସମସ୍ତ ସରକାରଙ୍କର ମତାମତ ଲୋଡ଼ିଛନ୍ତି।

ସମ୍ପ୍ରତି ଓଡ଼ିଶା ସରକାର ସରକାରୀ ସ୍କୁଲ୍ କଲେଜରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ନିମିତ୍ତ ବୃତ୍ତିଗତ ଶିକ୍ଷା ଯଥା ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ୮୬% ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଏମାନଙ୍କ ମଧ୍ୟରୁ ୨୩% ଯୋଗ୍ୟତା ହାସଲ କରିପାରୁଛନ୍ତି। ଅପରପକ୍ଷେ ଘରୋଇ ଶିକ୍ଷାନୁଷ୍ଠାନରେ ମାତ୍ର ୧୪% ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷାର ୬୦%ରୁ ଊର୍ଦ୍ଧ୍ୱ ସିଟ୍ ସେମାନେ ଅକ୍ତିଆର କରିବାକୁ ସକ୍ଷମ ହେଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ୧୫% ସ୍ଥାନ ସଂରକ୍ଷଣକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ କିଛି ମିଶ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ୫ ବର୍ଷ ପୂର୍ବରୁ ଏହି ବ୍ୟବସ୍ଥା ପ୍ରଚଳନ କରାଯାଇଥିଲେ କିଛି ସଂଖ୍ୟକ ମେଧାବୀ ଛାତ୍ରୀଛାତ୍ର ଘରୋଇ ଶିକ୍ଷାନୁଷ୍ଠାନ ପରିବର୍ତ୍ତେ ସରକାରୀ ଅନୁଷ୍ଠାନରେ ଅଧ୍ୟୟନ କରିଥାନ୍ତେ। ସଂରକ୍ଷଣ ବ୍ୟବସ୍ଥା ଖୁବ୍‌ଶୀଘ୍ର ଲାଗୁହେବା ଦ୍ୱାରା ସେମାନଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି ହୋଇଛି। ଜଣେ ୯୦% ମାର୍କ ରଖିଥିବା ପିଲା ସ୍ଥାନରେ ୬୦% ମାର୍କ ରଖିଥିବା ପିଲା ନାମ ଲେଖାଇବାକୁ ସକ୍ଷମ ହେବ। ଏହା ମେଧାବୀ ପିଲାଙ୍କ ପ୍ରତି କେବଳ ଅବିଚାର ନୁହେଁ; ବରଂ ମୂଲ୍ୟଯୁକ୍ତ ସେବା ଉପଲବ୍ଧିରେ ସନ୍ଦେହ ସୃଷ୍ଟି କରିବ। ତେଣୁ ସଂରକ୍ଷଣକୁ କିଛିଦିନ ବିଳମ୍ବିତ କରିବା ନ୍ୟାୟତଃ ଠିକ୍ ହେବ।

ସ୍ୱାଧୀନୋତ୍ତର ଭାରତରେ ଇତିମଧ୍ୟରେ କେତେ ପଞ୍ଚବାର୍ଷିକ ଯୋଜନା, କେତେ ଅର୍ଥ କମିଶନ ବସି ସାରିବା ପରେ ମଧ୍ୟ ଅନୁସୂଚିତ ବର୍ଗଙ୍କର ଆର୍ଥିକ ବିକାଶ ଆଶାନୁରୂପ ହୋଇ ପାରିନାହିଁ। ଏତେ ଦୀର୍ଘକାଳ ଧରି ସଂରକ୍ଷଣ ବ୍ୟବସ୍ଥା ପ୍ରଚଳିତ ଥିଲେ ମଧ୍ୟ ଉକ୍ତ ବର୍ଗର ପ୍ରାୟ ୮୦% ଏଥିରୁ ବଞ୍ଚିତ। ଏହା ମୂଳରେ ସରକାରୀ ଉଦାସୀନତା ଓ ଦୁର୍ନୀତିକୁ ଦାୟୀ କରାଯାଇପାରେ। ବିଚାରପତି ଜେ.ବି. ପାର୍ଡ଼ିୱାଲା ମଧ୍ୟ ସଂରକ୍ଷଣ ବ୍ୟତୀତ ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଦୁର୍ନୀତି ଏକ ମହାଦ୍ରୁମରେ ପରିଣତ ହୋଇ ସାରିଲାଣି। ଏହାର ଉତ୍ପାଟନ ଆଉ ସହଜ ମନେ ହେଉନାହିଁ। ଗୋଟିଏ ଅମୃତଭାଣ୍ଡରେ ଟୋପାଏ ବିଷ ମିଶିଲେ ଯେପରି ଭାଣ୍ଡଟି ବିଷମୟ ହୋଇଯାଏ, ଠିକ୍ ସେହିପରି ସରକାରଙ୍କ ସମସ୍ତ ଯୋଜନାକୁ ଦୁର୍ନୀତି ହିଁ ପଣ୍ଡ କରିଦେଉଛି। ଅନେକ ଦୁର୍ନୀତିଗ୍ରସ୍ତଙ୍କ ଉପରେ ସରକାର ଇତିମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛନ୍ତି। କାହାକୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ତ ପୁଣି କାହାର ପେନ୍‌ସନ୍ ବନ୍ଦ କରାଯାଇଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ପର୍ବତ ଉପରୁ କ୍ଷିପ୍ର ଗତିରେ ଆସୁଥିବା ଜଳଧାରାକୁ କିପରି ଅଟକାଇ ହେବ? ଯେତେ ପ୍ରତିକାର କଲେ ମଧ୍ୟ ସବୁ ବୃଥା। ଡାଳ କାଟିଲେ ବୃକ୍ଷ ମରେନାହିଁ। ସେଦିନ ସେ ଆଦିବାସୀ ବୃଦ୍ଧା ଜଣକ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଖୋଦ୍ ଜିଲାପାଳଙ୍କ ହାତକୁ ୧୫୦୦ ଟଙ୍କାର ନୋଟବିଡ଼ା ବଢ଼ାଇ ଦେଇ କହିଥିଲା, "ବାବୁ! ଏ ଟଙ୍କାତକ ନିଅ, ଆଉ ମୋ' କାମ କରାଇଦିଅ। ବହୁ ଜାଗାରୁ ନିରାଶ ହୋଇ ତୁମ ପାଖକୁ ଆସିଛି।" ବୃଦ୍ଧା ଜଣକ ନିଃସନ୍ତାନ। ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ପ୍ରଭାବଶାଳୀ ଉଚ୍ଚ ବର୍ଗର ବ୍ୟକ୍ତି ଚଞ୍ଚକତା କରି ତାଙ୍କର ୫ ଏକର ଜମି ହାତେଇ ନେଇଛି। ବିଚାରୀ ବୃଦ୍ଧା ଜଣକ ତହସିଲ ଅଫିସ୍‌ଠାରୁ ଜିଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ସବୁଠାରୁ ନିରାଶ ହେଲା ପରେ କେହି ଜଣେ ପରାମର୍ଶଦାତା କଥାରେ ଖୋଦ୍ ଜିଲାପାଳଙ୍କୁ ଲାଞ୍ଚ ଯାଚୁଛି। ପ୍ରାୟ ୩ ବର୍ଷତଳେ ଘଟିଥିବା ଏ ଘଟଣା ଆଜି ମଧ୍ୟ ଆମ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ। ଜିଲାପାଳ କ୍ରୋଧ ଓ ବିରକ୍ତିକୁ ଚାପିରଖି ସମ୍ପୃକ୍ତ ତହସିଲଦାରଙ୍କୁ ଏହାର ବିଚାର ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ। ବର୍ତ୍ତମାନ ଚିନ୍ତା କରିବା କଥା, ଏ ଜନଜାତି ଅଶିକ୍ଷିତା ବୃଦ୍ଧାଟି ସହଜରେ ବୁଝିପାରିଛି ଯେ ଏ ଦେଶରେ ଲାଞ୍ଚ ବିନା କୌଣସି କାର୍ଯ୍ୟ ହୁଏନା। ବୃଦ୍ଧା ଯେଉଁ ଯେଉଁ ସରକାରୀ ଅଧିକାରୀଙ୍କ ପାଖକୁ ଯାଇଛି, ସମସ୍ତେ ଜାଣନ୍ତି ସତ୍ୟ କ'ଣ। ଏକଥା ମଧ୍ୟ ସେମାନେ ଜାଣନ୍ତି ଯେ, ବୃଦ୍ଧା ଜଣକ ସଂରକ୍ଷିତ ବର୍ଗର ବ୍ୟକ୍ତି। ବର୍ତ୍ତମାନ ପ୍ରଶ୍ନଉଠେ, ଏ ସମସ୍ୟାର ସମାଧାନ ପାଇଁ ସଂରକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ଅଛି ନା ନାହିଁ? ତେବେ କ'ଣ ସଂରକ୍ଷଣ କେବଳ ଶିକ୍ଷା ଓ ଚାକିରି ପାଇଁ ଉଦ୍ଦିଷ୍ଟ? ସଂରକ୍ଷଣ ବ୍ୟବସ୍ଥାର ସାମାଜିକ ଦିଗ ଆଜି ସଂପୂର୍ଣ୍ଣ ଅନ୍ଧକାରମୟ।

ସଂରକ୍ଷଣ ବ୍ୟବସ୍ଥାକୁ ଯଦି ଆର୍ଥିକ, ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ସମାନ ଭାବରେ ଦୃଷ୍ଟି ଦିଆଯାଇଥାଆନ୍ତା, ତେବେ ବର୍ତ୍ତମାନ ଆଉ ସଂରକ୍ଷଣର ଆବଶ୍ୟକତା ପଡୁନଥାଆନ୍ତା। ଏବେ ସମୟ ଆସିଛି, ନିଷ୍ଠାର ସହ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ଲୋଡ଼ା ଓ ଲୋଡ଼ା ମଧ୍ୟ ସଭିଙ୍କର ଗଭୀର ଆନ୍ତରିକତା।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ– ୯୯୩୭୪୫୦୫୪୦

# ଆଜିର ବିଦ୍ୟାଳୟ ଶିକ୍ଷା



ଡ. ଅରୁନ୍ଧତୀ ଦେବୀ

ଭାରତରେ ଶିକ୍ଷା ବ୍ୟବସ୍ଥା ଅନ୍ୟାନ୍ୟ ସଭ୍ୟ ରାଷ୍ଟ୍ର ଅପେକ୍ଷା ବଡ଼ ବିଚିତ୍ର। ଏଥିରେ ଭାରତୀୟ ସମ୍ବିଧାନ ପରି ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାକୁ ମିଶେଇ ଶିକ୍ଷାନୀତି ତିଆରି ହୁଏ। ସ୍ୱାଧୀନତା ପରଠାରୁ ଏଯାଏ ଶିକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ କମିଶନ ଗଠନ କରାଯାଇଛି। କିନ୍ତୁ ସେହି କମିଶନରେ ଥିବା ସୁପାରିସକୁ ବିଭିନ୍ନ ସମୟରେ ସରକାର ଆଂଶିକ ଭାବେ ଗ୍ରହଣ କରିଛନ୍ତି ସିନା ପୂର୍ଣ୍ଣମାତ୍ରାରେ ଗ୍ରହଣ କରିନାହାନ୍ତି। ଆଗରୁ ଶିକ୍ଷା ବ୍ୟବସ୍ଥା ଓ ଏହାର ପାଠ୍ୟଖସଡ଼ା ରାଜ୍ୟ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣରେ ଥିଲା। ଅର୍ଥାତ୍ ସମ୍ବିଧାନ ସ୍ୱୀକୃତ ଯେଉଁ ତିନୋଟି ତାଲିକା ଯଥା କେନ୍ଦ୍ର ସରକାରଙ୍କ ତାଲିକା, ରାଜ୍ୟ ସରକାରଙ୍କ ତାଲିକା ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତାଲିକା (କନ୍‌କରେଣ୍ଟ ତାଲିକା) ରହିଛି, ଏବେ ଶିକ୍ଷା ବ୍ୟବସ୍ଥା କନ୍‌କରେଣ୍ଟ ତାଲିକାକୁ ଚାଲିଆସିଛି। ଏହା ସତ୍ତ୍ୱେ ବିଭିନ୍ନ ରାଜ୍ୟରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିବିଧତା ରହିଛି। ଏହା ଫଳରେ ଶିକ୍ଷା ବ୍ୟବସ୍ଥାରେ ସ୍ୱାଧୀନତା ସହିତ ସ୍ୱେଚ୍ଛାଚାରିତା ମଧ୍ୟ ବଢ଼ିଛି। କେତେବେଳେ କେନ୍ଦ୍ର ସରକାର ନିଜର ଚିନ୍ତାଧାରା ରାଜ୍ୟଗୁଡ଼ିକ ଉପରେ ଲଦି ଦେବାକୁ ଚାହୁଁଥିବା ବେଳେ ଅନ୍ୟ ସମୟରେ ରାଜ୍ୟଗୁଡ଼ିକ ତାହାକୁ ଗ୍ରହଣ କରୁନଥିବା ଉଦାହରଣ ଦେଖାଯାଇଛି। ଫଳରେ ସମଗ୍ର ଦେଶ ପାଇଁ ଏକ ନିର୍ଦ୍ଦିଷ୍ଟ ଶିକ୍ଷା ବ୍ୟବସ୍ଥା ଏଯାଏ ହୋଇପାରିଲା ନାହିଁ। ନ ହେବାଟା ବି ଏକ ପ୍ରକାର ଭଲ ବ୍ୟବସ୍ଥା। କାରଣ ଶିକ୍ଷା ବ୍ୟବସ୍ଥା କୌଣସି ଏକ ସାମରିକ ବ୍ୟବସ୍ଥା ନୁହେଁ ଯେ ଜଣକ ନିର୍ଦ୍ଦେଶକୁ ଶହ ଶହ ଲୋକ ବିନା ପ୍ରତିବାଦରେ ପାଳନ କରିବେ। ଏଠାରେ ଗୋଟିଏ ଛୋଟ ଉଦାହରଣ ଦେଲେ ଠିକ୍ ହେବ। ଦିନେ ବିଶିଷ୍ଟ ଇଂଲିଶ୍ ଲେଖକ ଥୋମାସ୍ ଏଡିସନ୍ ତାଙ୍କ ସାନ ପୁଅ ସହ ପ୍ରାତଃ ଭ୍ରମଣ କରୁଥିବା ବେଳେ ଡ୍ରିଲ୍ କରୁଥିବା ଏକ ମିଲିଟାରୀ କ୍ୟାଣ୍ଟନ୍‌ମେଣ୍ଟ ପାର୍ଶ୍ୱରେ ଯାଉଥିଲେ। ସେଠି ଗୋଟିଏ କମାଣ୍ଡରଙ୍କ ନିର୍ଦ୍ଦେଶରେ ଶହ ଶହ ସୈନିକ ପରିଚାଳିତ ହେଉଥିଲେ। ଏହା ଏଡିସନ୍‌ଙ୍କ ପୁତ୍ରକୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସୈନିକମାନଙ୍କୁ ଦେଖି ପୁଅ ବାପାଙ୍କୁ ପଚାରିଲା– ବାପା, ସେମାନେ ବୋଧେ ଦିନେ ମଣିଷ ଥିଲେ। ଏହା ହେଉଛି ବିକଶିତ ମଣିଷର ସ୍ୱାଧୀନତା।

ଯେଉଁ ଶିକ୍ଷା ବ୍ୟବସ୍ଥା ବ୍ୟକ୍ତି ସ୍ୱାଧୀନତା ଓ ଚିନ୍ତନର ସୁଯୋଗ ଦେଇଥାଏ, ତାହା ଭାରତରେ ଆଜି ଚରମ ବିଭ୍ରାନ୍ତିକର ଅବସ୍ଥା ଦେଇ ଗତିକରୁଛି। ଅଧିକାଂଶ ସ୍ଥାନରେ ମୁଖ୍ୟତଃ ପ୍ରାଥମିକ ସ୍ତରରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନର ମାନକ ପ୍ରତି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କର ଭରସା ରହୁନାହିଁ। ସେଥିପାଇଁ ବିଭିନ୍ନ ପ୍ରକାର ମାଧ୍ୟମର ସ୍କୁଲ ଓ କଲେଜ ଖୋଲା ଯାଉଛି। ତଥାପି ଏସବୁ ଉପରେ ଭରସି ପାରୁନାହାନ୍ତି ଅଭିଭାବକ ଓ ଛାତ୍ରମାନେ। ସରକାରୀ ବିଦ୍ୟାଳୟଗୁଡ଼ିକର ଅବସ୍ଥା ଯାହା, ସେଥିରେ ତ ମୋଟେ ଭରସି ହେବନାହିଁ। ଫଳରେ ମାତାପିତା ଓ ଅଭିଭାବକମାନେ ଘରୋଇ ଟ୍ୟୁଶନ୍ ଓ କୋଚିଂ ଉପରେ ନିର୍ଭର କରୁଛନ୍ତି। କୋଚିଂ ସେଣ୍ଟର ଓ ଟ୍ୟୁଶନ ମାଷ୍ଟରଙ୍କ ସଂଖ୍ୟା ପ୍ରତ୍ୟେକ ରାଜ୍ୟରେ ଏତେମାତ୍ରାରେ ବଢ଼ିଯାଇଛି ଯେ, ଏହା ଏକ ସମାନ୍ତରାଳ ଶିକ୍ଷା ବ୍ୟବସ୍ଥା ବା ଛାୟା ଶିକ୍ଷା ବ୍ୟବସ୍ଥାର ଭ୍ରମ ସୃଷ୍ଟି କରୁଛି। ଆଗରୁ ସହରଗୁଡ଼ିକରେ କାଁ ଭାଁ ଟ୍ୟୁଶନ୍ ଓ କୋଚିଂ ସେଣ୍ଟର ଥିଲା। ଏବେ ଏହା ବ୍ୟାପୀ ବ୍ଲକ ଏବଂ ପଞ୍ଚାୟତ ସ୍ତରକୁ ଗଲାଣି। କୋଚିଂ, ଟ୍ୟୁଶନଗୁଡ଼ିକର ପ୍ରଭାବ ଏତେମାତ୍ରାରେ ବଢ଼ିଯାଇଛି ଯେ ଗୋଟିଏ ମେଧାବୀ ଛାତ୍ର ମଧ୍ୟ ଟ୍ୟୁଶନ ନ ପଢ଼ିଲେ ଭଲ ମାର୍କ ରଖିପାରିବ ନାହିଁ ବୋଲି ସନ୍ଦେହ କରୁଛୁ। ତେଣୁ ମାତାପିତା ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏହା ଏକ ମାନିଆରେ ପରିଣତ ହୋଇଯାଇଛି। ଫଳରେ ମାତାପିତାମାନଙ୍କର ସନ୍ତାନମାନଙ୍କ ଶିକ୍ଷା ପାଇଁ ବ୍ୟୟବରାଦ ବହୁଳ ଭାବରେ ବୃଦ୍ଧି ପାଉଛି। ଏପଟେ ସ୍କୁଲ ଓ କଲେଜରେ ପଢ଼ିବା ପାଇଁ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅନ୍ୟପକ୍ଷରେ କୋଚିଂ ଓ ଟ୍ୟୁଶନ ପାଇଁ ମଧ୍ୟ ଚଢ଼ା ଦରରେ ଟଙ୍କା ଖର୍ଚ୍ଚ ହେଉଛି। ଏହା ପାରିବାରିକ ଖର୍ଚ୍ଚକୁ ବଢ଼ାଉଛି। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁସାରେ ଏବେ ଦେଶର ୭.୧ କୋଟି ଛାତ୍ରୀଛାତ୍ର ଘରୋଇ ଟ୍ୟୁଶନ ଓ କୋଚିଂ ଉପରେ ନିର୍ଭର କରୁଛନ୍ତି। ସେଥିରୁ ଛାତ୍ରସଂଖ୍ୟା ହେଲେ ୪.୧ କୋଟି ଏବଂ ଛାତ୍ରୀସଂଖ୍ୟା ୩ କୋଟି। ଏହା ହେଉଛି ଦେଶର ସମୁଦାୟ ଛାତ୍ରୀଛାତ୍ର ସଂଖ୍ୟାର ଶତକଡ଼ା ୨୬ ପ୍ରତିଶତ। ଏଥିରେ ପରିବାର ଉପରେ ଆର୍ଥିକ ବୋଝ ୧୧%ରୁ ୧୨% ବଢ଼ିଛି। ଧନୀ ଘର ସିନା ଏହି ଆର୍ଥିକ ବୋଝକୁ ସମ୍ଭାଳି ପାରିବ, ଗରିବ ଲୋକଟିଏ ତାହା କରିପାରିବ କିପରି! ତଥାପି ଘରୋଇ ଟ୍ୟୁଶନ୍‌ର ମାନସିକ ରୋଗ ଏଭଳି ବ୍ୟାପିଛି ଯେ, ଗରିବ ପରିବାରଟି ମଧ୍ୟ ନିଜ ପିଲାର ଭବିଷ୍ୟତ ପାଇଁ ଏଥିରୁ ମୁକ୍ତ ହୋଇପାରୁନି। କାରଣ ଧନୀମାନଙ୍କ ପରି ତାହାର ବି ଗୋଟେ ସ୍ୱପ୍ନ ଅଛି ଭଲ ଶିକ୍ଷା ପାଇ ବଡ଼ ହେଲେ ତା'ର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଗ୍ରାମାଞ୍ଚଳ ଅତିଗରିବ ୨୦% ଲୋକମାନଙ୍କ ମଧ୍ୟରୁ ୧୭% ପିଲା କୋଚିଂ ନେଉଥିବାବେଳେ ଧନୀମାନଙ୍କ ମଧ୍ୟରୁ ୨୫% ପିଲା ଏଥିରେ ସାମିଲ ହେଉଛନ୍ତି। ଏକ ଆକଳନ ଅନୁଯାୟୀ, ତ୍ରିପୁରା ରାଜ୍ୟରେ ୮୧% ପିଲା କୋଚିଂ ନେଉଥିବା ବେଳେ ପଶ୍ଚିମବଙ୍ଗରେ ଏହା ୭୮% ରହିଛି। ସେଥିରୁ ଅଧିକାଂଶ ସ୍କୁଲ ସରକାରଙ୍କ ଦ୍ୱାରା ପରିଚାଳିତ। ଏବେ ଅବସ୍ଥା ଏପରି କାହିଁକି ହୋଇଛି ମୁଖ୍ୟତଃ ସରକାରୀ ବିଦ୍ୟାଳୟଗୁଡ଼ିକର। ଏହାର ମୁଖ୍ୟ କାରଣ ହେଲା, ଉକ୍ତ ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କୁହାଯାଉଛି। ଏଥିପାଇଁ ନିକଟ ଅତୀତରେ ଉତ୍ତର ପ୍ରଦେଶର ଏକ ବିଚାରାଳୟ ରାୟ ଦେଇଥିଲେ ଯେ, ସାଂସଦ ଓ ବିଧାୟକମାନଙ୍କଠାରୁ ଆରମ୍ଭ କରି ସବୁ ସରକାରୀ କର୍ମଚାରୀଙ୍କ ପିଲାମାନେ ସରକାରୀ ବିଦ୍ୟାଳୟରେ ପଢ଼ିବା ପାଇଁ ବାଧ୍ୟ। ଉଦ୍ଦେଶ୍ୟ ଥିଲା, ସେମାନେ ପଢ଼ିଲେ ଉକ୍ତ ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିବ। ଓଡ଼ିଶାରେ ତ ବର୍ଷରୁ ଦୁଇ ଶହ ଦିନ ଶିକ୍ଷକମାନେ ବିଭିନ୍ନ ଦାବିରେ ଧର୍ମଘଟରେ ସଂପୃକ୍ତ ହୋଇ ଲୋୟର ପିଏମ୍‌ଜି ଛକରେ ମେଳା ଜମାଉଛନ୍ତି। ରାଜରାସ୍ତାରେ ସେମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରୁଛନ୍ତି। କୋଉଠି ଗୁଣାତ୍ମକ ଶିକ୍ଷକ ନାହାନ୍ତି ତ କେଉଁଠି ଶିକ୍ଷକମାନେ ସ୍କୁଲକୁ ଆସୁନାହାନ୍ତି। ଶିକ୍ଷକମାନଙ୍କ ବଦଳି ଓ ଶିକ୍ଷାୟତନରେ ରାଜନୈତିକ ହସ୍ତକ୍ଷେପ ନେଇ ଅନେକ ସମୟରେ ଅଭିଯୋଗ ମଧ୍ୟ ହୁଏ। ଏପରି ସନ୍ଧିକ୍ଷଣ ସମୟରେ ଅନେକ ମାତାପିତା ବାଧ୍ୟ ହୋଇଥାଆନ୍ତି ନିଜ ପିଲାମାନଙ୍କର ଭବିଷ୍ୟତ ପାଇଁ ଘରୋଇ ଟ୍ୟୁଶନ ଓ କୋଚିଂ ସେଣ୍ଟର ଉପରେ ନିର୍ଭର କରିବାକୁ।

ମୋ: ୯୯୩୭୧୭୨୮୧୦

## ଏଇ ଭାରତରେ

ଜଙ୍ଗଲ ନିଆଁ ରୋକିବାରେ ଝାଡ଼ଖଣ୍ଡର ଭାରତୀୟ ବନ ସେବା (ଆଇଏଫ୍‌ଏସ୍)ଅଧିକାରୀ ବିକାଶ ଉଜ୍ଜ୍ୱଳଙ୍କ ଉପାୟ ଏବେ ସାରା ବିଶ୍ୱକୁ ଏକ ଶିକ୍ଷା ଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲୋହାରଡଗା ଜିଲାର ଡିଏଫ୍‌ଓ ବିକାଶ ବିଭିନ୍ନ ଗାଁର ୪୦୦ ଜଣଙ୍କୁ ଶୁଖିଲା ପତ୍ରରୁ ଆୟର ବାଟ ଦେଖାଇ ପାରିଛନ୍ତି। ନିଆଁର ଉତ୍ସ କୁହାଯାଉଥିବା ଶୁଖିଲା ପତ୍ରର ଉପଯୋଗ ହେବା ଦ୍ୱାରା ଜଙ୍ଗଲ ନିଆଁକୁ ୮୦% ରୋକାଯାଇ ପାରିଛି। ଶୁଖିଲା ପତ୍ର ସହ କୋଇଲାଗୁଣ୍ଡ ମିଶାଇ ଏକ ପ୍ରକାର ଜାଳେଣି ଇଟା (ବ୍ରିକ୍‌ଟ)ପ୍ରସ୍ତୁତ କରାଯାଇ ଏହାକୁ ସ୍ଥାନୀୟ ମାର୍କେଟରେ ବିକ୍ରି କରାଯାଉଛି। ବ୍ରିକ୍ୱିଟ୍ ପ୍ଲାଣ୍ଟକୁ ଜଏଣ୍ଟ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ କମିଟି ସଞ୍ଚାଳନ କରୁଛି ଓ ଏହି କମିଟିରେ ୧୫ଟି ଗାଁରୁ ସଦସ୍ୟ ରହିଛନ୍ତି। ପ୍ଲାଣ୍ଟରେ ଦିନକୁ ଏକ ଟନ୍ ପତ୍ର ଉପଯୋଗ ହେଉଛି। ଲୋକମାନେ ପତ୍ର ଗୋଟାଇ ଆଣି ନିର୍ଦ୍ଧାରିତ ମୂଲ୍ୟରେ ପ୍ଲାଣ୍ଟକୁ ବିକ୍ରି କରି ପ୍ରତ୍ୟେକ ଦିନକୁ ପାଖାପାଖି ୩୦୦ଟଙ୍କା ରୋଜଗାର କରିପାରୁଛନ୍ତି। ଏହି ଯୋଜନା ବିକାଶ ୨୦୧୯ରେ ଆରମ୍ଭ କରିବା ପରେ ଝାଡ଼ଖଣ୍ଡରେ ବଡ଼ ଧରଣର ଜଙ୍ଗଲ ନିଆଁ ଦେଖିବାକୁ ମିଳିନି। ଜଙ୍ଗଲ ନିଆଁ ହ୍ରାସ ପାଇବା ଯୋଗୁ ମଣିଷ ଓ ପଶୁ ମଧ୍ୟରେ ସଂଘର୍ଷ ମଧ୍ୟ ହ୍ରାସ ପାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୬

- ଶ୍ରୀଲଙ୍କା ସୈନ୍ୟ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୧୮ ଜଣ ନିରାପତ୍ତା କର୍ମୀଙ୍କ ସହ ୬୪ ଜଣଙ୍କ ମୃତ୍ୟୁ।
- ଚେଚେନ୍ୟାର ଗୋଇସ୍‌କୋଏ ଗ୍ରାମ ନିକଟରେ ବିଚ୍ଛିନ୍ନତାବାଦୀ ଚେଚେନୀୟଙ୍କ ସହ ସଂଘର୍ଷରେ ୩୦ ରୁଷ୍ ସୈନ୍ୟ ନିହତ।
- ହାଇଦ୍ରାବାଦସ୍ଥିତ ଥମାମ ଜିଲାର ମଇଲାରାମ ଗ୍ରାମ ନିକଟରେ ଚଳନ୍ତା ବସ୍‌ରେ ବିଦ୍ୟୁତ୍ ସଂଯୋଗ ଘଟି ୪ ମହିଳାଙ୍କ ସମେତ ୧୪ ଯାତ୍ରୀ ମୃତ।

## ସୁ–ଡୋ–କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 1 | 4 | 8 | | | | |
| | 5 | | | 3 | | | 7 | |
| | | | 1 | | | | | |
| | 4 | | 5 | | | | | |
| | | | | 7 | 4 | | | |
| 8 | | | | | | | | 1 |
| | 6 | | | 4 | | | 2 | |
| 2 | | | | | 5 | | | 3 |
| 3 | | | 8 | 2 | | 7 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 6 | 7 | 1 | 5 | 2 | 9 |
| 5 | 7 | 2 | 9 | 3 | 4 | 6 | 8 | 1 |
| 1 | 9 | 6 | 8 | 2 | 5 | 4 | 7 | 3 |
| 8 | 1 | 7 | 5 | 6 | 2 | 3 | 9 | 4 |
| 2 | 3 | 4 | 1 | 9 | 8 | 7 | 5 | 6 |
| 9 | 6 | 5 | 3 | 4 | 7 | 8 | 1 | 2 |
| 6 | 2 | 3 | 7 | 8 | 9 | 1 | 4 | 5 |
| 7 | 5 | 9 | 4 | 1 | 6 | 2 | 3 | 8 |
| 4 | 8 | 1 | 2 | 5 | 3 | 9 | 6 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦାଦାବଟି ଆଦାୟ ଏକ ସନ୍ତ୍ରାସବାଦ କାର୍ଯ୍ୟ

ମହାଶୟ,

ଦାଦାବଟି ଏକ ଭୟ ସଞ୍ଚାରପୂର୍ଣ୍ଣ ଶବ୍ଦ। ଏ ଶବ୍ଦଟି ଶୁଣିଲେ ଛାତି ଭିତର କଲିଜାଟା ଖସି ଗଲାପରି ଲାଗେ। ଜୋରଜବରଦସ୍ତ ନାଲି ଆଖି ଦେଖାଇ ଏବଂ ମାରଣାସ୍ତ୍ରରେ ଆକ୍ରମଣ କରି ଅନ୍ୟମାନଙ୍କଠାରୁ ଅର୍ଥ ଆଦାୟ କରି ମଉଜ କରିବା ଦାଦାବଟିର ହିଁ ମୁଖ୍ୟ ଉଦ୍ଦେଶ୍ୟ। ଦାଦାଗିରି ଦେଖାଇ ଦାଦାବଟି ଆଦାୟ କରିବା ନିଶ୍ଚିତ ଭାବରେ ଏକ ସନ୍ତ୍ରସବାଦ କାର୍ଯ୍ୟ। ଏହା ଆଇନ ବିରୋଧୀ କାର୍ଯ୍ୟ। ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ବୁଝିବା ଉଚିତ ଅନ୍ୟର ଉପଲବ୍ଧ ଧନକୁ ନାଲି ଆଖି ଦେଖାଇ ଆଦାୟ କରିବା ଇହକାଳ, ପରକାଳ ନିଶ୍ଚିତ ଭାବରେ ନର୍କପୂର୍ଣ୍ଣ। ଈଶ୍ୱର ଏମାନଙ୍କୁ କ୍ଷମା ଦେବେ ନାହିଁ। ଦାଦାବଟି ଆଦାୟ ବେଶି ସହରାଞ୍ଚଳରେ ଦେଖାଯାଏ, ଗ୍ରାମାଞ୍ଚଳରେ ନୁହେଁ। ପୁରୀ, ଭୁବନେଶ୍ୱର, କଟକରେ ଏହି କାର୍ଯ୍ୟ ଭୟଙ୍କର ଭାବରେ ହୋଇଥାଏ। ପୋଲିସ ପ୍ରଶାସନ ପଦକ୍ଷେପ ନେଉଥିଲେ ମଧ୍ୟ ଏହାର ସମ୍ପୂର୍ଣ୍ଣ ବିଲୋପ ହୋଇପାରୁନାହିଁ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଆପଦ–ସଙ୍କୁଳ କରି ଖୋଜିନେଉ
ଜୀବନର ପଥ
ଦିଅ ତବ ଆଶୀର୍ବାଦ, ହେଉ ଧନ୍ୟ
ହେଉ ସତ୍ୟବ୍ରତ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସିକ୍କିମ୍‌ରେ ଭୂକମ୍ପ

ନୂଆଦିଲ୍ଲୀ: ସିକ୍କିମ୍‌ରେ ସୋମବାର ରାତି ୮ଟା ୫୦ରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୫.୪। ଭୂକମ୍ପର କେନ୍ଦ୍ରସ୍ଥଳ ଗାଙ୍ଗଟକ୍‌ଠାରୁ ପୂର୍ବ-ଉତ୍ତରପୂର୍ବରେ ୨୫ କିଲୋମିଟର ଦୂରରେ ବୋଲି କୁହାଯାଇଛି। ଭୟରେ ଲୋକେ ଘରୁ ବାହାରି ଆସିଥିଲେ। ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ଏହାର ପ୍ରଭାବରେ ଆସାମ, ଉତ୍ତର ପଶ୍ଚିମବଙ୍ଗ ଏବଂ ବିହାରରେ ଝଟ୍‌କା ଅନୁଭୂତ ହୋଇଥିଲା। ନେପାଳ ଏବଂ ଭୁଟାନରେ ମଧ୍ୟ ଭୂକମ୍ପ ପ୍ରଭାବ ଅନୁଭୂତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବଦଳିଲା ଟିକାକରଣ ସମୟ

ଭୁବନେଶ୍ୱର, ୫।୪(ବ୍ୟୁରୋ): ରାଜ୍ୟରେ ଏବେ ଟିକାକରଣ ଜାରି ରହିଛି। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟିକାକରଣ ସମୟ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ସମସ୍ତ ଟିକାକରଣ କେନ୍ଦ୍ରରେ ସକାଳ ୮ଟାରୁ ଅପରାହ୍ନ ୧୨ ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାଦାନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଟିକାଦାନ କେନ୍ଦ୍ରରେ ପାଣିଠାରୁ ଆରମ୍ଭ କରି ସବୁ ପ୍ରକାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ତେବେ ପ୍ରତିଦିନ ଟିକାକରଣ ଶେଷ ହେବା ପରେ ସନ୍ଧ୍ୟା ସାଢ଼େ ୬ଟା ଭିତରେ ରାଜ୍ୟକୁ ରିପୋର୍ଟ ଦେବାପାଇଁ ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାଗୁଡ଼ିକ ଦୈନିକ ଟିକାକରଣ ଲକ୍ଷ୍ୟ ପୂରଣ କରିବା ପାଇଁ ଗୋଷ୍ଠୀ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରିପାରିବାକୁ ମଧ୍ୟ କୁହାଯାଇଛି।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାମରେ ନକଲି ନୋଟିସ

କୋରାପୁଟ,୫।୪,(ସ୍ୱ.ପ୍ର.): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତକୁ ନକଲକରି କେତେଜଣ ଦୁର୍ବୃତ୍ତ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରୁଥିବା ସୋମବାର ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ସେମାନେ ଏକ ନକଲି ନୋଟିସ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ତେବେ ଏହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ମତ ରଖିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏପରି କୌଣସି ନୋଟିସ ଜାରି କରାଯାଇ ନ ଥିବା ସ୍ପଷ୍ଟକରି ଏଭଳି ନୋଟିସକୁ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ନ ଦେବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍ ଖୋଲିବା ନେଇ ନିଷ୍ପତ୍ତି ହେଲେ ତାହା ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବ୍‌ସାଇଟ ଏବଂ ଗଣମାଧ୍ୟମ ଦ୍ୱାରା ସମସ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଯିବ। ସେପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ କ୍ଲାସ୍ ଜାରି ରହିବ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଜେଲ ଗଲେ ଟ୍ୟୁଶନ ସାର୍

କୋରେଇ,୫।୪(ଡି.ଏନ.ଏ.): ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଟ୍ୟୁଶନ ସାର ଜେଲ ଯାଇଛନ୍ତି। ସେ ହେଲେ ତୁଳସୀପୁର ଗ୍ରାମର ବିଶ୍ୱନାଥ ବାରିକ। ଏନେଇ କୋରେଇ ଥାନାରେ ଆଇପିସି ଦଫା ୩୭୬ ଏବି, ପୋକ୍‌ସୋ ଆଇନ ଦଫା ୬ରେ ଏକ ମାମଲା (ନଂ.୮୪/୨୧) ରୁଜୁ କରାଯାଇଛି। ଗତ ମାର୍ଚ୍ଚ ୧୬ରେ ଟ୍ୟୁଶନ ସାର୍ ପାଠ ପଢ଼ାଇବା ବାହାନାରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ପୀଡ଼ିତାଙ୍କ ମା' ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ପୈତୃକ ସମ୍ପତ୍ତିକୁ ନେଇ ହଣାକଟା

**ଜ୍ୱାଇଁଙ୍କ ସହ ୨ ଭଉଣୀ ଗୁରୁତର**
**ରକ୍ତରଞ୍ଜିତ ହେଲା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ**

ଦିଗପହଣ୍ଡି,୫।୪(ଡି.ଏନ.ଏ.)


ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ରେଜିଷ୍ଟ୍ରେଶନ ଆଜି ବନ୍ଦ ରହିବାରୁ କ୍ରେତା-ବିକ୍ରେତା ମାନେ ଫେରି ଯାଉଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପୈତୃକ ସମ୍ପତ୍ତି କ୍ରୟ ବିକ୍ରୟକୁ ନେଇ ଆକ୍ରମଣରେ ୨ ମହିଳାଙ୍କ ସହ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାଟପୁର ଥାନା ପୋଡାମାରୀ ବଜାର ସାହିର ବି . ନାରାୟଣ ରାଓ (୬୪), ସାନଖେମୁଣ୍ଡି ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ବି . ଜ୍ୟୋତି (୫୮) ଏବଂ ତାଙ୍କ ଭଉଣୀ ଏମ୍ . ସାରଦା (୬୫)।

ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନାନୁସାରେ, ପୋଡାମାରୀ ଗାଁର ସ୍ୱର୍ଗୀୟ ଜି . ମାର୍କଣ୍ଡଙ୍କ ୨ ଝିଅ ସାରଦା ଓ ଜ୍ୟୋତି ଥିବା ବେଳେ ନାରାୟଣ ହେଉଛନ୍ତି ଜ୍ୟୋତିଙ୍କ ସ୍ୱାମୀ। ମାର୍କଣ୍ଡଙ୍କ ପିତାଙ୍କ ନାମରେ ୭ ଭରଣ ଜମି ଥିବା ବେଳେ ମାର୍କଣ୍ଡଙ୍କ ସାନଭାଇ ଜି . ଲଚ୍ଛମନ ରାଓଙ୍କ ୨ ପୁଅ ଜି . ଶଙ୍କର ଓ ଜି . ମୋହନ ଉକ୍ତ ସମ୍ପତ୍ତିରୁ ଭାଗ ପାଇବା ପାଇଁ ପୂର୍ବରୁ ୨ ଭଉଣୀ ସହ ପାଟିତୁଣ୍ଡ କରିଥିଲେ। ଫଳରେ ଜମି ରେଜିଷ୍ଟ୍ରେଶନ ପରେ ହିଁ କଥା ହେବା ପାଇଁ ସାରଦା ସେମାନଙ୍କୁ କହିଥିଲେ। ଏ ନେଇ ସୋମବାର ମାର୍କଣ୍ଡଙ୍କ ୨ ଝିଅ ଏବଂ ଜ୍ୱାଇଁ ଜମି ବିକ୍ରୟ ପାଇଁ ଦିଗପହଣ୍ଡି ସବ୍ ରେଜିଷ୍ଟ୍ରାର ଅଫିସକୁ ଆସିଥିଲେ। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜମି ରେଜିଷ୍ଟ୍ରେଶନ ଚାଲିଥିବା ବେଳେ ହଠାତ ମଧ୍ୟାହ୍ନ ୧୨ ଟାରେ ୨ ଜଣ ଦୁର୍ବୃତ୍ତ ଅଫିସ ଭିତରେ ପଶି ଏକ ଖଣ୍ଡାରେ ନାରାୟଣଙ୍କ ସହ ସ୍ତ୍ରୀ ଜ୍ୟୋତି ଏବଂ ଦେଢଶାଶୁ ସାରଦାଙ୍କୁ ମରଣାନ୍ତକ ଆକ୍ରମଣ କରି ବାଇକ୍ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେଠାରୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟିମ୍ ସବ୍ ରେଜିଷ୍ଟ୍ରାର ଅଫିସରେ ପହଞ୍ଚି ତଦନ୍ତ କରି ଫେରିଛି। ଏ ନେଇ ଚିକିଟି ଏସ୍‌ଡିପି ଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କୁ ପଚାରିବାରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି, ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ଆହତମାନଙ୍କ ସମ୍ପର୍କୀୟମାନେ ହିଁ ପୈତୃକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଏଭଳି ଘଟଣା ଘଟାଇଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି । କିନ୍ତୁ ଅଭିଯୁକ୍ତମାନେ ଧରାପଡ଼ିଲେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ((ଫଟୋ-ବିଏମ-୫-୧୨-ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ରେଜିଷ୍ଟ୍ରେଶନ ଆଜି ବନ୍ଦ ରହିବାରୁ କ୍ରେତା-ବିକ୍ରେତା ମାନେ ଫେରି ଯାଉଛନ୍ତି।

# ଆଇସିଡିଏସ୍ ପାଇଁ ୨୫୪୮.୩୭ କୋଟି ଅନୁମୋଦନ

ଭୁବନେଶ୍ୱର,୫।୪(ବ୍ୟୁରୋ)

ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସକାଶେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୨୫୪୮.୩୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଏହାକୁ ଅନୁମୋଦନ କରିଛି। ଜିଲାସ୍ତରରେ ଯୋଜନା କରି ଅଙ୍ଗନୱାଡି କେନ୍ଦ୍ରଗୁଡିକର ବିକାଶ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିରାପଦ ପାନୀୟ ଜଳ, ବିଦ୍ୟୁତ୍, ପାଇଖାନା ଏବଂ ପିଲାମାନଙ୍କ ଖେଳିବା ଲାଗି ସୁବିଧା କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ୧୧ରୁ ୧୪ ବର୍ଷର ବାଳିକାମାନଙ୍କର ଯତ୍ନ ନେବା ସହ ବାଳିକା ସମୃଦ୍ଧି ଯୋଜନାରେ ସମସ୍ତଙ୍କର ଆଧାର ଲିଙ୍କ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ କହିଛନ୍ତି, ବର୍ତ୍ତମାନ ବାଳିକାମାନଙ୍କ ପାଇଁ ୪ଟି ସ୍କିମ୍ କାର୍ଯ୍ୟକାରୀ କରାଯାଉଛି । ସେଗୁଡିକ ହେଲା ସକ୍ଷମ ଅଙ୍ଗନୱାଡି ସେବା, ସପ୍ଲିମେଣ୍ଟାରୀ ନ୍ୟୁଟ୍ରିଶନ, କିଶୋରୀ ଯୋଜନା ଏବଂ ପୋଷଣ। ଏହିସବୁ ସ୍କିମ ୩୩୮ ଆଇସିଡିଏସ୍ ପ୍ରକଳ୍ପରେ କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନୱାଡି କେନ୍ଦ୍ରରେ ୩.୦୮ ଲକ୍ଷ ପିଲା ଅଛନ୍ତି। ଏଥିସହିତ ୭.୩୨ ଲକ୍ଷ ଗର୍ଭବତୀ ଓ ପ୍ରସବ କରିଥିବା ମହିଳା ଏବଂ ୧୩,୦୮୨ କିଶୋରୀଙ୍କୁ ଅଙ୍ଗନୱାଡି ଜରିଆରେ ସେବା ପ୍ରଦାନ କରାଯାଉଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ୨୦୨୧-୨୨ ଆର୍ଥିକବର୍ଷରେ ୨୩୪୧.୪୩କୋଟିବ୍ୟୟ ବରାଦ କରାଯାଇଥିବା ବେଳେ କିଶୋରୀ ଯୋଜନା ପାଇଁ ୭.୪୨ କୋଟି ଏବଂ ୧୯୯.୫୨ କୋଟି ପୋଷଣ କାର୍ଯ୍ୟକ୍ରମ ଲାଗି ବ୍ୟୟ ବରାଦ କରାଯାଇଛି।

# ୪ ଜିଲା ପାଇଁ ୩୬ ପିଜି ଡାକ୍ତରଙ୍କୁ ନିଯୁକ୍ତି

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ପୁଣି ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପିଜି ଡାକ୍ତରମାନଙ୍କୁ କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଏବଂ ନୂଆପଡ଼ା ଜିଲାଗୁଡ଼ିକରେ କୋଭିଡ୍ ସମ୍ପର୍କିତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ଅନୁଯାୟୀ ଏସ୍‌ସିବି ମେଡିକାଲ କଲେଜର ୨ଜଣ ଆନାସ୍ଥେସିଓଲୋଜି, ୫ଜଣ ଜେନେରାଲ ମେଡିସିନ, ଜଣେ ପଲ୍‌ମୋନାରି ମେଡିସିନ ଓ ଜଣେ ରେଡିଓଲୋଜିଙ୍କୁ ମିଶାଇ ମୋଟ ୧୦ ଜଣ ପିଜି ଡାକ୍ତରଙ୍କୁ କଳାହାଣ୍ଡି ଜିଲାପାଇଁ ନିଯୁକ୍ତି ଦିଆଯାଇଥିବା ବେଳେ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ୨ଜଣ ଆନାସ୍ଥେସିଓଲୋଜି, ୪ ଜଣ ଜେନେରାଲ ମେଡିସିନ, ଜଣେ ଅର୍ଥୋପେଡିକ ଓ ଏସ୍‌ସିବି ମେଡିକାଲ କଜେଲରୁ ଜଣେ ରେଡିଓଲୋଜିଷ୍ଟଙ୍କୁ ମିଶାଇ ମୋଟ ୮ ଜଣ ପିଜି ଡାକ୍ତରଙ୍କୁ ମାଲକାନଗିରି ଜିଲା ପାଇଁ ନିଯୁକ୍ତି ଦିଆଯାଇଛି। ସେହିପରି ଏମ୍‌କେସିଜି ମେଡିକାଲ କଲେଜରୁ ଜଣେ ଓ ଏସ୍‌ସିବି ମେଡିକାଲ କଲେଜରୁ ଜଣେ ଆନାସ୍ଥେସିଓଲୋଜି, ଏମ୍‌କେସିଜିରୁ ୪ ଜଣ ଜେନେରାଲ ମେଡିସିନ ଓ ଜଣେ ଅର୍ଥୋପେଡିକ୍ସ ଏବଂ ଏସ୍‌ସିବିରୁ ଜଣେ ରେଡିଓଲୋଜିଷ୍ଟଙ୍କୁ ମିଶାଇ ମୋଟ ୮ ଜଣ ପିଜି ଡାକ୍ତରଙ୍କୁ ନବରଙ୍ଗପୁର ଜିଲା ପାଇଁ ନିଯୁକ୍ତି ଦିଆଯାଇଥିବା ବେଳେ ଏସ୍‌ସିବିରୁ ୨ ଜଣ ଆନାସ୍ଥେସିଓଲୋଜି, ୫ ଜଣ ଜେନେରାଲ ମେଡିସିନ, ଜଣେ ପଲ୍‌ମୋନାରି ମେଡିସିନ ଓ ଜଣେ ରେଡିଓଲୋଜିଷ୍ଟଙ୍କୁ ମିଶାଇ ମୋଟ ୧୦ ଜଣ ପିଜି ଡାକ୍ତରଙ୍କୁ ନୂଆପଡା ଜିଲା ପାଇଁ ନିଯୁକ୍ତି ଦିଆଯାଇଛି। ଏ ସମସ୍ତ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହି କାର୍ଯ୍ୟ କରିବେ।

# ଭିଡିଓ ଟେପ୍ ଜାରି କଲେ ଭରତ ଭୂଷଣ

**ମାଓବାଦୀଙ୍କ କାର୍ଯ୍ୟକୁ ଜାତୀୟ ମାଓବାଦୀ ବିରୋଧୀ ଶାନ୍ତି ଦଳର ନାପସନ୍ଦ**

ମାଲକାନଗିରି,୫।୪(ଡି.ଏନ୍.ଏ.)

ମାଲକାନଗିରିଜିଲା ସୀମାନ୍ତ ଛତିଶଗଡ଼ରେ ଶନିବାର ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟରେ ୨୨ ଯବାନ ଶହୀଦ ହୋଇଥିଲେ। ୩୦ ଜଣ ଆହତ ହୋଇଥିଲେ। ଏହି ଖବର ପ୍ରକାଶ ପରେ ସୋମବାର ଜାତୀୟ ମାଓବାଦୀ ବିରୋଧୀ ଶାନ୍ତି ଦଳର ଭରତ ଭୂଷଣ ପ୍ରତିକ୍ରିୟା ରଖିଛନ୍ତି। ଏକ ଭିଡିଓ ଟେପ୍ ଜାରି କରି ସେ କହିଛନ୍ତି, ମାଓବାଦୀମାନେ ଯେପରି ଆମ ଯବାନଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ଆମେ ଏହାର ଉଚିତ ଜବାବ ଦେବୁ। ଏପରି କାର୍ଯ୍ୟ କରି ମାଓବାଦୀମାନେ ଯେଉଁ ପରିବାର ଲୋକଙ୍କ ଆଖିରେ ଲୁହ ଦେଇଛନ୍ତି ତାହାର ମୂଲ୍ୟ ସେମାନଙ୍କୁ ହିଁ ଦେବାକୁ ପଡିବ । ଆମେ ମାଓବାଦୀଙ୍କ ଘରେ ପହଞ୍ଚି ଏହାର ଜବାବ ଦେବୁ। ସେତେବେଳେ ମାଓବାଦୀଙ୍କ ଆଖିରୁ ସେମାନଙ୍କ ପରିବାର ପାଇଁ ଯେଉଁ ଲୁହ ଗଡିବ ତାହାକୁ ସେମାନଙ୍କ ସଙ୍ଗଠନ ରୋକିପାରିବ ନାହିଁ ବୋଲି ଭରତ ଭୂଷଣ ଜାରି ଟେପ୍‌ରେ କହିଛନ୍ତି। ଯଦି ମାଓବାଦୀ ଭାରତର ସମ୍ବିଧାନ, ଗଣତନ୍ତ୍ର ଏବଂ ଶାନ୍ତିପ୍ରିୟତାକୁ ବିଶ୍ୱାସ କରନ୍ତି ନାହିଁ ତେବେ ସେମାନେ ଦେଶ ଛାଡି ଚାଲି ଯାଆନ୍ତୁ ବୋଲି ଭରତ କହିଛନ୍ତି।

# ରାଫାଲର ଇତିବୃତ୍ତ

ନୂଆଦିଲ୍ଲୀ,୫।୪-ରାଫାଲ ଯୁଦ୍ଧବିମାନ କିଣା ନେଇ ପ୍ରାରମ୍ଭିକ ଅବସ୍ଥାରେ ୨୦୦୨ ଡିସେମ୍ବର ୩୦ରେ ପ୍ରତିରକ୍ଷା କ୍ରୟ ପ୍ରକ୍ରିୟା(ଡିପିପି) ଆରମ୍ଭ ହୋଇଥିଲା। ସେତେବେଳେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏଥିପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ନେତୃତ୍ୱାଧୀନ ଉପା-୧ ଓ ୨ ସରକାରରେ ଯୁଦ୍ଧବିମାନ କିଣା ନେଇ ପଦକ୍ଷେପ ନିଆଯାଇଥିଲେ ହେଁ ୨୦୧୬ରେ ଫ୍ରାନ୍ସ ସହ ଭାରତର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ସେବେଠାରୁ ରାଫାଲ ଯୁଦ୍ଧବିମାନର କ୍ରୟମୂଲ୍ୟ ଓ ଏଥିରେ ଆର୍ଥିକ ହେରଫେର ହୋଇଥିବା ନେଇ ଅନେକ ଅଭିଯୋଗ ହୋଇଆସୁଛି। ୫ ଏପ୍ରିଲ ୨୦୨୧ରେ ଫ୍ରାନ୍ସ ଗଣମାଧ୍ୟମରେ ଚୁକ୍ତିରେ ହୋଇଥିବା ଦୁର୍ନୀତି ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଏବେ ଭାରତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସହ କଂଗ୍ରେସ ଓ ଭାଜପା ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ଆରମ୍ଭ ହୋଇଯାଇଛି।

- ୨୬ ଜାନୁୟାରୀ ୨୦୧୬: ଭାରତ ଓ ଫ୍ରାନ୍ସ ମଧ୍ୟରେ ୩୬ଟି ରାଫାଲ ଯୁଦ୍ଧବିମାନ କିଣାଯିବା ଲାଗି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ।
- ୨୩ ସେପ୍ଟେମ୍ବର: ଆନ୍ତଃ ସରକାରୀ ରାଜିନାମା ସ୍ୱାକ୍ଷରିତ।
- ୨୮ ନଭେମ୍ବର: ପ୍ରତି ରାଫାଲର ମୂଲ୍ୟ ପ୍ରାୟ ୬୭୦ କୋଟି ଟଙ୍କା ରଖାଯାଇଥିବାବେଳେ ୨୦୨୨ ଏପ୍ରିଲ ସୁଦ୍ଧା ଭାରତକୁ ଏସବୁ ହସ୍ତାନ୍ତର କରାଯିବ ବୋଲି ସରକାର ପାର୍ଲାମେଣ୍ଟରେ କହିଥିଲେ।
- ୩୧ ଡିସେମ୍ବର: ୩୬ଟି ରାଫାଲ ଯୁଦ୍ଧବିମାନ ପାଇଁ ୬୦ ହଜାର କୋଟି ଟଙ୍କା ଦିଆଯାଇଥିଲା ଯାହା କି, ପାର୍ଲାମେଣ୍ଟରେ ସରକାର ଦର୍ଶାଇଥିବା ମୂଲ୍ୟର ଦୁଇ ଗୁଣରୁ ଅଧିକ ବୋଲି ଡାସଲ୍ଟ ଆଭିଏଶନ୍ ବାର୍ଷିକ ରିପୋର୍ଟରୁ ଜଣାପଡିଥିଲା।
- ୧୩ ମାର୍ଚ୍ଚ ୨୦୧୮: ୩୬ ରାଫାଲ ମୂଲ୍ୟର ପାର୍ଥକ୍ୟକୁ ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ସହ ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା।
- ୧୦ ଅକ୍ଟୋବର : ରାଫାଲ ଡିଲ୍ କେଉଁଭଳି ପ୍ରକ୍ରିୟା ଦେଇ ଗତି କରିଛି ତା'ର ସବିଶେଷ ରିପୋର୍ଟ ଜଉମୁଦ ଲଫାପାରେ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।
- ୨୪ ଅକ୍ଟୋବର: ରାଫାଲ ଚୁକ୍ତିକୁ ନେଇ ଏତଲା ଦାଏର କରିବା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୋବନ୍ତ ସିହ୍ନା, ଅରୁଣ ସୌରୀ, ସାମାଜିକକର୍ମୀ ତଥା ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ।
- ୩୧ ଅକ୍ଟୋବର: ୩୬ ରାଫାଲର ମୂଲ୍ୟ ସଂକ୍ରାନ୍ତ ସବିଶେଷ ତଥ୍ୟ ଦେବାପାଇଁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ।


୨୦୧୬ରେ ରାଫାଲ ଚୁକ୍ତି ସ୍ୱାକ୍ଷର ଅବସରରେ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ଜିନ୍ ୟେଭେସ୍ ଲି ଡ୍ରିଆନ(ବାମ) ଏବଂ ଭାରତର ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର।

- ୧୨ ନଭେମ୍ବର: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୩୬ଟି ରାଫାଲର ମୂଲ୍ୟ ଉଲ୍ଲେଖ ଥିବା ଦଲିଲ ଉପସ୍ଥାପନ କରିଥିଲେ କେନ୍ଦ୍ର ସରକାର।
- ୧୪ ଡିସେମ୍ବର: ଏହି ଯୁଦ୍ଧବିମାନର ମୂଲ୍ୟ ନିର୍ଦ୍ଧାରଣ ନେଇ ନରେନ୍ଦ୍ର ମୋଦି ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି ସନ୍ଦେହ ନାହିଁ ବୋଲି କହି ପିଟିଶନକୁ ଖାରଜ କଲେ ସୁପ୍ରିମକୋର୍ଟ।
- ୨ ଜାନୁୟାରୀ ୨୦୧୯: ୧୪ ଡିସେମ୍ବର ରାୟର ସମୀକ୍ଷା ଲାଗି ସିହ୍ନା, ସୌରୀ ଓ ଭୂଷଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ।
- ୧୩ ମାର୍ଚ୍ଚ: ସମୀକ୍ଷା ଲାଗି ଆବେଦନକାରୀ ଦାଖଲ କରିଥିବା ଦଲିଲ ଜାତୀୟ ନିରାପତ୍ତା ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି କେନ୍ଦ୍ର ସରକାର କହିଥିଲେ।
- ୧୨ ଏପ୍ରିଲ: ରାଫାଲ ଚୁକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଚୌକିଦାର ଚୋର୍ ହୈ' ମନ୍ତବ୍ୟ ଦେବା ପରେ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।
- ୨୩ ଏପ୍ରିଲ: ରାଫାଲ ଚୁକ୍ତି ସଂକ୍ରାନ୍ତ ମନ୍ତବ୍ୟ ଉପରେ ରାହୁଲ ଗାନ୍ଧୀଙ୍କୁ ଅବମାନନା ନୋଟିସ୍ ଦେଲେ ସୁପ୍ରିମକୋର୍ଟ।
- ୮ ମେ: ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲେ।
- ୧୪ ନଭେମ୍ବର ୨୦୧୯: ରାଫାଲ ଚୁକ୍ତିକୁ ନେଇ ଦାଖଲ ପୁନଃସମୀକ୍ଷା ପିଟିଶନ ଖାରଜ କଲେ ସୁପ୍ରିମକୋର୍ଟ।
- ୫ ଏପ୍ରିଲ ୨୦୨୧: ଯୁଦ୍ଧବିମାନ ନିର୍ମାତା ଫ୍ରାନ୍ସର ଡାସଲ୍ଟ ଆଭିଏଶନ ଭାରତୀୟ ମଧ୍ୟସ୍ଥଙ୍କୁ ୧୧ ଲକ୍ଷ ୟୁରୋ ଦେଇଥିବା ନେଇ ଫ୍ରାନ୍ସର ଦୁର୍ନୀତି ଜଗୁଆଳି ସଂସ୍ଥା ଏଏଫ୍‌ଏ ପକ୍ଷରୁ ତଥ୍ୟ ପ୍ରଘଟ।

# ଡିମିରିମୁଣ୍ଡା ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍


ବାଉଁଶ ପକାଇ ଡିମିରିମୁଣ୍ଡା ଗାଁ ପ୍ରବେଶପଥ ସିଲ୍ କରାଯାଇଛି।

**ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ସମ୍ବଲପୁର, ୫।୪ (ବ୍ୟୁରୋ)

ସମ୍ବଲପୁର ଜିଲାରେ ସୋମବାର ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଗତ ଏକ ସପ୍ତାହ ହେବ ନିୟମିତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ କରାଯାଉଛି। ଜମନକିରା ବ୍ଲକ ଡିମିରିମୁଣ୍ଡା ଗ୍ରାମରେ ୩ଦିନରେ ୧୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଡିମିରିମୁଣ୍ଡା ପଞ୍ଚାୟତରେ ୨୫ ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିହିତ ପଦକ୍ଷେପ ନେବାକୁ ସେ ଅତିରିକ୍ତ ଶାସନ ସଚିବ ଓ ଜିଲା ପ୍ରଶାସନ, ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଛନ୍ତି। ଆଗକୁ ଯେଭଳି ସଂକ୍ରମଣ ନ ବ୍ୟାପେ ସେ ନେଇ ପଦକ୍ଷେପ ନେବା ସହ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଶୁଭମ୍ ସକ୍‌ସେନା ଡିମିରିମୁଣ୍ଡା ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗ୍ରାମର ମୁଖ୍ୟ ରାସ୍ତାକୁ ସିଲ୍ କରି ଦିଆଯାଇଛି। ଜରୁରୀ ସେବା ବାଦ୍ ଦେଲେ ବାହାର ଲୋକଙ୍କ ଯିବାଆସିବା ଉପରେ ରୋକ୍ ଲଗାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ସର୍ଭେ ବ୍ୟବସ୍ଥା କରାଯାଉଛି। ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତି ଘରକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ରିପୋର୍ଟ ସଂଗ୍ରହ କରୁଛନ୍ତି। ଅନ୍ୟପଟେ ବୁର୍ଲା ଭିମ୍‌ସାର କୋଭିଡ୍ ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ଏଠାରେ ଆଇସିୟୁ ଓ ସାଧାରଣ ବେଡ୍ ମିଶି ୧୨୦ ରହିଛି। ବେଡ୍ ସଂଖ୍ୟାଠାରୁ ଅଧିକ ରୋଗୀ ଆସୁଥିବାରୁ ଚିକିତ୍ସାରେ ସମସ୍ୟା ଦେଖାଦେଇଛି।

# ଅପହରଣ ପରେ ହତ୍ୟା ଅଭିଯୋଗ

**ଭିନ୍ନମୋଡ଼ ନେଲା କଲେଜ ଛାତ୍ରୀଙ୍କ ମୃତ୍ୟୁ ମାମଲା**
**ଅଟକ ଅଭିଯୁକ୍ତଙ୍କୁ ହେପାଜତକୁ ନେଲା ଖଇରା ପୋଲିସ**
**ତଦନ୍ତରେ ପୋଲିସ ଅବହେଳାକୁ ନେଇ ଅସନ୍ତୋଷ**

ଢେଙ୍କାନାଳ ଅଫିସ, ୫।୪

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ୧୭ ବର୍ଷୀୟା କଲେଜ ଛାତ୍ରୀ (ଯୁକ୍ତ ୨ ଶେଷବର୍ଷ ବିଜ୍ଞାନ)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିବା ମାମଲା ଭିନ୍ନ ମୋଡ଼ ନେଇଛି। ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସୋମବାର ଖଇରା ଥାନାର ୪ ଜଣିଆ ପୋଲିସ ଟିମ୍ ଢେଙ୍କାନାଳ ଆସି ତଦନ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଟକ ଅଭିଯୁକ୍ତ ତଥା ସଦର ଥାନା ବନ୍ଧ ନୂଆଗାଁର ଯୁବକ ଜିତେନ୍ଦ୍ର ନାଏକ ଓରଫ୍ ଜିତୁଙ୍କୁ ଉକ୍ତ ପୋଲିସ ଟିମ୍ ନିଜ ହେପାଜତକୁ ନେଇଛି। ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ସଦର ତହସିଲଦାର ଅନୁପମା ମୁର୍ମୁ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଗଣମାଧ୍ୟମକୁ ସୂଚନା ଦେଇ ମୃତ ଛାତ୍ରୀଙ୍କ ବାପା କହିଛନ୍ତି, ମାର୍କୋଣା ଅଞ୍ଚଳର କେହିଜଣ ଝିଅଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ।


ଢେଙ୍କାନାଳ ଆସିଥିବା ଖଇରା ପୋଲିସ ଟିମ୍‌ର ତଦନ୍ତ।

ଏହାପରେ ରବିବାର ସନ୍ଧ୍ୟାରେ ସେ ଢେଙ୍କାନାଳ ଆସିଥିଲେ। ଗତ ୧ ତାରିଖରେ ଝିଅ ଖଇରା ଅଞ୍ଚଳରୁ ନିଖୋଜ ହେବାପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଖୋଳାତାଡ କରିଥିଲେ ହୁଏତ ଝିଅ ଜୀବିତ ଅବସ୍ଥାରେ ମିଳିପାରିଥାଆନ୍ତା ବୋଲି ସେ କ୍ଷୋଭର ସହ କହିଛନ୍ତି।

ଏ ସଂକ୍ରାନ୍ତରେ ଖଇରା ଥାନାରେ ନଂ. ୬୮/୨୧, ଦଫା ୩୬୩, ୩୬୬ ଓ ୩୦୨ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଘଟଣା ଆଧାରରେ ତଦନ୍ତ ଜାରି ଥିବା ଥାନାଧିକାରୀ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ଖଇରା ଥାନା ପୋଲିସର ଏକ ଟିମ୍ ତଦନ୍ତ ପାଇଁ ଢେଙ୍କାନାଳ ଆସିଥିଲେ। ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ସେମାନେ ତଦନ୍ତ ପାଇଁ ନେଇଯାଇଛନ୍ତି। ଏଥିପୂର୍ବରୁ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସଦର ଥାନାରେ ନଂ. ୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

### ଫେସ୍‌ବୁକ୍‌ରୁ ଜିତେନ୍ଦ୍ରଙ୍କ ସହ ସମ୍ପର୍କ

ମୃତ ଛାତ୍ରୀ ଏବଂ ଢେଙ୍କାନାଳ ସଦର ଥାନା ଅଞ୍ଚଳର ଅଭିଯୁକ୍ତ ଜିତେନ୍ଦ୍ର ନାଏକଙ୍କ ମଧ୍ୟରେ ଫେସ୍‌ବୁକ ମାଧ୍ୟମରେ ସମ୍ପର୍କ ଗଢ଼ିଉଠିଥିଲା। ଜିତେନ୍ଦ୍ର ଚେନ୍ନାଇରେ ରହି କାମ କରୁଥିବାବେଳେ ଗତ ଜାନୁୟାରୀରେ ସୋସିଆଲମିଡିଆ ମାଧ୍ୟମରେ ଦୁହେଁ ନିକଟତର ହୋଇଥିଲେ। ଗତ ୧ ତାରିଖରେ ଛାତ୍ରୀଜଣକ ଘର ଛାଡ଼ି ଜିତେନ୍ଦ୍ରଙ୍କ ସହ ପଳାଇ ଆସିଥିଲେ। ଉଭୟେ ଜିତେନ୍ଦ୍ରଙ୍କ ପୈତୃକ ଘର ବନ୍ଧନୂଆଗାଁରେ ଥିଲେ। ଶନିବାର ହଠାତ୍ ଛାତ୍ରୀଙ୍କ ଦେହ ଅସୁସ୍ଥ ହେବାରୁ ଜିତେନ୍ଦ୍ର ତାଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରି ଫେରାର ହୋଇଯାଇଥିଲେ। ହେଲେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତରୁ ମୃତ୍ୟୁ ରହସ୍ୟ ଖୋଲିବ ବୋଲି ପୋଲିସ କହିଛି।

### ପୂର୍ବରୁ ବ୍ଲାକ୍‌ମେଲିଂର ଶିକାର ହୋଇଥିଲେ

ବାଲେଶ୍ୱର ଜିଲା ଔପଦା ଥାନା ପଣ୍ଡୁଆ ଅଞ୍ଚଳର ସୁବାସ ଦାସଙ୍କ ଦ୍ୱାରା ସମ୍ପୃକ୍ତା ଛାତ୍ରୀ ପୂର୍ବରୁ ବ୍ଲାକମେଲିଂର ଶିକାର ହୋଇଥିଲେ। ଏକ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଅଭିଯୁକ୍ତ ଯୁବକ ଜଣକ ଛାତ୍ରୀଙ୍କଠାରୁ ୯୦ ହଜାର ଟଙ୍କା ନେଇଯାଇଥିଲେ। ପରିବାର ଲୋକ ଔପଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସୁବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ଏପ୍ରିଲ, ୨୦୨୧

**ଜଳକଷ୍ଟରୁ ଲୋକଙ୍କୁ ମୁକ୍ତି ଦେବାକୁ ଦାବି**

**କଟକ ଅଫିସ:** ଗ୍ରୀଷ୍ମପ୍ରବାହ ଯୋଗୁ ସହରରେ ଜଳସମସ୍ୟା ଦେଖାଦେଇଛି। ସହରବାସୀଙ୍କୁ ଜଳ କଷ୍ଟରୁ ମୁକ୍ତି ଦେବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷପ ନିଆଯାଉନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା କଟକ ନଗର ଶାଖା ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦ ସ୍ଥାନରେ ୧୦୦୦ ଲିଟର ବିଶିଷ୍ଟ ପାଣି ଟାଙ୍କି ବସାଯାଉ, ଅଚଳ ନଳକୂପଗୁଡିକ ମରାମତି କରାଯାଉ, ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯାଉ, ପୂଜାକମିଟି ସହଯୋଗରେ ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ ବ୍ୟବସ୍ଥା କରାଯାଉ ଓ ବେସରକାରୀ ସ୍ତରରେ ଏହି କାର୍ଯ୍ୟ କରାଯିବାକୁ ଆହ୍ୱାନ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ ଓ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଖାରବେଳ ନଗର, ଜିଲା ଟ୍ରେଜେରି ନିକଟ, ପୂର୍ବାହ୍ନ ୧୧ଟା।
- ଓପିସିସି ଓ ଡିସିସି ପକ୍ଷରୁ ବିକ୍ଷୋଭ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।

## ଦାବି ପୂରଣ ନହେଲେ ଆନ୍ଦୋଳନ

**କଟକ ଅଫିସ,୫।୪:** ଦରଘାବଜାରସ୍ଥିତ କଦମରସୁଲ ଏବଂ ଅନୁଗୋଳ ଜାମା ମସଜିଦ୍‌ର ବିଭିନ୍ନ ସମସ୍ୟା ନେଇ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ସୋମବାର ଓଡ଼ିଶା ୱାକଫ ବୋର୍ଡ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଦମରସୁଲ ଉନ୍ନତୀକରଣ ପାଇଁ ପ୍ରଥମେ ୭୦ କୋଟି ଓ ପରେ ୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ମଞ୍ଜୁର କରାଯାଇଥିଲା। ହେଲେ ଏହି କାମ ନିମ୍ନମାନର କରାଯିବା ସହିତ ଏହା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଏଠାରେ ରକ୍ଷଣାବେକ୍ଷଣ ଓ ଉନ୍ନତିମୂଳକ କାର୍ଯ୍ୟ କରାଯାଉନାହିଁ। ସେହିପରି ଜାମା ମସଜିଦରେ ଦୋକାନ ଘର ଦୁର୍ନୀତି, ନକଲି ମନି ରିସିପ୍ଟ, କେୟାରଟେକରଙ୍କ ଅବହେଳା ଭଳି ଅନେକ ସମସ୍ୟା ରହିଛି। କଦମରସୁଲର ୯୫୦ ଏକର ଜମିକୁ କିପରି ପୁନରୁଦ୍ଧାର, ଉନ୍ନତୀକରଣ ସହ ସୁରକ୍ଷା ପାଇଁ ଦାବି କରାଯାଇଛି। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସିକନ୍ଦର ଚେତାବନୀ ଦେଇଛନ୍ତି।

## କଂଗ୍ରେସ ନେତା ରବୀନ୍ଦ୍ର ସାହୁଙ୍କ ପରଲୋକ

**ମାହାଙ୍ଗା,୫।୪(ସ୍ୱ.ପ୍ର):** କଂଗ୍ରେସ ନେତା ରବୀନ୍ଦ୍ର କୁମାର ସାହୁ (୭୬)କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପରଲୋକ ଘଟିଛି। ଏନେଇ ମାହାଙ୍ଗାରେ ଶୋକର ଛାୟା ଖେଳିଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବାସଭବନରେ ପହଞ୍ଚି ମୃତଦେହ କାନ୍ଧେଇବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସାହୁ ଏକାଧାରରେ ଜଣେ ସଂସ୍କୃତିପ୍ରେମୀ, ସୁସାହିତ୍ୟିକ ସଂଗଠକ, ଶିକ୍ଷାବିତ୍ ହେବା ସହ ଜଣେ ସଫଳ ରାଜନେତା ଥିଲେ। ସେ ବରାହିପୁର ପଞ୍ଚାୟତର ମଣିଯୋରୀ ଗ୍ରାମରେ ୧୯୪୪ରେ ଜନ୍ମଗ୍ରହଣ କରିଥିଲେ। ୧୯୬୬ ରୁ ୨୦୦୨ ମସିହା ପର୍ଯ୍ୟନ୍ତ ରାମଚଣ୍ଡୀ ହାଇସ୍କୁଲରେ ଶିକ୍ଷାକତା କରି ୨୦୦୫ରେ ବଡମ୍ବାସ୍ଥିତ ଅରଖପୁର କେପି ହାଇସ୍କୁଲରୁ ଅବସର ନେଇଥିଲେ। ସେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ମାହାଙ୍ଗା ବ୍ଲକ ଶାଖାର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ବହୁ ଶିକ୍ଷା ଅନୁଷ୍ଠାନର ସେ ପ୍ରତିଷ୍ଠାତା ଥିଲେ। କଂଗ୍ରେସ ସଂଗଠକ ଭାବେ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟରେ ବ୍ଲକ କଂଗ୍ରେସ କମିଟି ସଭାପତି, କଟକ ଜିଲା କଂଗ୍ରେସ କମିଟି ଉପସଭାପତି,ପଲ୍ଲୀସାହି ସେବା ସମବାୟ ସମିତିର ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଆଇନମନ୍ତ୍ରୀ ଜେନା, ବ୍ଲକ ଅଧକ୍ଷ ଶରତ ନାୟକ, ମସୁଦ ଅଲି, ପ୍ରଦୀପ୍ତ କୁମାର ଦାସ,ଡ.ଅଶୋକ ରାଉତ ଓ ଆଇନଜୀବୀ ଦୀପକ ମହାନ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ନର୍ସିଂହୋମ ସିଲ୍, ୨ ଦଲାଲ ଗିରଫ

**କଟକ ଅଫିସ, ୫।୪**





ପୋଲିସ ଯାଞ୍ଚପରେ ଅନ୍ନପୂର୍ଣ୍ଣା ନର୍ସିଂହୋମ ସିଲ୍ କରାଯାଇଛି।

- ଚିକିତ୍ସା ଅବହେଳା ଅଭିଯୋଗ
- ରୋଗୀ ମୃତ୍ୟୁ ପରେ ପ୍ରଶାସନର ଚଢ଼ାଉ
- ୮୦ ହଜାର ନ ଦେଲେ ମୃତଦେହ ଛାଡିବୁନି



ଗିରଫ ୨ ଅଭିଯୁକ୍ତ।

ମଙ୍ଗଳାବାଗ ଥାନା ଅଧୀନ ମହାନଦୀକୂଳ ଅଞ୍ଚଳରେ ଥିବା ଅନ୍ନପୂର୍ଣ୍ଣା ନର୍ସିଂହୋମ୍‌ରେ ପୋଲିସ ଚଢାଉ କରି ୨ ଜଣ ଦଲାଲଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଶକ୍ତି ରଞ୍ଜନ ମହାରଣା(୨୩) ଓ ନର୍ସିଂହୋମ୍‌ର ଫାର୍ମାସିଷ୍ଟ ଦେବାଶିଷ ବେହେରା(୨୪)। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ନର୍ସିଂହୋମ୍‌କୁ ସିଲ୍ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଅଞ୍ଚଳର ମଞ୍ଜୁ କରୁଆ ରବିବାର ମଙ୍ଗଳାବାଗ ଥାନାରେ ଏକ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ, ତାଙ୍କ ଭଉଣୀ ଗୌରୀ କରୁଆଙ୍କର ବ୍ରେନ୍‌ଷ୍ଟ୍ରୋକ୍ ହେବାରୁ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ସେଠାରେ ଜଣେ ଦଲାଲ ଅଳ୍ପ ଖର୍ଚ୍ଚରେ ଅନ୍ନପୂର୍ଣ୍ଣା ନର୍ସିଂହୋମ୍‌ରେ ଚିକିତ୍ସା କରିବାକୁ ମଞ୍ଜୁଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ଗୌରୀଙ୍କୁ ଏସ୍‌ସିବିରୁ ଅନ୍ନପୂର୍ଣ୍ଣା ନର୍ସିଂହୋମକୁ ନେଇଥିଲେ। ସେଠାରେ ଗୌରୀ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଚିକିତ୍ସା ବାବଦକୁ ନର୍ସିଂହୋମ୍ ପକ୍ଷରୁ ୮୦,୦୦୦ ଟଙ୍କା ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଗୌରୀଙ୍କ ମୃତ୍ୟୁ ଘଟିଥିବା ମଞ୍ଜୁ ଜାଣିବାକୁ ପାଇଥିଲେ। ୮୦,୦୦୦ ଟଙ୍କା ନ ଦେଲେ ମୃତଦେହ ଦିଆଯିବ ନାହିଁ ବୋଲି ନର୍ସିଂହୋମ୍ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ଗୌରୀଙ୍କ ମୃତ୍ୟୁ ଘଟିଥିବା ନେଇ ମଞ୍ଜୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୯୧/୨୧) ରୁଜୁ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣା ଆଧାରରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ନର୍ସିଂହୋମ୍ ସିଲ୍ କରାଯାଇଛି। ଯାଞ୍ଚବେଳେ ଏହି ନର୍ସିଂହୋମ୍‌ର କାଗଜପତ୍ର ଠିକ୍ ନ ଥିବା ଓ ଲାଇସେନ୍ସ ଅବଧି ସରିଯାଇଥିବା ଜଣାପଡିଥିଲା। ସିଲ୍ ପୂର୍ବରୁ ସେଠାରେ ଚିକିତ୍ସିତ ହେଉଥିବା ୧୦ ଜଣ ରୋଗୀଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ କହିଛନ୍ତି।

## ଏନ୍ଏସି, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଆଠଗଡ଼,୫।୪(ସ୍ୱପ୍ର)**

### ଦଳୀୟ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ପ୍ରସଙ୍ଗ

ଆଠଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ୪ ମାର୍ଚ୍ଚରେ ସରକାରୀ ଭତ୍ତା ବଣ୍ଟନ କରାଯାଇଥିଲା। ଏହାକୁ ଯୁବ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି। ଯୁବ ସଂଗଠକ ଅଭୟ ବାରିକଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରି ଏନ୍ଏସି ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାଦ୍ୱାରା ଭୋଟରମାନେ ପ୍ରଭାବିତ ହେଉଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ରଥଗଡା ଛକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ଦାସ,ଟୁକୁ ସାମଲ, ସଞ୍ଜୟ ସାହୁ, ଅକ୍ଷୟ ନାୟକ, ଚିନ୍ତାମଣି ପ୍ରଧାନ, ପ୍ରଶାନ୍ତ ସାହୁ, ତାପସ ରାଉତ, ପ୍ରତିମା ରାଉତ,କବି ଭୋଇ, ପ୍ରତାପ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଡାକ୍ତର, ନର୍ସିଂ କର୍ମଚାରୀଙ୍କ ରିସ୍କ ଆଲାଉନ୍ସ ବୃଦ୍ଧି କରାଯାଉ

**କଟକ ଅଫିସ, ୫।୪**

### ଆର୍‌ଡିସିଙ୍କୁ ସ୍ମାରକପତ୍ର

ରେଡିଏଶନ ଓ କେମୋଥେରାପି ଚିକିତ୍ସା ପାଇଁ କାର୍ଯ୍ୟରତ ଡାକ୍ତର, ନର୍ସିଂ କର୍ମଚାରୀଙ୍କ ରିସ୍କ ଆଲାଉନ୍ସ ବୃଦ୍ଧି କରିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସଂସଦ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ କର୍କଟ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ପାଇଁ ରେଡିଏଶନ ଓ କେମୋଥେରାପି ଅତ୍ୟନ୍ତ ଜରୁରୀ। ଏଥିପାଇଁ କାର୍ଯ୍ୟରତ ଡାକ୍ତର ଓ ନର୍ସିଂ କର୍ମଚାରୀମାନେ ଜୀବନ ପ୍ରତି ବିପଦ ଥିଲେ ମଧ୍ୟ ରୋଗୀଙ୍କୁ ରେଡିଏଶନ ଓ କେମୋଥେରାପି ଚିକିତ୍ସା ଯୋଗାଇ ଥାଆନ୍ତି। ରାଜ୍ୟ ସରକାର ଏହି ଡାକ୍ତର ଓ ନର୍ସିଂ କର୍ମଚାରୀମାନଙ୍କୁ ଦୀର୍ଘ ୩୭ ବର୍ଷ ଧରି ମାସିକ ୧୫୦ ଟଙ୍କା ରିସ୍କ ଆଲାଉନ୍ସ ପ୍ରଦାନ କରୁଛନ୍ତି। ହେଲେ ସେମାନଙ୍କ ରିସ୍କ ଆଲାଉନ୍ସ ବୃଦ୍ଧି କରାଯାଉନାହିଁ। ତୁରନ୍ତ ଏହାକୁ ବୃଦ୍ଧି କରିବା ପାଇଁ ସ୍ମାରକପତ୍ରରେ ଦର୍ଶାଯାଇଛି। ସଂସଦର ସଭାପତି ଅଜୟ ମହାନ୍ତି ଆର୍‌ଡିସିଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। କଟକ ନଗର ଶାଖା ସଭାପତି ଲାଲଟେନ୍ଦୁ ବଡୁଙ୍କ ନେତୃତ୍ୱରେ ବିବେକାନନ୍ଦ ନାୟକ, ଶ୍ରୀକାନ୍ତ ବେହେରା, ସୁଚିତ୍ରା ସେନାପତି, ମମତା ନନ୍ଦି, ସନ୍ତୋଷ ନନ୍ଦି, ଜୟକ୍ରିଷ୍ଣା ସ୍ୱାଇଁ ଓ ଶିବ ପ୍ରସାଦ ସେଠୀ ପ୍ରମୁଖ କମିଶନରଙ୍କୁ ଦାବିପତ୍ର ଦେଇଥିଲେ।



ମାରୱାଡି ମହିଳାଙ୍କ ଦ୍ୱାରା ହେବାକୁ ଥିବା ପାରମ୍ପରିକ ଗଣଗୌର ପୂଜା ପାଇଁ କଟକ ନୟାସଡ଼କ ଅଞ୍ଚଳରେ ବିକ୍ରି ପାଇଁ ରଖାଯାଇଥିବା ଗଣଗୌର ମୂର୍ତ୍ତି।

## କୋର୍ଟରେ ଇ-ସେବା କେନ୍ଦ୍ର ଉଦ୍‌ଘାଟିତ

**ଆଠଗଡ଼/ତିଗିରିଆ,୫।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

ଆଠଗଡ଼ କୋର୍ଟ ପରିସରରେ ସୋମବାର ଇ-ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଇ-ସେବା କେନ୍ଦ୍ର ମାଧ୍ୟମରେ ଗୋଟିଏ ଜାଗାରେ ବସି ଓକିଲମାନେ ନିଜ ମକଦ୍ଦମାର ସ୍ଥିତି ଜାଣିପାରିବେ। ସେହିପରି ତିଗିରିଆ ବିଚାର ବିଭାଗୀୟ ଅଦାଲତ ପରିସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ଇ-ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

## ଦୋକାନରେ ଚଢ଼ାଉ, ୧୫,୩୦୦ ଜରିମାନା ଆଦାୟ

**କଟକ ଅଫିସ,୫।୪**

କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପୋଲିସ ସହଯୋଗରେ ସୋମବାର ସହରର ବିଭିନ୍ନ ଦୋକାନରେ ଚଢାଉ କରି ୧୫, ୩୦୦ଟଙ୍କା ଜରିମାନା ଆଦାୟ କରିଛି। ମାସ୍କ, ସାମାଜିକ ଦୂରତା ଏବଂ ନିୟମଠାରୁ ଅଧିକ ଲୋକଙ୍କ ଉପସ୍ଥିତି ଭଳି କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ କରିଥିବାରୁ ଲିଙ୍କ୍‌ରୋଡ, ଓଏମ୍‌ପି, ଚାଉଳିଆଗଞ୍ଜ, ନୂଆବଜାର, ମହାନଦୀବିହାର ଅଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରାଯାଇ ଉପରୋକ୍ତ ଜରିମାନା ଆଦାୟ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ ନାୟକ କହିଛନ୍ତି।

## ଘଣ୍ଟାକରେ ଆକାଉଣ୍ଟରୁ ୬ଲକ୍ଷ ଉଭାନ

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ଜଣେ ଠିକାଦାରଙ୍କ ଆକାଉଣ୍ଟରୁ ଶନିବାର ଗୋଟିଏ ଘଣ୍ଟାରେ ୪ ଥରରେ ୬ଲକ୍ଷ ଟଙ୍କା କଟିଯାଇଛି। ଏନେଇ ଠିକାଦାର ଜଣକ କମିଶନରେଟ ପୋଲିସର ସାଇବର ସେଲରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ଠକେଇର ଶିକାର ହୋଇଥିବା ଠିକାଦାର ହେଲେ ସେକ୍ ରାଜୁ। ସେ ଝାରପଡା ଶାନ୍ତିନଗରରେ ପରିବର ସହ ରୁହନ୍ତି। ତାଙ୍କର ଏକ ଆକାଉଣ୍ଟ (ନଂ. ୬୨୧୨୦୭୫୪୬୯୭) ବୁଦ୍ଧନଗର ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ରହିଛି। ଝିଅ ବାହାଘର ପାଇଁ ସେ ତାଙ୍କ ଆକାଉଣ୍ଟରେ ୮ଲକ୍ଷ ୩୬ ହଜାର ୭୦ ଟଙ୍କା ଥିଲା। କିନ୍ତୁ ଶନିବାର ଅପରାହ୍ନରେ ଗୋଟିଏ ଘଣ୍ଟାରେ ୬ଲକ୍ଷ କଟିଯାଇଥିବା ତାଙ୍କ ମୋବାଇଲ୍ ଫୋନ୍‌କୁ ମେସେଜ ଆସିଥିଲା। ପ୍ରଥମେ ତାଙ୍କ ଆକାଉଣ୍ଟରୁ ଚଣ୍ଡିଗଡ୍ ସେଣ୍ଟ୍ରାଲ ସେଲ୍‌ସ ଆକାଉଣ୍ଟକୁ ୧ଲକ୍ଷ ଟ୍ରାନ୍ସଫର ହୋଇଥିଲା। ପରେ ଉକ୍ତ ଆକାଉଣ୍ଟକୁ ୩ଲକ୍ଷ ଓ ଅନ୍ୟ ଏକ ଆକାଉଣ୍ଟକୁ ୨ଲକ୍ଷ ଯାଇଥିବା ଦେଖି ଚିନ୍ତାରେ ପଡିଥିଲେ। ବ୍ୟାଙ୍କ ବନ୍ଦ ଥିବାରୁ ସେ ସୋମବାର ବ୍ୟାଙ୍କକୁ ଯାଇ ଖାତା ଅପ୍‌ଡେଟ କରିବାରୁ ଉପରୋକ୍ତ ଆକାଉଣ୍ଟକୁ ଇଣ୍ଟରନେଟ ବ୍ୟାଙ୍କିଂ ଜରିଆରେ ୪ ଥରରେ ୬ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା। ବ୍ୟାଙ୍କ ଅଧିକାରୀଙ୍କ ପରାମର୍ଶକ୍ରମେ ରାଜୁ ଥାନା ଓ ପରେ ସାଇବର ସେଲରେ ଅଭିଯୋଗ କରିଥିଲେ।

## ଜଳଦାନ କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ, ୫।୪**

ହାଇକୋର୍ଟ ଛକରେ ବାରବାଟୀ-କଟକ ଯୁବ କଂଗ୍ରେସ ପକ୍ଷରୁ ସୋମବାର ଜଳଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ସନ୍ତୋଷ ପାତ୍ର ଜଳଦାନ କେନ୍ଦ୍ରକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ଜିଆଉଦ୍ଦିନ, ହରେକୃଷ୍ଣ ବେହେରା, ସାହିଲ ପରଭେଜ, ମାନସ ନାଥ, ରୂପକ ପାତ୍ର, ସେକ୍ ଆବିଦ ଯୋଗଦେଇଥିଲେ।

## ହାତୀ ଉପଦ୍ରବ, ଫସଲ ନଷ୍ଟ

**ବାଙ୍କୀ,୫।୪(ବି.ପ୍ର)**



### ଚାଷୀଙ୍କୁ କ୍ଷତିପୂରଣ ଦାବି

ବାଙ୍କୀ-ଡମପଡା ବ୍ଲକ ଅଧୀନ ବାଆଁରା,ଭଗୀପୁର ଓ ପାଥପୁର ପଞ୍ଚାୟତରେ ହାତୀ ଉପଦ୍ରବ ବଢ଼ିଚାଲିଛି। ହାତୀ ପଲ ରାତିରେ ଆସି ଡମପଡା-ଚନ୍ଦକା ଅଭୟାରଣ୍ୟ ନିକଟରେ ଥିବା ବାଆଁରା, ଭଗୀପୁର, କଇଁମୁଣ୍ଡି, ଚାରିଘେରିଆ, ଗୟଳବାଙ୍କ ଓ ପାଥପୁର ଅଞ୍ଚଳରେ ଡାଲୁଅ ଧାନଚାଷକୁ ନଷ୍ଟ କରୁଛନ୍ତି। ମାତ୍ର ସ୍ଥାନୀୟ ବନ ବିଭାଗ ସେମାନଙ୍କୁ ଘଉଡ଼ାଇବାରେ ବିଫଳ ହୋଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ୩ଦିନ ତଳେ ଭଗୀପୁର ଓ ବାଆଁରା ଅଞ୍ଚଳରେ ଗୋଟିଏ ଦନ୍ତାହାତୀ ଏବଂ ରବିବାର ରାତିରେ ୨୨ଟିକିଆ ହାତୀ ପଲ ଆସି ଡାଲୁଅ ଧାନ ଚାଷ ନଷ୍ଟ କରିଥିଲେ। ଏନେଇ ରାତିସାରା ସ୍ଥାନୀୟ ଅଞ୍ଚଳର ଚାଷୀ ନିଆଁ ଜାଳି ଧାନ କ୍ଷେତ ଜଗିଥିଲେ ବି ସୁଫଳ ମିଳୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଭାଡି କରି ଜଗିରହୁଥିବା ଚାଷୀମାନଙ୍କୁ ବନ ବିଭାଗ ପକ୍ଷରୁ ଆବଶ୍ୟକ ଲାଇଟ ପ୍ରଦାନ କରାଯାଇ ନ ଥିବାରୁ ହାତୀ ଘଉଡାଇବା ସମୟରେ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ କହିଛନ୍ତି। ହାତୀ ପଲ ଯୋଗୁ ସନ୍ଧ୍ୟା ୮ଟା ପରେ କଟକ-ବାଙ୍କୀ ରାସ୍ତାର ବାଆଁରା ଠାରୁ ଚକୁଳେଶ୍ୱର କାଉଡି ବନ୍ଧ ଏବଂ ପାଥପୁର-ଡମପଡା ରାସ୍ତାରେ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାସହ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଫାଣ୍ଡି ସମ୍ମୁଖରେ ମହିଳାଙ୍କ ଧାରଣା

**ବାଲକାଟୀ,୫।୪(ଡି.ଏନ୍.ଏ.)**



### ପୋଲିସର ଏକପାଖିଆ ଗିରଫକୁ ପ୍ରତିବାଦ

ବାଲକାଟୀ ଫାଣ୍ଡି ଅନ୍ତର୍ଗତ ହନୁମନ୍ତପାଟଣା ଗ୍ରାମରେ ଏକ ଗଣ୍ଡଗୋଳ ଅଭିଯୋଗରେ ପୋଲିସ ଏକପାଖିଆ ଭାବେ କେତେଜଣଙ୍କୁ ଗିରଫ କରିଥିଲା। ତେବେ ପୋଲିସର ଏଭଳି ନୀତିକୁ ପ୍ରତିବାଦ କରି ସୋମବାର ଫାଣ୍ଡି ସମ୍ମୁଖରେ କେତେଜଣ ମହିଳା ଧାରଣାରେ ବସିଛନ୍ତି। ଖବରପାଇ ଜୋନ-୪ ଏସ୍‌ପି ରଜତ ରାୟ ଓ ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଥାଉ କି, ହନୁମନ୍ତପାଟଣା ଗ୍ରାମରେ ଗତ ଶୁକ୍ରବାର (ବାଲକାଟୀ ପଞ୍ଚଦୋଳ ମେଳଣ ଭୁମାଣ ଦିନ) ବିଳମ୍ବିତ ରାତିରେ କାର୍ତ୍ତିକ ବେହେରାଙ୍କ ପରିବାର ସହ ସେହି ଗ୍ରାମର ଯୁଧିଷ୍ଠିର ବେହେରା ଓ ବ୍ରଜ ବାରିକଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଲାଗିଥିଲା। ଏହି ଗଣ୍ଡଗୋଳରେ କାର୍ତ୍ତିକଙ୍କ ପରିବାରର ୬ଜଣ ଗୁରୁତର ହୋଇଥିଲେ। ଶନିବାର ଏହି ଘଟଣା ଉଗ୍ରରୂପ ନେଇ ସକାଳ ୯ଟାରେ କାର୍ତ୍ତିକଙ୍କ ପରିବାରର ପାଲଟା ଆକ୍ରମଣରେ ଅପରପକ୍ଷର ୪/୫ଜଣ ରକ୍ତାକ୍ତ ହୋଇଥିଲେ। ଏହି ଘଟଣାରେ ଉଭୟ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ତେବେ ପୋଲିସ କାର୍ତ୍ତିକଙ୍କ ଅଭିଯୋଗକୁ ଭିତ୍ତି କରି ଯୁଧିଷ୍ଠିର ଓ ବ୍ରଜଙ୍କ ପରିବାରର ୧୦ଜଣ ସଦସ୍ୟଙ୍କ ଗିରଫ କରିଥିଲା। ପୋଲିସ ଦୁଇ ପକ୍ଷରୁ ତଦନ୍ତ ନ କରି ଏଭଳି ତରବରିଆ ଭାବେ ଏକପାଖିଆ ଗିରଫଦାରିକୁ ପ୍ରତିବାଦ କରି ଅନ୍ୟପକ୍ଷର ମହିଳାମାନେ ସୋମବାର ଫାଣ୍ଡି ଆଗରେ ଧାରଣା ଦେଇଥିଲେ।

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ/ ବାଙ୍କୀ ୫।୪(ସ୍ୱ.ପ୍ର.)**




କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ପାଲାମଣ୍ଡପସ୍ଥିତ ଟାଟା ବିଦ୍ୟୁତ୍ ବିତରକ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ହିନ୍ଦୁସେନା ପକ୍ଷରୁ କଟକ ପାଲାମଣ୍ଡପସ୍ଥିତ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ସେନା ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ଇତିମଧ୍ୟରେ ଦୁଇଥର ବିଦ୍ୟୁତ ୟୁନିଟ୍ ପିଛା ୨୦ ଓ ୩୦ ପଇସା ବୃଦ୍ଧି କରାଯାଇଛି। ଫଳରେ ରାଜ୍ୟବାସୀଙ୍କୁ ୟୁନିଟ୍ ପିଛା ବିଦ୍ୟୁତ୍ ଶୁଳ୍କ ୫ରୁ ୭ଟଙ୍କା ଦେବାକୁ ପଡୁଛି। ଗ୍ରୀଷ୍ମପ୍ରବାହ ସମୟରେ ବିଦ୍ୟୁତ୍ କାଟ୍‌କୁ ବନ୍ଦ କରିବା ସହ କିସ୍ତି ଆକାରରେ ବକେୟା ରାଶି ପଇଠ ବ୍ୟବସ୍ଥା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେନାର ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ନେତୃତ୍ୱରେ ରାଜ୍ୟ କୋଷାଧ୍ୟକ୍ଷ ଅଭିଷେକ ଜେନା, ଜିଲା ଛାତ୍ର ସଭାପତି ସୁଜିତ ଦାସ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ଉକ୍ତ ପ୍ରସଙ୍ଗରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ପାଲାମଣ୍ଡପସ୍ଥିତ ଟାଟା ବିଦ୍ୟୁତ୍ ବିତରକ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭସ୍ଥଳରେ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ କହିଥିଲେ, ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରା ନ ଗଲେ ପ୍ରତି ବ୍ଲକ ଏବଂ ପଞ୍ଚାୟତରେ ପ୍ରତିବାଦ କରାଯିବ। କଂଗ୍ରେସ ପକ୍ଷରୁ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଥିଲା। ପିସିସି ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ଜେନା, ସୁରେଶ ମହାପାତ୍ର, ପୂର୍ବତନ ବିଧାୟକ ରବି ମଲ୍ଲିକ, ଶୋଭା ସିଂ, ସରସ୍ୱତୀ ବେହେରା ବିକ୍ଷୋଭରେ ସାମିଲ ହୋଇଥିଲେ।

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବାଙ୍କୀ ଉପଖଣ୍ଡସ୍ତରୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି। ପିସିସି ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର ଏଥିରେ ସଭାପତିତ୍ୱ କରି କରୋନା ମହାମାରୀ ସମୟରେ ବିଦ୍ୟୁତ୍ ଦର ନିଷ୍ପତ୍ତିକୁ ନିନ୍ଦା କରିଥିଲେ। ପୂର୍ବତନ ଯୁବକଂଗ୍ରେସ ସଭାପତି ନୀଳମଣି ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା କ୍ଷେତ୍ରବାସୀ ଦାସ, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ ଚରଣ ପଟ୍ଟନାୟକ, ବାବୁଲି ଦଳେଇ, ଅମିୟ ନାୟକ, ମୁନା ସିଂହଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି ଧାରଣାରେ ସାମିଲ ହୋଇଥିଲେ।

## ମହିଳାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଧୀନ ଧୃବିକୁଟି ବସ୍ତିର ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିର ଭଗବାନ ବେହେରା ଓରଫ କାଳିଆ। ଉକ୍ତ ବସ୍ତିରେ ରହୁଥିବା ଉତ୍ତରପ୍ରଦେଶର ରାଜୁ ଦାସ ତାଙ୍କ ସ୍ତ୍ରୀ କିରଣଙ୍କୁ କାଳିଆ ଓ ତାଙ୍କ ପୁତୁରା ମରଣାନ୍ତକ ଆକ୍ରମଣ କରିଥିଲେ। ମହିଳାଙ୍କ ହାତ ଭାଙ୍ଗିଯାଇଥିବାବେଳେ ସ୍ୱାମୀଙ୍କ ମୁଣ୍ଡ ଫାଟିଯାଇଥିଲା। ଏଥିସହ ଆକ୍ରମଣକାରୀମାନେ ସେମାନଙ୍କ ଚାଳ ଛପର ଘରକୁ ମଧ ଭାଙ୍ଗିଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ପିସିଆର ଭ୍ୟାନ୍‌ରେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ମାମଲା(ନଂ. ୧୦୯/୨୧)ରୁଜୁ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫.୦୪.୨୦୨୧

| | |
|---|---|
| ୨,୮୫,୪୬୮ ଟଙ୍କା | |
| ସୁନା | ୧.୨୦୦ ଗ୍ରାମ |
| ରୁପା | ୪.୭୦୦ ଗ୍ରାମ |

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମହିଳା ମୃତ, ଡ୍ରାଇଭର ଗିରଫ

ଭୁବନେଶ୍ୱର,୫।୪(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରବିବାର ଗୋଟିଏ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଡ୍ରାଇଭରଙ୍କୁ ଗିରଫ କରିଛି ପୋଲିସ। ଗିରଫ ବ୍ୟକ୍ତି ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ମୀନକେତନ ଜେନା। ରବିବାର କଟକ ଅରୁଣୋଦୟ ନଗରର ପ୍ରଦୀପ ପାତ୍ର ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଏକ ସ୍କୁଟିରେ କଟକରୁ ଭୁବନେଶ୍ୱର ଆସୁଥିଲେ। ଏହି ସମୟରେ ସପ୍ତଶତୀ ମନ୍ଦିର ନିକଟରେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ସ୍ୱପ୍ନା ଛିଟିକି ତଳେ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରାକୁ ଫାୟାରିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୫।୪(ଡି.ଏନ୍.ଏ.): ଗଣ୍ଡମୁଣ୍ଡା ଭକ୍ତମଧୁ ନଗରଠାରେ ୪ଦିନ ଧରି ଚାଲିଥିବା ରାକୁ ଫାୟାରିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ପ୍ରଥମଥର ପାଇଁ ଏହି ରାକୁ ଫାୟାରିଂ ଫର୍ମାଟରେ ଶିଳ୍ପୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆକ୍ଟ ଫାଉଣ୍ଡେଶନ ପକ୍ଷରୁ ଶିଳ୍ପୀ ସରୋଜ ରାଉତ ଆରମ୍ଭ କରଥିବା ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି। ଶିଳ୍ପୀ ସ୍ମରଣିକା ମହାନ୍ତି, ସରସ୍ୱତୀ ଅଂଗ୍ରିୟା, ସୁଜିତ ମହନ୍ତ, ଗତିକୃଷ୍ଣ ନାୟକ, ଅମର କୁମାର ରଣା, ଦେବରାଜ ମହାରଣା ପ୍ରମୁଖ ଯୋଗଦେଇଥିଲେ।

### ବିଦ୍ୟୁତ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ

ପୁରୁଣା ଭୁବନେଶ୍ୱର,୫।୪(ଡି.ଏନ୍.ଏ.): ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେବି ନଗର ମଇଁଷାଖାଲଠାରେ ସୋମବାର ଅପରାହ୍ଣରେ ୧୩୨/୩୩ କେଭିର ଜିଆଇଏସ ଗ୍ରୀଡ୍ ସବଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଭାଗୀୟ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ୮୫କୋଟିର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ବଡ଼ଗଡ଼, ବିଜେବି ନଗର, କଳ୍ପନା ଅଞ୍ଚଳ, ସାମନ୍ତରାପୁର, ଲିଙ୍ଗିପୁର, ନାଗେଶ୍ୱରଟାଙ୍ଗି, ଧଉଳି ଆଦି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବଣ୍ଟନରେ ଉନ୍ନତି ହେବ। ଅନ୍ୟମାନଙ୍କ ମଧ୍ୟରେ କେ. ଶାନ୍ତି, ପ୍ରତାପ ଜେନା, ବନ୍ଦନା ସାହୁ, ସମରେଶ ବେଉରା, ଅଜିତ ବେହେରା, ସନ୍ତୋଷ ବେଜ, ସନ୍ତୋଷ ସିଂ, କୃଷ୍ଣ ଜେନା, ବୁଦ୍ଧା ପରିଡ଼ାଙ୍କ ସମେତ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୫।୪(ବ୍ୟୁରୋ)- ଛତିଶଗଡ଼ର ସୁକୁମା-ବିଜାପୁର ସୀମାରେ ମାଓବାଦୀଙ୍କ ଆକ୍ରମଣରେ ୨୨ଜଣ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ୩୦ରୁ ଉର୍ଦ୍ଧ୍ୱ ଯବାନ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରୋଟାକ୍ଟ କ୍ଲବ ଅଫ ଭୁବନେଶ୍ୱର ଉତ୍କଳ ଜୟଦେବ ତରଫରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହମବତି ଜାଳି ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଥିସହିତ ଆହତ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆରଆର ହରିଶଙ୍କର ଜେନା, ପିଡିଆରଆର ସ୍ମୃତିରଞ୍ଜନ ବିଶ୍ୱାଳ, ଅନୁଷ୍ଠାନର ସଭାପତି ତାପସ ରଞ୍ଜନ ମଲ୍ଲିକ, ସମ୍ପାଦକ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ଟିକା ନେଇ ମୃତ୍ୟୁ ଅଭିଯୋଗ

- ଥାନାରେ ଏତଲା ଦେଲେ ମୃତକଙ୍କ ସ୍ତ୍ରୀ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲେ

ବ୍ରହ୍ମଗିରି, ୫। ୪(ଡି.ଏନ.ଏ):

ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ବେଳେ ଏହାର ପ୍ରତିଷେଧକ ଟିକା ପାଇଁ ସମସ୍ତେ ବ୍ୟଗ୍ର। ତେବେ ଜୀବନ ସୁରକ୍ଷା ପାଇଁ ଜଣେ ବ୍ୟକ୍ତି ନେଇଥିବା କୋଭିଡ୍ ଟିକା ଏବେ ତାଙ୍କ ମୃତ୍ୟୁର କାରଣ ସାଜିଛି ବୋଲି ଅଭିଯୋଗ ହୋଇଛି। କୋଭିଡ ଟିକା ନେଇ ତାଙ୍କ ସ୍ୱାମୀ ବାସୁଦେବ ସାହୁ(୫୭)ଙ୍କ ମୃତ୍ୟୁ ଘଟିଥିବା ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ନହରବାଲି ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ସେ ସୋମବାର ବ୍ରହ୍ମଗିରି ଥାନାରେ ଏତଲା ଦେଇଛନ୍ତି। ଏଥିରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲକ୍ଷ୍ମୀପ୍ରିୟା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସମ୍ପ୍ରତି ୪୫ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯାଉଛି। ରବିବାର ନହରବାଲି ଟିକାକରଣ କେନ୍ଦ୍ରରେ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ସ୍ଥାନୀୟ



ମୃତ ବାସୁଦେବ ସାହୁ ।

ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ବାସୁଦେବଙ୍କୁ ଟିକା ନେବା ପାଇଁ କହିଥିଲେ। କିନ୍ତୁ ବାସୁଦେବ ଟିକା ନେବେ ନାହିଁ ବୋଲି ପରିବାର ଲୋକେ ମନା କରିଥିଲେ। ମାତ୍ର ସେମାନେ କିଛି ନ ଶୁଣି ବାସୁଦେବଙ୍କୁ ଟିକା ଦେଇଥିଲେ। ଏହାପରେ ଅପରାହ୍ଣରେ ବାସୁଦେବଙ୍କୁ ଜ୍ୱର ହୋଇଥିଲା। ପରେ ତାଙ୍କ ଦେହ ଗୁରୁତର ହୋଇପଡ଼ିଥିଲା। ରାତି ୨ଟାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ପୁରୀରେ ବାସୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆମେ ମନାକରିବା ସତ୍ତ୍ୱେ କାହିଁକି ଡାକି ନେଇ ଟିକା ଦିଆଗଲା ବୋଲି ଲକ୍ଷ୍ମୀପ୍ରିୟା ପ୍ରଶ୍ନ କରିବା ସହ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି, ଥାନାରେ ଏକ ଅଭିଯୋଗ ହୋଇଛି। ଅପମୃତ୍ୟୁ ମାମଲା ନଂ. ୩/୨୧ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ତ୍ତି କହିଛନ୍ତି, ଉକ୍ତ ବ୍ୟକ୍ତି ରବିବାର ନହରବାଲି ଟିକାକରଣ କେନ୍ଦ୍ରରେ ଟିକା ନେଇଥିଲେ। ଟିକା ଦେଇ ଆମେ ତାଙ୍କୁ ଅବ୍‌ଜରଭେଶନରେ ରଖିଥିଲୁ। ତାଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ନ ଦେବାରୁ ଏବଂ ସେ ଅସୁସ୍ଥତା ଅନୁଭବ ନ କରିବାରୁ ତାଙ୍କୁ ଛାଡ଼ିଥିଲୁ। ସେ ଅସୁସ୍ଥ ହୋଇ ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲୁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ସେହିପରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ଟିକା ନେବାର ୨୪ ଘଣ୍ଟା ମଧ୍ୟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ଖବର ଆମର ହସ୍ତଗତ ହୋଇଛି । ଏଣୁ ଏହି ଘଟଣାର ସତ୍ୟାସତ୍ୟ ତଥା ତଦନ୍ତ ପାଇଁ ଆମେ କଟକ ଏସ୍‌ସିବି ମେଡିକାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛୁ। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।

## ଓଡ଼ିଶାରେ ମିଳୁଛି ବିଶ୍ୱସ୍ତରୀୟ ଏଣ୍ଡୋସ୍କୋପି ଚିକିତ୍ସା

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଉନ୍ନତ ଡାକ୍ତରୀ ବିଦ୍ୟାର ପ୍ରସାର କରି ରୋଗୀଙ୍କୁ ଉପକୃତ କରିବା ସହ ଓଡ଼ିଶା ଓ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଉପରେ ପ୍ରଥମ ହାଇବ୍ରିଡ ସିମ୍ପୋସିୟମ ଅନୁଷ୍ଠିତ ହୋଇଯାଇଛି। ପେଟରୋଗ ବିଶେଷଜ୍ଞ ଡା. ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସହ ସମ୍ପାଦକ ଦୀପକ ରାଉତ୍ରାଲ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଡାକ୍ତର ପ୍ରତ୍ୟକ୍ଷ ଓ ଭର୍ଚୁଆଲ ଭାବେ ଯୋଗଦେଇଥିଲେ। ଏହ ଅବସରରେ ଡା. ରାଜେଶ ପୁରୀ ଜାପାନରୁ ଆରମ୍ଭ ହୋଇଥିବା ଏହି ଜ୍ଞାନକୌଶଳ ଜରିଆରେ ସଫଳ ଲାଇଭ୍ ଅସ୍ତ୍ରୋପଚାର





କର୍ମଶାଳାରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ।

କରି ଦେଖାଇଥିଲେ। ଓଡ଼ିଶାରେ ପ୍ରଥମଥର ଲାଗି ଏଭଳି କର୍ମଶାଳାର ଆୟୋଜନ କରାଯାଇଥିବାବେଳେ ପୂର୍ବ ଭାରତର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଏଯାବତ୍ ୬୬ଜଣଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବା ଡା. ମନୋଜ ସାହୁ ସୂଚନା ଦେଇଛନ୍ତି। ଏଥିରେ କମ ଖର୍ଚ୍ଚରେ ଅନେକ ପେଟରୋଗକୁ ସଫଳତାର ସହ ନିରାକରଣ କରାଯାଇପାରୁଛି। ଆଗାମୀ ଦିନରେ ଏହି ପ୍ରଣାଳୀ ରାଜ୍ୟ ଚିକିତ୍ସାକୁ ବିଶ୍ୱସ୍ତରୀୟ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମତ ପ୍ରକାଶ ପାଇଛି। କର୍ମଶାଳାରେ ଡା. ମାନସ ବେହେରା, ପ୍ରଫେସର ଏସ୍‌ପି ସିଂ, ପ୍ରଫେସର ଏ.ସି ଆନନ୍ଦ, ପ୍ରଫେସର ସିଆର ପଣ୍ଡା, ପ୍ରଫେସର ଏସ୍‌ସି ସାମଲ, ଡା. ଏମ୍‌ଡି ଇବ୍ରାରୁଲହା, ଡା. ସୁଶାନ୍ତ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ୮ରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୫।୪(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ 'ଓଡ଼ିଶୀ ସଙ୍ଗୀତ ମହୋତ୍ସବ' ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ସୂଚନା ଭବନଠାରେ ଏହା ଅନୁଷ୍ଠିତ ହେବ। ସୋମବାର ଏ ସମ୍ପର୍କରେ ଫାଉଣ୍ଡେଶନର ଆବାହକ ତଥା ସଙ୍ଗୀତ ସୁଧାକରଙ୍କ ପୁଅ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି। ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଓଡ଼ିଶୀ ସଙ୍ଗୀତ ଆସର ଚାଲିବ। ଉତ୍ସବରେ ୧୭ଜଣ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଏବଂ ୨୧ଜଣ ମର୍ଦ୍ଦଳ ବାଦକ ଯୋଗଦେଇ ଦେବେ। ପ୍ରତି ସନ୍ଧ୍ୟାରେ ଶିଳ୍ପୀମାନେ ଏକକ ଗାୟନ କରିବେ। ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମ ପରିବେଷଣରେ ଗୁରୁ ସଚ୍ଚିଦାନନ୍ଦ ଦାସ ମର୍ଦ୍ଦଳ ବାଦନ କରିବେ। ସେହିପରି ତୃତୀୟ ତଥା ଉଦ୍‌ଯାପନୀରେ ପ୍ରଥମେ ଗୁରୁ ଜବାହର ମିଶ୍ର ବଂଶୀବାଦନ କରିବେ ବୋଲି ଅରକ୍ଷିତ କହିଛନ୍ତି।



ରାମମନ୍ଦିର ପାର୍ଶ୍ୱରେ ଥିବା ୩ ଦୋକାନ ଜଳୁଛି ।

## ୩ ଦୋକାନ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ଭୁବନେଶ୍ୱର,୫।୪(ବ୍ୟୁରୋ):

ଖାରବେଳନଗର ଥାନା ଅନ୍ତର୍ଗତ ରାମମନ୍ଦିର ପାଚେରୀ ପାର୍ଶ୍ୱରେ ଥିବା ଏକ ଫୁଲ ଓ ଗିଫ୍ଟ ଦୋକାନରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ଟି ଦୋକାନ ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ଫୁଲ ଓ ପ୍ଲାଷ୍ଟିକ ସାମଗ୍ରୀ ପୋଡ଼ିଯାଇଛି। ଅଗ୍ନିଶମ ବାହିନୀ ୩ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରିବାରୁ ପାଖରେ ଥିବା ଅନ୍ୟ ଦୋକାନକୁ ନିଆଁ ବ୍ୟାପିପାରି ନ ଥିଲା।ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଏକ ଗିଫ୍ଟ ଦୋକାନ ଭିତରେ ନିଆଁ ଲାଗିଥିଲା। ଦୋକାନରେ ପ୍ଲାଷ୍ଟିକ ଜିନିଷ ରହିଥିବାରୁ ହୁହୁହୁ ହୋଇ ଜଳି ଉଠିଥିଲା। କିଛିସମୟ ମଧ୍ୟରେ ଏହି ନିଆଁ ପାଖରେ ଥିବା ଅନ୍ୟ ୨ ଦୋକାନକୁ ମଧ ବ୍ୟାପିଯାଇଥିଲା। ଏହାଦେଖି ଦୋକାନ ମାଲିକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପ୍ରାୟ ୨ଘଣ୍ଟା ପରେ ନିଆଁ ଆୟତ୍ତ ହେବାବେଳକୁ ସବୁକିଛି ପୋଡ଼ିଯାଇଥିଲା।

# 'ଗୀତା ବାୟାଣୀ'ଙ୍କୁ ନେଇ ଚର୍ଚ୍ଚା

### ଡିଏନ୍‌ଏ ଟେଷ୍ଟକୁ ମନାକଲେ ପରିବାର ଲୋକେ

ଭୁବନେଶ୍ୱର,୫।୪(ବ୍ୟୁରୋ):

ଜଟଣୀ ଥାନା ଝାଁଜା ଫାଣ୍ଡି ପରିସରରୁ ଜବତ ଗାଡ଼ିରୁ ମିଳିଥିବା କଙ୍କାଳ 'ଗୀତା ବାୟାଣୀ'ର ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସୋମବାର ଜଟଣୀ ଥାନାଧିକାରୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ବନିତା ମହାରଣା 'ଗୀତା ବାୟାଣୀ'ଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ଡିଏନ୍‌ଏ ଟେଷ୍ଟ କରିବାକୁ ପରିବାର ଲୋକେ ମନା କରିଦେଇଥିବା ଜଣାପଡ଼ିଛି। ତେବେ ସେମାନେ କାହିଁକି ଡିଏନ୍‌ଏ ଟେଷ୍ଟକୁ ମନା କରୁଛନ୍ତି ତାହାର କାରଣ ଜଣାପଡିନାହିଁ। ପରେ ପରିବାରର ଅନ୍ୟ କେତେଜଣଙ୍କୁ ପଚରାଉଚରା କରାଯିବ। ଏଥିସହ ଡିଏନ୍‌ଏ ଟେଷ୍ଟ ପାଇଁ ରାଜି କରାଇବାକୁ ପୋଲିସ ପୁଣିଥରେ ତାଙ୍କ ଘରକୁ ଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗୀତା ବାୟାଣୀ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା। ତାଙ୍କ ପରିବାରର କେତେଜଣ ସଦସ୍ୟ ମଧ ମାନସିକ ବିକାରଗ୍ରସ୍ତ। ଦୀର୍ଘବର୍ଷ ହେଲା ଗୀତା ଘର ଛାଡ଼ି ବାହାରେ ବୁଲୁଥିଲେ।

### ଝାଁଜା ଫାଣ୍ଡି ପରିସରରୁ କଙ୍କାଳ ମିଳିବା ଘଟଣା



ମାନସିକ ବିକାରଗ୍ରସ୍ତ ଥିବାରୁ ସେ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ବୁଲିବା ସହ ରାସ୍ତାକଡ଼ରେ ଶୋଉଥିଲେ। ଖାଦ୍ୟ ଅଭାବରୁ ଗୀତା ରୋଗଣା ହୋଇଯାଇଥିଲେ। ତାଙ୍କ ବୟସ ମଧ ୪୫/୫୦ ବର୍ଷ ମଧ୍ୟରେ ହେବ। କଙ୍କାଳ ମିଳିବାରୁ ପ୍ରାୟ ୬ ମାସ ତଳୁ ସ୍ଥାନୀୟ ଲୋକେ ଗୀତାଙ୍କୁ ଦେଖିବାକୁ ପାଇ ନ ଥିଲେ। ପରବର୍ତ୍ତୀ ସମୟରେ ଗୀତା ଟ୍ରେନ ଦୁର୍ଘଟଣାରେ ମରିଯାଇଥିବା ପରିବାର ପକ୍ଷରୁ କୁହାଯାଇଥିଲା। ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ପୋଲିସର ସମ୍ଭାବ୍ୟ ଫଟୋକୁ ଦେଖି ତାହା ଗୀତା ବାୟାଣୀ ଫଟୋ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ତେଣୁ ପୋଲିସ ଗୀତାର ପରିବାର ଲୋକଙ୍କ ଡିଏନ୍‌ଏ ଟେଷ୍ଟ କରିବାକୁ ଯୋଜନା କରୁଛି।

ସୂଚନାଯୋଗ୍ୟ, ୨୦୧୯ରୁ ଗଞ୍ଜେଇ ଚୋରାଚାଲାଣବେଳେ ଜବତ ହୋଇଥିବା ଉକ୍ତ ଏସ୍‌ୟୁଭି କାର୍‌ଟି ଝାଁଜା ଫାଣ୍ଡି ପରିସରରେ ପଡ଼ିରହିଥିଲା। ତେବେ ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ମାଲିକ ବିପିନ ପଟ୍ଟନାୟକ କୋର୍ଟ ଅର୍ଡର ଆଣି ପହଞ୍ଚିଥିଲେ। ଏହି ସମୟରେ ଉକ୍ତ ଗାଡ଼ିରେ ଏକ ନରକଙ୍କାଳ ଦେଖିବାକୁ ମିଳିଥିଲା। ଘଟଣା ଜଣାପଡିବା ପରେ କମିଶନରେଟ୍ ପୋଲିସ କଙ୍କାଳ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମସ୍ ହସ୍ପିଟାଲ୍ ପଠାଇଥିଲା। ଏଥିସହିତ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିଲା। ଏହାପରେ ଜୋନ୍ ଏସିପିଙ୍କୁ ଡିସିପି ଘଟଣାର ସ୍ପଷ୍ଟୀକରଣ ମାଗିଥିଲେ। ବ୍ୟବଚ୍ଛେଦ ରିପୋର୍ଟରୁ ଉକ୍ତ କଙ୍କାଳଟି ଜଣେ ମହିଳାଙ୍କର ଓ ବୟସ ୪୫ ବର୍ଷ ଉଲ୍ଲେଖ ଥିଲା। ଏହି ଆଧାରରେ ପୋଲିସ ମହିଳାଙ୍କ ଏକ ଆନୁମାନିକ ସ୍କେଚ୍ ତିଆରି କରି ପୋଷ୍ଟର ମଧ ଲଗାଇଥିଲା।

### ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୫।୪(ବ୍ୟୁରୋ): ଝାଁଜା ଫାଣ୍ଡି ପରିସରରେ ଥିବା ଏକ ଜବତ କାର୍‌ରୁ ମହିଳାଙ୍କ କଙ୍କାଳ ମିଳିବା ଘଟଣାକୁ ଦେଢ଼ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ କମିଶନରେଟ୍ ପୋଲିସ ମହିଳାଙ୍କ ପରିଚୟ ପାଇପାରିନାହିଁ। ଫଳରେ ତଦନ୍ତରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏନେଇ ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ପିଟିଶନ ଦାଖଲ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଫାଣ୍ଡି ପରିସରରେ ଏମିତି ଏକ ଅଭାବନୀୟ ଘଟଣା ଘଟିଥିଲେ ମଧ ପୋଲିସକୁ ସାମାନ୍ୟତମ ସୂଚନା ମିଳି ନ ଥିଲା। ଏହା ପୋଲିସର ବିଫଳତାକୁ ପଦାରେ ପକାଉଛି। ମହିଳାଙ୍କ ମୃତ୍ୟୁ ରହସ୍ୟ ଘେରରେ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଏପରି ସ୍ଥଳେ ପୋଲିସର ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡୁନାହିଁ। ତେଣୁ ଏଥିପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ଅଖଣ୍ଡ ନିବେଦନ କରିଛନ୍ତି। ଏନ୍‌ଏଚ୍‌ଆରସି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଡିଜିପି ଶ୍ରୀ ଅଭୟଙ୍କୁ ରିପୋର୍ଟ ତଲବ କରିଛନ୍ତି। ୮ସପ୍ତାହ ମଧ୍ୟରେ ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିମଲ



@ ନଭଜିତ୍



@ ପ୍ରମୋଦ



@ ନିଗମାନନ୍ଦ



@ ଉମା



@ ଅଜିତ



@ ସୌମ୍ୟାସୁଚରିତା

## ସରପଞ୍ଚ ପଦବୀ ପାଇଁ ୫ ପ୍ରାର୍ଥିପତ୍ର ଦାଖଲ

ବାଲିଅନ୍ତା,୫।୪(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହେବାକୁ ଯାଉଥିବା ଉପନିର୍ବାଚନରେ ମୋଟ ୫ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ପାଇଁ ୩ଦିନ ଧାର୍ଯ୍ୟ ହୋଇଥିଲେ ମଧ ସୋମବାର ଶେଷ ଦିନରେ ୫ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ୫ ପ୍ରାର୍ଥୀ ହେଲେ ରବୀନ୍ଦ୍ର କୁମାର ସାହୁ, ବିଜୁଳିବତୀ ସାହୁ, ପ୍ରଶାନ୍ତ ସାହୁ, ନିଧାମ ଓଝା ଓ ବାମନଚରଣ ନାଥ। ପୂର୍ବତନ ସରପଞ୍ଚ ସ୍ୱର୍ଗତ ବିଜୟ କୁମାର ସାହୁଙ୍କ ସ୍ତ୍ରୀ ବିଜୁଳିବତୀଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ ୧୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ଓ ୨ଜଣ ଜିଲା ପରିଷଦ ସଭ୍ୟା ସଭ୍ୟ ଏବଂ ସମର୍ଥକ ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପରେ ୯ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ବିଡିଓ ଆଦିକନ୍ଦ ବେହେରା କହିଛନ୍ତି।








ସୋମବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଟିକା ନେଉଛନ୍ତି। ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କର ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଉଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ଯାତ୍ରୀଙ୍କର କରୋନା ଟେଷ୍ଟ କରାଯାଉଛି।

## ସଂକ୍ଷେପରେ

### ଲାଞ୍ଚ ମାମଲା: ଏଏସ୍‌ଆଇ ଗିରଫ

**କଟକ ଅଫିସ, ୫।୪:** ଲାଞ୍ଚ ନେବା ଅଭିଯୋଗରେ କଟକ ଭିଜିଲାନ୍ସ ବିଭାଗ ସୋମବାର ମଧୁପାଟଣା ଥାନା ଏଏସ୍‌ଆଇ ପ୍ରଣବ କିଶୋର ପ୍ରହରାଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ମଧୁପାଟଣା ଥାନାରେ ଥିବା ଏକ ମାମଲା ରଫାଦଫା କରିବା ପାଇଁ ପ୍ରହରାଜ ତୁଳସୀପୁର ଅଞ୍ଚଳର ସଞ୍ଜୀବ କୁମାର ବେହେରାଙ୍କୁ ୨୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ସୋମବାର କଟକ ସାରଳା ଭବନଠାରେ ପ୍ରହରାଜ ସଞ୍ଜୀବଙ୍କଠାରୁ ୨୦,୦୦୦ ଟଙ୍କା ଗ୍ରହଣ କରୁଥିବାବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏଥିସହ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ମାମଲା(ନଂ.୭/୨୧) ରୁଜୁ କରାଯିବା ସହ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ଉ କରାଯାଇଛି।

### ଘରୁ ଝୁଲନ୍ତା ମୃତଦେହ ଜବତ

**ପୁରୀ ଅଫିସ, ୫।୪:** ପୁରୀ ସଦର ଥାନା ଅନ୍ତର୍ଗତ ଅଠରନଳା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ତାଙ୍କ ଘରୁ ପୋଲିସ ଜବତ କରିଛି। ମୃତକ ହେଲେ ଅକ୍ଷୟ କୁମାର ସ୍ୱାଇଁ (୪୭)। ସୂଚନା ଅନୁଯାୟୀ, ସୋମବାର ଅକ୍ଷୟ ନିଜ ଘରେ ବେକରେ ରଶି ଲଗାଇ ଫ୍ୟାନ୍‌ରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଏ ନେଇ ସଦର ଥାନାକୁ ଜଣାଇଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୦୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅର୍ଥାଭାବ ଓ ପାରିବାରିକ ସମସ୍ୟାକୁ ନେଇ ଅକ୍ଷୟ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି।

### ବିଡିଓଙ୍କୁ ଭେଟିଲେ ଭାଲୁଙ୍କାମୁଣ୍ଡା ସାହିବାସୀ

**ବାରଙ୍ଗ,୫।୪(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ଭାଲୁଙ୍କାମୁଣ୍ଡାସହିରେ ରହୁଥିବା ଆଦିବାସୀମାନେ ଦୀର୍ଘଦିନଧରି ସେମାନଙ୍କ ନ୍ୟାଯ୍ୟ ଦାବି ପାଇପାରୁ ନାହାନ୍ତି। ସୋମବାର ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଦାବି ବିଷୟରେ ଜଣାଇଛନ୍ତି। ତେବେ ୧୦ଦିନ ମଧ୍ୟରେ ବିଡିଓ, ତହସିଲଦାର ଉଭୟ ମିଶି ଭାଲୁଙ୍କା ଗ୍ରାମକୁ ଯାଇ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭାଲୁଙ୍କା ମୁଣ୍ଡାସହି ଗ୍ରାମରେ ପ୍ରାୟ ୧୦୦ ଆଦିବାସୀ ପରିବାର ରହିଆସୁଛନ୍ତି। ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ସୀମା ମଧ୍ୟରେ ରହିଥିବାରୁ ଆଦିବାସୀମାନେ ଏଠାରେ ଚାଷବାସ କରି ନିଜ ଜିବିକା ନିର୍ବାହ କରୁଛନ୍ତି, କିନ୍ତୁ ସ୍ଥାୟୀ ପଟ୍ଟା ପାଇଁ ବାରମ୍ବାର ଅନୁରୋଧ ଓ ଆବେଦନ କରାଯାଇଥିଲେ ସୁଦ୍ଧା ପ୍ରଶାସନ ସେମାନଙ୍କ କଥା ଶୁଣୁ ନ ଥିବାର ସେମାନେ ଅଭିଯୋଗ କରିଛନ୍ତି। ସ୍ଥାୟୀ ଜାଗା ପ୍ରଦାନ ସହ ପାନୀୟଜଳ, ରାଶନକାର୍ଡ ଆଦି ସମସ୍ୟା ସଂକ୍ରାନ୍ତରେ ବିଡିଓ ପ୍ରଭାକର ପଣ୍ଡାଙ୍କୁ ଜଣାଇଛନ୍ତି।

### ଗୋ-ପ୍ରଦର୍ଶନ ମହୋତ୍ସବ

**ବାରଙ୍ଗ,୫।୪(ଡି.ଏନ୍.ଏ.):** କଳାରାହଙ୍ଗ ଗ୍ରାମ ମୁଗୁଡ଼ିଆ ହୁଡାତଳ ପଡିଆରେ ରବିବାର ଦୋଳପର୍ବ ଉପଲକ୍ଷେ ଗୋ-ପ୍ରଦର୍ଶନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସନାତନ ବେହେରା, ପ୍ରଭାକର ମହାପାତ୍ର, ଲକ୍ଷ୍ମୀଧର ମହାଭୋଇ, ବଗୁଲି ମହାଭୋଇ, ନବୀନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ହିନ୍ଦୁ ସଂସ୍କୃତି ଅନୁଯାୟୀ ଗୋମାତାର ସ୍ଥାନ ମହାନ ବୋଲି କହିଛନ୍ତି। ସେମାନଙ୍କର ସୁରକ୍ଷା ସହ ସେବା ଶୁଶ୍ରୂଷା, ଯତ୍ନ ଓ ପୂଜାର୍ଚ୍ଚନା କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପଶୁସମ୍ପଦ ଓ ପଶୁ ଉନ୍ନୟନ ବିଭାଗ ଓ କଳାରାହଙ୍ଗ ଗୋମାତା ପ୍ରେମୀମାନଙ୍କ ମିଳିତ ସହଯୋଗରେ ଏହି ମହୋତ୍ସବ ହୋଇଥିଲା। ମହୋତ୍ସବରେ କଳାରାହଙ୍ଗ ଗ୍ରାମର ବହୁ ଗୋ-ପାଳକମାନେ ସେମାନଙ୍କ ଗାଈଙ୍କୁ ନେଇ ଯୋଗଦେଇଥିଲେ ।ଏଥିରେ ଗୋ-ପ୍ରଦକ୍ଷିଣ, ଗୋ-ବନ୍ଦାପନା,ଗୋ-ଗ୍ରାସଦାନ ସହ ଗୋମାତାମାନଙ୍କୁ ବନ୍ଦାପନା କରାଯାଇ ସେମାନଙ୍କର ଚିକିତ୍ସା ମଧ କରାଯାଇଥିଲା। ପରେ ଗୋ-ପାଳକମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# କୋଚିଂ ସେଣ୍ଟର ସିଲ୍, ଇଞ୍ଜିନିୟରିଂ କଲେଜକୁ ନୋଟିସ

ଭୁବନେଶ୍ୱର, ୫।୪(ବ୍ୟୁରୋ)

କରୋନା ସଂକ୍ରମଣ ବଢୁଥିଲେ ମଧ୍ୟ ଲୋକେ ଅମାନିଆ ହେଉଛନ୍ତି। ସବୁଠାରୁ ସଚେତନ କ୍ଷେତ୍ର କୁହାଯାଉଥିବା ଶିକ୍ଷାନୁଷ୍ଠାନରେ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷକରି ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ଚିନ୍ତା ବଢ଼ିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚଢ଼ାଉକୁ ଜୋର୍‌ଦାର କରାଯିବା ସହ ଦୃଢ଼ ପଦକ୍ଷେପ ଆରମ୍ଭ ହୋଇଛି। ଶପିଂ ମଲ୍, ଦୋକାନ, ହୋଟେଲ, ବ୍ୟାଙ୍କ୍ ପରେ ସୋମବାର ଜୟଦେବ ବିହାର ଛକରେ ଥିବା ଘରୋଇ କୋଚିଂ ସେଣ୍ଟର ହାପି କ୍ଲାସେସ୍‌କୁ ସିଲ୍ କରାଯାଇଥିବାବେଳେ ସିଲିକନ୍ ଇଞ୍ଜିନିୟରିଂ କଲେଜକୁ ନୋଟିସ ଦିଆଯାଇଛି। ବିଏମ୍‌ସି ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଉକ୍ତ କୋଚିଂ ସେଣ୍ଟରରେ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିଲା। ଗାଇଡ୍‌ଲାଇନ୍ ଅନୁସାରେ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ସେହିପରି ସାନିଟାଇଜେଶନ ବ୍ୟବସ୍ଥା ନ ଥିବାବେଳେ ଛାତ୍ରୀଛାତ୍ର ମାସ୍କ ପିନ୍ଧି ନ ଥିବାରୁ ବିଏମ୍‌ସି ଏପରି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରର ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଇଞ୍ଜିନିୟରିଂ କଲେଜରେ ମଧ୍ୟ କୋଭିଡ୍ ନିୟମ ଉଲ୍ଲଂଘନ ହୋଇଥିବା ଚଢ଼ାଉବେଳେ ଜଣାପଡିଛି। ଇନ୍‌ଷ୍ଟିଚ୍ୟୁଟ୍‌ର ଗୋଟିଏ ବେଞ୍ଚ୍‌ରେ ୫ରୁ ୭ଜଣ ପିଲା ବସୁଥିବା ଓ କ୍ୟାମ୍ପସରେ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ବିଏମ୍‌ସି କାରଣ ଦର୍ଶାଅ ନୋଟିସ ଦେଇଛି। ଏଥିସହିତ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିଏମ୍‌ସି ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛି। ସେହିପରି ସରକାରୀ ଓ ବେସରକାରୀ ଅଫିସ୍‌ରେ କୋଭିଡ୍ ନିୟମ ଠିକ୍ ଭାବେ ପାଳନ ନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।





ସିଲ୍ ହୋଇଥିବା କୋଚିଂ ସେଣ୍ଟର। ସିଲିକନ୍ ଇଞ୍ଜିନିୟରିଂ କଲେଜରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍।

## ଭୁବନେଶ୍ୱରରେ ଆଉ ୭୫ ଚିହ୍ନଟ

ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ୯୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କେବଳ ଭୁବନେଶ୍ୱରରୁ ୭୫ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୬୨ଜଣ ସ୍ଥାନୀୟ ଆକ୍ରାନ୍ତ ଥିବା ଜଣାପଡିଛି। ତେବେ ସହରରେ ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ୩ଟି ଜୋନ୍‌ରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ରହିଛି। ବିଏମ୍‌ସିର ସ୍ପେଶାଲ କୋଭିଡ୍ ସ୍କ୍ୱାଡ୍ ଯେକୌଣସି ସମୟରେ ଅଚାନକ ଚଢ଼ାଉ କରି ପଦକ୍ଷେପ ନେବାକୁ କୁହାଯାଇଛି। ସଂକ୍ରମଣ ଓ ଜରିମାନାରୁ ରକ୍ଷା ପାଇବା ପାଇଁ ସମସ୍ତେ କୋଭିଡ୍ ନିୟମ ପାଳନ କରିବା ପାଇଁ ବିଏମ୍‌ସି ପରାମର୍ଶ ଦେଇଛି।

# ବିଜେବି କଲେଜ ଛାତ୍ରୀ କରୋନା ପଜିଟିଭ୍

ଭୁବନେଶ୍ୱର,୫।୪ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଶିକ୍ଷାନୁଷ୍ଠାନ ଏବେ ତାହାର ନୂଆ ଠିକଣା ପାଲଟିଛି। ସୋମବାର ବିଜେବି ମହାବିଦ୍ୟାଳୟର ଜଣେ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ବାଣିଜ୍ୟ ବିଭାଗରେ ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରୀ ବୋଲି ଜଣାପଡିଛି। ସେ ନିୟମିତ ଭାବେ କ୍ଲାସ କରୁ ନ ଥିଲେ କି ହଷ୍ଟେଲରେ ରହୁ ନ ଥିଲେ। ତେବେ ସୋମବାରଠାରୁ ଯୁକ୍ତ୨ର ପ୍ରି-ବୋର୍ଡ ପରୀକ୍ଷା ଆରମ୍ଭ ହୋଇଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ସହପାଠୀ ଏବଂ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଓ ପରୀକ୍ଷାକୁ ଆସିବାକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଏକ୍ସଆଇଏମ୍‌ବିର ଛାତ୍ରୀଛାତ୍ର, କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପିକା, ଆଲେନ୍ ଟ୍ୟୁଟୋରିଆଲରୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ।

# ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୪୮ ଘଣ୍ଟା ସିଲ୍



ଯୋଗାଣ ନିଗମ ଅଫିସ୍‌କୁ ସିଲ୍ କରାଯାଉଛି।

ଭୁବନେଶ୍ୱର, ୫।୪ (ବ୍ୟୁରୋ)

ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଅଫିସକୁ ସୋମବାର ସିଲ୍ କରାଯାଇଛି। ନିଗମର ୬ଜଣ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶରେ ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ ଓ ସାଉଥ୍ ୱେଷ୍ଟ ଏନ୍‌ଫୋର୍ସମେଣ୍ଟ

## ୬ କର୍ମଚାରୀ ପଜିଟିଭ୍ ଚିହ୍ନଟ

ସ୍କ୍ୱାଡ୍ ୪୮ଘଣ୍ଟା ପର୍ଯ୍ୟନ୍ତ ଅଫିସକୁ ସିଲ୍ କରିଛନ୍ତି। ଏଥିସହ ଅଫିସ୍‌ର ସମସ୍ତ କର୍ମଚାରୀଙ୍କ କରୋନା ଟେଷ୍ଟ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଉପସ୍ଥିତ ଥିବା ସମସ୍ତ କର୍ମଚାରୀଙ୍କ ଆର୍‌ଟିପିସିଆର ଟେଷ୍ଟ କରାଯାଇଛି। ଅଫିସକୁ ସାନିଟାଇଜ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ୧୨ହଜାର ୫ଶହ ଟଙ୍କା ଜରିମାନା ଆଦାୟ

ଭୁବନେଶ୍ୱର, ୫।୪ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦକ୍ଷିଣ ପୂର୍ବ ଜୋନ୍ କୋଭିଡ୍-୧୯ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୋମବାର ବିଭିନ୍ନ ଦୋକାନ, ଫାଷ୍ଟଫୁଡ୍, ରେଷ୍ଟୁରାଣ୍ଟ, ସପିଂ ମଲ୍ ଉପରେ ଚଡାଉ କରାଯାଇଥିଲା। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୨ହଜାର ୫ଶହ ଟଙ୍କାର ଜରିମାନା ଆଦାୟ କରାଯାଇଛି।

# ଗାନ୍ଧୀମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

## ଅଭିଯୁକ୍ତଙ୍କ ଗିରଫ ଓ ନୂତନ ମୂର୍ତ୍ତି ସ୍ଥାପନ ଦାବି

ନିଆଳି,୫।୪(ଡି.ଏନ.ଏ.)

ନିଆଳି ଥାନା ଅନ୍ତର୍ଗତ ଏକବେରୁଆଁ ପଞ୍ଚାୟତ ବାଲିକୁଦ ଛକଠାରେ ଥିବା ପୁରାତନ ଗାନ୍ଧୀମୂର୍ତ୍ତିକୁ କେହି ଦୁର୍ବୃତ୍ତ ରବିବାର ରାତିରେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ମୂର୍ତ୍ତିକୁ ନ ପାଇ ଖୋଜାଖୋଜି କରିଥିଲେ। ପରେ ନିକଟସ୍ଥ ଏକ ବଣ ଭିତରୁ ଏହି ମୂର୍ତ୍ତି ମିଳିଥିଲା। ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଲୋକମାନେ ଟାୟାର ଜାଳି ବାଲିକୁଦ ଛକଠାରେ କିଛି ସମୟ ପାଇଁ ରାସ୍ତାରୋକୋ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ ସ୍ୱାଇଁ, ସଂଗ୍ରାମ ବଡ୍ଡୁ, ଏକବେରୁଆଁ ସରପଞ୍ଚ ଡଲି ମଲ୍ଲିକ, ସିଠାଳୋ ସରପଞ୍ଚ ଅନ୍ତର୍ଯାମୀ ବଡ୍ଡୁ, ଶିକ୍ଷାବିତ୍ ଅକ୍ଷୟ ନାୟକ, ରମେଶ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାହୁ, ଉଗ୍ରସେନ ସ୍ୱାଇଁ, କୈଳାସ କୁମାର ନାୟକ, ରେଣୁକା ସିଂହ ପ୍ରମୁଖ ଗାନ୍ଧୀମୂର୍ତ୍ତି ଭାଙ୍ଗିଥିବା ଅଭିଯୁକ୍ତଙ୍କ ଗିରଫ ଦାବି କରିବା ସହିତ ପ୍ରଶାସନ ପକ୍ଷରୁ ଏକ ନୂତନ ଗାନ୍ଧୀମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ। ଏକବେରୁଆଁ ସରପଞ୍ଚ ଡଲି ମଲ୍ଲିକ ଏ ନେଇ ନିଆଳି ଥାନାରେ ଅଭିଯୋଗ କରିବା ସହିତ ସ୍ଥାନୀୟ ତହସିଲଦାରଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗାନ୍ଧୀମୂର୍ତ୍ତି ନିକଟରେ ସନ୍ଧ୍ୟାରେ କେତେଜଣ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରିଥାନ୍ତି। ତେଣୁ କେହି ନିଶାସକ୍ତ ବ୍ୟକ୍ତି ଏପରି କରିଥାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ୫୫ ବର୍ଷ ପୂର୍ବେ ସିଠାଳୋର ତତ୍କାଳୀନ ସରପଞ୍ଚ ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତା ସ୍ୱର୍ଗତ ଗଜେନ୍ଦ୍ର ମହାପାତ୍ର ମହାତ୍ମା ଗାନ୍ଧୀଙ୍କର ଏହି ମୁଗୁନୀ ପଥର ମୂର୍ତ୍ତୀକୁ ସ୍ଥାପନ କରିଥିଲେ। ଏଠାରେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ଜନସାଧାରଣ ଗଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ ଓ ଶହୀଦ୍ ଦିବସ ପାଳନ କରିଥାନ୍ତି।



ଭଗ୍ନ ଅବସ୍ଥାରେ ପଡିଥିବା ଗାନ୍ଧୀ ମୂର୍ତ୍ତି।

# ନିଆଳି ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ୫ ପଜିଟିଭ୍ ଚିହ୍ନଟ, ବ୍ୟାଙ୍କ ସିଲ୍

ନିଆଳି,୫।୪(ଡି.ଏନ.ଏ.)

ନିଆଳି ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ଶନିବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସୋମବାର ଆଉଜଣେ କର୍ମଚାରୀ ପଜିଟିଭି ଚିହ୍ନଟ ହେବା ପରେ ବ୍ୟାଙ୍କ ସିଲ୍ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୪ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବ୍ୟାଙ୍କ ପକ୍ଷରୁ ନିଆଳି ତହସିଲଦାରଙ୍କୁ ସାନିଟାଇଜ ନିମନ୍ତେ ଅବଗତ କରାଯାଇଥିଲା। ତହସିଲଦାର ବିଦ୍ୟାଧର ପତି ଏ ନେଇ ଅଗ୍ନିଶମ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ଅଗ୍ନିଶମ କର୍ମଚାରୀ ଏହି ବ୍ୟାଙ୍କକୁ ସାନିଟାଇଜ୍ କରିଥିଲେ। ସୋମବାର ବ୍ୟାଙ୍କର ଅନ୍ୟ କର୍ମଚାରୀଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ବ୍ୟାଙ୍କକୁ ସିଲ୍ କରାଯାଇଛି। ବ୍ୟାଙ୍କ ବନ୍ଦ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହୋଇ ଫେରିଛନ୍ତି। ଅନ୍ୟପକ୍ଷରେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ୟାଙ୍କ କର୍ମଚାରୀଙ୍କ ବ୍ୟତୀତ ଏହି ସପ୍ତାହରେ ୨ ଜଣ ଲୋକାଲ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ

## କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ୍‌ରୁ କୋଟିରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୫।୪(ବ୍ୟୁରୋ)

କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ କଟକ ବିଡାନାସୀ ଶାଖାରୁ ୧ କୋଟି ୧୮ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଭୁବନେଶ୍ୱର ସୋମବାର ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଯୋରନ୍ଦା ଅଞ୍ଚଳର ବ୍ରହ୍ମାନନ୍ଦ ବାରିକ। ଇଓଡବ୍ଲୁ କେସ ନଂ. ୫/୧୯ରେ ଅଭିଯୁକ୍ତ ବ୍ରହ୍ମାନନ୍ଦଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ପୂର୍ବରୁ ବ୍ୟାଙ୍କ୍‌ର ତତ୍କାଳୀନ ମ୍ୟାନେଜର ଅମୀୟ ଦାସଙ୍କ ସମେତ ୧୨ଜଣ ଗ୍ରାହକଙ୍କୁ ଗିରଫ କରାଯାଇଥିଲା।

ସୂଚନା ଅନୁଯାୟୀ, ୨୦୦୮-୦୯ ମସିହାରେ କଟକ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍‌ର କର୍ମଚାରୀ କହି ଜାଲ୍ କାଗଜପତ୍ର ଦେଇ ୨୦ଜଣ ବ୍ୟକ୍ତି ଋଣ ନେବାକୁ ଆବେଦନ କରିଥିଲେ। ସେମାନଙ୍କ ନାଁରେ ୩୮ଲକ୍ଷ ୪୯ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ସେହି ସମୟରେ ଶାଖା ମ୍ୟାନେଜର ଥିଲେ ଅମୀୟ ଦାସ। ପରବର୍ତ୍ତୀ ସମୟରେ ଋଣ ନେଇଥିବା ଲୋକେ ନ ଶୁଝିବାରୁ ସୁଧ ଓ ମୂଳ ମିଶି ୧ କୋଟି ୧୮ଲକ୍ଷରେ ପହଞ୍ଚିଥିଲା। ବ୍ୟାଙ୍କ ପକ୍ଷରୁ ଯାଞ୍ଚ ପରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଅମୀୟ ଜାଲିଆତି କରି ଲୋନ୍ ପ୍ରଦାନ କରିଥିବା ପ୍ରମାଣ ମିଳିଥିଲା। ଏହାପରେ ବିଭାଗୀୟ ତଦନ୍ତ କରାଯାଇ ତାଙ୍କୁ ନୋଟିସ ଦିଆଯାଇଥିଲା। ଏନେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୁକାନ୍ତ କୁମାର ତ୍ରିପାଠୀ ୨୦୧୯ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ବିଡ଼ାନାସୀ ଶାଖା ମ୍ୟାନେଜରଙ୍କ ବିରୋଧରେ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗିରଫ ହେବାର କିଛିଦିନ ପରେ ଜାଲ୍ କାଗଜପତ୍ରରେ ଋଣ ନେଇଥିବା ୧୨ଜଣ ଗିରଫ ହୋଇଥିଲେ।

# କୋଭିଡ୍ ସ୍ଥିତିର ସମୀକ୍ଷା କଲେ ଆର୍‌ଡିସି

- ପ୍ରତି ବ୍ଲକରେ ରହିବ ଆମ୍ବୁଲାନ୍ସ
- ବାହାରୁ ଆସିଲେ ସଙ୍ଗରୋଧ ବାଧ୍ୟତାମୂଳକ
- ବୟସ୍କ ଓ ଆଗଧାଡିର ଯୋଦ୍ଧାଙ୍କୁ ଟିକା ଦିଅ

ଖୋର୍ଦ୍ଧା ଅଫିସ,୫।୪

ଖୋର୍ଦ୍ଧା ଜିଲାର କୋଭିଡ୍ ସ୍ଥିତି ଓ କାର୍ଯ୍ୟକ୍ରମ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସୋମବାର ଭୁବନେଶ୍ୱର ସ୍ପେଶାଲ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଟିକାକରଣ, କୋଭିଡ୍ ପରୀକ୍ଷା ଓ କଣ୍ଟାକ୍ଟ ଟ୍ରେସିଂ ଉପରେ ଆର୍‌ଡିସି ସାମଲ ଗୁରୁତ୍ୱାରୋପ କରିଥିଲେ। ରୋଗୀଙ୍କ ସୁବିଧା ପାଇଁ ପ୍ରତି ବ୍ଲକରେ ଗୋଟିଏ ଆମ୍ବୁଲାନ୍ସ ରହିବ। ଆର୍‌ଟିପିସିଆର ଅଧିକା କରିବା ପାଇଁ ପଦକ୍ଷେପ ନିଆଯାଇଛି। କୌଣସି ସ୍ଥାନରେ କୋଭିଡ୍ ପଜିଟିଭ୍ ବାହାରିଲେ ରାପିଡ ରେସପନ୍ସ ଟିମ୍ ରୋଗୀଙ୍କୁ ଦେଖିବାକୁ ଯିବେ। ସେମାନଙ୍କ ସ୍ୱାସ୍ଥ୍ୟବ୍ୟସ୍ଥା ପଚାରିବୁଝିବା ସହ କଣ୍ଟାକ୍ଟ ଟ୍ରେସିଂ କରିବେ। ପଜିଟିଭ୍ ରୋଗୀଙ୍କୁ ଚିକିତ୍ସା ଲାଗି ସମ୍ ହସ୍ପିଟାଲକୁ ପଠାଯିବ। ଜିଲାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଯେତେ ପଜିଟିଭ୍ ବାହାରିବେ, ତାହାର ସମୀକ୍ଷା କରାଯିବ। ଅନ୍ୟ ରାଜ୍ୟରୁ ଆସୁଥିବା ଲୋକଙ୍କ ସମ୍ପର୍କରେ ବିଡିଓମାନେ ରିପୋର୍ଟ ଦେବେ। ସେମାନେ ବାଧ୍ୟତାମୂଳକ ଭାବେ ସଙ୍ଗରୋଧରେ ରହିବେ ଏବଂ ସ୍ଥାନୀୟ ଲୋକଙ୍କ ସହ ମିଳାମିଶା କରିବେ ନାହିଁ। ବୟସ୍କ ଲୋକ ଓ ଆଗାଧାଡିର କର୍ମଚାରୀଙ୍କୁ ଟିକାକରଣ ଲାଗି ପ୍ରାଥମିକତା ଦେଇଥିଲେ।

ଏହି ବୈଠକରେ ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ,ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହେରିଆ, ସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଶାନ୍ତ କୁମାର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶକ୍ତିକାନ୍ତ, ଡିପିଏମ ଗୀତାଞ୍ଜଳି ଦାସ, ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ସୋମବାର ଜିଲାରେ ୫୯୦୮ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ୩୦୪ ଆଗ ଧାଡିର କର୍ମଚାରୀ ଏବଂ ୨୧ଜଣ ହେଲ୍‌ଥ କେୟାର କର୍ମଚାରୀ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ୪୫ବର୍ଷରୁ ଊର୍ଦ୍ଧ୍ୱ ୩୨୫୮ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ୨୧୫୧ ପ୍ରଥମ ଡୋଜ ଏବଂ ୪୫ବର୍ଷରୁ ଊର୍ଦ୍ଧ୍ୱ ୧୩ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ୧୬୨ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ଜିଲାରେ ମୋଟ ୪୫ବର୍ଷରୁ ଊର୍ଦ୍ଧ୍ୱ ୧୬୪୩୭, ୬୦ବର୍ଷରୁ ଊର୍ଦ୍ଧ୍ୱ ୪୪୨୭୭ ଜଣଙ୍କୁ ଟିକା ଦିଆଯାଇଛି।



ବୈଠକରେ ଆର୍‌ଡିସି ଅନିଲ କୁମାର ସାମଲ ଓ ଅନ୍ୟ ଅଧିକାରୀମାନେ।

# ଗୃହ ଋଣ ସୁଧ ବଢ଼ାଇଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୫।୪**




ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନିକଟରେ ଗୃହ ଋଣ ଉପରେ ସୁଧହାର ବୃଦ୍ଧି କରିଛି। ବ୍ୟାଙ୍କ ତା'ର ଗୃହଋଣ ଉପରେ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଫଳରେ ଋଣଗ୍ରହୀତାଙ୍କୁ ବର୍ତ୍ତମାନ ସମୟରେ ଅତିରିକ୍ତ ଅର୍ଥ ସୁଧ ଆକାରରେ ବ୍ୟାଙ୍କକୁ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ପୂର୍ବରୁ ଗୃହ ଋଣ ବ୍ୟାଙ୍କର ଗ୍ରାହକ ୬.୭% ସୁଧ ଦେଉଥିଲେ। ଏହି ବୃଦ୍ଧି ଫଳରେ ବର୍ତ୍ତମାନ ୬.୯୫% ସୁଧ ଦେବାକୁ ପଡ଼ିବ। ଏହି ନୂଆ ନିୟମ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ଏସ୍‌ବିଆଇ ଗୃହ ଋଣ ଉପରେ ସୁଧ ବୃଦ୍ଧି କରିଥିବାରୁ ଅନ୍ୟ ବ୍ୟାଙ୍କ ଓ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ମହାମାରୀ ସମୟରେ ବ୍ୟାଙ୍କରୁ ଋଣ ନେଇଥିବା ଗ୍ରାହକଙ୍କ ଉପରେ ବର୍ତ୍ତମାନ ଚାପ ପଡିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ବ୍ୟାଙ୍କ କେବଳ ଗୃହଋଣର ସୁଧହାର ବୃଦ୍ଧି କରିନାହିଁ ବରଂ ପ୍ରୋସେସିଂ ଫି' ମଧ୍ୟ ଲାଗୁ କରିବ ବୋଲି ସୂଚନା ମିଳିଛି। ପ୍ରୋସେସିଂ ଫି' ବାବଦ ୦.୪୦% ସହ ଜିଏସ୍‌ଟି ଫି' ଲାଗୁ ହୋଇପାରେ। ଏହା ସର୍ବନିମ୍ନ ୧୦ ହଜାର ଓ ସର୍ବାଧିକ ୩୦ ହଜାର ଟଙ୍କା ସହ ଜିଏସ୍‌ଟି ମଧ୍ୟ ଗ୍ରାହକଙ୍କୁ ଦେବାକୁ ପଡ଼ିପାରେ। ବ୍ୟାଙ୍କ ପୂର୍ବରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ପ୍ରୋସେସିଂ ଫି'କୁ ଛାଡ଼ କରି ଦେଇଥିଲା। ଏଭଳି ସମୟରେ ଏସ୍‌ବିଆଇ ଗୃହଋଣ ଉପରେ ସୁଧହାର ବୃଦ୍ଧି କରିଥିବାରୁ ଆଗକୁ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ଓ ବ୍ୟାଙ୍କ ଅଫ୍ ବରୋଦା ଭଳି ବ୍ୟାଙ୍କଗୁଡ଼ିକ ମଧ୍ୟ ଗୃହ ଋଣ ଉପରେ ସୁଧହାର ବୃଦ୍ଧି କରିପାରନ୍ତି ବୋଲି ଅନୁମାନ କରାଯାଉଛି।

## କର୍ମଚାରୀଙ୍କ ଟିକା ଖର୍ଚ୍ଚ ବହନ କରିବ ଓୟୋ

**ନୂଆଦିଲ୍ଲୀ,୫।୪**

ଓୟୋ ହୋଟେଲ ଏବଂ ହୋମ୍ସ ଏହାର ସମସ୍ତ କର୍ମଚାରୀ ଏବଂ ସେମାନଙ୍କର ପରିବାରର ଟିକାକରଣ ଖର୍ଚ୍ଚ କମ୍ପାନୀ ବହନ କରିବ। ସୋମବାର କମ୍ପାନୀ ଏ ସମ୍ପର୍କରେ ଘୋଷଣା କରିଛି। ଓୟୋ ଇଣ୍ଡିଆର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏହାଦ୍ୱାରା ଉପକୃତ ହେବେ। କର୍ମଚାରୀ ସେମାନଙ୍କ ସୁବିଧା ଅନୁଯାୟୀ ଯେ କୌଣସି କେନ୍ଦ୍ରରେ ଟିକାକରଣ କରାଇବା ପାଇଁ ଚୟନ କରିପାରିବେ। ଏବଂ ଏହାର ଖର୍ଚ୍ଚ ସମ୍ପୂର୍ଣ୍ଣ ରୂପେ ଓୟୋ ଦ୍ୱାରା ବହନ କରାଯିବ । ଏହାଛଡ଼ା ଏକ କୋଭିଡ-୧୯ ହୋମ କେୟାର କଭର ଅନ୍ତର୍ଭୁକ୍ତ କରିବା ପାଇଁ କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କର ବୀମା ଲାଭଗୁଡ଼ିକୁ ମଧ୍ୟ ବଢ଼ାଇ ଦିଆଯାଇଛି ।

## ଓଜିବି ଅଧିକାରୀ ସଂଘର କାର୍ଯ୍ୟକାରିଣୀ ବୈଠକ




**ଭୁବନେଶ୍ୱର,୫।୪:** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ଅଧିକାରୀ ସଂଘର ୫ମ କାର୍ଯ୍ୟକାରିଣୀ ବୈଠକ ନିକଟରେ ସ୍ଥାନୀୟ ଭିଏସ୍‌ଏସ୍ ନଗରସ୍ଥିତ ବିଏସ୍‌ଏନ୍‌ଏଲ୍ ଟେଲିକମ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସଂଘର ସାଧାରଣ ସଂପାଦକ ସୋମନାଥ ପାଣି ଓ ସଭାପତି ରଜନୀକାନ୍ତ ମହାପାତ୍ର, ସଂଘ ତଥା ବ୍ୟାଙ୍କର ଅନ୍ୟାନ୍ୟ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ଏହି କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ଗତବର୍ଷ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଗ୍ରାମ୍ୟ ବ୍ୟାଙ୍କ ବେତନ ସଂଶୋଧନ ସମ୍ବନ୍ଧିତ ନିର୍ଦ୍ଦେଶନାମାକୁ ସର୍ବସମ୍ମତି କ୍ରମେ ଦୃଢ଼ ନିନ୍ଦା କରାଯାଇଥିଲା ଓ ଏହା କର୍ମଚାରୀ ବିରୋଧି ବୋଲି ପ୍ରସ୍ତାବ ପାରିତ କରାଯାଇଥିଲା । ଭବିଷ୍ୟତରେ ଏହା ବିରୋଧରେ ସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବୈଠକରେ ସ୍ଥିର କରାଯାଇଛି । ଏହି ଅବସରରେ ପ୍ରିୟବ୍ରତ ଦାସ, ନିରଞ୍ଜନ ନାୟକ, ପ୍ରଦୀପ୍ତ ନାୟକଙ୍କ ସମେତ ସଂଘର ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

# ପିଏନ୍‌ବିର ଅନ୍‌ଲାଇନ ଟ୍ରେଡ ଫାଇନାନ୍ସ ପୋର୍ଟାଲ




**ନୂଆଦିଲ୍ଲୀ,୫।୪:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ରପ୍ତାନିକାରୀଙ୍କ ଲାଗି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ସିଇଓ ସି.ଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ, ବ୍ୟାଙ୍କର ଇଡି ସ୍ୱରୂପ କୁମାର ଶାହା, ଅନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ ଡିଭିଜନ ଜିଏମ୍ ବିଭା ଆରେନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସିଇଓ ରାଓ ଏକ ଅନଲାଇନ ଟ୍ରେଡ ଫାଇନାନ୍ସ ପୋର୍ଟାଲର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀ ଏବଂ ଏନ୍‌ସିଆର୍ ଅଞ୍ଚଳର ୫୦ ରପ୍ତାନୀକାରୀ ଯୋଗ ଦେଇଥିଲେ। ବ୍ୟାଙ୍କର ନୂଆ ବ୍ୟବସ୍ଥା ୨୪ ଘଣ୍ଟିଆ କାମ କରିବ। ଏହା ଦ୍ୱାରା ରପ୍ତାନିକାରୀ ଡକ୍ୟୁମେଣ୍ଟକୁ ସିଧାସଳଖ ଟ୍ରେଡ ଫାଇନାନ୍ସ ସେଣ୍ଟରକୁ ଦାଖଲ କରିପାରିବେ। ଏହା ଦ୍ୱାରା ଠିକ୍ ସମୟରେ ଡକ୍ୟୁମେଣ୍ଟ ପ୍ରୋସେସ କରାଇବା ସହଜ ହେବ। ଏହା ସହିତ ବ୍ୟାଙ୍କ ଏହାର ଫରେକ୍ସ ଟ୍ରେଡ ସେଣ୍ଟରକୁ ୪ ମେଟ୍ରୋ ସହରକୁ ସମ୍ପ୍ରସାରିତ କରିଛି।

# ଡିଜିଟାଲ କାରବାରରେ ଭାରତ ଏକ ନମ୍ବର

**ନୂଆଦିଲ୍ଲୀ,୫।୪**




ସାରା ବିଶ୍ୱରେ କରୋନା ମହାମାରୀ ଅନେକ ସମସ୍ୟା ସୃଷ୍ଟି କରିଛି। ଏହି ସଂକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଲୋକମାନେ ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ଡିଜିଟାଲ କାରବାରକୁ ଭାରତର ଲୋକମାନେ ବହୁ ସଂଖ୍ୟାରେ ବ୍ୟବହାର କରୁଥିବା ଜଣାପଡିଛି। ୨୦୨୦ ବର୍ଷରେ ଏହାର ବ୍ୟବହାର ଆଶାତିତ ଭାବେ ବୃଦ୍ଧି ପାଇଛି। ଫଳରେ ଅନଲାଇନ୍ ଜରିଆରେ ବିଲ୍ ପେମେଣ୍ଟଠାରୁ ଆରମ୍ଭ କରି ଶପିଂ ପର୍ଯ୍ୟନ୍ତ ଅଧିକାଂଶ କାରବାର ଡିଜିଟାଲ ଆକାରରେ ପେମେଣ୍ଟ କରୁଛନ୍ତି। ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁସାରେ ୨୦୨୦ରେ ଦେଶରେ ହୋଇଥିବା ଡିଜିଟାଲ ଟ୍ରାଞ୍ଜାକ୍ସନ ଚୀନ୍ ଓ ଆମେରିକା ଭଳି ଅତି ବିକଶିତ ଦେଶଠୁ ମଧ୍ୟ ଅଧିକ ବୋଲି ଜଣାପଡିଛି। ଗତବର୍ଷ ଦେଶରେ ପ୍ରାୟ ୨୫.୫ ବିଲିୟନ ରିଅଲ ଟାଇମ୍ ଟ୍ରାଞ୍ଜାକ୍ସନ ରେକର୍ଡ କରାଯାଇଛି। ସେହିଭଳି ଚାଇନାରେ ୧୫.୭ ବିଲିୟନ ଥିବା ବେଳେ ଦକ୍ଷିଣ କୋରିଆରେ ୬ ବିଲିୟନ, ଥାଇଲାଣ୍ଡରେ ୫.୨ ବିଲିୟନ ଏବଂ ୟୁକେରେ ୨.୮ ବିଲିୟନ ଟ୍ରାଞ୍ଜାକଶନ ହୋଇଛି। ଏହି ତାଲିକାରେ ଆମେରିକା ବହୁ ପଛରେ ଥିବା ଜଣାପଡିଛି। ଗତବର୍ଷ ଆମେରିକା ମାତ୍ର ୧.୨ ବିଲିୟନ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ କରିଥିବା ସୂଚନା ମିଳିଛି। ୨୦୨୦ରେ ଭାରତର ଗ୍ରାହକ ଇନ୍‌ଷ୍ଟାଣ୍ଟ ପେମେଣ୍ଟ ଦ୍ୱାରା ୧୫.୬% ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ୨୨.୯% ଟ୍ରାଞ୍ଜାକ୍ସନ କରିଥିବା ସୂଚନା ମିଳିଛି। ଏ ସବୁ ସତ୍ତ୍ୱେ ଦେଶର ନଗଦ କାରବାର ଏବେ ମଧ୍ୟ ସର୍ବାଧିକ ରହିଛି। ବର୍ତ୍ତମାନ ଭାରତର ନଗଦ କାରବାର ମୋଟ୍ ଟ୍ରାଞ୍ଜାକ୍ସନର ୬୧.୪% ରହିଛି।

## ୧୦୦ ଡାଏଲିସିସ୍ ମେଶିନ ଦେବ ଆଇସିଆଇସିଆଇ

**ନୂଆଦିଲ୍ଲୀ,୫।୪:** ଆଇସିଆଇସିଆଇ ଫାଉଣ୍ଡେଶନ ପକ୍ଷରୁ ୧୦୦ରୁ ଅଧିକ ଷ୍ଟେଟ ଅଫ୍ ଆର୍ଟ ଡାଏଲିସିସ୍ ମେଶିନ ପ୍ରଦାନ କରିବା ନେଇ ଘୋଷଣା କରାଯାଇଛି। ଛୋଟଛୋଟ ସହରରେ ବାସ କରୁଥିବା ସ୍ୱଳ୍ପ ସ୍ୱଚ୍ଛଳବର୍ଗର ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା ପହଞ୍ଚାଇବା ଲକ୍ଷ୍ୟରେ ବ୍ୟାଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୪ ବର୍ଷର ୱାରେଣ୍ଟି ସହିତ ଅଧିକ ଷ୍ଟେଟ ଅଫ୍ ଆର୍ଟ ଡାଏଲିସିସ୍ ମେଶିନ ପ୍ରଦାନ ଦିଗରେ ଆଇସିଆଇସିଆଇ ପଦକ୍ଷେପ ଗ୍ରହଣ କରୁଛି। ଦେଶର ୧୪ଟି ରାଜ୍ୟରେ ଥିବା ୬୦ଟି ହସ୍ପିଟାଲରେ ଏହି ମେଶିନଗୁଡିକ ସ୍ଥାପନ କରାଯିବ। ଓଡ଼ିଶାର ଗଞ୍ଜାମ, ସୁନ୍ଦରଗଡ଼ ଏବଂ ଯାଜପୁର ସମେତ ୩ଟି ଜିଲାର ହସ୍ପିଟାଲରେ ଏହି ମେଶିନ ଲଗାଯିବ ବୋଲି ସୂଚନା ମିଳିଛି। ଦେଶ ଗଠନ ପ୍ରତି ଆଇସିଆଇସିଆଇ ଗ୍ରୁପ୍‌ର ଯୋଗଦାନ ପୂର୍ବକ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି ବୋଲି ଆଇସିଆଇସିଆଇ ଫାଉଣ୍ଡେଶନର ସଭାପତି ସୌରଭ ସିଂ କହିଛନ୍ତି।

No. LL-01

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-424/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
P. Koteswar Rao & others........... ............ DEFENDANTS

**NOTICE**

No.5415 Legal - I (C) Dated: 17.03.2021
To
1) **P. Koteswar Rao,** S/o- P. Surya Rao; **Permanent/Present Address:** Vegetable Market, Komapalli, Berhampur, Dist- Ganjam (760004). **Office Address:** P. Koteswar Rao, Pump Driver, Office of the Executive Engineer, P.H. Division, Court Peta, P.S./P.O.- Baidyanathpur, Berhampur, Dist- Ganjam (760004) ..... **Def. No.1**
2) **P. Narasingh Murty, Permanent/Present Address:** Goulamundi Main Road, Berhampur, Dist.- Ganjam (760004). Office Address: P. Narasingh Murty, Electrician, Office of the Executive Engineer, P.H. Division, Court Peta, P.S./P.O.- Baidyanathpur, Berhampur, Dist.- Ganjam. (760004) ..... **Def. No. 2**
3) **Drawing and Disbursing Officer (D.D.O.),** Office of the Executive Engineer, P.H. Division, Court Peta, P.S./P.O.- Baidyanathpur, Berhampur, Dist.- Ganjam. (760004) ..... **Def. No. 3**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.2,63,043/- (Rupees Two Lakh Sixty Three Thousand Forty Three)** only **as on 31.03.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-425/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Laksmi Charan Mohanty & others........... ............ DEFENDANTS

**NOTICE**

No.5417 Legal - I (C) Dated: 17.03.2021
To
1) **Laksmi Charan Mohanty,** S/o- Late Maguni Mohanty, **Permanent/Present Address:** Bank Colony, II Line, Luchapuda Road, Berhampur, Dist - Ganjam. **Office Address:** Laksmi Charan Mohanty, Asst. Teacher, O/o- Binayakk Acharya Smruti Municipal High School, Aska Road, Berhampur-6, Dist.- Ganjam ..... **Def. No.1**
2) **Raghunath Jena, Permanent & Present Address:** At/P.O.- Sriram Nagar, Pandra Street, Berhampur, Dist.- Ganjam. Office Address: Raghunath Jena, Jr. Assistant, O/o- Binayakk Acharya Smruti Municipal High School, Aska Road, Berhampur-6, Dist.- Ganjam ..... **Def. No. 2**
3) **Drawing and Disbursing Officer (D.D.O.),** O/o- Binayakk Acharya Smruti Municipal High School, Aska Road, Berhampur-6, Dist.- Ganjam. ..... **Def. No. 3**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.1,55,990/- (Rupees One Lakh Fifty Five Thousand Nine Hundred Ninety)** only **as on 31.05.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-430/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Kailash Chandra Choudhury & another........... ........... DEFENDANTS

**NOTICE**

No.5419 Legal - I (C) Dated: 17.03.2021
To
1) **Kailash Chandra Choudhury,** S/o- Surendra Choudhury, **Permanent/ Present Address:** Plot No.-175, Gosani Nuagaon, Berhampur, Dist.- Ganjam. ..... **Def. No.1**
2) **Simanchal Choudhury,** S/o- Surendra Choudhury, **Permanent/Present Address:** Plot No.-175, Gosani Nuagaon, Berhampur, Dist.- Ganjam. ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.44,109/- (Rupees Forty Four Thousand One Hundred Nine)** only **as on 31.05.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-431/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Mamata Behera & another........... ........... DEFENDANTS

**NOTICE**

No.5421 Legal - I (C) Dated: 17.03.2021
To
1) **Mamata Behera,** D/o- Bhagaban Swain, **Permanent/Present Address:** Bhabani Nagar, Berhampur, Dist.- Ganjam (760001) ..... **Def. No.1**
2) **Ramesh Chandra Behera,** S/o- Late Kashinath Behera, **Permanent Address:** Bhabani Nagar, 4th Line, Berhampur, Dist.- Ganjam (760001) ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.52,967/- (Rupees Fifty Two Thousand Nine Hundred Sixty Seven)** only **as on 31.05.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-432/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Murali Dhara Barik & another........... ........... DEFENDANTS

**NOTICE**

No.5423 Legal - I (C) Dated: 17.03.2021
To
1) **Murali Store, Prop:- Murali Dhara Barik,** S/o- Bhaskar Chandra Barik, **Permanent Address:** At/PO- Kanchana Nagar, Dist.- Bhadrak. **Present Address:** Plot No.- At/PO- Basanti Colony, Rourkela, Dist.- Sundargarh-769012 ..... **Def. No.1**
2) **Rabindra Ku. Ram, Present Address:** Qr. No.-H/14, At/P.O.- Rourkela-6, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.35,535/- (Rupees Thirty Five Thousand Five Hundred Thirty Five)** only against **as on 28.02.2018** you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-433/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Ram Kumar Jaiswal & another........... ............ DEFENDANTS

**NOTICE**

No.5425 Legal - I (C) Dated: 17.03.2021
To
1) Student Book Point, **Prop:- Ram Kumar Jaiswal**, S/o- Babu Lal Jaiswal, **Permanent Address:** At/P.O.- Basanti Colony, Rourkela, Dist.- Sundargarh. **Present Address:** Plot No.-FL-181, At/P.O.- Basanti Colony, Rourkela, Dist.- Sundargarh-769012. ..... **Def. No.1**
2) **Rohidas Nag,** S/o- Late Lallu Nag, **Permanent Address:** At/PO- Dighi, Jarkani, Dist- Mayurbhanj. **Present Address:** Plot No.- C/241, AT/P.O.- Sector-6, Rourkela, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.10,684/- (Rupees Ten Thousand Six Hundred Eighty Four)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-434/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Rajesh Taunk & another........... ............ DEFENDANTS

**NOTICE**

No.5427 Legal - I (C) Dated: 17.03.2021
To
1) **Chanda Store, Prop. Rajesh Taunk**, S/o- Late Harish Kumar Taunk, **Permanent Address:** At/P.O.- Bisra Dahar Road, Udit Nagar, Dist.- Sundargarh. **Present Address:** At/P.O.- Bisra Dahar Road, Udit Nagar, Dist.- Sundargarh-769001 ..... **Def. No.1**
2) **Chandra Kumar Minz,** S/o- Late J. Minz, **Permanent Address:** At/PO- Badgudhiak, Jharbeda, Dist. Sundargarh. **Present Address:** Qr. No.- H/129, At/PO- Sector-06, Rourkela-04, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.39,396/- (Rupees Thirty Nine Thousand Three Hundred Ninety Six)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-436/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Nandlal Sahu & another........... ............ DEFENDANTS

**NOTICE**

No.5429 Legal - I (C) Dated: 17.03.2021
To
1) **Nandlal Hotel, Prop- Nandlal Sahu**, S/o- Tikan Sahu, **Permanent Address:** At/P.O.- Sirshtola, Vedvyas, Dist.- Sundargarh. **Present Address:** Plot No. B, Taranga, At/P.O.- Sirshtola, Vedvyas, Dist.- Sundargarh- 769004. ..... **Def. No.1**
2) **Lakhan Kumar Sahoo, Permanent Address:** At/P.O.- Vedvyas, Dist.- Sundargarh. **Present Address:** At/P.O.- Vedvyas, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.8,143/- (Rupees Eight Thousand One Hundred Forty Three)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-438/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Barun Das & another........... ............ DEFENDANTS

**NOTICE**

No.5431 Legal - I (C) Dated: 17.03.2021
To
1) **Das Art Service, Prop.- Barun Das,** S/o- Late Diwjevi Kumar Das, **Permanent Address:** At/P.O./P.S.- Rourkela, Dist.- Sundargarh. **Present Address:** Plot No.79, At/P.O.- Singh Building near Plant Site, Rourkela, P.S.- Rourkela, Dist.- Sundargarh-769012 ..... **Def. No.1**
2) **R.C. Chandar Shekhar Reddy,** S/o - R.R. Reddy. **Permanent Address:** At- Ichhapuram, P.O.- Srikakulam, Dist.- Srikakulam. **Present Address:** Plot No.- A-43/2, Railway Colony, P.O./P.S.- Rourkela, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.19,803/- (Rupees Nineteen Thousand Eight Hundred Three)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-439/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Dharmendra Kumar Mohapatra & another...... ....... DEFENDANTS

**NOTICE**

No.5433 Legal - I (C) Dated: 17.03.2021
To
1) **Bapu STD, Prop.- Dharmendra Kumar Mohapatra**, S/o- Sri Amulaya Kumar Mohapatra, **Permanent Address:** At- Kumaranga Sasana, P.O.- Banapur, Dist.- Khurda. **Present Address:** Plot N.- BL-215, At/P.O.- Basanti Colony, Rourkela-12, Dist.- Sundargarh-769012 ..... **Def. No.1**
2) **Durga Charan Nayak,** S/o- Kangali Nayak, **Permanent Address:** At/P.O.- Mahimunda, Dist- Bolangir. **Present Address:** Plot No.- H/10, At/P.O.- Sec-6, Rourkela, Dist.- Sundargarh ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.21,540/- (Rupees Twenty One Thousand Five Hundred Forty)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-445/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Jayananda Nag & another...... ....... DEFENDANTS

**NOTICE**

No.5435 Legal - I (C) Dated: 17.03.2021
To
1) **Jayananada Store, Prop.- Jayananda Nag,** S/o- Late Jugal Nag, **Permanent Address:** At/P.O.- Khajurpada, Tundla, Dist. Kalahandi. **Present Address:** At/P.O.- C/215, At/P.O.- Sector-07, Rourkela-03, Dist.- Sundargarh-769003 ..... **Def. No.1**
2) **John De Costa,** S/o- Late Martin De Costa, **Permanent Address:** At/P.O.- D/143, Fertilizer Township, Dist-Sundargarh. **Present Address:** At/P.O.- D/143, Fertilizer Township, Dist-Sundargarh. ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.5,759/- (Rupees Five Thousand Seven Hundred Fifty Nine)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

**IN THE COURT OF THE ARCS (HQRS.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**
**DISPUTE CASE NO.-448/2018**

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD... .....PLAINTIFF
-: Versus :-
Kartika Kumar Sahoo & another...... ....... DEFENDANTS

**NOTICE**

No.5437 Legal - I (C) Dated: 17.03.2021
To
1) **Sahoo Electrical And Electronics, Prop.- Kartika Kumar Sahoo,** S/o- Sri Diyabar Sahoo, **Permanent Address:** At/P.O.- Dihisahi, Tirtol, Dist.- Jagatsinghpur. **Present Address:** At/P.O.- Room No.17, Goleghar, Rourkela-2, Dist.- Sundargarh-769002 ..... **Def. No.1**
2) **Abhriram Gochhayat,** S/o- Sri Nanda Gochhayat, **Permanent Address:** At/P.O.- Kantamila, Dist.- Dhenkanal. **Present Address:** Qr. No.-B/06, At/P.O.- Rourkela-2, Dist.- Sundargarh. ..... **Def. No. 2**

Whereas, the Odisha State Co-operative Bank Ltd., (Plaintiff) has preferred the dispute case u/s-68 of O.C.S. Act-1962 for passing an award of **Rs.12,561/- (Rupees Twelve Thousand Five Hundred Sixty One)** only **as on 28.02.2018** against you with further interest and cost. Whereas notice issued to you by R.P. with A.D. returned unserved. Now, therefore, take notice through this publication to appear before the Court **as above at 8th Floor, Heads of Department Building, Bhubaneswar-1 on 09.04.2021 at 11 AM** to defend the case failing which the matter shall be decided on merit as per law.
By order of the Court
**S. Mahapatra, Sub-Asst. Registrar, Co-operative Societies, (Legal)**

OIPR-39012/11/0001/2122

ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ହିଁ ପରିବାରର ସୁସ୍ଥତାର ପରିଚାୟକ, କାରଣ ସେମାନେ ହେଉଛନ୍ତି ଗୋଟିଏ ପରିବାରର କେନ୍ଦ୍ରବିନ୍ଦୁ ଏବଂ ମହିଳାମାନେ ସୁସ୍ଥ ରହିଲେ ହିଁ ଗୋଟିଏ ପରିବାର ସୁସ୍ଥ ରହିବ। ହେଲେ ଅଧିକାଂଶ ମହିଳା ଘରର ସମସ୍ତଙ୍କର ଯତ୍ନ ନେଉ ନେଉ ନିଜ ଖାଦ୍ୟପ୍ରତି ଅବହେଳା କରି କ୍ରମେ ରୁଗ୍‌ଣ ହୋଇପଡ଼ନ୍ତି ତଥା ବିଭିନ୍ନ ରୋଗର ଶିକାର ହୋଇଥାନ୍ତି। ତେଣୁ ଆସନ୍ତାକାଲି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମହିଳାଙ୍କ ସୁସ୍ଥ ଜୀବନ ଲାଗି ଖାଦ୍ୟର ଆବଶ୍ୟକତାକୁ ନେଇ ବିଶେଷ ଉପସ୍ଥାପନା...



# ମହିଳାଙ୍କ ପାଇଁ ଖାଦ୍ୟ

ଡା. ସରୋଜିନୀ ଷଡ଼ଙ୍ଗୀ





'ମହିଳାମାନଙ୍କ ସ୍ୱାସ୍ଥ୍ୟ' କଥା କହିଲେ ଶିଶୁ କନ୍ୟା, କିଶୋରୀ କନ୍ୟା, ପ୍ରଜନନକ୍ଷମ ମହିଳା ବା ୧୫ ରୁ ୪୯ ବର୍ଷ ବୟସର ମହିଳାମାନଙ୍କର ସ୍ୱାସ୍ଥ୍ୟ ଏବଂ ମାସିକ ଋତୁସ୍ରାବ ବିରତି ପରେ ସ୍ୱାସ୍ଥ୍ୟ ଅବସ୍ଥାକୁ ବୁଝାଇଥାଏ। ଏହା ଗୋଟିଏ ନାରୀର 'ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷା' କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ପ୍ରତିଟି ସମୟରେ ଖାଦ୍ୟ ପ୍ରାଣର ଚାହିଦା ବା 'ନ୍ୟୁଟ୍ରିଶନାଲ୍ ନିଡ୍' ମଧ୍ୟ ପରିବର୍ତ୍ତିତ ହୋଇଥାଏ। ଯେପରି ଶିଶୁକନ୍ୟାର ଶାରୀରିକ ଓ ମାନସିକ ବର୍ଦ୍ଧନ ପାଇଁ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର ତଥା ଭିଟାମିନ୍ସ୍ ଓ ମିନେରାଲ୍ସ୍ ଠିକ୍ ପରିମାଣରେ ଆବଶ୍ୟକ। ଏହାଦ୍ୱାରା ତା'ର 'ଇଣ୍ଟେଲିଜେଣ୍ଟ କୋସେଣ୍ଟ' ବା ଆଇକ୍ୟୁ ମଧ୍ୟ ବଢ଼ିଥାଏ।

କିଶୋରୀ କନ୍ୟା ଓ ପ୍ରଜନନକ୍ଷମ ମହିଳାଙ୍କୁ ସୁସ୍ଥ ରଖିବା ପାଇଁ ପୁଷ୍ଟିକର ଖାଦ୍ୟଗୁଡ଼ିକ ହେଲା -ଆଇରନ୍, କ୍ୟାଲ୍‌ସିୟମ୍, ପ୍ରୋଟିନ୍ ଓ ଆମିନୋଏସିଡ୍ ବା ପୁଷ୍ଟିସାର ଖାଦ୍ୟ। କ୍ୟାଲ୍‌ସିୟମ୍, ମ୍ୟାଗ୍‌ନେସିୟମ୍ ଓ ଭିଟାମିନ୍ 'ଡି' ମହିଳାମାନଙ୍କର ମାସିକ ଋତୁସ୍ରାବର ବିରତି ପରେ ହାଡ଼କୁ ଶକ୍ତ କରିଥାଏ। ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ପ୍ରୌଢ ଓ ବୃଦ୍ଧ ବୟସରେ ହୃତ୍‌ପିଣ୍ଡ ଓ ସ୍ନାୟୁଗୁଡ଼ିକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। ଏହାଛଡ଼ା ଅନ୍ୟାନ୍ୟ ଭିଟାମିନ୍ ଓ ଖାଦ୍ୟପ୍ରାଣ ମଧ୍ୟ ମହିଳାମାନଙ୍କୁ ସୁସ୍ଥ ରଖିଥାଏ।



**କିଶୋରୀମାନଙ୍କ ପାଇଁ ଖାଦ୍ୟ ପ୍ରାଣ :** କିଶୋରୀ ବା ଯୁବତୀ ବୟସରେ ଝିଅଟିର ଶରୀର ମାତୃତ୍ୱ ପାଇଁ ପ୍ରସ୍ତୁତ ହୋଇଥାଏ ଏବଂ ଝିଅଟି ଖୁବ୍‌ଶୀଘ୍ର ବଢ଼ିଯାଇଥାଏ (ଗ୍ରୋଥ୍‌ସ୍ପର୍ଟ)। ତେଣୁ ତା'ର ଲୌହସାର ଖାଦ୍ୟ ବା ଆଇରନ୍ ଓ ପୁଷ୍ଟିସାର ଖାଦ୍ୟ ଦରକାର ହୋଇଥାଏ। ଶରୀରର ପ୍ରତ୍ୟେକଟି ଅନ୍ତଃସ୍ରାବୀରସ ବା ହର୍‌ମୋନ୍‌ରେ ପ୍ରୋଟିନ୍ ଥିବାରୁ ଏହା ହର୍‌ମୋନ୍‌ର ସନ୍ତୁଳନ ରକ୍ଷା କରିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ତେଣୁ ସୁସ୍ଥ ଶରୀର ପାଇଁ ଉତ୍ତମ ଗୁଣାତ୍ମକମାନର ପ୍ରାଣିଜ ପୁଷ୍ଟିସାର ବା ଫାଷ୍ଟକ୍ଲାସ୍ ପ୍ରୋଟିନ୍ ଦରକାର। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ ଶତକଡ଼ା ୧୦ ରୁ ୧୫ ଭାଗ ମହିଳା ଓ କିଶୋରୀମାନେ ରକ୍ତହୀନତା ରୋଗ ଭୋଗିଥାନ୍ତି। ତେଣୁ ଏହି ବୟସରେ ଲୌହସାର ପରିମାଣ କମିଗଲେ ଦେହରୁ ହିମୋଗ୍ଲୋବିନ୍ କମିଯାଇ ରକ୍ତହୀନତା ହୁଏ। ଏହାଦ୍ୱାରା ମସ୍ତିଷ୍କର ନିୟନ୍ତ୍ରଣ ଶକ୍ତି କମିଯାଏ, ଚିଡ଼ିଚିଡ଼ା ଲାଗିଥାଏ, ପଢ଼ିବାକୁ ବା କାମ କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ସେମାନଙ୍କର ଦୈନନ୍ଦିନ ଲୌହସାର ଯୁକ୍ତ ଖାଦ୍ୟ ଖାଇବା ଉଚିତ।

ଦିନସାରା କାର୍ଯ୍ୟବ୍ୟସ୍ତ ରହୁଥିବାରୁ ଶରୀରକୁ ଫିଟ୍ ରଖିବା ସହ କାର୍ଯ୍ୟକ୍ଷମତା ବୃଦ୍ଧି ଲାଗି ଖାଦ୍ୟରେ ଶ୍ୱେତସାରଯୁକ୍ତ ଖାଦ୍ୟ ଯଥା ଉଷୁନା ଚାଉଳ, ଚୁଡ଼ା, ଗହମ, ଦଲିଆ, ଯଅ, ବାଜରା ଇତ୍ୟାଦି ଖାଆନ୍ତୁ। ଏହାଛଡ଼ା ଡାଲି ଏବଂ ଅନ୍ୟାନ୍ୟ ଡାଲି ଜାତୀୟ ଖାଦ୍ୟ ସମେତ ମାଛ, ମାଂସ, ଅଣ୍ଡା, ସୋୟାବିନ୍ ଇତ୍ୟାଦି ଖାଆନ୍ତୁ। ବିଭିନ୍ନ ପ୍ରକାର ପନିପରିବା ଓ ଫଳ, ଲୋ ଫ୍ୟାଟ୍ କ୍ଷୀର କିମ୍ବା ଦହି, ଛେନା ମଧ୍ୟ ଖାଆନ୍ତୁ। ଖାଦ୍ୟରେ ତେଲ ଓ ଘିଅର ପରିମାଣ କମ୍ କରି, ଗଜାମୁଗ, ଆଲମଣ୍ଡ, ଫଳ, ପାଳଙ୍ଗ ଶାଗ ଆଦି ଖାଇବା ଭଲ। ଆଇରନ୍‌ଯୁକ୍ତ ଖାଦ୍ୟ ଯଥା ଆମିଷ ଖାଦ୍ୟ ଯେପରି କି ମାଛ, ମାଂସ, କଲିଜା, ପାଳଙ୍ଗ ଶାଗ ଓ ସଜନା ଶାଗ, ଗଜାମୁଗ, ଗୁଡ଼, କଞ୍ଚା ଓ ପାଚିଲା କଦଳୀ, ଡାଳିମ୍ବ, ଖଜୁରି, କିସ୍‌ମିସ୍, ଗାଜର, ଟମାଟୋ, କଖାରୁ ମଧ୍ୟ ଖାଇବା ଉଚିତ। ଆଇରନ୍ ସହ ଭିଟାମିନ୍ -ସି ଓ ଭିଟାମିନ୍-ବି କମ୍ପ୍ଲେକ୍ସ ଖାଇବା ଉଚିତ। ଅଁଳା, କମଳା, ପିଜୁଳି, ମୌସୁମ୍ବି, ସେଓ, ବନ୍ଧାକୋବି, ଟମାଟୋ, ବ୍ରୋକୋଲି, ଲେମ୍ବୁ, ଷ୍ଟ୍ରବେରି ଇତ୍ୟାଦିରୁ ଏହା ମିଳିଥାଏ।

**ଜରୁରୀ ଭିଟାମିନ୍ସ:** ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି, ଇ ଏବଂ ବି କମ୍ପ୍ଲେକ୍ସ୍ ମହିଳାଙ୍କ ଲାଗି ଖୁବ୍ ଜରୁରୀ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଭିଟାମିନ୍ 'ଏ' ଆଖି, ଚମ ଓ ସୂକ୍ଷ୍ମ ତନ୍ତୁମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବାବେଳେ ଭିଟାମିନ୍ 'ସି' ଓ ଭିଟାମିନ୍ 'ଇ' ବୟସ ବୃଦ୍ଧିକୁ ରୋକିବା ସହ ହୃତ୍‌ପିଣ୍ଡର ତନ୍ତୁକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାନ୍ତି। 'ବି' ଭିଟାମିନ୍ ଲୋହିତ ରକ୍ତକଣିକା ତିଆରି କରିବା ସହ ମସ୍ତିଷ୍କକୁ ସୁସ୍ଥ ରଖିଥାଏ, ଏହାଛଡ଼ା ଏଗୁଡ଼ିକ ମଧ୍ୟ ଶରୀରର ସବୁ ସୂକ୍ଷ୍ମକୋଷ ତିଆରି କରିବା ସହ ମଣିଷ ଦେହର ପ୍ରତ୍ୟେକଟି ଅଂଶ ଯଥା ଚର୍ମ, କେଶ ଓ ନଖ ତଥା ସମସ୍ତ ଅଙ୍ଗର ସୌନ୍ଦର୍ଯ୍ୟ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହାର ଅନ୍ୟନାମ 'ସୌନ୍ଦର୍ଯ୍ୟ ଭିଟାମିନ୍'। ପ୍ରାୟ ୩୦ ବର୍ଷ ବେଳକୁ ମଣିଷର ହାଡ଼ର ସାନ୍ଦ୍ରତା ଓ ବର୍ଦ୍ଧନ ଶେଷ ହୋଇଥାଏ। କ୍ୟାଲ୍‌ସିୟମ୍, ଭିଟାମିନ୍ ଡି, ମ୍ୟାଗ୍‌ନେସିୟମ୍ ମହିଳାମାନଙ୍କର ହର୍‌ମୋନ୍ ଟେଷ୍ଟୋଷ୍ଟେରୋନ୍ ହାଡ଼ ଗଢ଼ିବାରେ ପ୍ରମୁଖ ଭୂମିକା ନେଇଥାନ୍ତି।

**ଗର୍ଭାବସ୍ଥାରେ ଖାଦ୍ୟ:** ଭରତ ଭଳି ଏକ ବିକାଶୋନ୍ମୁଖୀ ଦେଶରେ ମାତୃ ମୃତ୍ୟୁହାର ଏକ ଉଦ୍‌ବେଗର ବିଷୟ। ସମଗ୍ର ମାତୃ ମୃତ୍ୟୁର ଶତକଡ଼ା ୨୫ ଭାଗ ମୃତ୍ୟୁ ଭାରତରେ ହିଁ ଘଟିଥାଏ। ତେବେ ଏଥିପାଇଁ ବିଭିନ୍ନ କାରଣ ମଧ୍ୟରୁ ଆବଶ୍ୟକ ଖାଦ୍ୟର ଅଭାବ ମଧ୍ୟ ଏକ ପ୍ରମୁଖ କାରଣ। ତେଣୁ ଏ ସମୟରେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଯଥା ପ୍ରତି ୧ କେ.ଜି ଓଜନରେ ୧ ଗ୍ରା ପ୍ରୋଟିନ୍ ଖାଇଲେ ଶିଶୁର ମାନସିକ ଓ ଶାରୀରିକ ବର୍ଦ୍ଧନ ଭଲ ଭାବରେ ହୋଇଥାଏ। ଗର୍ଭାବସ୍ଥାରେ କେତେକ ସୂକ୍ଷ୍ମ ପୋଷକଦ୍ରବ୍ୟଯୁକ୍ତ ଖାଦ୍ୟ ଯଥା ଫୋଲିକ୍ ଏସିଡ୍ , ଆଇରନ୍ ବା ଲୌହସାର ଖାଦ୍ୟ, କ୍ୟାଲ୍‌ସିୟମ୍ ଏବଂ ଭିଟାମିନ୍ ଡି ଖାଇଲେ ଶିଶୁ ବିକଳାଙ୍ଗ ହୁଏ ନାହିଁ। ସୁଷମ ଖାଦ୍ୟ ସହ ପ୍ରୋଟିନ୍ ଓ ମାଇକ୍ରୋନିଉଟ୍ରିଏଣ୍ଟ ବା ସୂକ୍ଷ୍ମ ପୋଷକଦ୍ରବ୍ୟ ଖାଇଲେ ଗର୍ଭାବସ୍ଥାରେ ତଥା ସ୍ତନ୍ୟପାନ ସମୟରେ ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

**ବୟସ୍କା ମହିଳାମାନଙ୍କର ସ୍ୱାସ୍ଥ୍ୟ :** ମେନୋପଜ୍ ବା ମାସିକ ଋତୁସ୍ରାବର ବିରତ ପରେ ଆହୁରି ୩୦ ବର୍ଷ (୫୦ ରୁ ୮୦ ବର୍ଷ) ନାରୀଟିଏ ଜୀବନ ଅତିବାହିତ କରୁଛି। ଏହି ସମୟରେ ଉଷ୍ଣହୁଳା, ଚିଡ଼ିଚିଡ଼ା, ରାଗ ଓ ଅସହାୟ ଭାବ ଭୋଗିଲେ ମଧ୍ୟ କିଛି ବର୍ଷପରେ ହାଡ଼ପୋରିଆ ବା ଓଷ୍ଟିଓ ପୋରୋସିସ୍, ହୃଦ୍‌ରୋଗ ଏବଂ ବେଳେବେଳେ ସ୍ତନକର୍କଟ ରୋଗ, ଜରାୟୁଗ୍ରୀବା କର୍କଟରୋଗ ଭୋଗିବାର ଆଶଙ୍କା ଥାଏ। ତେଣୁ ଏ ବୟସରେ କେବଳ ମହିଳାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ମାନସିକ ଓ ଭାବପ୍ରବଣତାର ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେବା ଦରକାର। ସେଥିପାଇଁ ଆଇସୋଫ୍ଲାଭୋନ୍ ବା ଫାଇଟୋଇଷ୍ଟ୍ରୋଜେନଗୁଡ଼ିକ ଇଷ୍ଟ୍ରୋଜେନ ହର୍‌ମୋନ ପରି ହୋଇଥିବାରୁ ଏହା ଖାଇଲେ ଉପରୋକ୍ତ ଲକ୍ଷଣଗୁଡ଼ିକ କମିଯାଇଥାଏ। ତେଣୁ କ୍ୟାଲସିୟମ୍ ଓ ଭିଟାମିନ୍ 'ଡି' ଯଥା - ଛେନା, କ୍ଷୀର, ଦହି, ମାଛ, ମାଂସ, ଡାଲି, ସୋୟାବିନ୍, ଆଲ୍‌ମଣ୍ଡ ଆଦି ଖାଇବା ଆବଶ୍ୟକ।

ତ୍‌ଗୋଟିଏ ସୁସ୍ଥ ନାରୀ ହିଁ ଗୋଟିଏ ସୁସ୍ଥ ଓ ସୁଖୀ ପରିବାର ଗଢ଼ିତୋଳିଥାଏ। ନିଜ ଖାଦ୍ୟ, ଚାଲିଚଳଣ ଓ ଜୀବନଶୈଳୀରେ ପରିବର୍ତ୍ତନ କଲେ ନାରୀ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହି ସାରା ପରିବାର ତଥା ସମାଜକୁ ସୁସ୍ଥ ରଖିପାରିବ।

- ଲିଙ୍କ୍ ରୋଡ୍, କଟକ
ମୋ- ୯୪୩୭୦୫୫୦୦୭

# ଏମିତି ଲାଗିବେ ଫ୍ୟାଶନେବଲ୍

ମାର୍କେଟ୍‌କୁ ଆସୁଥିବା ନୂଆ ନୂଆ ଆଉଟ୍‌ଫିଟ୍‌କୁ ନେଇ ଏକ୍ସପେରିମେଣ୍ଟ କରିବାରେ ମହିଳାମାନେ ବେଶ୍ ଆଗରେ। ହେଲେ କାହା ସହ କେଉଁ ପୋଷକକୁ ପେୟାର କଲେ ଅଧିକ ଫ୍ୟାଶନେବଲ୍ ଲାଗିବ ତାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯଦି ଆପଣ ବି ଏପରି ଭାବୁଛନ୍ତି ତେବେ ଫଲୋ କରନ୍ତୁ ଏହି ଟିପ୍ସ...



- ଜିନ୍ସ କିମ୍ବା ଜେଗିଙ୍ଗ୍‌ସ ସାଙ୍ଗକୁ ଲଙ୍ଗ୍ କୁର୍ତ୍ତୀ ବର୍ତ୍ତମାନ ଅଧିକାଂଶ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହି ଗେଟ୍‌ଅପ୍‌ରେ ଅଧିକ ଆକର୍ଷଣୀୟ ଲୁକ୍ ପାଇବା ପାଇଁ ଫ୍ରଣ୍ଟ ବଟନ୍ କିମ୍ବା ଜିପ୍ ଏବଂ ସାଇଡ୍ ବଟନ୍ କୁର୍ତ୍ତୀ ବାଛନ୍ତୁ।
- ଲଙ୍ଗ୍ କୁର୍ତ୍ତୀ କିମ୍ବା ମ୍ୟାକ୍ସି ଡ୍ରେସ୍ ସହିତ ପ୍ଲାଜୋ ପିନ୍ଧିଲେ ମଡର୍ନ ଲାଗିବେ। ଏହା ସହ ଏଥ୍‌ନିକ୍ ଜୁଏଲେରୀ ଅଧିକ ଟ୍ରେଣ୍ଡି ଲୁକ୍ ଦେବ।
- ବର୍ତ୍ତମାନ ଫ୍ୟାଶନ୍ ଟ୍ରେଣ୍ଡରେ ଆଫ୍‌ଗାନୀ ସାଲ୍‌ୱାର୍ ବେଶ୍ ଚର୍ଚ୍ଚାରେ ଅଛି। ଆପଣ ଚାହିଁଲେ ଏହା ସହ ଶର୍ଟ କୁର୍ତ୍ତୀ କିମ୍ବା ଡିଜାଇନର ଟପ୍ସ ପିନ୍ଧି ପାରିବେ। ଏଭଳି ଗେଟ୍‌ଅପ୍ ସାଙ୍ଗକୁ ବଡ ହ୍ୟାଙ୍ଗିଙ୍ଗ୍ ଇୟରରିଂ, ଚୁଡି ଏବଂ ପଏଣ୍ଟେଡ୍ ବା ୱେଜ୍ ହିଲ୍ ଚପଲ ଟ୍ରାଏ କରନ୍ତୁ ଷ୍ଟାଇଲିସ୍ ଲାଗିବେ।
- ଯଦି ଆପଣ ମଡର୍ନ ଲୁକ୍ ସାଙ୍ଗକୁ ଟ୍ରାଡିଶନାଲ୍ ବି ଦେଖାଯିବାକୁ ଚାହୁଁଛନ୍ତି, ତେବେ ଲାଟେଷ୍ଟ ଟ୍ରେଣ୍ଡ ସାଜିଥିବା ସିଗାରେଟ୍ ପ୍ୟାଣ୍ଟ ଟ୍ରାଏ କରନ୍ତୁ। ଏହା ସହ ଫ୍ରଣ୍ଟ କଟ ଲଙ୍ଗ୍ କୁର୍ତ୍ତୀ ଭଲ ମାନିବ। ଆପଣ ଚାହିଁଲେ ଏହି ଡ୍ରେସ୍ ସହ ଏଥ୍‌ନିକ କିମ୍ବା ଡିଜାନର ବିଡ୍ସ ଜୁଏଲେରି ପିନ୍ଧି ପାରିବେ।



- ସେହିଭଳି ଧୋତି ପ୍ୟାଣ୍ଟ ସାଙ୍ଗକୁ ଫ୍ରଣ୍ଟ କଟ୍ କୁର୍ତ୍ତୀ, ଶର୍ଟ ହେଭି ୱର୍କ କୁର୍ତ୍ତୀ ଏବଂ ଏଥ୍‌ନିକ୍ ଜୁତି, ଚଙ୍କି ଜୁଏଲେରିର ଫ୍ୟୁଜନ୍ ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ।
- ଆପଣ ଚାହିଁଲେ ଅନାରକଲି ଗାଉନ୍, ଫ୍ଲୋର୍ ଲେନ୍ଥ ଅନାରକଲି, ଆସିମେଟ୍ରିକାଲ ଅନାରକଲି ମଧ୍ୟ ବାଛିପାରିବେ। ଏହା ସହ ହାଇ ହିଲ୍ ଏବଂ ପୋଲ୍‌କି କିମ୍ବା କୁନ୍ଦନ ଜୁଏଲେରି ପିନ୍ଧି ଆକର୍ଷଣୀୟ ଲାଗି ପାରିବେ।
- ଯଦି ଶାଢ଼ି ପିନ୍ଧିବେ ଭାବିଛନ୍ତି ହେଲେ ଏହାକୁ କ୍ୟାରି କରିବା ଅସୁବିଧା ହେଉଛି ତେବେ ଶାଢ଼ି ଗାଉନ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ସେତିକି ସହଜ ମଧ୍ୟ।

# ଘରୋଇ ଫେସ୍‌ପ୍ୟାକ୍



ଖରାଦିନେ ପ୍ରଖର ସୂର୍ଯ୍ୟକିରଣ ପ୍ରଭାବରେ ସନ୍‌ଟ୍ୟାନ୍‌ଠାରୁ ଆରମ୍ଭ କରି ତ୍ୱଚା ସମ୍ବନ୍ଧିତ ଅନ୍ୟାନ୍ୟ ସମସ୍ୟା ବି ଦେଖାଦେଇଥାଏ। ଯାହାକୁ ଦୂର କରିବାକୁ ଅନେକେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରୁଥିବା ଦେଖିବାକୁ ମିଳିଥାଏ, ଯାହାକି ବ୍ୟୟ ବହୁଳ ମଧ୍ୟ। ହେଲେ ଆପଣ ଚାହିଁଲେ ଘରେ ଉପଲବ୍ଧ ଥିବା କେତେକ ସାମଗ୍ରୀକୁ ଫେସ୍ ପ୍ୟାକ୍ ଭାବେ ବ୍ୟବହାର କରି ବେଦାଗ, ଆକର୍ଷଣୀୟ ତ୍ୱଚା ପାଇପାରିବେ...




**ରୋଜ୍ ଫେସ୍‌ପ୍ୟାକ୍:** ୨-୩ଟି ଗୋଲାପ ଫୁଲର ପାଖୁଡାକୁ ପେଷ୍ଟ କରି ଦିଅନ୍ତୁ। ଏକ ପାତ୍ରରେ ଏକ ଚାମଚ ଏହି ପେଷ୍ଟ, ୨-୩ ଚାମଚ କଞ୍ଚା କ୍ଷୀର, ୪-୫ ବୁନ୍ଦା ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ବ୍ରଣ ଦାଗ ଆଦି ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

**ଅମୃତଭଣ୍ଡା- କଦଳୀ ଫେସ୍‌ପ୍ୟାକ୍:** ଏକ ୨ ବଡ ଚାମଚ ପାଚିଲା ଅମୃତ ଭଣ୍ଡା ପେଷ୍ଟ, ୧ ଚାମଚ ପାଚିଲା କଦଳୀ ପେଷ୍ଟ, ୫-୭ଟି ବାଦାମର ପେଷ୍ଟ, ଅଧା ଚାମଚ ଆଲୋଭେରା ଜେଲ୍, ଅଳ୍ପ ମହୁକୁ ଭଲ ଭାବେ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦-୨୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଥରେ କିମ୍ବା ଦୁଇଥର ଲଗାନ୍ତୁ ଦେଖିବେ ରିଙ୍କିଲ୍ ମାର୍କ, କଳାଦାଗ, ଛାଇ ପଡିବା ଭଳି ଦାଗ ଆଦି ଦୂର ହୋଇଯିବ।

**କମଳା ଚୋପା ପାଉଡର ଓ ଆଲୋଭେରା ଜେଲ୍ ପ୍ୟାକ୍:** ଏକ ପାତ୍ରରେ ଏକ ଚାମଚ କମଳା ଚୋପା ପାଉଡର, ଅଧା ଚାମଚ ଆଲୋଭେରା ଜେଲ ଏବଂ ଅଳ୍ପ ମୁଲତାନୀ ମାଟି ନେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ।

## ଖାଦ୍ୟ ରୁଚି

# କଞ୍ଚା ଆମ୍ବ ସୁପ୍

**ଆବଶ୍ୟକ ସାମଗ୍ରୀ:** ଏକ କେଜି. କଞ୍ଚା ଆମ୍ବ, ଛୋଟ କଟା ଅଦା ୩ ବଡ ଚାମଚ, ଶୁଣ୍ଠି ପାଉଡର ୧ ଚାମଚ, ପୁଦିନା ପତ୍ର ୪ ବଡ ଚାମଚ, ଚିନି ୨-୩ ବଡ ଚାମଚ, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ ଅଧା ଛୋଟ ଚାମଚ, କଳା ଲୁଣ ଅଧା ଛୋଟ ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଛୋଟ ଚାମଚ, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଆମ୍ବ ଚୋପା ଛଡାଇ ଏହାକୁ ଛୋଟ ଛୋଟ କାଟି ଦିଅନ୍ତୁ। ଏହାକୁ ପାଣିରେ ଅଦା ପକାଇ ସିଝାନ୍ତୁ। ସିଝିବା ପରେ ଏହାକୁ କାଢି ଗ୍ରାଇଣ୍ଡ କରି ଦିଅନ୍ତୁ। ମନେ ରଖନ୍ତୁ ଯେପରି ଏହା ଅଧିକ ବହଳିଆ କିମ୍ବା ପାଣିଆ ନ ହୁଏ। ସେଥିରେ ଚିନି, କଳାଲୁଣ, ଗୁଜୁରାତି ଗୁଣ୍ଡ, ଜିରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ସ୍ୱାଦଅନୁସାରେ ଲୁଣ ଏବଂ ପୁଦିନା ପତ୍ର ପକାଇ ଗୋଳାନ୍ତୁ। ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହେବା ପରେ ପରିବାର ଲୋକଙ୍କୁ ଏହି ଟେଷ୍ଟି ମ୍ୟାଙ୍ଗୋ ସୁପ୍ ପିଇବାକୁ ଦିଅନ୍ତୁ।



**କୋଭିଡ୍ ଦ୍ୱିତୀୟ ଲହରକୁ ସାମ୍ନା ଲାଗି ପ୍ରସ୍ତୁତ: ଅର୍ଥ ମନ୍ତ୍ରଣାଳୟ**

କରୋନା ଭାଇରସର ପ୍ରଥମ ଲହରକୁ ସାମ୍ନା କରିବା ଲାଗି ଭାରତ ସକ୍ଷମ ହୋଇଛି। ଦ୍ୱିତୀୟ ଲହରକୁ ସାମ୍ନା କରିବାକୁ ଭାରତ ପ୍ରସ୍ତୁତ ହୋଇ ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ମାସିକ ଅର୍ଥନୈତିକ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି, ନୂଆ ଡାଟା ମୁତାବକ ଭାରତ ସୁଧାର ପଥରେ ରହିଥିବା ବେଳେ ସ୍ଥିତିରେ ଅନେକ ସୁଧାର ପରିଲକ୍ଷିତ ହେଉଛି। ସରକାରଙ୍କ ଆତ୍ମ ନିର୍ଭର ପ୍ୟାକେଜ ସହ ବିଭିନ୍ନ ପଦକ୍ଷେପ ଦ୍ୱାରା ନିବେଶରେ ଉନ୍ନତି ଆସୁଛି। ଭାକ୍ସିନ ପ୍ରଦାନ ଧାରା ଉନ୍ନତ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି।

## ଆକାଶକୁ ଅଧିଗ୍ରହଣ କଲା ବାୟଜୁ

**ନୂଆଦିଲ୍ଲୀ,୫।୪**

ଆକାଶ ଏଜୁକେସନାଲ ସର୍ଭିସ ଲିମିଟେଡକୁ ବାୟଜୁ ଅଧିଗ୍ରହଣ କରିଛି। ଏକ ବିଲିୟନ ଡଲାରରେ ଏହି ଚୁକ୍ତି ହୋଇଥିବା ସୂଚନା ମିଳିଛି। ଦେଶ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଏଭଳି ଅଧିଗ୍ରହଣ ସର୍ବବୃହତ୍ତ ବୋଲି ଜଣାପଡିଛି। ଏ ସମ୍ପର୍କରେ ବାୟଜୁ ପକ୍ଷରୁ କୁହାଯାଇଛି ଯେ, ଡିଲ୍ ଏଇଏସ୍ଏଲ୍ ସହ ଏକ ଷ୍ଟ୍ରାଟେଜିକ ବୁଝାମଣା ଜରିଆରେ କରାଯାଇଛି। ସେହିଭଳି ଏହି ଅଧିଗ୍ରହଣ ବିଷୟରେ ବାୟଜୁର ପ୍ରତିଷ୍ଠାତା ତଥା ସିଇଓ ବାୟଜୁ ରବିନ୍ଦ୍ରନ କହିଛନ୍ତି, ଏଇଏସ୍ଏଲ୍ ଭଳି ଏକ ପରିଚିତ ଓ ଦେଶର ଅଗ୍ରଣୀ ପରୀକ୍ଷା ପ୍ରସ୍ତୁତକାରୀ ଅନୁଷ୍ଠାନ ଭାବେ ଅନେକ ନାମ ରହିଛି। ବିଶେଷକରି ଏହାର ବଜାର ଚାହିଦା ସହିତ ଛାତ୍ରୀଛାତ୍ରଙ୍କର ବିଶ୍ୱାସ ଓ ଭରସାର ବାହକ ଭାବେ ବଜାରରେ ନିଜକୁ ପ୍ରତିଷ୍ଠା କରିପାରିଛି।

# ନିବେଶକ ସମ୍ପତ୍ତି ୨.୧୬ ଲକ୍ଷ କୋଟି କମିଲା

**ନୂଆଦିଲ୍ଲୀ,୫।୪**

ସୋମବାର ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ରହିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୨.୧୬ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଦେଶ ମଧ୍ୟରେ କରୋନା ମାମଲା ବଢ଼ିବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ୧୪୪୮.୦୩ ପଏଣ୍ଟ ଖସିବା ଯୋଗୁ ସୂଚକାଙ୍କ ୪୮,୫୮୦.୮୦ ପଏଣ୍ଟକୁ ଖସି ଆସିଥିଲା। କାରବାର ଶେଷ ବେଳକୁ ସେନ୍ସେକ୍ସ ୧.୭୪% ନିମ୍ନରେ ରହି ୪୯,୧୫୯.୩୨ ପଏଣ୍ଟ ସ୍ତରରେ ରହିଛି। ବିଏସ୍ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୧.୧୬



ଲକ୍ଷ କୋଟି ଟଙ୍କା କମିବା ଫଳରେ ଏହା ୨୦୫ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଛି। ୩୦ ଶେୟାର ବିଶିଷ୍ଟ ସେନ୍ସେକ୍ସରେ ୨୫ କମ୍ପାନୀର ଶେୟାର କାରବାର ନିମ୍ନରେ ରହିଛି। ବଜାଜ ଫାଇନାନ୍ସ, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶେୟାର ବଜାର କାରବାର ପ୍ରଭାବିତ ରହିଛି। ଆଇଟି ଷ୍ଟକ୍‌ଗୁଡିକ ଭଲ କାରବାର କରିଥିବା ନଜରକୁ ଆସିଛି। ଏଚ୍‌ସିଏଲ୍ ଟେକ୍ନୋଲୋଜି କାରବାର ୩.୦୮% ଉନ୍ନତ ରହିଥିବା ଜଣାପଡିଛି। ବିଶ୍ୱ ସ୍ତରରେ ଶେୟାର ବଜାର ଉନ୍ନତ ରହିଥିବା ବେଳେ ଭାରତରେ କରୋନା ସଂକ୍ରମଣ ବଢିବା ଯୋଗୁ ବଜାର ଉପରେ ଏହାର ଚାପ ପଡିଥିବା ବିଶେଷଜ୍ଞ କହିଛନ୍ତି। ବିଏସ୍ଇର ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ୧% ନିମ୍ନରେ ରହିଥିବା ଜଣାପଡିଛି। ବିଏସ୍ଇର ରିୟଲିଟି ବ୍ୟାଙ୍କ, ଫାଇନାନ୍ସ ଏବଂ ଅଟୋମୋବାଇଲ ଶେୟାର ପ୍ରାୟ ୩.୬୨% ନିମ୍ନରେ ରହିଛି। ସେହିଭଳି ଆଇଟି, ଟେକ୍ନୋଲୋଜି, ମେଟାଲ ଏବଂ ଟେଲିକମ୍ ଶେୟାର ଭଲ କାରବାର ସହ ବନ୍ଦ ହୋଇଛି।

## ସ୍ୱାସ୍ଥ୍ୟସେବାର ପେଣ୍ଠସ୍ଥଳ ହେବ ଉତ୍ତର ଭାରତ: ସଞ୍ଜୀବ

**ନୂଆଦିଲ୍ଲୀ,୫।୪**



ଦେଶର ପ୍ରମୁଖ ୧୨ ସ୍ୱାସ୍ଥ୍ୟ ପ୍ରତିନିଧିଙ୍କୁ ନେଇ ପ୍ରକାଶିତ ଏକ ପତ୍ରିକାକୁ ପଞ୍ଜାବର ସ୍ୱାସ୍ଥ୍ୟ ମନ୍ତ୍ରୀ ବଲବୀର ସିଂହ ସିଦ୍ଧୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାମାରୀ ସମୟରେ ଦେଶବାସୀଙ୍କୁ ନିରନ୍ତର ସେବା ଯୋଗାଇ ଦେଇଥିବା ଏହି ସ୍ୱାସ୍ଥ୍ୟ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଗତବର୍ଷ କରୋନା ମହାମାରୀ ସମୟରେ ସାରା ବିଶ୍ୱ ନାନା ସମସ୍ୟା ଓ ସଂକ୍ରମଣରେ ସନ୍ତୁଳିତ ହେଉଥିଲା, ସେତେବେଳେ ଏହି ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କୁ ସେବା ଓ ସୁରକ୍ଷା ଦେଇଥିଲେ। ସଂକ୍ରମଣର ଭୟ ଦୂର ପାଇଁ ନାନାଦି ଉପାୟ ଓ ସହାୟତା ଦେଇଥିଲେ। ମହାମାରୀରେ ଲୋକମାନେ ସେମାନଙ୍କ ଘରେ ବନ୍ଦ ରହିଥିବା ବେଳେ ସ୍ୱାସ୍ଥ୍ୟକର୍ମୀମାନେ ଅନବରତ ସେବା ଜାରି ରଖିଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସବିଏସ ବାୟୋଟେକର ପ୍ରତିଷ୍ଠାତା ସଞ୍ଜୀବ ଜୁନେଜା କହିଥିଲେ ଯେ ସବୁ ସୁପର ହିରୋ କ୍ୟାପ୍ ପିନ୍ଧି ନ ଥାନ୍ତି। କୋଭିଡ୍-୧୯ ସମୟରେ ଆମକୁ ଉପଯୁକ୍ତ ସେବା ଓ ସହାୟତା କରିଥିବା ଏହି ସ୍ୱାସ୍ଥ୍ୟକର୍ମ ଓ ଚିକିତ୍ସକମାନଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତର ଭାରତରେ ବିପୁଳ ସୁଯୋଗ ରହିଛି। ଏହା ସ୍ୱାସ୍ଥ୍ୟସେବା ପାଇଁ ଏକ ପେଣ୍ଠସ୍ଥଳୀ ହୋଇ ପାରିବ ବୋଲି ଜୁନେଜା କହିଥିଲେ। ସ୍ୱାସ୍ଥ୍ୟକର୍ମୀମାନେ କେବଳ ନିଃସ୍ୱାର୍ଥପର ସେବା ଯୋଗାଉ ନାହାନ୍ତି, ମେଡିକାଲ କ୍ଷେତ୍ରରେ ମାଇଲଖୁଣ୍ଟ ସାଜି ନିଜକୁ ପ୍ରମାଣିତ କରିଛନ୍ତି। ସେମାନଙ୍କ ଅବିଶ୍ରାନ୍ତ ଉଦ୍ୟମ ଯୋଗୁ ଉତ୍ତର ଭାରତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପୁଳ ସୁଧାର ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପାଖାପାଖି ୧୦୦ ଲୋକ ଏହି ଅବସରରେ ଯୋଗଦେଇଥିଲେ।

# ଗୋଟିଏ ଛାତ ତଳେ ବିସ୍ତୃତ ଫ୍ରୋଜେନ ଫୁଡ୍ ପ୍ରଡକ୍ଟ

**ଭୁବନେଶ୍ୱର,୫।୪**

## ପରିବର୍ତ୍ତିତ ଚାହିଦା ମେଣ୍ଟାଉଛି ଫ୍ରୋଜେନ ୱାର୍ଲଡ




ବର୍ତ୍ତମାନ ସମୟରେ ପରିବର୍ତ୍ତନ ସହ ଗ୍ରାହକଙ୍କ ଚାହିଦାରେ ମଧ୍ୟ ପରିବର୍ତ୍ତନ ଆସିଛି। ବ୍ୟସ୍ତବହୁଳ ଜୀବନରେ ଲୋକଙ୍କୁ ସମୟ ଅଭାବ ଯୋଗୁ ସେହି ଅନୁସାରେ ଜୀବନଶୈଳୀରେ ମଧ୍ୟ ବଦଳିଛି। ସମୟ କମ୍ ହେବାରୁ ଲୋକମାନେ ବର୍ତ୍ତମାନ ଶୀତଳୀକୃତ ବା ଫ୍ରୋଜେନ ଫୁଡ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ଗ୍ରାହକଙ୍କ ପରିବର୍ତ୍ତିତ ଚାହିଦାକୁ ନଜରରେ ରଖି ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରଡକ୍ଟ ଭେଟି ଦେଉଛି ଭୁବନେଶ୍ୱର ଭିତ୍ତିକ ରିଟେଲ ଚେନ୍ ଷ୍ଟୋର ଏସ୍ଏସ୍ ଫ୍ରୋଜେନ ୱାର୍ଲଡ। କମ୍ପାନୀ ବର୍ତ୍ତମାନ ରାଜଧାନୀର ଶହୀଦନଗର, ପଟିଆ ଏବଂ ଜାଗମରାରେ ଅତ୍ୟାଧୁନିକ ଟେକ୍ନୋଲୋଜିଭିତ୍ତିକ ଷ୍ଟୋର ଦ୍ୱାରା ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ଉଦ୍ୟମ ଜାରି ରଖିଛି। ଫ୍ରୋଜେନ ୱାର୍ଲଡରେ ୪୦ ନାମୀଦାମୀ କମ୍ପାନୀର ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଏହାବାଦ କମ୍ପାନୀ ସାରା ରାଜ୍ୟରେ ଫ୍ରୋଜେନ ଫୁଡ୍ ପ୍ରଡକ୍ଟ ବିତରଣ କରୁଛି।

ଫ୍ରୋଜନ ୱାର୍ଲଡର ସ୍ୱତ୍ୱାଧିକାରୀ ସଞ୍ଜୟ ସାମଲ କୁହନ୍ତି, ୨୦୦୭ରେ ପ୍ରଥମେ ଏହି ବ୍ୟବସାୟକୁ ପ୍ରବେଶ କରିଥିଲୁ। ଯୁବବର୍ଗଙ୍କ ପରିବର୍ତ୍ତିତ ଖାଦ୍ୟ ଚାହିଦାକୁ ନଜରରେ ରଖି ଏଭଳି ଷ୍ଟୋର ଦ୍ୱାରା ପ୍ରଡକ୍ଟ ଯୋଗାଣ ଆରମ୍ଭ କରିଥିଲୁ। ଦେଶର ବିଭିନ୍ନ ପ୍ରାନ୍ତକୁ ଯାଇ ଗ୍ରାହକଙ୍କ ମନଲାଖି ଫ୍ରୋଜେନ ପ୍ରଡକ୍ଟ ଉପଲବ୍ଧ କରାଇବା ଦିଗରେ ପଦକ୍ଷେପ ନେଇଛୁ। ଲୋକଙ୍କ ଆବଶ୍ୟକତା ମୁତାବକ ପ୍ରଡକ୍ଟ ଉପଲବ୍ଧ କରାଇବା ଆମର ଲକ୍ଷ୍ୟ। ରିଟେଲ ଷ୍ଟୋର ବାଦ୍ ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟ ଫୁଡ୍ ଜଏଣ୍ଟ ଏବଂ ରିଟେଲରଙ୍କୁ ମଧ୍ୟ ପ୍ରଡକ୍ଟ ଯୋଗାଣ ହେଉଛି।

ଫ୍ରୋଜେନ ୱାର୍ଲ ଷ୍ଟୋରରେ ଗ୍ରାହକଙ୍କ ପାଇଁ ଗ୍ରୀନ୍ ମଟର, ସ୍ୱିଟ କର୍ଣ୍ଣ, ଖୋୟା, ପିଜା ଚିଜ୍, ସ୍ଲାଇସ ଚିଜ୍, ଭେଜିଫିଙ୍ଗର୍ସ, ଆଳୁରୁ ପ୍ରସ୍ତୁତ ସ୍ମାଇଲ, ସୁସ୍ୱାଦୁ ଚିଲ୍ ଏବଂ ଗାର୍ଲିକ (ପଟାଟୋ ବାଇଟ୍ସ), ତନ୍ଦୁରି ନଗେଟସ୍ ଏବଂ ମୋଜେରେଲା ସେଟ୍ରେଡ ଭଳି ପ୍ରଡକ୍ଟ ସାମିଲ ରହିଛି। ନନ୍‌ଭେଜ୍ ବର୍ଗରେ ଚିକେନ ସସେଜ, ଚିକେନ ସଲାମୀ ମସାଲା, ଚିକେନ ହାମ୍, ଚିକେନ ତନ୍ଦୁରୀ ନଗେଟସ୍, ଚିକେନ ସେଖ କବାବ, ଚିକେନ ଫିଙ୍ଗର, ଚିକେନ ମିଟ୍‌ବଲ୍ ଏବଂ ଚିକେନ ବର୍ଗର ରହିଛି। ଆମଦାନୀ ହୋଇଥିବା କ୍ରସ୍ ଏବଂ ସିରପ୍ ମଧ୍ୟରେ ଷ୍ଟ୍ରବେରି କ୍ରସ୍, ପାଇନାପୁଲ, ଲିଚି, ମୋନିନ ସିରପ, ମାପ୍ରୋ ସିରପ, ମଲ୍‌ବେରି କ୍ରସ୍ ଏବଂ ଅରେଞ୍ଜ କ୍ରସ୍ ସାମିଲ କରାଯାଇଛି। କେନ୍‌ରେ ଆସୁଥିବା ଫ୍ରୁଟ୍ ମଧ୍ୟରେ ବଟମ ମସରୁମ୍, ସ୍ଲାଇସ ମସରୁମ୍, ପାଇନାପୁଲ ସ୍ଲାଇସ, ବାମ୍ବୋ ସଟସ, ପିଜ୍, ରେଡ୍ ଚେରି, ଲିଚି ଇନ୍ ସିରପ, ସ୍ପାଘେଟି ପାସ୍ତା ଗ୍ରାହକ ପାଇପାରିବେ। ଆମଦାନୀ ହେଉଥିବା ସସ୍ ଯଥା-ହୋଇସିନ ସସ୍, ଓଏଷ୍ଟର ସସ୍, ପ୍ଲମ୍ ସସ୍, ଗ୍ରୀନ୍ କରି ପେଷ୍ଟ, ରେଡ୍ କରି ପେଷ୍ଟ, ୟେଲୋ କରି ପେଷ୍ଟ, ଚିକେନ ସିଜନିଂ ପାଉଡର, ଚିକେନ ପାଉଡର, ଚକୋଲେଟ ଫ୍ଲେଭର, ଟାବାସ୍କୋ, କୋକୋନଟ ମିଲ୍କ ପାଉଡର, ବ୍ଲାକ୍‌ବିନ ସସ୍ ଷ୍ଟୋରରେ ମିଳିପାରିବ।




ଗ୍ରାହକଙ୍କ ଲାଗି ଫିଲିଂ ଚକୋଲେଟ, ଫିଲିଂ ପାଇନାପଲ, ଫିଲିଂ ଷ୍ଟ୍ରବେରି, ଫିଲିଂ ଅରେଞ୍ଜ, ଡାର୍କ କମ୍ପାଉଣ୍ଡ ଏବଂ ମିଲ୍କ କମ୍ପାଉଣ୍ଡ ଭଳି ବେକରି ସାମଗ୍ରୀ ସହ ପାସ୍ତା ବର୍ଗରେ ପେନ୍ ପାସ୍ତା, ସ୍ପିରାଲି ପାସ୍ତା, ରିଫେରି ପାସ୍ତା, ସ୍ପାଘେଟି ପାସ୍ତା ଷ୍ଟୋରରେ ରହିଛି। ସେହିଭଳି ଚିଜ ବର୍ଗରେ ମୋଜେରେଲା ଚିଜ, ଚେଦାର ଚିଜ, ଗ୍ରାନା ପାଦାନୋ, ପାରମେସାନ ଚିଜ, ଗ୍ରାଟିଂ ଚିଜ ଗୌଡା ଚିଜ ଉପଲବ୍ଧ କରାଯାଉଛି। ଅନ୍ୟ ପ୍ରଡକ୍ଟ ମଧ୍ୟରେ ଦୁନାର ଡେଲି ରାଇସ, ଦୁନାର ନଓ୍ୱାଜିସମ, ବିରି ଗୋଟା, କରି ପେଷ୍ଟ, ବାଦାମ, ଫ୍ରେସ୍ କ୍ରିମ୍ ମଧ୍ୟ ଉପଲବ୍ଧ। ଅପରପକ୍ଷରେ ଚକୋଲେଟ ପ୍ରସ୍ତୁତି ଲାଗି ର ଚକୋଲେଟ, ଚକୋଲେଟ ମୋଲ୍ଡ, ମିକ୍ସ ଭେଜିଟେବୁଲ ଫ୍ରୋଜେନ, ମ୍ୟାଙ୍ଗୋଫଲପ ରହିଥିବା ଫ୍ରୋଜେନ ୱାର୍ଲଡ ପକ୍ଷରୁ ସୂଚନା ରହିଛି।

## ଆଇଟିଆର୍-୧,୪ ପାଇଁ ଅଫ୍‌ଲାଇନ ୟୁଟିଲିଟି

**ନୂଆଦିଲ୍ଲୀ,୫।୪:** ଆୟକର(ଆଇଟି) ବିଭାଗ ପକ୍ଷରୁ ଟିକସଦାତାଙ୍କ ପାଇଁ ଆଇଟିଆର୍ ୧ ଏବଂ ୪ର ଅଫ୍‌ଲାଇନ ୟୁଟିଲିଟିକୁ ଶୁଭାରମ୍ଭ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଏଭଳି ସୁବିଧା ଜାରି କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ଇ-ଫାଇଲିଂ ପୋର୍ଟାଲରେ ଏହି ଅଫ୍‌ଲାଇନ ୟୁଟିଲିଟି ଉପଲବ୍ଧ ହେବ। ଏଥିଲାଗି ଜେସନ ଟେକ୍ନୋଲୋଜିକୁ ବ୍ୟବହାର କରାଯାଇଛି। ୱିଣ୍ଡୋ ୭ କିମ୍ବା ଏହାର ପର ଭର୍ସନଗୁଡିକରେ ଅଫ୍‌ଲାଇନ ୟୁଟିଲିଟିକୁ ଡାଉନଲୋଡ୍ କରାଯାଇପାରିବ। କ୍ଷୁଦ୍ର ଏବଂ ମଧ୍ୟମ ଟିକସଦାତାଙ୍କ ଲାଗି ଆଇଟିଆର୍ ଫର୍ମ ୧(ସହଜ) ଏବଂ ଆଇଟିଆର୍ ଫର୍ମ ୪(ସୁଗମ) ରହିଛି। ଅଫ୍‌ଲାଇନ ୟୁଟିଲିଟି ୟୁଜର ଫ୍ରେଣ୍ଡଲି ହୋଇଥିବା ବେଳେ ଏହା ଟିକସଦାତାଙ୍କ ଲାଗି ସୁବିଧା ହେବ ବୋଲି ନାଙ୍ଗିଆ ଆଣ୍ଡରସନ ଇଣ୍ଡିଆ ନାମକ ସଂସ୍ଥାର ନିର୍ଦ୍ଦେଶକ ନେହା ମାଲହୋତ୍ରା ସୂଚନା ଦେଇଛନ୍ତି।

## ଏମ୍‌ପିସି ବୈଠକ ଆରମ୍ଭ

**ମୁମ୍ବାଇ,୫।୪:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ୩ ଦିନିଆ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସୋମବାରଠାରୁ ଆରମ୍ଭ ହୋଇଛି। ବର୍ତ୍ତମାନ କୋଭିଡ୍ ୧୯ ସଂକ୍ରମଣ ବଢ଼ିଥିବା ବେଳେ ସରକାର ମୁଦ୍ରାସ୍ଫୀତିକୁ ୪% ସ୍ତରରେ ରଖିବା ନେଇ କେନ୍ଦ୍ରୀୟ ବ୍ୟାଙ୍କକୁ କହିଛନ୍ତି। କମିଟି ଏହାର ନିଷ୍ପତ୍ତି ୭ତାରିଖରେ ଘୋଷଣା କରିବ। ଚଳିତ ଥର ଆର୍‌ବିଆଇ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରି ନ ପାରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ବର୍ତ୍ତମାନ ରେପୋ ୪% ସ୍ତରରେ ରହିଥିବା ବେଳେ ରିଭର୍ସ ରେପୋ ୩.୫% ସ୍ତରରେ ରହିଛି।

**DISTRICT RURAL DEVELOPMENT AGENCY, NAYAGARH**

AT/ P.O. - NABAGHANAPUR/DISTRICT- NAYAGARH-752070, ODISHA

**MGNREGA CELL**

Letter No.1113, dated 31.03.2021

**TENDER NOTICE**

**No.CAD-25:-** Sealed tenders are invited from the registered and reputed manpower service providers to provide the services of 18 MGNREGA Assistants and 8 Additional Computer Programmers for a period of one year with effect from 01.05.2021 to 30.04.2022 on outsourcing basis for day to day Official work at DRDA and 8 Blocks under MGNREGA. The detailed information for outsourcing service of aforesaid posts has been given in the Tender Document which may be downloaded from the website **www.nayagarh.nic.in** from 05.04.2021 to 16.04.2021. The required documents are to be filed along with the Tender paper in original. The Outsourcing Agencies applying with the downloaded tender papers are required to file non-refundable bank draft of Rs.6000/-(Six Thousand) from any nationalised bank drawn in favour of the Project Director, DRDA, Nayagarh and payable at Nayagarh as the cost of tender paper. The last date and time for receipt of Tender document is 16.04.2021 at 5.30 P.M by Speed Post or Registered Post only (No hand delivery) at the address mentioned below.

**Project Director, DRDA, Nayagarh,**
**At/Po-Nabaghanapur, Dist- Nayagarh, PIN Code-752070.**

The Technical bid of all the participating agencies will be opened on 19.04.2021 at 9.00 AM in the chamber of PD, DRDA, Nayagarh. Financial bid of all the eligible bidders who have qualified in the Technical Bids will be opened on Dated 19.04.2021 at 12.00 Noon. The undersigned reserves all the rights to accept or reject any application without assigning any reason thereof.

OIPR-19075/11/0001/2122 **Sd./- Project Director, DRDA, Nayagarh**

## ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ଏବଂ ବନ୍ଦୋବସ୍ତ କୋର୍ଟ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜାଲସ

No.CAD-23

୧. ବନ୍ଦୋବସ୍ତ ରିଭିଜନ କେସ ନଂ. ୩୯/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର, ରବୀନ୍ଦ୍ର କୁମାର ସାହୁ ଓଗେର ...ପ୍ରତିବାଦୀମାନେ

୨. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୦/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର, ବିଷ୍ଣୁ ଚରଣ ମଲ୍ଲିକ ଓଗେର ...ପ୍ରତିବାଦୀମାନେ

୩. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୧/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର ଓ ଉଲ୍ଲାସ ଚନ୍ଦ୍ର ବେହେରା ...ପ୍ରତିବାଦୀମାନେ

୪. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୨/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର ଓ ବାବାଜୀ ଚରଣ ସାହୁ ... ପ୍ରତିବାଦୀମାନେ

୫. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୩/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର ଓ ହୃଷୀକେଶ ପଣ୍ଡା ଓଗେର ...ପ୍ରତିବାଦୀମାନେ

୬. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୪/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର ଓ ବିବେକାନନ୍ଦ ସାମନ୍ତରାଏ ...ପ୍ରତିବାଦୀମାନେ

୭. ବନ୍ଦୋବସ୍ତ ରିଭିଜନ କେସ ନଂ. ୪୫/୨୦୧୮
ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କଟକ ...ବାଦୀ
ବନାମ
ତହସିଲଦାର, କଟକ ସଦର ଓ ସୂର୍ଯ୍ୟ ନାରାୟଣ ମଲ୍ଲିକ ଓଗେର ...ପ୍ରତିବାଦୀମାନେ

ଏତଦ୍ୱାରା ଆପଣମାନେ ରବୀନ୍ଦ୍ର କୁମାର ସାହୁ, ପିତା: ଦିବାକର ସାହୁ, ମହେନ୍ଦ୍ରନାଥ ସାହୁ, ଚତୁର୍ଭୁଜ ସାହୁ, ନାରାୟଣ ସାହୁ, ପିତା: ବନମାଳୀ ସାହୁ, ସା./ପୋ./ଥାନା: ମଧୁପାଟଣା, କଟକ। ବିଷ୍ଣୁ ମୋହନ ମଲ୍ଲିକ, ଅର୍ଜ୍ଜୁନ ମୋହନ ମଲ୍ଲିକ, ପିତା: ରାଧା ମୋହନ ମଲ୍ଲିକ, ବିରଞ୍ଚି ନାରାୟଣ ମଲ୍ଲିକ, ରବି ନାରାୟଣ ମଲ୍ଲିକ, ନୃସିଂହ ଚରଣ ମଲ୍ଲିକ, ରାଜେନ୍ଦ୍ର ନାରାୟଣ ମଲ୍ଲିକ ଓ କାଳିଚରଣ ମଲ୍ଲିକ, ପିତା: ବ୍ରଜ ମୋହନ ମଲ୍ଲିକ, ସା: ଚଉଧୁରୀ ବଜାର, ପୋ: ବକ୍ସିବଜାର, ଥାନା: ଲାଲବାଗ, କଟକ। ଉଲ୍ଲାସ ଚନ୍ଦ୍ର ବେହେରା, ପିତା ଜୟକୃଷ୍ଣ ବେହେରା, ସା./ପୋ./ଥାନା: ମଧୁପାଟଣା, କଟକ। ବାବାଜୀ ଚରଣ ସାହୁ, ପିତା: ଗୋବିନ୍ଦ ସାହୁ, ସା./ପୋ./ଥାନା: ମଧୁପାଟଣା, କଟକ। ହୃଷୀକେସ ପଣ୍ଡା, ପିତା: ସଦାନନ୍ଦ ପଣ୍ଡା, ଯୁଧିଷ୍ଠିର ଦେବତା, ପିତା: ସୁଦର୍ଶନ ଦେବତା, ଶତ୍ରୁଘ୍ନ ଭୋଇ, ପିତା: ବଦ୍ରୁ ଭୋଇ, ସା./ପୋ. ଦୋଳମୁଣ୍ଡାଇ, ଥାନା- ବାଦାମବାଡ଼ି, କଟକ, ବିବେକାନନ୍ଦ ସାମନ୍ତରାଏ, ପିତା ସଚ୍ଚିଦାନନ୍ଦ ସାମନ୍ତରାଏ, ସା./ପୋ. ଶକ୍ତିନଗର, ଥାନା- ମଧୁପାଟଣା, କଟକ। ସୂର୍ଯ୍ୟ ନାରାୟଣ ମଲ୍ଲିକ, ବଦ୍ରି ନାରାୟଣ ମଲ୍ଲିକ ଓ ବିମ୍ବରାଜ ମଲ୍ଲିକ, ପିତା: ହରେକୃଷ୍ଣ ମଲ୍ଲିକ, ସା: ଚଉଧୁରୀ ବଜାର, ପୋ: ବକ୍ସିବଜାର, ଥାନା: ଲାଲବାଗ, କଟକ (ପ୍ରତିବାଦୀମାନେ)ଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମକଦମା ଗୁଡ଼ିକର ନୋଟିସ ଉପରୋକ୍ତ ଠିକଣାରେ ଯାଇ ଫେରି ଆସୁଥିବାରୁ ଦୈନିକ ଧରିତ୍ରୀ ଖବରକାଗଜରେ ଅତ୍ର ନୋଟିସ୍ ମାଧ୍ୟମରେ ଜଣାଇ ଦିଆଗଲା ଯେ ଉପରୋକ୍ତ ମକଦମା ଗୁଡ଼ିକର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତ କୋର୍ଟ ରାଜସ୍ୱ ବିଭାଗ, ଓଡ଼ିଶା, କଟକଙ୍କ ଅବସ୍ଥିତ କାର୍ଯ୍ୟାଳୟଠାରେ ତା୨୮।୦୪।୨୦୨୧ରିଖ ବୁଧବାର ଦିନ ଘ୧୦.୩୦ଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଧାର୍ଯ୍ୟ ତାରିଖରେ ନିଜେ ବା କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ମୋକଦ୍ଦମା ତତବୀର କରିବେ ଅନ୍ୟଥା ମୋକଦ୍ଦମା ଆଇନ ଅନୁଯାୟୀ ବିଚାର କରାଯିବ। ଉକ୍ତ ମୋକଦ୍ଦମା ଗୁଡ଼ିକର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ଜମିର ବିବରଣୀ:**

ବନ୍ଦୋବସ୍ତ ରିଭିଜନ କେସ୍ ନଂ. ୩୯/୨୦୧୮, କେସ୍ ନଂ. ୪୦/୨୦୧୮, କେସ୍ ନଂ. ୪୧/୨୦୧୮, କେସ୍ ନଂ. ୪୨/୨୦୧୮, କେସ୍ ନଂ. ୪୩/୨୦୧୮, କେସ୍ ନଂ. ୪୪/୨୦୧୮ ଏବଂ କେସ୍ ନଂ. ୪୫/୨୦୧୮.

(କ) ମୌଜା: ଖନନଗର (କାଜିଡିହ), ଥାନା: ମଧୁପାଟଣା, ପ୍ରଗଣା: ବାଖରାବାଦ, ଜିଲ୍ଲା: କଟକ।
ଖାତା ନଂ. ୧, ପ୍ଲଟ ନଂ. ୭୩୦ (ଖଣ୍ଡ) ରକବା- ଏ୧.୬୭୦ଡି
ଖାତା ନଂ. ୧, ପ୍ଲଟ ନଂ. ୬୮୩ (ଖଣ୍ଡ) ରକବା - ଏ୦.୨୦୦ଡି

(ଖ) ମୌଜା: ବାହାର ବିଶିନାବର, ଥାନା: ମଧୁପାଟଣା, ପ୍ରଗଣା: ବାଖରାବାଦ, ଜିଲ୍ଲା: କଟକ।
ଖାତା ନଂ. ୬୫, ପ୍ଲଟ ନଂ. ୩୧୫୬ (ଖଣ୍ଡ) ରକବା - ଏ୦.୧୭୦ଡି
ମୋଟ ରକବା - ଏ୨.୦୪୦ଡି

**ବନ୍ଦୋବସ୍ତ (ମେଟର ସେଟେଲମେଣ୍ଟ) ଅନୁଯାୟୀ ମୌଜା କଟକ ସହର ୟୁନିଟ ନଂ.୩୯, ଶିଳ୍ପପୁରୀ, ଥାନା- ମଧୁପାଟଣା, ତହସିଲ କଟକ ସଦର, ଜିଲ୍ଲା କଟକ**

| | |
|---|---|
| ରିଭିଜନ କେସ୍ ନଂ. ୩୯/୨୦୧୮<br>ଖାତା ନଂ. ୨୨୯<br>ପ୍ଲଟ ନଂ. ୧୫୭ ରକବା - ଏ୦.୦୪୬ଡି<br>ପ୍ଲଟ ନଂ. ୨୩୧ ରକବା - ଏ୦.୨୦୦ଡି<br>ମୋଟ ରକବା - ଏ୦.୨୪୬ଡି | ରିଭିଜନ କେସ୍ ନଂ. ୪୦/୨୦୧୮<br>ଖାତା ନଂ. ୧୬୯<br>ପ୍ଲଟ ନଂ. ୨୩୮ ରକବା - ଏ୧.୨୧୪ଡି<br>ରିଭିଜନ କେସ୍ ନଂ. ୪୨/୨୦୧୮<br>ଖାତା ନଂ. ୧୪୫<br>ପ୍ଲଟ ନଂ. ୨୩୩ ରକବା - ଏ୦.୦୪୦ଡି |
| ରିଭିଜନ କେସ୍ ନଂ. ୪୧/୨୦୧୮<br>ଖାତା ନଂ. ୨୬<br>ପ୍ଲଟ ନଂ. ୨୩୪ ରକବା - ଏ୦.୦୪୦ଡି | ରିଭିଜନ କେସ୍ ନଂ. ୪୪/୨୦୧୮<br>ଖାତା ନଂ. ୧୬୦<br>ପ୍ଲଟ ନଂ. ୨୩୨ ରକବା - ଏ୦.୦୫୦ଡି |
| ରିଭିଜନ କେସ୍ ନଂ. ୪୩/୨୦୧୮<br>ଖାତା ନଂ. ୩୨୨<br>ପ୍ଲଟ ନଂ. ୨୩୭ ରକବା - ଏ୦.୦୫୩ଡି | ରିଭିଜନ କେସ୍ ନଂ. ୪୫/୨୦୧୮<br>ଖାତା ନଂ. ୨୯୬<br>ପ୍ଲଟ ନଂ. ୨୩୯ ରକବା - ଏ୦.୪୪୫ଡି |

ଉକ୍ତ ତଫସିଲଭୁକ୍ତ ଜମି ଉପରେ ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆପତ୍ତି ଅଭିଯୋଗ ଥାଏ, ତେବେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖରେ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମାମଲା ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ ଦର୍ଶାଇ ନିଜର ପକ୍ଷ ଉପସ୍ଥାପନ କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଗୁଡ଼ିକର ଫଏସଲା କରାଯିବ।

**ସ୍ଥାନ: କଟକ**
**ତାରିଖ: ୧୭।୦୨।୨୦୨୧**

ସ୍ୱାକ୍ଷର
ଅତିରିକ୍ତ ଆୟୁକ୍ତ
ଚକବନ୍ଦୀ ଏବଂ ବନ୍ଦୋବସ୍ତ କୋର୍ଟ ରାଜସ୍ୱ ପର୍ଷଦ,
ଓଡ଼ିଶା, କଟକ

OIPR-05028/11/0001/2122

# ସମ୍ବଲପୁରରେ ଭୋଲ୍‌ଟାସ୍ ବ୍ରାଣ୍ଡ ଷ୍ଟୋର

**ସମ୍ବଲପୁର,୫।୪:** ଦେଶର ପ୍ରମୁଖ ଏସି ବ୍ରାଣ୍ଡ ଭୋଲ୍‌ଟାସ ପକ୍ଷରୁ ସମ୍ବଲପୁରର ଅଇଁଣ୍ଠାପାଲି ରୋଡ୍‌ଠାରେ ନୂଆ ବ୍ରାଣ୍ଡ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଓଡ଼ିଶାରେ କମ୍ପାନୀର ୬ଷ୍ଠ ବ୍ରାଣ୍ଡ ଷ୍ଟୋର। ସାରା ଦେଶରେ କମ୍ପାନୀ ୧୪୦ ବ୍ରାଣ୍ଡ ଷ୍ଟୋର ଦ୍ୱାରା ସେବା ଯୋଗାଉଛି। ୨୦୨୧ରେ ଅଧିକ ଷ୍ଟୋର ଯୋଡିବା ଲାଗି କମ୍ପାନୀ ଯୋଜନା ରଖିଛି। ନୂଆ ଷ୍ଟୋରରେ ଗ୍ରାହକଙ୍କ ଲାଗି ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକୋର ପ୍ରଡକ୍ଟ ଉପଲବ୍ଧ ହେବ। ଏହା ମଧ୍ୟରେ ଏୟାର କଣ୍ଡିସନର ଏୟାର ପ୍ୟୁରିଫାୟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର ଡିସ୍‌ପେନଶନ, ୱାଟରକୁଲର, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ ଏବଂ ଡିସ୍‌ୱାଶର ସାମିଲ ରହିଛି। ସମ୍ବଲପୁରରେ ନୂଆ ଷ୍ଟୋର ଖୋଲି ଅତ୍ୟନ୍ତ ଖୁସି ବୋଲି ଭୋଲ୍‌ଟାସ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଟେକ୍ନୋଲୋଜି ଏବଂ ସୁଲଭ ପ୍ରଡକ୍ଟ ଯୋଗାଣ କରାଯାଉଛି। ଗୋଟିଏ ଛାତ ତଳେ ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକୋ ପ୍ରଡକ୍ଟ ଗ୍ରାହକ ପାଇପାରିବେ।



**OFFICE OF THE PANCHAYAT SAMITI, JHUMPURA**

No. 896 Date: 26.03.2021

**Detailed Tender Call Notice No. 03/BDO, Jhumpura 2020-21**

No. i-01: The Block Development Officer, Jhumpura invites sealed percentage rate tenders in a Single Cover System on behalf of Govt. of Odisha from registered and eligible class of civil contractor of the State PWD(R&B)/Water Resources/Rural Works/MI/CPWD for the following works eventually to be drawn up in the PWD F-2 forms in conformity with the Detailed Tender Call Notice.

| Sl. No. | Name of the Work with Location | Scheme | Est. Cost in Rupees | Amount Put to Tender in Rs. | EMD to be Deposited in Rs. | Cost of Tender Document in Rs. | Class of Contractor | Time of Completion |
|---|---|---|---|---|---|---|---|---|
| 1 | Construction of Science Lab Room at O.A.V. Khendra under Khendra G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 2 | Construction of Science Lab Room at Naradapur High School under Naradapur G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 3 | Construction of Science Lab Room at Jhumpura High School under Jhumpura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 4 | Construction of Science Lab Room at Balibandha High School under Balibandha G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 5 | Construction of Science Lab Room at Gummura High School under Gummura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 6 | Construction of Science Lab Room at Ukhunda High School under Ukhunda G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 7 | Construction of Science Lab Room at Dhabaleswar High School Kalinga, under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 8 | Construction of Science Lab Room at C.B. High School Chouthia under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 9 | Construction of Addl. Class Room of Rasabantala High School under Tukudia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 10 | Construction of Addl. Class Room of Gumura High School under Gumura G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 11 | Construction of Addl. Class Room of Ukhunda High School under Ukhunda G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 12 | Construction of Addl. Class Room at Balibandha High School Unit 1 under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 13 | Construction of Addl. Class Room at Balibandha High School Unit II under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 14 | Construction of Addl. Class Room at C.B. High School, Chouthia Unit I under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 15 | Construction of Addl. Class Room at C.B. High School, Chouthia Unit II under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 16 | Construction of Addl. Class Room at Naradpur High School Unit I under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 17 | Construction of Addl. Class Room at Naradpur High School Unit II under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |

**Terms and Conditions**

1. The last date of receipt of Tender paper is Dt.19.04.2021 upto 01.00 PM.
2. The term and conditions of the tenders is available in D.T.C.N. (Detailed Tender Call Notice) available in the office notice board No.- 891/date 26.03.2021
3. Cost of tender paper: The tender specification can be obtained from the office of the Block Development Officer, Jhumpura on payment towards the cost of Tender papers as mentioned above (Non refundable) in shape of bank draft or demand draft only (no other modes will be entertained) drawn in favour of Block Development Officer, Jhumpura in any nationalized bank having its branch at Jhumpura on any working day from 05.04.2021 to 19.04.2021 for the above work.
4. For more details please visit **www.keonjhar.nic.in.**

**OIPR-19108/11/0001/2122** **Sd./- Block Development Officer, Jhumpura**

**'ରାମ ସେତୁ'ର ୪୫ ଜୁନିୟର କଳାକାରଙ୍କୁ କରୋନା**

କରୋନାର ଦ୍ୱିତୀୟ ଲହର ଜାରି ରହିଥିବା ବେଳେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି କ୍ରିକେଟର ଓ ସେଲିବ୍ରିଟି ମଧ୍ୟ ଏଥିରୁ ବର୍ତ୍ତି ପାରିନାହାନ୍ତି। ଖିଲାଡି ବୟ ଅକ୍ଷୟ କୁମାରଙ୍କ ପରେ ଏବେ ଫିଲ୍ମ'ରାମ ସେତୁ'ର ୪୫ଜଣ ଜୁନିୟର କଳାକାର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଆସିବା ପରେ ସଙ୍ଗେ ସଙ୍ଗେ ସମସ୍ତ ସଂକ୍ରମିତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବା ସହ ବର୍ତ୍ତମାନ ଫିଲ୍ମ ଶୁଟିଂକୁ ବନ୍ଦ ରଖାଯାଇଛି। ଏନେଇ ଫେଡରେଶନ ଅଫ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲୋଇଜର ସାଧାରଣ ସମ୍ପାଦକ ଅଶୋକ ଦୁବେ ସୂଚନା ଦେଇଛନ୍ତି।

# ଜଳସମାଧି ନେଉଛି 'ଘୋରମାରା'




**ପଶ୍ଚିମବଙ୍ଗର ଘୋରମାରା ଦ୍ୱୀପ ପୃଥିବୀର ଅନ୍ୟତମ ସୁନ୍ଦର ଚିରହରିତ ବନ (ଏଭରଗ୍ରୀନ୍ ଫରେଷ୍ଟ)। ଏଠାରେ ଏଭଳି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ବାସ କରନ୍ତି, ଯାହା ପୃଥିବୀର ଅନ୍ୟତ୍ର ଦେଖାଯାଆନ୍ତି ନାହିଁ। ହେଲେ ଧୀରେ ଧୀରେ ଏହି ଆଇଲାଣ୍ଡ ସମୁଦ୍ରରେ ଜଳସମାଧି ନେବାରେ ଲାଗିଛି। ଗତ ୫ ଦଶନ୍ଧି ଭିତରେ ଏହି ଦ୍ୱୀପର ପରିସୀମା ଅଧା କମିଗଲାଣି।**

**ନୂଆଦିଲ୍ଲୀ:** ଜୈବବିବିଧତା ଏବଂ ବିଭିନ୍ନ ପ୍ରଜାତିର ବନ୍ୟଜୀବନ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ପଶ୍ଚିମବଙ୍ଗର ସୁନ୍ଦରବନ। ହେଲେ ବଢ଼ୁଥିବା ସମୁଦ୍ର ଜଳପତ୍ତନ ପାଇଁ ଏବେ ସୁନ୍ଦରବନ ସଂଲଗ୍ନ ଦ୍ୱୀପ 'ଘୋରମାରା' ନିଶ୍ଚିହ୍ନ ହେବାକୁ ବସିଛି। ୧୯୭୦ରେ ଏହି ଦ୍ୱୀପ ୮.୫୧ କି.ମି. ପରିମିତ ଅଞ୍ଚଳରେ ପରିବ୍ୟପ୍ତ ଥିଲା। ୨୦୧୨ ବେଳକୁ ଏହା ସଙ୍କୁଚିତ ହୋଇ ୪.୪୩ କି.ମି. ରେ ସୀମିତ ରହିଯାଇଥିଲା। ୨୦୨୧ରେ ଏହି ସମସ୍ୟା ଆହୁରି ଉଗ୍ରରୂପ ନେଇଛି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଦ୍ୱୀପାଞ୍ଚଳ ଅଧିବାସୀ।

ଭାରତ ଏବଂ ବାଂଲାଦେଶ ସୀମା ତଥା ସୁନ୍ଦରବନ ଅଞ୍ଚଳରେ ଅବସ୍ଥିତ ଘୋରାମାରା ଏକ ଆଶ୍ଚର୍ଯ୍ୟଜନକ ଦ୍ୱୀପ। ଏହାର କିଛି ଅଂଶ ଭାରତ ଏବଂ ଅନ୍ୟ କିଛି ଅଂଶ ବାଂଲାଦେଶରେ ରହିଛି। ଏହା ପୃଥିବୀର ସବୁଠାରୁ ବଡ଼ ଚିରହରିତ ଦ୍ୱୀପ। ଦୁର୍ଲଭ ଡଲ୍‌ଫିନ୍ ଏବଂ ବିଷାକ୍ତ ସାପ ପ୍ରଜାତିର ଭୂସ୍ୱର୍ଗ ଏହି ଦ୍ୱୀପ ଏବେ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି।

ବଙ୍ଗଳା ସମୁଦ୍ର ଉପକୂଳଠାରୁ ହାରାହାରି ୩୦ କି.ମି. ଉତ୍ତରରେ ରହିଛି 'ଘୋରମାରା' ଦ୍ୱୀପ। ବିଶ୍ୱତାପନ, ପ୍ରଦୂଷଣଜନିତ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରକାଣ୍ଡକାୟ ବରଫ ଚଟଣା, ହିମବାହ ତରଳି ସମୁଦ୍ରରେ ମିଶୁଛି। ସମୁଦ୍ର ଜଳପତ୍ତନ କ୍ରମାଗତ ଭାବେ ବଢ଼ୁଥିବାରୁ ଅଧିକାଂଶ ଦ୍ୱୀପପୁଞ୍ଜ ପାଣିରେ ବୁଡ଼ିବାରେ ଲାଗିଛି। ତନ୍ମଧ୍ୟରେ ଅନ୍ୟତମ 'ଘୋରମାରା'। ବୈଜ୍ଞାନିକଙ୍କ କହିବା କଥା ବଦଳୁଥିବା ପାରିପାର୍ଶ୍ୱିକ ପରିବେଶ 'ଘୋରମାରା' ପାଇଁ ବିପଦ ସୃଷ୍ଟି କରିଛି। ବଙ୍ଗଳାର ଉକ୍ତ ଅଞ୍ଚଳ ବାତ୍ୟା ଏବଂ ବନ୍ୟାପ୍ରବଣ। ପ୍ରତିବର୍ଷ ଏହି ସ୍ଥାନରେ ଏକାଧିକ ବାତ୍ୟା ସୃଷ୍ଟି ହୋଇଥାଏ। ଫଳରେ 'ଘୋରମାରା'ର ଜଙ୍ଗଲ ସମ୍ପଦ ଗଭୀର ଭାବେ ପ୍ରଭାବିତ ହୋଇଚାଲିଛି। ଏହାର ନିକଟବର୍ତ୍ତୀ 'ଲୋହାଚାର' ଦ୍ୱୀପ ଜଳସମାଧି ନେଇସାରିଥିବାବେଳେ 'ଖାସିମାରା' ଦ୍ୱୀପ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ସମୁଦ୍ର ଜଳସ୍ତର ଦ୍ରୁତଗତିରେ ବଢ଼ୁଥିବାରୁ ମାତ୍ର କେଇ ଦଶନ୍ଧି ଭିତରେ 'ଘୋରମାରା' ପାଣିରେ ଅଦୃଶ୍ୟ ହୋଇଯିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି।

ସୁନ୍ଦରବନ ଅଞ୍ଚଳର 'ଘୋରମାରା' ଏବଂ ଏହାର ନିକଟବର୍ତ୍ତୀ ସାଗର ଦ୍ୱୀପ ବିଂଶ ଶତାବ୍ଦୀ ଯାଏ ଯୋଡ଼ି ହୋଇ ରହିଥିଲେ। ଏହା ପରେ ଏମାନେ ଅଲଗା ହେବା ଆରମ୍ଭ କଲେ। ତଥାପି ପହଁରା ଜାଣିଥିବା ଲୋକେ ସମୁଦ୍ର ପାରହୋଇ ମାତ୍ର କେଇ ମିନିଟ ଭିତରେ ଗୋଟିଏ ଦ୍ୱୀପରୁ ଅନ୍ୟ ଦ୍ୱୀପକୁ ଯାଇପାରୁଥିଲେ। ହେଲେ ଏବେ ପୋଖତ ପହଁରାଳି ଏଥିପାଇଁ ୪୦ ମିନିଟରୁ ବେଶି ସମୟ ନେଉଛନ୍ତି। କୋଲକାତା ଯାଦବପୁର ୟୁନିଭର୍ସିଟିରେ ଦୀର୍ଘଦିନ ଧରି ସାମୁଦ୍ରିକ ବିଜ୍ଞାନ ଉପରେ ଗବେଷଣା କରୁଥିବା ସୁଗାତା ହାଜରା କୁହନ୍ତି, ଗତ ୩୦ ବର୍ଷ ଭିତରେ 'ଘୋରମାରା' ସଙ୍କୁଚିତ ହୋଇ ଅଧା ହୋଇଗଲାଣି। ଏଠାରେ ସମୁଦ୍ର ଜଳପତ୍ତନ ବିଶ୍ୱର ଅନ୍ୟ ସ୍ଥାନ ଅପେକ୍ଷା ୨୫୦% ଅଧିକ ବେଗରେ ବଢ଼ୁଛି। ପୃଥିବୀର ଅନ୍ୟ ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନଗୁଡ଼ିକରେ ୩.୨୩ ମିଲିମିଟର ହିସାବରେ ବଢ଼ୁଥିବାବେଳେ ଏଠାରେ ଏହାର ମାତ୍ରା ୮ ମିଲିମିଟର।

### ଦକ୍ଷିଣକୁ ଗଣପଳାୟନ

ପଶ୍ଚିମବଙ୍ଗ ସରକାରଙ୍କ ତଥ୍ୟ ଅନୁଯାୟୀ ପୂର୍ବରୁ ଏଠାକାର ଜନସଂଖ୍ୟା ଥିଲା ୪୦ ହଜାର। ୨୦୦୧ ଜନଗଣନାରେ ଏହି ସଂଖ୍ୟା ୫୦୦୦କୁ ଚାଲି ଆସିଥିଲା। ୨୦୧୬ ବେଳକୁ ଜନସଂଖ୍ୟା ମାତ୍ର ୩୦୦୦ରେ ସୀମିତ ହୋଇ ରହିଯାଇଛି। 'ଘୋରମାରା'ରେ ରହୁଥିବା ଅଧିକାଂଶ ଅଧିବାସୀ ଏବଂ ଶରଣାର୍ଥୀ ଅତ୍ୟନ୍ତ ଗରିବ ଶ୍ରେଣୀର। ଏଠାକାର ୪୫% ଜନସଂଖ୍ୟା ଗରିବ ସୀମାରେଖା ତଳେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏପରିସ୍ଥିତିରେ ଏହି ଦ୍ୱୀପ ସମୁଦ୍ରରେ ବୁଡ଼ିବା ସେମାନଙ୍କ ଜୀବନକୁ ଅଧିକ ଦୁର୍ବିଷହ କରିଦେଇଛି। ଜୀବନଜୀବିକା ସଙ୍କଟରେ ପଡିଥିବାରୁ ସେମାନେ ତାମିଲନାଡୁ, କେରଳ ଭଳି ଦକ୍ଷିଣ ଭାରତୀୟ ରାଜ୍ୟକୁ ଗଣପଳାୟନ କରୁଛନ୍ତି।

### ବିବାହ ପାଇଁ ମିଳୁନାହାନ୍ତି କନ୍ୟା

ଘୋରମାରା ଦ୍ୱୀପାଞ୍ଚଳବାସୀ କେବଳ ଆର୍ଥିକ ସଙ୍କଟ ସହ ଜୁଝୁଛନ୍ତି ତାହା ନୁହେଁ, ସେମାନଙ୍କ ସାମାଜିକ ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ବାସସ୍ଥାନକୁ ସମୁଦ୍ର ଗିଳିବାରେ ଲାଗିଥିବାରୁ ଯୁବପିଢ଼ି ଏବେ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରୁଛନ୍ତି। ବିବାହଯୋଗ୍ୟ ପୁଅଙ୍କୁ କନ୍ୟା ଦେବାକୁ ଅମଙ୍ଗ ହେଉଛନ୍ତି। ଦ୍ୱୀପର ମୂଳ ଆଦିବାସୀଙ୍କୁ ସୁରକ୍ଷା ଦେବାକୁ ଯଦିଓ ସରକାରୀସ୍ତରରେ ଅଭିଯାନ ଆରମ୍ଭ ହୋଇଛି, ତଥାପି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଅନେକେ ମତ ଦେଇଛନ୍ତି।



# କ୍ୱାରାଣ୍ଟାଇନରେ ବି ଆକ୍ଟିଭ ଆଲିଆ ଭଟ୍ଟ

**ମୁମ୍ବାଇ:** ଗତ ସପ୍ତାହରେ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ। ନିଜକୁ ଆଇସୋଲେଶନରେ ରଖିଥିବା ଆଲିଆ ଏବେ ଏକ ଫଟୋ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୱାରାଣ୍ଟାଇନରେ ଥିବାବେଳର ଏହି ଫଟୋ ଉପରେ ଅନେକ ସେଲିବ୍ରିଟି କମେଣ୍ଟ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆଲିଆଙ୍କ ବଏଫ୍ରେଣ୍ଡ ରଣବୀର କପୁରଙ୍କ ମା' ନିତୁ କପୁର, ରଣବୀରଙ୍କ ଭଉଣୀ ରିଦ୍ଧିମା କପୁର ପ୍ରମୁଖ। ଇନ୍‌ଷ୍ଟାରେ ଶେୟାର ହୋଇଥିବା ଫଟୋରେ ଆଲିଆ ତାଙ୍କ ବେଡ୍‌ରେ ଏକ କଣ୍ଢେଇ ଉପରେ ମୁହଁ ଶୁଆଇ ଶୋଇରହିଥିବା ଦେଖିବାକୁ ମିଳିଛି। ରଣବୀର କପୁର କରୋନାରେ ଆକ୍ରାନ୍ତ ହେବା ପରେ ଗତ ସପ୍ତାହରେ ଆଲିଆଙ୍କ ଟେଷ୍ଟ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଥିଲା। ଆସନ୍ତା ଜୁଲାଇ ୩୧ରେ ସଞ୍ଜୟଲୀଳା ଭଁସାଲିଙ୍କ ନିର୍ଦ୍ଦେଶିତ ଆଲିଆଙ୍କ ଅଭିନୀତ ଫିଲ୍ମ ଗଙ୍ଗୁବାଇ କାଠିଆୱାଡ଼ି ମୁକ୍ତିଲାଭ କରିବ। କିଛି ଦିନ ହେଲା କରୋନା ସଂକ୍ରମିତ ବଲିଉଡ୍‌ର କଳାକାରଙ୍କ ସଂଖ୍ୟା ବଢ଼ିଚାଲିଛି।

# ପାନ ଖଣ୍ଡେକୁ ୬୦୦ ଟଙ୍କା

ନୂଆଦିଲ୍ଲୀ: ପାନ ଖାଇବାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ରଜପାନ, ମିଠାପାନ, କଡ଼ାପାନ, ବନାରସି ପାନ ଏମିତି କେତେ ପ୍ରକାରର ପାନ ରହିଛି। କିନ୍ତୁ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ସୁନାର ପାନ। ଏହି ପାନ ଖଣ୍ଡକର ଦାମ୍ ହେଉଛି ୬୦୦ ଟଙ୍କା। ଦିଲ୍ଲୀର ଏକ ଜଣାଶୁଣା ପାନ ଦୋକାନ ତା' ନିଜ ଇନଷ୍ଟାଗ୍ରାମରେ ଏଭଳି ଏକ ଭିଜୁଆଲ ପୋଷ୍ଟ କରିଛି; ଯେଉଁଥିରେ ସୁନା ପାନକୁ କିପରି ତିଆରି କରାଯାଉଛି ତାହାର ସମ୍ପୂର୍ଣ୍ଣ ପ୍ରସ୍ତୁତି ପ୍ରଣାଳୀକୁ ପ୍ରଦର୍ଶିତ କରାଯାଇଛି। ଏକ ସୁନ୍ଦର ପାନ ଉପରେ ପ୍ରଥମେ ମିଠା ଚଟଣି ଏବଂ ତା'ପରେ ଗୁଲକନ୍ଦ ( ଏକ ପ୍ରକାରର ମିଠା ମସଲା), ଲବଙ୍ଗ, ଚେରି, ନଡିଆ, ଗୁଜୁରାତି ସହିତ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍‌ସ ବ୍ୟବହାର କରାଯାଉଛି। ଏହାପରେ ସୁନାର ଏକ ଖୁବ୍ ପତଳା ଆବରଣରେ ଏହି ପାନଟିକୁ ଗୁଡାଇ ରଖାଯାଉଛି। ମିଠା ଶ୍ରେଣୀରେ ଆସୁଥିବା ଏହି ସୁନା ପାନକୁ ସୁନ୍ଦରଭାବେ ଡିଜାଇନ କରି ବିକ୍ରି ନିମନ୍ତେ ରଖାଯାଉଛି। ପାନର ଏଭଳି ଏକ ଭିନ୍ନ ଢଙ୍ଗରେ ପ୍ରସ୍ତୁତି ଦେଖି ଏବେ ସୋସିଆଲ ମିଡିଆରେ ଲୋକେ ଖୁବ ପସନ୍ଦ କରିଛନ୍ତି। କିଛି ଲୋକ ଏହାଠାରୁ ଆଉ ଟିକେ କମ୍ ଦାମରେ ପାନ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଛନ୍ତି।



# ଧମକ ଦେଲେ ଆମିରଙ୍କ ଝିଅ



ମୁମ୍ବାଇ: ବଲିଉଡ୍‌ର ମିଷ୍ଟର ପରଫେକ୍ଟ ଆମିର ଖାନ୍‌ଙ୍କ ଝିଅ ଇରା ଖାନ ତାଙ୍କ ନାମର ଭୁଲ ଉଚ୍ଚାରଣକୁ ନେଇ ଫ୍ୟାନ୍‌ଙ୍କୁ ମଜାଳିଆ ଧମକ ଦେଇଛନ୍ତି। ତାଙ୍କ ମତରେ କିଛି ୟୁଜର ତାଙ୍କ ନାମକୁ ଭୁଲ ଉଚ୍ଚାରଣ କରୁଛନ୍ତି। ନିକଟରେ ଇରା ଏକ ଭିଡିଓ ଶେୟାର କରିଥିଲେ। ଏଥିରେ ତାଙ୍କ ନାମ କିପରି ଉଚ୍ଚାରଣ କରାଯିବ ତାହା ସେ ବ୍ୟାଖ୍ୟା କରିଥିଲେ। କାରଣ ତାଙ୍କ କହିବାନୁସାରେ ପ୍ରଶଂସକମାନେ ତାଙ୍କୁ 'ଇରା' କହି ଚିଡ଼ାଇଥାନ୍ତି। ତେବେ ତାଙ୍କ ନାମ ଇରା ନୁହେଁ ବରଂ ଆୟରା ବୋଲି ସେ କହିଛନ୍ତି। ଆଗକୁ ତାଙ୍କ ନାମର ଭୁଲ ଉଚ୍ଚାରଣ କଲେ ୫ ହଜାର ଟଙ୍କା ଏକ ବାକ୍ସରେ ରଖିବାକୁ ପଡ଼ିବ। ଯାହାକୁ ସେ ମାସ ଶେଷ କିମ୍ବା ବର୍ଷ ଶେଷରେ ଦାନ କରିବେ ବୋଲି କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର, ନୟାଗଡ଼, ମୟୁରଭଞ୍ଜ, ବାଲେଶ୍ୱର ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ସାମାନ୍ୟ ମେଘୁଆ ରହିପାରେ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୩ | ୨୪.୨ |
| ଚାନ୍ଦବାଲି | ୩୫.୦ | ୨୦.୬ |
| କଟକ | ୩୬.୦ | ୨୪.୪ |
| ପାରାଦୀପ | ୩୧.୯ | ୨୦.୨ |
| ଭୁବନେଶ୍ୱର | ୩୭.୫ | ୨୨.୦ |
| ଗୋପାଳପୁର | ୩୪.୮ | ୨୪.୭ |
| ପୁରୀ | ୩୩.୬ | ୨୩.୪ |
| ଅନୁଗୋଳ | ୩୮.୭ | ୨୨.୬ |
| ବାରିପଦା | ୩୯.୬ | ୨୩.୦ |
| ଝାରସୁଗୁଡ଼ା | ୪୦.୦ | ୧୯.୫ |
| କେନ୍ଦୁଝର | ୩୬.୬ | ୨୦.୮ |
| ସମ୍ବଲପୁର | ୪୦.୦ | ୨୩.୧ |
| ସୁନ୍ଦରଗଡ଼ | ୪୧.୦ | ୨୨.୦ |
| ହୀରାକୁଦ | ୩୯.୫ | ୨୧.୧ |
| ତାଳଚେର | ୩୯.୫ | ୨୩.୭ |
| ଭବାନୀପାଟଣା | ୩୯.୫ | ୨୨.୮ |
| ବଲାଙ୍ଗୀର | ୪୦.୫ | ୨୧.୮ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | ୩୮.୪ | ୨୧.୦ |
| ଟିଟିଲାଗଡ଼ | ୪୦.୦ | ୨୫.୦ |
| ମାଲକାନଗିରି | ୪୦.୦ | ୨୦.୦ |
| ସୋନପୁର | ୩୯.୦ | ୨୩.୮ |
| ଦାରିଙ୍ଗିବାଡ଼ି | ୩୩.୫ | ୧୭.୦ |
| ନୟାଗଡ଼ | ୩୭.୭ | ୨୩.୦ |
| ବୌଦ୍ଧ | ୩୯.୫ | ୧୫.୦ |
| ଛତ୍ରପୁର | ୩୩.୦ | ୨୪.୪ |
| ପାରଳାଖେମୁଣ୍ଡି | ୩୬.୦ | ୨୦.୦ |
| ରାୟଗଡ଼ା | ୩୮.୫ | – |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

SMS JOB
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOVT. APPROVED
HINDUSTAN TELECOM
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
*T&C
ଅଗ୍ରିମ: 60 ଲକ୍ଷ | କମ୍ପାନୀ ତରଫରୁ
ଭଡ଼ା: 50 ହଜାର | ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିୟର ପିଇ କାଟିଲେଣି ୪୬ ଦିନ



ୱାଶିଂଟନ୍: ଆମେରିକାର ଜଣେ ବ୍ୟକ୍ତି ଖାଦ୍ୟ ଛାଡ଼ି କେବଳ ଉପବାସ କରି ବିୟର ପିଇ ବଞ୍ଚିଛନ୍ତି। ଖାଲି ଏତିକି ନୁହେଁ, ସେ ତାଙ୍କର ୧୮ କେଜି ଓଜନ କମାଇବାରେ ବି ସଫଳ ହୋଇଛନ୍ତି। ସିନସିନାଟି ସହରରେ ରହୁଥିବା ଡେଲ ହଲ କୁହନ୍ତି, ସେ କେବଳ ଚା, କଫି, ବିୟର ଏବଂ ପାଣି ପିଇ ରହିଛନ୍ତି। ଯାହାଦ୍ୱାରା ତାଙ୍କ ଓଜନ କମାଇ ପାରିଛନ୍ତି। ୪୬ ଦିନରେ ସେ କେବଳ ବିୟର ପିଇ ରହିଛନ୍ତି। ଆର୍ମି ଚାକିରିରୁ ଅବସର ନେବା ପରେ ହଲ ଏକ ବିୟର କମ୍ପାନୀରେ କାମ କରନ୍ତି। ସେ ସବୁବେଳେ ରେଷ୍ଟୁରାଣ୍ଟରୁ ଖାଦ୍ୟ ଖାଉଥିଲେ। ଏହା ଦ୍ୱାରା ସେ ଅଧିକ ମୋଟା ହୋଇଗଲେ। ଏଥର ସେ କିଛି ନ ଖାଇବାକୁ ନିଷ୍ପତ୍ତି ନେଲେ। ତେଣୁ ସେ କେବଳ ବିୟର ପିଇ ରହିଲେ। ଏପରିକି ଦିନକୁ ସେ ଖାଦ୍ୟ ଛାଡ଼ି ୫ ଥର ବିୟର ପିଇଲେ। ଏହା ଦ୍ୱାରା ତାଙ୍କର ବ୍ଲଡ ପ୍ରେସର ଏବଂ କୋଲେଷ୍ଟ୍ରୋଲ ନିୟନ୍ତ୍ରଣରେ ରହିଛି।

# ସ୍ତ୍ରୀଙ୍କୁ ଫେରାଇ ଆଣିଲେ ଭୋଟ ଦେବି

### ଭୋଟରଙ୍କ ଅଜବ ସର୍ତ୍ତ

**ଲକ୍ଷ୍ନୌ:** ଉତ୍ତରପ୍ରଦେଶରେ ଆଗକୁ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅଜବ ସର୍ତ୍ତ ରଖିଛନ୍ତି ଜଣେ ଭୋଟର। ରହିମାବାଦ ଅଞ୍ଚଳର ରାମନଗରରେ ବାସ କରୁଥିବା ରାଧେ ପ୍ରାର୍ଥୀଙ୍କୁ କହୁଛନ୍ତି, ୬ ମାସ ହେଲା ତାଙ୍କ ସ୍ତ୍ରୀ ବାପଘରକୁ ଚାଲି ଯାଇଛନ୍ତି। ତାଙ୍କୁ ଫେରାଇ ଆଣିବାକୁ ବହୁଥର ଉଦ୍ୟମ କରିଥିଲେ ମଧ୍ୟ ସେ ଅବୁଝା ହେଉଛନ୍ତି। ତେଣୁ ଯେଉଁ ପ୍ରାର୍ଥୀ ତାଙ୍କ ସ୍ତ୍ରୀଙ୍କୁ ଫେରାଇ ଆଣିବେ ତାଙ୍କୁ ରାଧେ ଭୋଟ ଦେବେ ବୋଲି କହୁଛନ୍ତି।

## ମନେ ପଡ଼ନ୍ତି

୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୪୦୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୃତ୍ତିବାସ ସ୍ୱାଇଁ
ବରିଷ୍ଠ ରାଜସ୍ୱ ସହାୟକ
ଇଚ୍ଛାପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୬।୧୯୬୭
ତିରୋଧାନ: ୨୭।୦୩।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାର ଏବଂ ବନ୍ଧୁବର୍ଗ ଓ ସହକର୍ମୀବୃନ୍ଦ, ଆଳି
ଧ-୨୦୪୩୪

# ମୁମ୍ବାଇ ପାଇଁ ବିରଳ ହ୍ୟାଟ୍ରିକ ସୁଯୋଗ

ଚେନ୍ନାଇ, ୫।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଧିକ ସଫଳ ଦଳଭାବେ ୫ ଥର ଚାମ୍ପିୟନ ହୋଇଛି। ତେବେ ଏହି ଦଳପାଇଁ ଏଥର ଏକ ବିରଳ ରେକର୍ଡ କରିବାର ସୁଯୋଗ ରହିଛି। ୨୦୧୯ ଓ ୨୦୨୦ରେ ଚାମ୍ପିୟନ ହୋଇଥିବା ଦଳ ଏଥର ଟାଇଟଲ ହାସଲ କରିବାରେ ହ୍ୟାଟ୍ରିକ କରିବା ଦ୍ୱାରରେ ପହଞ୍ଚିଛି। ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳର ପ୍ରଦର୍ଶନ ଦୃଷ୍ଟିରୁ ଏଥର ମଧ୍ୟ ମୁମ୍ବାଇର ପଲା ଭାରି ରହିଲାପରି ଲାଗୁଛି। ପ୍ରକାଶ ଯୋଗ୍ୟ ଯେ ମୁମ୍ବାଇ ୨୦୧୯ ଓ ୨୦୨୦କୁ ଛାଡ଼ିଦେଲେ ୨୦୧୩, ୨୦୧୫ ଓ ୨୦୧୭ରେ ଚାମ୍ପିୟନ ହୋଇଥିଲା।


ରୋହିତ ଶର୍ମା

ଆଇପିଏଲ୍-୧୪

## ବ୍ୟାଟିଂ

ମୁମ୍ବାଇର ବ୍ୟାଟିଂ ଲାଇନ୍‌ଅପ୍ ସବୁଠାରୁ ଶକ୍ତିଶାଳୀ। ଦଳରେ ଖେଳିବାକୁଥିବା ଟପ୍-୭ ଖେଳାଳିଙ୍କ ମଧ୍ୟରୁ ୫ ଜଣ ନିକଟରେ ଭାରତ ପକ୍ଷରୁ ଇଂଲଣ୍ଡ ବିପକ୍ଷରେ ପ୍ରତିନିଧିତ୍ୱ କରିଛନ୍ତି। ଦୁଇ ବିଦେଶୀ ଖେଳାଳି କିରନ ପୋଲାର୍ଡ ଓ କ୍ୱିଣ୍ଟନ ଡି'କକ୍ ସୀମିତ ଓଭର କ୍ରିକେଟରେ ନିର୍ଭିକ ଏବଂ ବିସ୍ଫୋରକ ବ୍ୟାଟିଂ ପାଇଁ ବେଶ୍ ଜଣାଶୁଣା। ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ପାଇଁ ହିଁ ମୁମ୍ବାଇ ଗତ ସଂସ୍କରଣରେ ଟାଇଟଲ ହାସଲ କରିଥିଲା। ନିହାତି ଆବଶ୍ୟକ ନ ପଡ଼ିଲେ କିମ୍ବା ଆହତ ସମସ୍ୟା ଦେଖା ନ ଦେଲେ ଏହି ଦଳ ଏହାର ଟପ୍-୭ ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ କରି ନ ଥାଏ। କେବଳ ଇଶାନ କିଶନଙ୍କ ବ୍ୟାଟ୍‌ରୁ ୩୦ଟି ଛକା ଆସିଥିଲା। ସେହିପରି କିଶନ, ସୂର୍ଯ୍ୟକୁମାର ଯାଦବ ଓ ଡି'କକ୍ ୪ଟି ଲେଖାଏ ଅର୍ଦ୍ଧଶତକ ହାସଲ କରିଥିଲେ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ କେବଳ ୨ ଜଣ ୧୪୦ ତଳକୁ ଷ୍ଟ୍ରାଇକ୍‌ରେଟ୍ ରଖିଥିଲେ। ସେଥିପାଇଁ ବିଗ୍ ହିଟର କ୍ରିସ୍ ଲିନ୍‌ଙ୍କ ଭଳି ଖେଳାଳି ଗୋଟିଏ ହେଲେ ଗେମ୍ ଖେଳିବାର ସୁଯୋଗ ପାଇ ନ ଥିଲେ। କୋର ଖେଳାଳିଙ୍କ ମଧ୍ୟରେ କେବଳ କିଶନ ଓ ସୂର୍ଯ୍ୟକୁମାର ୧୪୫.୪୦ ଷ୍ଟ୍ରାଇକ୍‌ରେଟ୍‌ରେ ୯୯୬ ରନ ସ୍କୋର କରିଥିଲେ। ଏ ଦୁଇ ଖେଳାଳି ସେହି ଫର୍ମ ନିକଟରେ ଭାରତୀୟ ଦଳ ପକ୍ଷରୁ ମଧ୍ୟ ଦେଖାଇଛନ୍ତି। ପ୍ରତିପକ୍ଷ ଦଳକୁ ଅସୁବିଧାରେ ପକାଇବାର ସମସ୍ତ କ୍ଷମତା ଏହି ଦଳର ରହିଛି। ୨୦୨୧ ଖେଳାଳି ନିଲାମ ପୂର୍ବରୁ ମୁମ୍ବାଇ ଶେର୍ଫାନ ରୁଥରଫୋର୍ଡଙ୍କୁ ରିଲିଜ୍ କରି ଅଲ୍‌ରାଉଣ୍ଡର ଜେମ୍ସ ନିଶାମଙ୍କୁ ଦଳରେ ସାମିଲ କରିଛି। ଏହା ଦଳର ଶକ୍ତିକୁ ଆହୁରି ଦୃଢ଼ କରିଛି।

## ବୋଲିଂ

ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ବିଭାଗ କୋର୍ ଗ୍ରୁପ୍ ମଧ୍ୟ ବେଶ୍ ମଜଭୁତ୍। ଯଶପ୍ରୀତ୍ ବୁମ୍‌ରା ଓ ଟ୍ରେଣ୍ଟ ବୋଲ୍ଟ ଦଳର ଦୁଇ ଅମୋଘ ଅସ୍ତ୍ର। ଏଥର ସ୍ୱିଙ୍ଗ୍‌ଷ୍ଟର ଆଡାମ ମିଲ୍‌ନେ, ଅଭିଜ୍ଞ ଲେଗ୍ ସ୍ପିନର ପୀୟୂଷ ଚାୱଲା ଏବଂ ଦକ୍ଷିଣ ଆଫ୍ରିକାର ୨୦ ବର୍ଷୀୟ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନେସେନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ମୁମ୍ବାଇ ଜେମ୍ସ ପ୍ୟାଟିନ୍‌ସନଙ୍କୁ ଅବ୍ୟାହତି ଦେଇଛି। ଏହାର ଅର୍ଥ ନାଥାନ କୁଲ୍ଟର ନିଲ୍ କିମ୍ବା ମିଲ୍‌ନେଙ୍କ ମଧ୍ୟରୁ କେହି ଜଣେ ଟ୍ରେଣ୍ଟ ବୋଲ୍ଟଙ୍କ ସହ ପାୱାରପ୍ଲେ ଓଭର ଦାୟିତ୍ୱରେ ରହିବେ। ଏହା ହେଲେ ବୁମ୍‌ରା ଡେଥ୍ ଓଭର ପାଇଁ ମହଜୁତ ରହିପାରିବେ। ଦଳର ଅନଭିଜ୍ଞ ସ୍ପିନ ବିଭାଗରେ ସାମାନ୍ୟ ଦୁର୍ବଳତା ରହିଛି। ଆବଶ୍ୟକସ୍ଥଳେ ଦଳ ରାହୁଲ ଚହର ଓ ଜୟନ୍ତ ଯାଦବଙ୍କୁ ବ୍ୟବହାର କରୁଛି। ତେବେ ଏଥର ଚାୱଲାଙ୍କ ଉପସ୍ଥିତି ଦଳକୁ ଫାଇଦାରେ ରଖିବା ଆଶା ରହିଛି। ଚେନ୍ନାଇରେ ରୋହିତ ଶର୍ମାଙ୍କ ଦଳ ପ୍ରଥମ ୫ଟି ମ୍ୟାଚ ଖେଳିବ। ଏହାପରେ ଦିଲ୍ଲୀରେ ୪ ମ୍ୟାଚ ଖେଳିବାପରେ ବେଙ୍ଗାଲୁରୁ ଓ କୋଲକାତା ଯିବ। ପୋଲାର୍ଡ ଏବଂ ହାର୍ଦ୍ଦିକଙ୍କ ଉପସ୍ଥିତି ମୁମ୍ବାଇର ବୋଲିଂ ବିଭାଗକୁ ଅଧିକ ସନ୍ତୁଳିତ କରିଛି। ପିଚ୍‌ର ପ୍ରକୃତି ଓ ପରିବେଶ ଦେଖି ଏହି ଦଳ ୨ଟି ଲେଖାଏ ପେସ୍ ଓ ସ୍ପିନ କିମ୍ବା ଜଣେ ସ୍ପିନର ଓ ୩ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ପାୱାର ପ୍ଲେରେ ବୋଲ୍ଟ ଏବଂ ଡେଥ୍ ଓଭରରେ ବୁମ୍‌ରା ସ୍ପେଶାଲିଷ୍ଟ ସାବ୍ୟସ୍ତ ହୋଇ ସାରିଥିବାବେଳେ ଦଳ ଏଥର ମିଲ୍‌ନେଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିବ। ମିଲ୍‌ନେ ନିକଟରେ ଅନ୍ତର୍ଜାତୀୟ କ୍ରିକେଟରେ ଘଣ୍ଟାପ୍ରତି ୧୫୦ କିଲୋମିଟର ବେଗରେ ବୋଲିଂ କରିଛନ୍ତି। ଗତଥର ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କାଗିଶୋ ରାବାଡ଼ା ଓ ଏନ୍‌ରିଚ୍ ନର୍ଜେ ଯାହା କରିଥିଲେ ଏଥର ମିଲ୍‌ନେ ମୁମ୍ବାଇ ପାଇଁ ତାହା କରିବା ଆଶା ରହିଛି। ଖେଳାଳି ଆହତ ସମସ୍ୟା କ୍ଷେତ୍ରରେ ଦଳରେ ଭଲ ବ୍ୟାକ୍‌ଅପ୍ ବୋଲର ମହଜୁଦ ଅଛନ୍ତି। ସେମାନେ ହେଲେ ଧାୱଲ କୁଲକର୍ଣ୍ଣୀ, ବାମହାତୀ ସ୍ପିନର ଅନୁକୂଳ ରୟ, ବାମହାତୀ ପେସର ଜାନସେନ, ମୋହସିନ ଖାଁ ଏବଂ ଅର୍ଜ୍ଜୁନ ତେନ୍ଦୁଲକର।

## ନଜରରେ ରହିବେ

୬ ଫୁଟ ୮ ଇଞ୍ଚ ବିଶିଷ୍ଟ ଡେଙ୍ଗା ଖେଳାଳି ହେଉଛନ୍ତି ମାର୍କୋ ଜାନସେନ। ନିୟମିତ ସେ ଘଣ୍ଟାପ୍ରତି ୧୩୭ରୁ ୧୩୮ କିଲୋମିଟର ଏବଂ ସମୟ ସମୟରେ ୧୪୦ କିଲୋମିଟର ବେଗରେ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ମୁମ୍ବାଇ ଯଦି ଦଳରେ ବାମହାତୀ ଫାଷ୍ଟ ବୋଲରଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁବ ତେବେ ଜାନସେନଙ୍କ ଉପରେ ନିଶ୍ଚିତ ନଜର ପଡ଼ିବ। କାରଣ ଜାନସେନ ଲୋୟର ଅର୍ଡରରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ଦକ୍ଷିଣ ଆଫ୍ରିକା ଘରୋଇ ସର୍କିଟରେ ଏହି ଅଲ୍‌ରାଉଣ୍ଡର ସମସ୍ତ ୩ଟିଯାକ ଫର୍ମାଟରେ ଖେଳିଛନ୍ତି। ଗତ ଫେବୃୟାରୀରେ ସେ ୱାରିୟର୍ସ ପକ୍ଷରୁ ଖେଳି ୬ଟି ଟି୨୦ ଗେମ୍‌ରେ ୭.୩୩ ଇକୋନୋମି ହାର ରଖିଥିଲେ। ଏଥର ସେ ମୁମ୍ବାଇ ପାଇଁ ବିସ୍ମୟ ସୃଷ୍ଟି କରିପାରନ୍ତି।

**କୋଚିଂ ଷ୍ଟାଫ୍:** ମୁମ୍ବାଇ ଇଣ୍ଡିଆନ୍ସର କୋଚିଂ ଷ୍ଟାଫ୍ ମଧ୍ୟ ବେଶ୍ ଅଭିଜ୍ଞ ସମ୍ପନ୍ନ। ମାହେଲା ଜୟବର୍ଦ୍ଧନେ ମୁଖ୍ୟ କୋଚ୍ ଥିବାବେଳେ ଜାହିର ଖାଁ ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ୍ସ, ଶେନ ବଣ୍ଡ ବୋଲିଂ କୋଚ୍, ରବିନ ସିଂ ବ୍ୟାଟିଂ କୋଚ୍ ଏବଂ ଜେମ୍ସ ପାମେଣ୍ଟ ଫିଲ୍ଡିଂ କୋଚ୍ ରହିଛନ୍ତି।


ଆଡାମ ମିଲ୍‌ନେ


ମାର୍କୋ ଜାନସେନ

**ସମ୍ଭାବ୍ୟ ଏକାଦଶ:** ୧-ରୋହିତ ଶର୍ମା (ଅଧିନାୟକ), ୨-କ୍ୱିଣ୍ଟନ ଡି'କକ୍(ଉଇକେଟ କିପର), ୩- ଇଶାନ କିଶନ, ୪- ସୂର୍ଯ୍ୟକୁମାର ଯାଦବ, ୫- କିରନ ପୋଲାର୍ଡ, ୬-ହାର୍ଦ୍ଦିକ ପାଣ୍ଡ୍ୟା, ୭- କ୍ରୁନାଲ ପାଣ୍ଡ୍ୟା, ୮-ନାଥାନ କୁଲ୍ଟର ନିଲ/ଆଡାମ ମିଲ୍‌ନେ, ୯-ରାହୁଲ ଚହର/ପୀୟୂଷ ଚାୱଲା, ୧୦-ଟ୍ରେଣ୍ଟ ବୋଲ୍ଟ, ୧୧-ଯଶପ୍ରୀତ୍ ବୁମ୍‌ରା।

# ଉଜବେକିସ୍ତାନଠାରୁ ହାରିଲା ଭାରତ

ତାସକେଣ୍ଟ, ୫।୪(ପି.ଟି.)

ଭାରତୀୟ ମହିଳା ଫୁଟବଲ ଦଳ ଆକର୍ଷଣୀୟ ପ୍ରଦର୍ଶନ କରିବା ସତ୍ତ୍ୱେ ସୋମବାର ପ୍ରଥମ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚରେ ଉଜବେକିସ୍ତାନଠାରୁ ୦-୧ ଗୋଲରେ ହାରି ଯାଇଛି। ମଫତୁନା ଶୋୟିମୋଭାଙ୍କ ବିଳମ୍ବିତ ଗୋଲ ଭାରତକୁ ପରାଜୟ ସ୍ୱାଦ ଚଖାଇଥିଲା। ଉଭୟ ଦଳ ଅନେକ ଥର ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ହେଁ ଶୋୟିମୋଭାଙ୍କ ଜରିଆରେ ଉଜବେକିସ୍ତାନ ୮୭ତମ ମିନିଟରେ ଏକମାତ୍ର ଗୋଲ ଦେବାରେ ସକ୍ଷମ ହୋଇଥିଲା। ଅତ୍ୟନ୍ତ ଥଣ୍ଡା ପରିବେଶରେ ଅନୁଷ୍ଠିତ ଏହି ମ୍ୟାଚରେ ଉଜବେକିସ୍ତାନ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଖେଳିଥିଲେ ହେଁ ଭାରତୀୟ ଗୋଲ ରକ୍ଷିକା ଅଦିତି ଚୌହାନଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲ ଦେଇପାରି ନ ଥିଲା। ଭାରତୀୟ ଡିଫେଣ୍ଡର ରଞ୍ଜନା ଚାନୁ ଓ ମିଡ୍‌ଫିଲ୍ଡର ସଙ୍ଗୀତା ବାସଫୋରେ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ହେଁ ଘରୋଇ ଦଳର ଡିଫେନ୍ସ ବିଭାଗ ତାହାର ସଫଳ ପ୍ରତିହତ କରିଥିଲା। ଏହାପରେ ଏକାଧିକ ଥର ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲେ ହେଁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଅଗ୍ରଣୀ ନେବାପାଇଁ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବେଶ୍ ରୋମାଞ୍ଚକ ଖେଳ ହୋଇଥିଲା। ମାତ୍ର ୨୫ ଗଜ ଦୂରରୁ ଶୋୟିମୋଭା ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ଗୁରୁବାର ବେଲାରୁଷକୁ ଭେଟିବ।


ମଫତୁନା ଶୋୟିମୋଭା

# ସବିର ବିସିସିଆଇ ଏସିୟୁ ମୁଖ୍ୟ

ନୂଆଦିଲ୍ଲୀ, ୫।୪ (ପି.ଟି.)

ଅଜିତ ସିଂଙ୍କ ସ୍ଥାନରେ ଗୁଜରାଟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସବିର ହୁସେନ ଶେଖଦମ୍ ଖଣ୍ଡୱାଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ)ର ନୂତନ ମୁଖ୍ୟଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜସ୍ଥାନର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସିଂ ୨୦୧୮ରେ ବିସିସିଆଇର ଏସିୟୁ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ଗତ ମାର୍ଚ୍ଚ ୩୧ରେ ଶେଷ ହୋଇଛି। ଅନ୍ୟପକ୍ଷରେ ଖଣ୍ଡୱାଲା ହେଉଛନ୍ତି ୧୯୭୩ ବ୍ୟାଚ୍ ଆଇପିଏସ୍ ଅଫିସର। ୨୦୧୦ ଡିସେମ୍ବରରେ ଗୁଜରାଟ ଡିଜିପି ପଦବୀରୁ ଅବସର ପରେ ୧୦ ବର୍ଷ ଧରି ଏସାର ଗ୍ରୁପ୍‌ର ଜଣେ ଉପଦେଷ୍ଟା ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ। ଏପ୍ରିଲ ୯ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଉଦ୍‌ଘାଟନୀ ଦିବସରୁ ସେ ତାଙ୍କ କାର୍ଯ୍ୟାରମ୍ଭ କରିବେ। ବୋର୍ଡରେ କିପରି କାର୍ଯ୍ୟ କରିବାକୁ ହେବ ସେ ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିବା ଲାଗି ନୂଆ ଏସିୟୁ ମୁଖ୍ୟ ଗତ ମାସରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଦେଖିଥିଲେ। ଅନ୍ୟପକ୍ଷରେ ସିଂଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ଖଣ୍ଡୱାଲା ତାଙ୍କ କାର୍ଯ୍ୟଧାରାରେ ପଡ଼ିବା ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ପ୍ରକାର ସହାୟତା କରିବେ। ଏଥର ଏସିୟୁ ମୁଖ୍ୟ ପଦବୀ ପାଇଁ ବିସିସିଆଇ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇ ନ ଥିଲା। ଖଣ୍ଡୱାଲା ବୁଧବାର ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ ପାଇଁ ଚେନ୍ନାଇ ଅଭିମୁଖେ ଯାତ୍ରା କରିବେ।


ସବିର ହୁସେନ ଶେଖଦମ୍ ଖଣ୍ଡୱାଲା

# ହୁର୍କାଜଙ୍କୁ ମାୟାମି ଟେନିସ୍ ଟାଇଟଲ

ମାୟାମି, ୫।୪ (ଏପି)

ପୋଲାଣ୍ଡର ହୁବର୍ଟ ହୁର୍କାଜ ମାୟାମି ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଇଟାଲୀର ୧୯ ବର୍ଷୀୟ ଜାନିକ ସିନରଙ୍କୁ ୭-୬ (୪), ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୪ ବର୍ଷୀୟ ହୁର୍କାଜଙ୍କ କ୍ୟାରିୟରର ଏହା ହେଉଛି ସବୁଠାରୁ ବଡ଼ ଟାଇଟଲ। ଜାନୁୟାରୀରେ ସେ ଡେଲ୍‌ରେ ବିଚ୍ ଟାଇଟଲ ଜିତିଥିଲେ। ଟେନିସ୍‌ରେ ବିଗ୍ ଥ୍ରି ରୂପେ ପରିଚିତ ନୋଭାକ ଜୋକୋଭିଚ୍, ରାଫାଲ ନାଡାଲ ଓ ରୋଜର ଫେଡେରର ଏବଂ ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ ଥିମ୍‌ଙ୍କ ଭଳି ଷ୍ଟାର ଖେଳାଳି ଓହରିଯିବାରୁ ଏଠାରେ ସେ ଚାମ୍ପିୟନ ହୋଇପାରିଛନ୍ତି। ଆସନ୍ତା ସପ୍ତାହ ର୍‌ୟାଙ୍କିଂ ତାଲିକାରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୬ତମ ସ୍ଥାନ ଅଧିକାର କରିବେ। ହୁର୍କାଜ ଆହୁରି ମଧ୍ୟ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ମାଷ୍ଟର୍ସ ୧୦୦୦ ଚାମ୍ପିୟନ ହୋଇପାରିଛନ୍ତି। ପୂର୍ବରୁ ବିଶ୍ୱର ନମ୍ବର ୱାନ ର୍‌ୟାଙ୍କିଂ ଆଶ୍‌ଲେ ବାର୍ଟି ମାୟାମି ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ୬-୩, ୪-୦ରେ ଅଗ୍ରଣୀ ଥିବାବେଳେ ପାଦରେ ଇଞ୍ଜୁରି ଯୋଗୁ ବାଏଙ୍କା ଆଣ୍ଡ୍ରେସ୍କୁ ମ୍ୟାଚ ଅଧାରୁ ରିଟାୟର୍ଡ ନେଇଥିଲେ। ବାର୍ଟିଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ମାୟାମି ଟାଇଟଲ।


ଟ୍ରଫି ସହ ହୁବର୍ଟ ହୁର୍କାଜ।

## ରାଜସ୍ଥାନ ରୟାଲ୍ସର ଜର୍ସି ଉନ୍ମୋଚନ ଉତ୍ସବର ସିଧାପ୍ରସାରଣ

**ଜୟପୁର, ୫।୪ (ପି.ଟି.):** ଶୁକ୍ରବାର ଚେନ୍ନାଇଠାରେ ଆରମ୍ଭ ହେବାକୁଥିବା ଆଇପିଏଲ୍ ସିଜନ ୨୦୨୧ ପାଇଁ ରାଜସ୍ଥାନ ରୟାଲ୍ସ ଏହାର ଜର୍ସି ଉନ୍ମୋଚନ କରିଛି। ଏହି କାର୍ଯ୍ୟକ୍ରମ ଥ୍ରି ଡି ପ୍ରୋଜେକ୍ସନ ଓ ଲାଇଟ୍ ଶୋ' ସହ ସ୍ଥାନୀୟ ସାୱାଇ ମାନସିଂ ଷ୍ଟାଡିୟମରେ ଆୟୋଜନ କରାଯାଇଥିଲା। ଷ୍ଟାଡିୟମରୁ ଏକ ଅଡିଓ-ଭିଜୁଆଲ ଶୋ'ର ସିଧାପ୍ରସାରଣ କରାଯାଇଥିଲା। ସମଗ୍ର ବିଶ୍ୱରେ ରହିଥିବା ଏହି ଟିମ୍‌ର ସମର୍ଥକ ଏବଂ ମୁମ୍ବାଇଠାରେ ବାୟୋ-ବବଲରେ ଅବସ୍ଥାନ କରୁଥିବା ରାଜସ୍ଥାନ ରୟାଲ୍ସର ଖେଳାଳିମାନେ ଏହାର ମଜା ନେଇଥିଲେ। ରାଜସ୍ଥାନ ରୟାଲ୍ସ ହେଉଛନ୍ତି ଆଇପିଏଲ ଉଦ୍‌ଘାଟନୀ ସଂସ୍କରଣର ବିଜେତା। ଦଳର ନୂଆ ଜର୍ସି ଯେପରିଭାବେ ଉନ୍ମୋଚନ କରାଗଲା ତାହା ଅବିଶ୍ୱସନୀୟ ବୋଲି ଆଇପିଏଲ ନିଲାମର ସବୁଠାରୁ ଦାମୀ ଖେଳାଳି କ୍ରିସ୍ ମୋରିସ କହିଛନ୍ତି।

# ନୂଆରୂପରେ ପଞ୍ଜାବ କିଙ୍ଗ୍ସ

ନୂଆଦିଲ୍ଲୀ,୫।୪ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଗତ ସଂସ୍କରଣରେ କ୍ରମାଗତ ୫ଟି ବିଜୟ ଓ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଳ୍ପକେ ପ୍ଲେ-ଅଫ୍‌ରୁ ବଞ୍ଚିତ ହୋଇଥିଲା। ପଏଣ୍ଟ ଟେବୁଲ ୬ଷ୍ଠ ସ୍ଥାନରେ ରହିଥିବା ଏହି ଦଳ ଏଥର ନୂଆରୂପରେ ଟୁର୍ନାମେଣ୍ଟ ଖେଳିବ। ପ୍ରଥମତଃ ଦଳ ଏହାର ନାମ ପରିବର୍ତ୍ତନ କରି 'ପଞ୍ଜାବ କିଙ୍ଗ୍ସ' ରଖିଛି। ଡେଥ୍ ଓଭର ବୋଲିଂରେ ରହିଥିବା ଦୁର୍ବଳତାକୁ ସଜାଡ଼ିବା ପାଇଁ ବହୁ ଅର୍ଥ ବ୍ୟୟ କରିଛି। ମିଡିଲ ଅର୍ଡରକୁ ଶକ୍ତିଶାଳୀ କରି ଗଢ଼ିତୋଳିଛି। ପଞ୍ଜାବ କିଙ୍ଗ୍ସ ଗତ ସଂସ୍କରଣରେ କେତୋଟି ଜିତିବା ମ୍ୟାଚ ଅଳ୍ପକେ ହାତଛଡ଼ା କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ସେମାନଙ୍କ ଟୁର୍ନାମେଣ୍ଟ ଓପନରରେ ବିବାଦୀୟ ଶର୍ଟ ରନ୍ କଲ୍ ଯଦି ସେମାନଙ୍କ ବିରୋଧରେ ଯାଇ ନ ଥାନ୍ତା ତେବେ ଏହି ମ୍ୟାଚ ଜିତିପାରିଥାନ୍ତେ। ଏହା ଦ୍ୱାରା ଦଳ ଲିଗ୍ ପର୍ଯ୍ୟାୟ ଶେଷରେ ପଏଣ୍ଟ ଟେବୁଲ୍‌ର ଶ୍ରେଷ୍ଠ ୪ ଦଳ ମଧ୍ୟରେ ରହିପାରିଥାନ୍ତା। ସେହିପରି ଦଳର ଅଗ୍ରଣୀ ପେସ୍ ବୋଲର ମହମ୍ମଦ ସାମିଙ୍କୁ ସହାୟତା କରିବା ଲାଗି ଦଳରେ କୌଣସି ବୋଲର ନ ଥିଲେ। ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲଙ୍କଠାରୁ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳି ନ ଥିଲା। ଏହିସବୁ କାରଣରୁ ଦଳ ଟୁର୍ନାମେଣ୍ଟରେ ଆଗକୁ ବଢ଼ିପାରି ନ ଥିଲା।



ଅଭ୍ୟାସ ଅବସରରେ ପଞ୍ଜାବର ଦୁଇ ଖେଳାଳି ମହମ୍ମଦ ସାମି ଓ ମୟଙ୍କ ଅଗ୍ରୱାଲ।

## ଦଳର ଶକ୍ତି

ଏହି ସିଜନରେ ପଞ୍ଜାବ କିଙ୍ଗ୍ସ ଦଳର ବ୍ୟାଟିଂ ଲାଇନ୍ ଅପ୍ ଖୁବ୍ ଶକ୍ତିଶାଳୀ। ଦଳରେ ରହିଛନ୍ତି ବିପଜ୍ଜନକ ଓପନିଂ ଯୋଡ଼ି ଅଧିନାୟକ କେ.ଏଲ୍. ରାହୁଲ ଏବଂ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ। ରାହୁଲ ଗତ ସିଜନରେ 'ଅରେଞ୍ଜ କ୍ୟାପ୍' ହାସଲ କରିଥିଲେ। ଦଳରେ କ୍ରିସ୍ ଗେଲ୍ ମଧ୍ୟ ସ୍ଥାନ ପାଇଛନ୍ତି। ୨୦୨୦ ସଂସ୍କରଣରେ ସେ ୭ଟି ମ୍ୟାଚ ଖେଳି ୨୮୮ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୩୭.୧୪ ରହିଥିଲା। ଉଇକେଟକିପର ତଥା ବିସ୍ଫୋରକ ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଟପ୍ ଫୋର୍‌ରେ ଏହି ୪ ବ୍ୟାଟ୍ସମ୍ୟାନ ରହିବେ। ବିଶ୍ୱର ଟି୨୦ ବ୍ୟାଟ୍ସମ୍ୟାନ ଡାୱିଡ୍ ମାଲାନଙ୍କୁ ଗେଲ୍‌ଙ୍କ ବ୍ୟାକ୍‌ଅପ୍ ଭୂମିକାରେ ଦେଖିବାକୁ ମିଳିବ। ଅଲ୍‌ରାଉଣ୍ଡର ମୋଇସେସ୍ ହେନରିକ୍ସ ଓ ତାମିଲନାଡୁ ବ୍ୟାଟ୍ସମ୍ୟାନ ଶାହରୁଖ ଖାନ୍‌ଙ୍କୁ ଦଳରେ ସାମିଲ କରି ମିଡିଲ ଅର୍ଡରକୁ ଶକ୍ତିଶାଳୀ କରାଯାଇଛି। ଅଭିଜ୍ଞ ବ୍ୟାଟ୍ସମ୍ୟାନ ଦୀପକ ହୁଡା ଏହି ଦଳରେ ଅଛନ୍ତି। ସେ ଫିନିଶର ଭୂମିକା ଗ୍ରହଣ କରିପାରନ୍ତି। ପଞ୍ଜାବ କିଙ୍ଗ୍ସର ଅନ୍ୟଜଣେ ଅଲ୍‌ରାଉଣ୍ଡର ବିକଳ୍ପ ହେଲେ ଫାବିଏନ ଆଲେନ। ପେସ୍ ବୋଲିଂକୁ ସୁଦୃଢ଼ କରିବାକୁ ଯାଇ ଦଳରେ ଅଷ୍ଟ୍ରେଲୀୟ ସ୍ୱିଙ୍ଗ୍‌ଷ୍ଟର ଝୋ ରିଚାର୍ଡସନ ଓ ରିଲେ ମର୍ଡିଥ୍‌ଙ୍କୁ ନିଆଯାଇଛି। ବିଗ୍‌ବାସ୍‌ରେ ଚମତ୍କାର ବୋଲିଂ କରି ମର୍ଡିଥ୍ ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିପାରିଥିଲେ। ଏହାଛଡ଼ା ମହମ୍ମଦ ସାମି ଓ ଇଂଲଣ୍ଡର କ୍ରିସ୍ ଜୋର୍ଡାନ ରହିଛନ୍ତି।

## ଦୁର୍ବଳତା

ପଞ୍ଜାବ କିଙ୍ଗ୍ସର ବଡ଼ ଦୁର୍ବଳତା ହେଲା ଏହି ଦଳରେ କ୍ୱାଲିଟି ସ୍ପିନରଙ୍କ ଅଭାବ। ସେମାନେ ଅଫ୍ ସ୍ପିନର କେ. ଗୋଥାମଙ୍କୁ ରିଲିଜ କରିସାରିଛନ୍ତି। ଏହି ବୋଲର ଜଣକ ଗତ ସିଜନରେ ସବୁଠାରୁ ବ୍ୟୟ ବହୁଳ ସାବ୍ୟସ୍ତ ହୋଇଥିଲେ। ଗତ ସିଜନରେ ଭଲ ବୋଲିଂ କରିଥିବା ମୁରୁଗାନ ଅଶ୍ୱିନ ଓ ରବି ବିଷ୍ଣୋଇଙ୍କ ଠାରୁ ଏଥର ମଧ୍ୟ ତାହା ଆଶା କରାଯାଉଛି। ଦଳରେ ନୂତନ ଭାବେ ନିଆଯାଇଛି ଜଲଜ ସାକ୍ସେନାଙ୍କୁ। ଜଣେ ଘରୋଇ ଖେଳାଳି ଭାବେ ତାଙ୍କର ବହୁ ଅଭିଜ୍ଞତା ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ୧୦ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଇକୋନୋମି ରେଟ୍ ୬.୨୬ ରହିଥିଲା। କିନ୍ତୁ ସ୍ପିନ ବିଭାଗରେ ଜଣେ ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ବୋଲରଙ୍କ ଅଭାବ ରହିଛି। ଦଳରରେ ଆହୁରି ମଧ୍ୟ ସାମିଙ୍କ ସମତୁଲ ଆଉ ଜଣେ ଭାରତୀୟ ପେସ୍ ବୋଲର ନାହାନ୍ତି।

## ସୁଯୋଗ

ପଞ୍ଜାବ କିଙ୍ଗ୍ସ ଥରେ ହେଲେ ଆଇପିଏଲ୍ ଟାଇଟଲ ଜିତିପାରି ନାହିଁ। ଚଳିତ ବର୍ଷ କିନ୍ତୁ ଏହି ଦଳ ଅନ୍ୟତମ ମୁଖ୍ୟ ଦାବିଦାର ବୋଲି ବିବେଚନା କରାଯାଉଛି। ଦଳ କୋଚ୍ ଅନିଲ କୁମ୍ବଲେଙ୍କ ତତ୍ତ୍ୱାବଧାନରେ ୩ ବର୍ଷ ହେଲା ଖେଳିଆସୁଛି। ଟାଇଟଲ ଜିତିବା ଲାଗି ରାହୁଲ ଏବଂ ତାଙ୍କ ଦଳ ପାଇଁ ଏଥର ଏକ ବଡ଼ ସୁଯୋଗ ରହିଛି। ଆସନ୍ତା ଟି୨୦ ବିଶ୍ୱକପ୍ ଲାଗି ରାହୁଲଙ୍କୁ ଏହି ଲିଗ୍ ମ୍ୟାଚ ପ୍ରାକ୍ଟିସ୍ ପାଇଁ ବିଶେଷ ସହାୟକ ହେବ।

**ପଞ୍ଜାବ କିଙ୍ଗ୍ସ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ମନଦୀପ ସିଂ, ପ୍ରଭ୍ସିମରନ ସିଂ, ନିକୋଲାସ ପୁରାନ (ଉଇକେଟକିପର), ସର୍ଫରାଜ ଖାନ୍, ଦୀପକ ହୁଡା, ମୁରୁଗାନ ଅଶ୍ୱିନ, ରବି ବିଷ୍ଣୋଇ, ହରପ୍ରୀତ ବ୍ରାର୍, ମହମ୍ମଦ ସାମି, ଆକାଶଦୀପ ସିଂ, ଇଶାନ ପୋରେଲ, ଦର୍ଶନ ନାଲକାଣ୍ଡେ, କ୍ରିସ୍ ଜୋର୍ଡାନ, ଡାୱିଡ ମାଲାନ, ଝେ ରିଚାର୍ଡସନ, ଶାହରୁଖ ଖାନ୍, ରିଲେ ମର୍ଡିଥ୍, ମୋଇସେସ୍ ହେନରିକ୍, ଜଲଜ ସାକ୍ସେନା, ଉତ୍କର୍ଷ ସିଂ, ଫାବିଏନ୍ ଆଲେନ୍ ଓ ସୌରଭ କୁମାର।

# ଫେଡେରେଶନ କପ୍ ସୁନ୍ଦରସ୍ୱାସ୍ଥ୍ୟରେ ରଶ୍ମିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୫।୪(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଲକ୍ଷ୍ନୌସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନରେ ଗତ ୩ ଓ ୪ ତାରିଖ ଦୁଇଦିନଧରି ଅନୁଷ୍ଠିତ ଜାତୀୟ ଫେଡେରେଶନ କପ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାର ରଶ୍ମିରଞ୍ଜନ ସାହୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୮୦ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ଏହାକୁ ମିଶାଇ ସେ ଫେଡେରେଶନ କପ୍‌ରେ ତୃତୀୟ ଥରପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ସତ୍ୟଜିତ ପ୍ରତିହାରୀ ୯୦ କେଜି ବର୍ଗରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ସତ୍ୟଜିତ ଫେଡେରେଶନ କପ୍‌ରେ କୃତିତ୍ୱ ଅର୍ଜନ କରି ରାଜ୍ୟକୁ ଗର୍ବିତ କରିଥିଲେ ହେଁ ଏଥର ଆଶାନୁରୂପ ସଫଳତା ପାଇପାରି ନାହାନ୍ତି। ପ୍ରତିଯୋଗିତାରେ ଲଲାଟେନ୍ଦୁ ପାତ୍ର ଓ କାଳିକିଙ୍କର ପଟ୍ଟନାୟକ ଯଥାକ୍ରମେ ମ୍ୟାନେଜର ଓ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ସୋମବାର ପ୍ରତ୍ୟାବର୍ତ୍ତନ କରିବା ଅବସରରେ ସ୍ଥାନୀୟ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମହାସୁଆର ତାଙ୍କ ଭବିଷ୍ୟତ କ୍ରୀଡ଼ା ଜୀବନର ଉନ୍ନତି ପାଇଁ କାମନା କରିଛନ୍ତି। ରଶ୍ମିରଞ୍ଜନ ଝାରସୁଗୁଡ଼ା ପୋଷ୍ଟାଲ ଡିଭିଜନରେ କାର୍ଯ୍ୟରତ।



ରଶ୍ମିରଞ୍ଜନ ସାହୁ (ପ୍ରତିଯୋଗୀଙ୍କ ମଧ୍ୟରେ ବାମରୁ ଦ୍ୱିତୀୟ)।

# ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ

## ଖୋର୍ଦ୍ଧା କପ୍ ଟି୨୦

**ଖୋର୍ଦ୍ଧା ଅଫିସ,୫।୪**

ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଫ୍ଲଡ଼ଲାଇଟ୍ ଖୋର୍ଦ୍ଧା କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଓ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ୟୁନିୟନ ସ୍ପୋର୍ଟିଂ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ହରାଇ ୧୪୫ରନ୍ କରିଥିଲା। ଦଳ ପକ୍ଷରୁ ଏମ.ଡି. ଆକ୍ରମ ସର୍ବାଧିକ ୩୨(୨୫ବଲ), ନିରଞ୍ଜନ ବେହେରା ୨୯(୨୪ବଲ) ଓ ଅଧିନାୟକ ଅନୁରାଗ କାନୋଜିୟା ୨୪(୧୮ବଲ) ରନ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ପ୍ରିତମଜିତ ଦାସ ୪ ଓଭରରେ ୩୦ରନ ବ୍ୟୟ କରି ୩ଟି ଓ ମନୋଜ ବାରିକ ୪ ଓଭରରେ ୨୧ରନ ବ୍ୟୟ କରି ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୧୪୬ରନର ପିଛା କରି ୨୦ଓଭରରେ ୬ ଉଇକେଟ୍ ହରାଇ ୧୩୪ରନ କରିଥିଲା। ଫଳରେ ୟୁନିୟନ ସ୍ପୋର୍ଟିଂ ୧୧ରନରେ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ପକ୍ଷରୁ ରଣଜୀ ତରକା ଅନୁରାଗ ଷଡ଼ଙ୍ଗୀ ୪୨(୨୯ବଲ) ଏବଂ ଶୁଭ୍ରାଂଶୁ ସେନାପତି ୪୦(୩୩ବଲ) ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂ ବୋଲରଙ୍କ ମଧ୍ୟରେ ଅନୁରାଗ କନୋଜିୟା ୪ ଓଭରରେ ୧୨ରନ ବ୍ୟୟ କରି ୨ଟି ଓ ଶେଖର ମାଝି ୪ ଓଭରରେ ୨୮ରନ ବ୍ୟୟ କରି ୨ଟି ଉଇକେଟ୍ ନେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ୟୁନିୟନ ସ୍ପୋର୍ଟିଂର ଅନୁରାଗ କନୋଜିୟାଙ୍କୁ ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳି ପି. ଜୟଚନ୍ଦ୍ର ଫାଷ୍ଟଟ୍ରାକ୍ ଫିଟନେସ୍ ବ୍ୟାଣ୍ଡ ପ୍ରଦାନ କରିଥିଲେ। ମ୍ୟାଚକୁ ପ୍ରିତିରଞ୍ଜନ ବିଜୟସିଂ ଓ ସଞ୍ଜୀବ ପଟ୍ଟନାୟକ ପରିଚାଳନା କରିଥିବା ବେଳେ, କାଜଲ ବଳିୟାରସିଂ ମ୍ୟାଚ ରେଫରି ଓ ଅସିତ ପରିଡ଼ା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।



ଅନୁରାଗ କନୋଜିୟା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଫଖର ଜମାନ ରନ ଆଉଟ ପ୍ରସଙ୍ଗ



# ଅମ୍ପାୟରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ: ଏମ୍‌ସିସି

**ଲଣ୍ଡନ, ୫।୪:** ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ପାକିସ୍ତାନର ଫଖର ଜମାନଙ୍କ ବିବାଦୀୟ ଆଉଟକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। କ୍ୱିଣ୍ଟନ ଡି'କକ୍ ବ୍ୟାଟ୍ସମ୍ୟାନଙ୍କୁ ଭ୍ରମରେ ପକାଇବାକୁ ଚେଷ୍ଟା କରିଥିଲେ ବୋଲି ଅନେକେ କହୁଛନ୍ତି। ହେଲେ ଏ ବିଷୟରେ ଅମ୍ପାୟରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି କ୍ରିକେଟ ଖେଳର ନିୟମ ପ୍ରସ୍ତୁତକାରୀ ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) କହିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୩୪୨ ରନ ପିଛା କରୁଥିବାବେଳେ ଜମାନ ୧୯୩ ରନ କରିଥିଲେ। ସେ ଆଉଟ ହୋଇ ନ ଥିଲେ ହୁଏତ ପାକିସ୍ତାନ ବିଜୟୀ ହୋଇପାରିଥାନ୍ତା। ଦକ୍ଷିଣ ଆଫ୍ରିକା ଉଇକେଟ କିପର ଡି'କକ୍‌ଙ୍କ ଧୂର୍ତ୍ତାମି ଯୋଗୁ ଜମାନ ଆଉଟ ହୋଇଥିବା ଅନେକ କହୁଛନ୍ତି। ଶଟ୍ ଖେଳି ଜମାନ ରନ ସଂଗ୍ରହ କରୁଥିବାବେଳେ ଡି'କକ୍ ଲୁଙ୍ଗି ଏନ୍‌ଗିଡିଙ୍କୁ ଲକ୍ଷ୍ୟ କରି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। କିନ୍ତୁ ସେତେବେଳେ ଏଡେନ୍ ମାରକ୍ରମ କିପର୍ସ ଏଣ୍ଡକୁ ଲକ୍ଷ୍ୟ କରି ଥ୍ରୋ କରିଥିଲେ। ଏହା ଡାଇରେକ୍ଟ ହିଟ୍ ଥିଲା। ଦ୍ୱିତୀୟ ରନ ମନ୍ଥର ଗତିରେ ସଂଗ୍ରହ କରିବାରୁ ଜମାନ କ୍ରିଜ୍‌ରେ ପହଞ୍ଚିପାରି ନ ଥିଲେ। କିନ୍ତୁ ରିପ୍ଲେ ଦେଖିଲେ ସତେ ଯେମିତି ଜଣା ପଡୁଥିଲା ନନ୍-ଷ୍ଟ୍ରାଇକର ଏଣ୍ଡକୁ ଲକ୍ଷ୍ୟ କରି ଥ୍ରୋ ହେଉଥିବା ଜମାନଙ୍କ ମନରେ ଧାରଣା ସୃଷ୍ଟି କରିବା ଲାଗି ଡି'କକ୍ ପ୍ରୟାସ କରିଥିଲେ। ଏଥିରୁ ଡି'କକ୍‌ଙ୍କ ଖେଳୁଆଡ ମନୋବୃତ୍ତିକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଦାଦାବଟି ମାଗି ୪ ଗିରଫ

**ପୁରୀ ଅଫିସ:** କୁମ୍ଭାରପଡ଼ା ଥାନା ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଦାଦାବଟି ଆଦାୟ କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତଗତ ନରେନ୍ଦ୍ରକୋଣ ମଙ୍ଗଳାସାହିର କାଳିଆ ନାୟକ, ପିଣ୍ଟୁ ମଲ୍ଲିକ, ନରେନ୍ଦ୍ରକୋଣ ଅଞ୍ଚଳର ସନ୍ତୋଷ ନାୟକ ଏବଂ ତଳମାଲି ସାହିର ଅଜୟ କୁମାର ପଲେଇ। ଏମାନଙ୍କ ଠାରୁ ପୋଲିସ ୨୦୦ ଟଙ୍କା ଜବତ କରିବା ସହ ଏକ ଖେଳନା ବନ୍ଧୁକ ଜବତ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫.୪.୨୦୨୧

| ୨, ୮୫, ୪୬୮ ଟଙ୍କା | |
|---|---|
| ସୁନା | ୧ ଗ୍ରାମ ୨୦୦ ମିଲିଗ୍ରାମ |
| ରୁପା | ୪ ଗ୍ରାମ ୭୦୦ ମିଲିଗ୍ରାମ |

# କୋଭିଡ୍ ଟିକା ନେଇ ମୃତ୍ୟୁ ଅଭିଯୋଗ

■ଥାନାରେ ଏତଲା ଦେଲେ ମୃତକଙ୍କ ସ୍ତ୍ରୀ
■ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲେ

ବ୍ରହ୍ମଗିରି, ୫। ୪(ଡି.ଏନ.ଏ)

ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ବେଳେ ଏହାର ପ୍ରତିଷେଧକ ଟିକା ପାଇଁ ସମସ୍ତେ ବ୍ୟଗ୍ର। ତେବେ ଜୀବନ ସୁରକ୍ଷା ପାଇଁ ଜଣେ ବ୍ୟକ୍ତି ନେଇଥିବା କୋଭିଡ୍ ଟିକା ଏବେ ତାଙ୍କ ମୃତ୍ୟୁର କାରଣ ସାଜିଛି ବୋଲି ଅଭିଯୋଗ ହୋଇଛି। କୋଭିଡ ଟିକା ନେଇ ତାଙ୍କ ସ୍ୱାମୀ ବାସୁଦେବ ସାହୁ(୫୭)ଙ୍କ ମୃତ୍ୟୁ ଘଟିଥିବା ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ନହରବାଲି ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ସେ ସୋମବାର ବ୍ରହ୍ମଗିରି ଥାନାରେ ଏତଲା ଦେଇଛନ୍ତି। ଏଥିରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲକ୍ଷ୍ମୀପ୍ରିୟା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ସମ୍ପ୍ରତି ୪୫ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯାଉଛି। ରବିବାର ନହରବାଲି ଟିକାକରଣ କେନ୍ଦ୍ରରେ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ବାସୁଦେବଙ୍କୁ ଟିକା ନେବା ପାଇଁ କହିଥିଲେ। କିନ୍ତୁ ବାସୁଦେବ ଟିକା ନେବେ ନାହିଁ ବୋଲି ପରିବାର ଲୋକେ ମନା କରିଥିଲେ। ମାତ୍ର ସେମାନେ କିଛି ନ ଶୁଣି ବାସୁଦେବଙ୍କୁ ଟିକା ଦେଇଥିଲେ। ଏହାପରେ ଅପରାହ୍ନରେ ବାସୁଦେବଙ୍କୁ ଜ୍ୱର ହୋଇଥିଲା। ପରେ ତାଙ୍କ ଦେହ ଗୁରୁତର ହୋଇପଡ଼ିଥିଲା। ରାତି ୨ଟାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ପୁରୀରେ ବାସୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆମେ ମନାକରିବା ସତ୍ତ୍ୱେ କାହିଁକି ଡାକି ନେଇ ଟିକା ଦିଆଗଲା ବୋଲି ଲକ୍ଷ୍ମୀପ୍ରିୟା ପ୍ରଶ୍ନ କରିବା ସହ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି,



ବାସୁଦେବ ସାହୁ।

ଥାନାରେ ଏକ ଅଭିଯୋଗ ହୋଇଛି। ଅପମୃତ୍ୟୁ ମାମଲା ନଂ. ୩/୨୧ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛୁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ କହିଛନ୍ତି, ଉକ୍ତ ବ୍ୟକ୍ତି ରବିବାର ନହରବାଲି ଟିକାକରଣ କେନ୍ଦ୍ରରେ ଟିକା ନେଇଥିଲେ। ଟିକା ଦେଇ ଆମେ ତାଙ୍କୁ ଅବ୍ଜରଭେଶନରେ ରଖିଥିଲୁ। ତାଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ନ ଦେବାରୁ ଏବଂ ସେ ଅସୁସ୍ଥତା ଅନୁଭବ ନ କରିବାରୁ ତାଙ୍କୁ ଛାଡ଼ିଥିଲୁ। ସେ ଅସୁସ୍ଥ ହୋଇ ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲୁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ସେହିପରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ଟିକା ନେବାର ୨୪ ଘଣ୍ଟା ମଧ୍ୟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ଖବର ଆମର ହସ୍ତଗତ ହୋଇଛି । ଏଣୁ ଏହି ଘଟଣାର ସତ୍ୟାସତ୍ୟ ତଥା ତଦନ୍ତ ପାଇଁ ଆମେ କଟକ ଏସ୍‌ସିବି ମେଡିକାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛୁ। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।



ପୁରୀ ସିଭିଲ କୋର୍ଟ ପରିସରସ୍ଥ ଭିଡିଓ କନଫରେନ୍ସ କ୍ୟାବିନରେ ସୋମବାର ଇ-ସେବା କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## କୋଭିଡ୍ ସ୍ଥିତି ସମୀକ୍ଷା କଲେ ଆରଡିସି

ପୁରୀ ଅଫିସ,୫।୪

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଅନିଲ କୁମାର ସାମଲ ସୋମବାର ପୁରୀ ଜିଲାର କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏନେଇ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ହୋଇଥିଲା। ମାସ୍କ ବ୍ୟବହାରକୁ କଡ଼ାକଡ଼ି କରାଯିବା, ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା, ବାହାରୁ ଆସୁଥିବା ଟ୍ରେନ୍‌ଯାତ୍ରୀଙ୍କ ଉପରେ ପ୍ରଶାସନ ନଜର ରଖିବା, ଆମ୍ବୁଲାନ୍ସ ମହଜୁଦ ରଖାଯିବା ସହ ସମୁଦ୍ରକୂଳ ଅଞ୍ଚଳରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ଉପରେ ସାମଲ ଗୁରୁତ୍ୱ ଦେଇଛନ୍ତି। ବୈଠକରେ କରୋନା ମୁକାବିଲା ନେଇ ଆଲୋଚନା ହୋଇଛି। ସଂକ୍ରମିତଙ୍କ ସମ୍ପର୍କରେ ଆସିଥିବା ଲୋକଙ୍କୁ ଚିହ୍ନଟ, ଟିକାକରଣକୁ ବ୍ୟାପକ କରିବା, ରାପିଡ୍ ରେସପନ୍ସ ଟିମ୍‌କୁ ସଜାଗ ରଖିବା, ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ସଚେତନ କରାଯିବା ଉପରେ ଜିଲାପାଳ ସମର୍ଥ ବର୍ମା ଓ ସିଡିଏମଓ ସୁଜାତା ମିଶ୍ର ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ଗୋଷ୍ଠୀ, ଉଠାଦୋକାନୀ, ଅଟୋ, ରିକ୍ସାଚାଳକ ଓ ହୋଟେଲ କର୍ମଚାରୀଙ୍କୁ ଟିକାକରଣରେ ସାମିଲ କରାଯିବ। ବିଭିନ୍ନ ବ୍ଲକ୍‌ର ସ୍ଥିତି ସମୀକ୍ଷା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଏସ୍‌ପି ଅଫିସ ଘେରାଉ

**ପୁରୀ ଅଫିସ୍, ୫।୪:** ପୁରୀ ସଦର ଥାନା ଅଧୀନ ଗୋରୁଆଳ ପଞ୍ଚାୟତ ଗିରଳ ସିପସରୁବାଲି ଅଞ୍ଚଳର ଭୂମିହୀନ ଓ ଅନୁସୂଚିତ ମହିଳାଙ୍କ ଉପରେ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତ ମହିଳାମାନେ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ପୁରୀ ଏସ୍‌ପି କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ଦେଇଛନ୍ତି। ମୋତି ଭୋଇ ଅଭିଯୋଗ କରିଛନ୍ତି ଯେ, ଗତ ୨ତାରିଖରେ କେତେଜଣ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ସେମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଜଣାଇବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଫଳରେ ସେହି ଗୁଣ୍ଡାଶ୍ରେଣୀୟ ବ୍ୟକ୍ତିମାନେ ତାଙ୍କ ଘର ଉପରକୁ ବୋମାମାଡ କରିଥିଲେ। ଗ୍ରାମର ମହିଳାମାନେ ଭୟରେ ସେଠାରୁ ଚାଲିଆସିଛନ୍ତି। ସେହିପରି କେତେଜଣ ବ୍ୟକ୍ତି ସ୍ଥାନୀୟ ଜଙ୍ଗଲରୁ ଗଛ କାଟି କାଠ ନେଇଯାଉଛନ୍ତି। ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ସଦର ଥାନା ଆଇଆଇସି କହିଛନ୍ତି, ତାଙ୍କ ବିରୋଧରେ ମହିଳାମାନେ ଆଣିଥିବା ଅଭିଯୋଗ ମିଛ। ଗଣ୍ଡଗୋଳ ଖବର ପାଇ ସେ ଘଟଣାସ୍ଥଳକୁ ଯାଇଥିଲେ। ଉଭୟ ପକ୍ଷରୁ ଏତଲା ଦିଆଯାଇଛି ଓ ତଦନ୍ତ ଚାଲିଛି।

### ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ପୁରୀ ଅଫିସ, ୫।୪:** ରାଜ୍ୟରେ ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ସୋମବାର ପୁରୀ ନଗର କଂଗ୍ରେସ କମିଟି ପକ୍ଷରୁ ରେଡକ୍ରସ ରୋଡସ୍ଥିତ ଟାଟା ପାୱାର କର୍ପୋରେଶନ ଲିମିଟେଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମକର୍ତ୍ତାମାନେ କହିଛନ୍ତି, ଫନୀ ଓ କରୋନାରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବାବେଳେ ବିଦ୍ୟୁତ ଦର ବୃଦ୍ଧି ବେଢ଼ି ଉପରେ କୋରଡା ମାଡ଼ ସଦୃଶ। ଗତ ୭ମାସ ଭିତରେ ୨ଥର ବିଦ୍ୟୁତ ଦର ବୃଦ୍ଧି ହେଲାଣି। ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିକ୍ଷୋଭରେ ପୁରୀ ନଗର କଂଗ୍ରେସ କମିଟି ସଭାପତି ଛବିନ୍ଦ୍ର ପ୍ରତିହାରୀ, ବିନାୟକ ଦାସମହାପାତ୍ର, ଅମୀୟ ମହାପାତ୍ର, ବୀରେନ୍ଦ୍ର ହୋତା, ସ୍ୱାଧୀନ ପଣ୍ଡା, ଆଲୋକ ଦାଶ, ପୁଷ୍କର ମହାପାତ୍ର, ଆଶୁତୋଷ ମିଶ୍ର ଏବଂ ବିଦ୍ୟୁଲତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ଶ୍ରୀମନ୍ଦିରରେ କୀର୍ତ୍ତନ କଲେ ଶିଖ୍ ଧର୍ମଗୁରୁ



ଶିଖ୍ ଧର୍ମାବଲମ୍ବୀମାନେ କୀର୍ତ୍ତନ ଓ ଆରତି ଜଣାଣ କରୁଛନ୍ତି।

**୫୫୦ ବର୍ଷ ପରେ ଶ୍ରୀକ୍ଷେତ୍ରରେ ଆରତି ପାଠ**

ପୁରୀ ଅଫିସ,୫।୪

ଗୁରୁ ଗୋବିନ୍ଦ ସିଂଙ୍କ ୫୫୦ତମ ଜନ୍ମବାର୍ଷିକ ଅବସରରେ ଶିଖ୍ ଧର୍ମଗୁରୁମାନେ ପୁରୀ ଆସି ସୋମବାର ମହାପ୍ରଭୁଙ୍କ ଦର୍ଶନ କରିବା ସହ କୀର୍ତ୍ତନ ଚକଡ଼ାରେ ଗୁରୁ ନାନକଙ୍କ ଆରତି ଜଣାଣ ପାଠ କରିଛନ୍ତି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ଗୀତଗୋବିନ୍ଦ ଭଳି ଏହା ମଧ୍ୟ ଶିଖ୍ ଧର୍ମାବଲମ୍ବୀଙ୍କର ଆରତି ଅଟେ। ୫୫୦ବର୍ଷ ପରେ ଶ୍ରୀମନ୍ଦିରରେ ଏହି ଆରତି ପାଠ ହୋଇଥିବା ଶିଖ୍ ଧର୍ମଗୁରୁ ସମଶେର ସିଂ କହିଛନ୍ତି। ସେମାନେ ଶ୍ରୀମନ୍ଦିରରୁ ଫେରିବା ପରେ ମଙ୍ଗୁ ମଠରେ ମଧ୍ୟରେ କୀର୍ତ୍ତନ କରିଛନ୍ତି। ସମଶେର୍ କହିଛନ୍ତି, ୫୫୦ ବର୍ଷ ପରେ ଗୁରୁଗ୍ରନ୍ଥ ସାହେବଙ୍କ ଆରତି ଜଣାଣ ଶ୍ରୀମନ୍ଦିରରେ କରି ଆମେ ମହାସାନିଧ ଲାଭ କରିଛୁ। ୫୫୦ ବର୍ଷ ତଳେ ଗୁରୁ ନାନକ ପୁରୀ ଆସିଥିଲେ। ମହାପ୍ରଭୁଙ୍କ ଗୀତଗୋବିନ୍ଦ ମଧ୍ୟ ଗୁରୁବାଣୀରେ ଲେଖା ରହିଛି। ଏହା ପ୍ରତିଦିନ ଜଣାଣ ସମୟରେ ଉଚ୍ଚାରିତ ହୁଏ। ଏଭଳି ଐତିହାସିକ ଦିନ ଶିଖ୍ ସମ୍ପ୍ରଦାୟକୁ ଗୌରାବନ୍ୱିତ କରିଛି। ଜଗଦୀପ ସିଂ, ପରବିନ୍ଦର ପାଲ ସିଂ, ସମଶେର ସିଂ ପ୍ରମୁଖଙ୍କ ନେତୃତ୍ୱରେ ଶିଖ୍ ଧର୍ମଗୁରୁମାନେ ଶ୍ରୀମନ୍ଦିରରେ ଜଣାଣ କରିଥିବାବେଳେ ବିଶ୍ୱଜିତ ସେନାପତି, ରବିନାରାୟଣ ଦାସ ପ୍ରମୁଖ ଏମାନଙ୍କୁ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ଗୁରୁ ଗୋବିନ୍ଦ ସିଂଙ୍କ ୫୫୦ତମ ବର୍ଷ ପାଳନ ଅବସରରେ ଧର୍ମଗୁରୁମାନେ ପୁରୀ ଗୁରୁଦ୍ୱାର ଆରତି ସାହେବରେ ରବିବାର ଉତ୍ସବ ମନାଇଥିଲେ। ଏହାପରେ ସୋମବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

## ଭଲିବଲ: ନିମାପଡ଼ା ଗଡ଼ ଅଣ୍ଡିଆ କ୍ଲବ ଚାମ୍ପିୟନ

ଗୋପ,୫।୪(ଡି.ଏନ୍.ଏ.)

ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ତୃତୀୟ ମା' ଭବାନୀ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଶ୍ରୀକ୍ଷେତ୍ର କ୍ଲବକୁ ୨/୧ ସେଟରେ ପରାସ୍ତ କରି ନିମାପଡ଼ା ଗଡ଼ ଅଣ୍ଡିଆ କ୍ଲବ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୬ଟି ଦଳ ଯୋଗଦେଇ ଥିବାବେଳେ ଫାଇନାଲକୁ ଶ୍ରୀକ୍ଷେତ୍ର କ୍ଲବ ଓ ଗଡ଼ଅଣ୍ଡିଆ କ୍ଲବ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ଗଡ଼ ଅଣ୍ଡିଆ କ୍ଲବ ୨ଟି ଗୋଲ କରିଥିବାବେଳେ ଶ୍ରୀକ୍ଷେତ୍ର କ୍ଲବ କେବଳ ୧ଟି ଗୋଲ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଦଳକୁ ମା' ଭବାନୀ କ୍ଲବର ସଭାପତି କୃଷ୍ଣଚନ୍ଦ୍ର ପୁଷ୍ଟି ୫ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଦଳକୁ ବିଭୂତି ଭୂଷଣ ପଟ୍ଟନାୟକ ନଗଦ ୪ ହଜାର ଟଙ୍କା ସହ ରନର୍ସ ଟ୍ରଫି ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରେଫରି ଭାବେ ଶ୍ରୀକାନ୍ତ ନାୟକ ଥିବାବେଳେ ରଥ ସାର୍, ସଚ୍ଚିଦାନନ୍ଦ ଗୋଚ୍ଛାୟତ, ବିଶ୍ୱନାଥ ଗୋଚ୍ଛାୟତ, ମନୋରଞ୍ଜନ ଗୋଚ୍ଛାୟତ, ଚିନ୍ମୟ ସ୍ୱାଇଁ, ପ୍ରତ୍ୟୁଷ ସାହୁ, ଦେବାଶିଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ନିମାପଡ଼ାରେ ୫୬,୫୩୬ଜଣଙ୍କୁ ଟିକା ଦେବା ଲକ୍ଷ୍ୟ

ନିମାପଡ଼ା,୫।୪(ଡି.ଏନ୍.ଏ.)

ନିମାପଡ଼ାରେ ଅଧିକାଂଶ ଲେକେ କୋଭିଡ୍ କଟକଣା ମାନୁନାହାନ୍ତି। ପ୍ରଶାସନ ପକ୍ଷରୁ ନିମାପଡ଼ା ବ୍ଲକରେ ୫୬ହଜାର ୫୩୬ଜଣ ବ୍ୟକ୍ତିଙ୍କ ପାଇଁ କରୋନା ଟିକା ଦେବା ଲାଗି ପ୍ରଶାସନ ପକ୍ଷରୁ ଲକ୍ଷ୍ୟ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ୬୦ ଏବଂ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି, ପୋଲିସ, ଅଗ୍ନିଶମ କର୍ମଚାରୀ, ମେଡିକାଲ, ବ୍ଲକ କର୍ମଚାରୀ ଆଦି ୧୦ହଜାର ୬୦୬ଜଣ ଟିକା ନେଇଥିବା ବ୍ଲକର ବିପିଏସ୍ ଶିବାନନ୍ଦ ପ୍ରକାଶ କରିଛନ୍ତି। ବିଡିଓ ମନୋଜ ବେହେରା କହିଛନ୍ତି, ପ୍ରତି ପଞ୍ଚାୟରେ କରୋନା ସଚେତନତା ପାଇଁ ଡାକବାଜି ଯନ୍ତ୍ରରେ ସଚେତନ କରାଯିବା ସହ ଟିକା ନେବା ପାଇଁ ମଧ କୁହାଯାଉଛି। କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଲୋକଙ୍କୁ ଅନୁରୋଧ କରାଯାଉଛି।

## ଗୋପାଳ ଭବନ ଭଙ୍ଗାଗଲା

ପୁରୀ ଅଫିସ, ୫।୪

କିଛିଦିନର ବ୍ୟବଧାନ ପରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୁଣି ଶ୍ରୀମନ୍ଦିରର ୭୫ ମିଟର ଐତିହ୍ୟ କରିଡର ଜୋନ୍‌ରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଏହି କରିଡର ଜୋନ୍‌ରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ଥିବା ଗୋପାଳ ଭବନ କୋଠାକୁ ଭଙ୍ଗାଯାଇଛି। ଏହାକୁ ଉଚ୍ଛେଦ କରାଯିବା ପୂର୍ବରୁ ପ୍ରଶାସନ ପକ୍ଷରୁ ଗୋପାଳ ଭବନ ମାଲିକଙ୍କୁ ନୋଟିସ ଦିଆଯାଇଥିଲା। ଏହାପରେ କୋଠାଟିକୁ ପ୍ରଶାସନ ନିଜ ଦଖଲକୁ ନେଇଥିଲା। ସୋମବାର ସକାଳୁ ଉପଜିଲାପାଳ ଭବତରଣ ସାହୁଙ୍କ ତତ୍ତ୍ୱାବଧାନରେ କୋଠା ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ପୋଲିସ ଫୋର୍ସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଦୁର୍ଘଟଣା ଏଡ଼ାଇବା ଲାଗି ସମ୍ପୃକ୍ତ ସ୍ଥାନକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ସିଲ୍ କରାଯାଇଥିଲା। ଚଳିତବର୍ଷ ରଥଯାତ୍ରା ପରେ ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ଆରମ୍ଭ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରଥଯାତ୍ରା ପୂର୍ବରୁ ଐତିହ୍ୟ କରିଡର ପରିସରରେ ଥିବା ସମସ୍ତ କୋଠାକୁ ଉଛେଦ କରିବା ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି।



ଗୋପାଳ ଭବନ କୋଠା।

## ୩ ବ୍ୟାଙ୍କରେ ମକ୍ ଡ୍ରିଲ୍, ସୁରକ୍ଷା ଯାଞ୍ଚ

ପୁରୀ ଅଫିସ,୫।୪:

ପୁରୀ ସହରରେ ଥିବା ବିଭିନ୍ନ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ ସୋମବାର ପୋଲିସ ଯାଞ୍ଚ କରିଛି। ବଡ଼ଶଙ୍ଖ ଷ୍ଟେଟ ବ୍ୟାଙ୍କ୍, ସୁଭାଷ ବୋଷ ଛକସ୍ଥିତ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ଓ ମୋଟିସାହିସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ପୁରୀ ପୋଲିସ ପକ୍ଷରୁ ଏହି ମକ୍‌ଡ୍ରିଲ୍ ହୋଇଛି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଟାଉନ୍ ଥାନା, ସମୁଦ୍ରକୂଳ ଥାନା ଏବଂ କୁମ୍ଭାରପଡ଼ା ଥାନାର କର୍ମଚାରୀ ଉକ୍ତ ମକ୍‌ଡ୍ରିଲ୍‌ରେ ସାମିଲ ଥିଲେ। ବ୍ୟାଙ୍କଗୁଡ଼ିକ କିଭଳି ଭାବେ ସୁରକ୍ଷିତ ରହିବ, ସାଇରନ୍ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟ କରୁଛି କି ନାହିଁ, ଜରୁରିକାଳୀନ ସ୍ଥିତିରେ କିଭଳି ପୋଲିସ ସହ ଯୋଗାଯୋଗ କରାଯାଇପାରିବ ଓ ତ୍ୱରିତ ବେଗରେ ଲୁଟେରାଙ୍କୁ କାବୁ କରାଯାଇପାରିବ ସେନେଇ ପୋଲିସ ମକ୍‌ଡ୍ରିଲ ପ୍ରଦର୍ଶନ କରି ବୁଝାଇଥିଲା। ବ୍ୟାଙ୍କ ପ୍ରବନ୍ଧକମାନଙ୍କ ସହିତ ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ସିସିଟିଭି ରିଜୋଲେଶନ୍ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅପରାଧୀଙ୍କ ସ୍ପଷ୍ଟ ଚିତ୍ର ପାଇବା ପାଇଁ ଉଚ୍ଚମାନର ସିସିଟିଭି ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆବଶ୍ୟକ ସଂଖ୍ୟକ ସୁରକ୍ଷା କର୍ମୀଙ୍କୁ ବ୍ୟାଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିବା ପାଇଁ ପୋଲିସ କହିଥିଲା।

## ଅବକାରୀ ଚଢ଼ାଉ: ୩ ଗିରଫ

ପୁରୀ ଅଫିସ, ୫।୪:

ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯିବା ସହ ୩ଜଣଙ୍କୁ କରାଯାଇଛି। ସେମାନେ ହେଲେ କୋଣାର୍କ ଥାନା ଅଧୀନ ସିରେଇ ଆମ୍ବେଲି ଗ୍ରାମର ଦିଲୀପ କୁମାର କାଣ୍ଡି, ରମେଶ ଚନ୍ଦ୍ର ଦଳେଇ ଏବଂ ଗୋପ କୋରୁଅଳ ଛକ ଅଞ୍ଚଳର ବାନାମ୍ବର ସାହୁ।

## ସତ୍ୟବାଦୀ କଳା ସଂସଦ ବାର୍ଷିକୋତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୫।୪(ଡି.ଏନ୍.ଏ.)

ସତ୍ୟବାଦୀ କଳା ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଅର୍ବାନ କୋ-ଅପରେଟିଭ ସୋସାଇଟିର ପରିଚାଳକ ଗଣେଶ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ସମ୍ପାଦକ ତଥା ଖବରଦାତା କିଶୋରଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରଭାକର ଜେନା, ଖବରଦାତା ଅଶୋକ ବେହେରା ଓ ଅମର ପ୍ରସାଦ ଶତପଥୀ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାଙ୍କ ନୃତ୍ୟ ସଙ୍ଗୀତ ଓ ପାରମ୍ପରିକ ଲୋକନୃତ୍ୟ ବଞ୍ଚାଇ ରଖିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଭଜମନ ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅର୍ଚ୍ଚିତା ନାୟକ ଓ ଶୁଭଶ୍ରୀ ଶୁଭସ୍ମିତା ଓଡ଼ିଶୀ ସଂଗୀତ ଗାନ ଏବଂ ମନସ୍ମିତା ସାହୁ ଓ ମ୍ରିଣାଳୀନି ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଭଜନ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉଦ୍‌ଘାଟନ ଉତ୍ସବରେ ଅନୁଷ୍ଠାନର ଛାତ୍ରୀମାନେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରଚାରରେ କେନ୍ଦ୍ର ଯୋଜନାକୁ ଫୋକସ

ପିପିଲି,୫।୪(ସ୍ୱ.ପ୍ର.)

ପିପିଲିରେ ଦିନକୁଦିନ କମ୍ପୁଛି ଉପନିର୍ବାଚନ ପ୍ରଚାର। ୩ ପ୍ରମୁଖ ରାଜନୈତିକ ଦଳର ହେଭିୱେଟ୍ ଓ ଷ୍ଟାର ପ୍ରଚାରକମାନଙ୍କ ଗହଳି ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଲାଣି। ସୋମବାର ଭାଜପା ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକଙ୍କ ପ୍ରଚାର ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର। ଜସୁଆପୁର ପଞ୍ଚାୟତର ଶିରିଆପୁର, ଅର୍ଜୁନସିଂହପୁର, କୁମାରେଶ୍ୱର, ପାରିପୋଟଳି, ଭଗବତୀପୁର ଏହାସହ ବୀରପୁରୁଷୋତ୍ତମପୁର ପଞ୍ଚାୟତର ଉତରାୟଣି ସାହି, କାର୍ତ୍ତିକପଡା, ପୁରହିତପୁର, ମାଣଚିନା, କଲ୍ୟାଣପୁରରେ ପଦ୍ମ ଫୁଲ ଚିହ୍ନକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସେ ଭୋଟରମାନଙ୍କୁ ଅନୁରୋଧ କରିଥିଲେ। ଏହି ଉପନିର୍ବାଚନରେ ଜିତାପଟ ହେଲେ ଆଗାମୀ ୨୦୨୪ରେ ଓଡ଼ିଶାରେ ଭାଜପା ସରକାର ଶୁଭାରମ୍ଭ ହେବ ବୋଲି ପ୍ରଚାରରେ ଆସିଥିବା ଡ. ପାତ୍ର କହିଛନ୍ତି। ଶତାଧିକ ଭାଜପା କର୍ମୀ ଓ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ରିମୟୀ ମହାପାତ୍ର, ମହିଳା ମୋର୍ଚ୍ଚା ନେତ୍ରୀ ରେଣୁକା ନାୟକ, ପଞ୍ଚାୟତ ପର୍ଯ୍ୟବେକ୍ଷକ ନିରଞ୍ଜନ ମିଶ୍ରଙ୍କ ସହିତ ପ୍ରମୁଖ ଦଳୀୟ ନେତା ଏହି ରାଲିରେ ସାମିଲ ଥିଲେ। ଘରକୁ ଘର ବୁଲି ଭୋଟ ମାଗିବା ସହ ବିଭିନ୍ନ ଗାଁରେ ମହିଳାମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ମହିଳାମାନଙ୍କୁ ଅବଗତ କରିଥିଲେ।



ପ୍ରଚାର ଅବସରରେ ଲୋକଙ୍କ ସହ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର।

### ବିଜେଡି, ଭାଜପାର ମିଶ୍ରଣ ପର୍ବ

ତେଇଶିପୁର ପଞ୍ଚାୟତ ପୋଟଳ ଗ୍ରାମର ଯୁବ ସଂଗଠକମାନେ ସୋମବାର ତେଇସିପୁର ସମିତିସଭ୍ୟ ତଥା ଆମ୍ବା ଅଧ୍ୟକ୍ଷ ପିପିଲି ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ବିଜେଡିରେ ସାମିଲ ହୋଇଛନ୍ତି। ସାତଶଙ୍ଖ ନିକଟସ୍ଥ ବାବା ବୁଦ୍ଧେଶ୍ୱର ଦେବଙ୍କ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଜେଡିରେ ଯୋଗଦେଇଥିବା ଯୁବକଙ୍କ ମଧ୍ୟରେ ଦେବେନ୍ଦ୍ର ସ୍ୱାଇଁ, ସଂଗ୍ରାମ କେଶରୀ ସ୍ୱାଇଁ, ବିଶ୍ୱଜିତ ପରିଡା, ଜଗନ୍ନାଥ ଦାସ, ରମେଶ ପାଣି, ବିଚିତ୍ର ପ୍ରଧାନ, ମାଧବ ପରିଡା, ବିଭୁରଞ୍ଜନ ସ୍ୱାଇଁ ପ୍ରମୁଖ ରହିଥିଲେ।

### ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଗାଡ଼ି, ହୁଇଲ ଚେୟାର ବ୍ୟବସ୍ଥା

ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତା ୧୭ତାରିଖରେ ମତଦାନ ହେବ। ଦିବ୍ୟାଙ୍ଗଙ୍କ ମତଦାନ ନିମନ୍ତେ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୦୨ଟି ଗାଡ଼ିର ବ୍ୟବସ୍ଥା ହୋଇଛି। ମତଦାନ ଦିନ ଏହି ଗାଡ଼ି ଗୁଡ଼ିକ ଦିବ୍ୟାଙ୍ଗମାନେ ରହୁଥିବା ସ୍ଥାନରୁ ସେମାନଙ୍କୁ ଆଣି ମତଦାନ କେନ୍ଦ୍ରରେ ଛାଡ଼ିବେ ଓ ଭୋଟ ଦେଇସାରିବା ପରେ ସେମାନଙ୍କୁ ନେଇ ନିଜ ଘରେ ଛାଡ଼ିବେ। ମତଦାନର ୭ ଦିନ ପୂର୍ବରୁ ସମ୍ପୃକ୍ତ ଦିବ୍ୟାଙ୍ଗମାନଙ୍କୁ ବାହନ ପ୍ରମାଣପତ୍ର ବଣ୍ଟନ କରାଯିବ। ଏଥିସହ ମତଦାନ କେନ୍ଦ୍ରରେ ୩୪୮ଟି ହୁଇଲ୍ ଚେୟାର ରଖାଯିବ। ପ୍ରତି ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କୁ ସହଯୋଗ କରିବା ପାଇଁ ୨ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବେ। ସେହିଭଳି ଭୋଟର ପରିଚୟପତ୍ର ନ ଥିଲେ ନାଗରିକମାନେ ପ୍ୟାନକାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ସ୍ୱାସ୍ଥ୍ୟବୀମା ଆଦି ପରିଚୟ ପ୍ରମାଣପତ୍ର ଭାବେ ଦେଖାଇ ଭୋଟ୍ ଦେଇପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ସଭା ଓ ଶୋଭାଯାତ୍ରା ସମ୍ବନ୍ଧୀୟ ଅନୁମତି ପାଇଁ ଜିଲା ଜରୁରିକାଳୀନ କେନ୍ଦ୍ରକୁ ୧୯୫୦ ନମ୍ବରରେ କଲ୍ କରି ଯୋଗାଯୋଗ କରିପାରିବେ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ନେଇଗଲେ

**ନିରାକାରପୁର,୫।୪(ଡି.ଏନ୍.ଏ.):** ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ଓଗାଳପୁର ଗ୍ରାମର ନବକିଶୋର ସାହୁଙ୍କ ଠାରୁ ସୋମବାର ରାତିରେ ୩ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨୦ହଜାର ଟଙ୍କା ଓ ଗାଡ଼ି ଚାବି ନେଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ନବକିଶୋର ନିରାକାରପୁରରେ ଥିବା ଜୁଏଲେରି ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରନ୍ତି। ସୋମବାର ରାତି ୯ଟାରେ ନବକିଶୋର ଘରକୁ ଫେରୁଥିଲେ। ଲଳିତାପାଟପୁର ଶ୍ମଶାନ ନିକଟରେ ୩ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଟଙ୍କା ଓ ଗାଡ଼ି ଚାବି ନେଇଯାଇ ଫେରାର ହୋଇଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଏକାଠି ହେଲେ ୨୧ ଗାଁର ଠାକୁର

**ବାଲୁଗାଁ,୫।୪(ଡି.ଏନ୍.ଏ.):** ବାଲୁଗାଁ ନିକଟ ଆଙ୍କୁଲାଚଟୀ ସପ୍ତଦୋଳ ପଡ଼ିଆରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବିନା ଭକ୍ତରେ ସପ୍ତଦୋଳ ମେଳଣ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାୟ ୨୧ ଗାଁର ୨୨ଠାକୁର ଏକତ୍ରିତ ହୋଇଥିଲେ। ଉତ୍ସବର ଥାନପତି ବ୍ରାହ୍ମଣ କୋଶଡ଼ିହ ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ପ୍ରଥମେ କଳିଯୁଗେଶ୍ୱର ଦେବ ଏବଂ ସିଙ୍ଗିନାଥ ଦେବ ଉତ୍ସବ ପଡ଼ିଆକୁ ଆଗମନ କରିଥିଲେ। ପରେ ରାତ୍ରିର ଶେଷ ପ୍ରହର ଯାଏ ନିମନ୍ତ୍ରିତ ଠାକୁର ମେଳଣ ପଡ଼ିଆକୁ ବିଜେ କରି ଆସ୍ଥାନ ଗ୍ରହଣ କରିଥିଲେ। ପ୍ରଶାସନର ବାରଣ ଯୋଗୁ ଠାକୁରଙ୍କ ଆଗମନ ସମୟରେ ଶୋଭାଯାତ୍ରା ଓ ଆତସବାଜି ପ୍ରଦର୍ଶନ ବନ୍ଦ ରହିଥିଲା। ସୋମବାର ଠାକୁରଙ୍କ ପୂଜାନୀତି ସମ୍ପନ୍ନ ପରେ ଅପରାହ୍ନ ୪ଟା ରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ପ୍ରଥମେ ଥାନପତି ବାଲୁଙ୍କେଶ୍ୱରଦେବ ମେଳଣ ପଡ଼ିଆକୁ ଓହ୍ଲାଇବା ପରେ ଅନ୍ୟ ସମସ୍ତ ଠାକୁର ଯୋଗଦେଇଥିଲେ। ଘଣ୍ଟ, କାହାଳୀ, ହରିବୋଲ ଧ୍ୱନୀରେ ମେଳଣ ସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପରେ ସମସ୍ତ ଠାକୁର ଥାନପତି ବାଲୁଙ୍କେଶ୍ୱର ଦେବଙ୍କୁ ଭେଟ ହେବା ପରେ ପ୍ରତ୍ୟାବର୍ତ୍ତନ କରିଥିଲେ। କୁମାଣ୍ଡଳ ପାଟଣା ଗ୍ରାମବାସୀଙ୍କ ପରିଚାଳନାରେ ଯାତ୍ରା ଶୃଙ୍ଖଳାରେ ଶେଷ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଆଇଆଇସି ରମାକାନ୍ତ ମହାଲିକ୍‌ଙ୍କ ତତ୍ତ୍ୱାବଧାନରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ୨ ପୁସ୍ତକ ଉନ୍ମୋଚିତ

**କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ପଞ୍ଚୁ ଦୋଳ ପଡିଆରେ ଚାଲିଥିବା ପୁସ୍ତକ ମେଳାରେ କବି ଲଳିତ କୁମାର ସ୍ୱାଇଁଙ୍କ 'ଅମୃତ ମୋହ' ଏବଂ କବି ପ୍ରେମଚାନ୍ଦ ପାତ୍ରଙ୍କ 'ସୁକୁଟା ନନାଙ୍କ ଘର' ପୁସ୍ତକ ସୋମବାର ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଉଲ୍ଲାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୨୪ ମୌଜା କାର୍ଯ୍ୟକାରୀ ସଭାପତି ପ୍ରବୀର ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ମିଶ୍ର , ଲକ୍ଷ୍ମୀନାରାୟଣ ଦାଶ, ପ୍ରେମାନନ୍ଦ ବେହେରା, ସୌଦାମିନୀ ମିଶ୍ର, ବନ ବିହାରୀ ପଟ୍ଟନାୟକ, ସେକ୍ ନବି, ବାନାମ୍ବର ବାରିକ ପ୍ରମୁଖ ଯୋଗଦେଇଥିଲେ।

# ଫ୍ଲାଏଓଭର ନିର୍ମାଣ ଦାବି ଜୋର ଧରିଲା

**ଖୋର୍ଦ୍ଧା ଅଫିସ,୫।୪**



ବୈଠକରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଭୁବନେଶ୍ୱର-ଚେନ୍ନାଇ ଜାତୀୟ ରାଜପଥରେ ଅଣ୍ଡରପାସ୍ ପରିବର୍ତ୍ତେ ଫ୍ଲାଏଓଭର ନିର୍ମାଣ ପାଇଁ ଦାବି ଜୋର ଧରିଛି। ସୋମବାର ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ଡ.ଦିଲୀପ ହରିଚନ୍ଦନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ରାସ୍ତା ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ରହିଥିବା ବେଳେ ଅନ୍ୟପଟେ ଏସ୍‌ପି ଅଫିସ, ଜାନକୀ ବଲ୍ଲଭ ପଟ୍ଟନାୟକ ପାର୍କ ରହିଛି। ଲୋକମାନେ ଦୈନିକ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା ସହରକୁ ଯାତାୟାତ କରୁଛନ୍ତି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥକୁ ଯିବା ଲାଗି ମାଲବାହୀ ଟ୍ରକ୍, ଘରୋଇ ବସ୍ ଯାତାୟାତ କରୁଛି। ବିଭିନ୍ନ ଅଞ୍ଚଳରୁ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ସଦର ମୁଖ୍ୟ ଚିକିତ୍ସାଳୟ ଯିବା ଲାଗି ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଭୁବନେଶ୍ୱର ପଟୁ ଆସୁଥିବା ଯାତ୍ରୀବାହୀ ବସ୍ ଏହି ରାସ୍ତା ଦେଇ ଯାତାୟାତ କରୁଛି। ତେବେ ଏଠାରେ ଅଣ୍ଡରପାସ ନିର୍ମାଣ ହେଲେ ଦୁର୍ଘଟଣା ବଢ଼ିବା ସହିତ ଟ୍ରାଫିକ ସମସ୍ୟା ଦେଖାହେବ। ଜନସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଅଣ୍ଡରପାସ ପରିବର୍ତ୍ତେ ଫ୍ଲାଏଓଭରବ୍ରିଜ ନିର୍ମାଣ ଲାଗି ବୈଠକରେ ମତପ୍ରକାଶ ପାଇଥିଲା। ଏହାକୁ ଶୀଘ୍ର କାର୍ଯ୍ୟକାରୀ ଲାଗି ସର୍ବସମ୍ମତିରେ ପ୍ରସ୍ତାବ ଦିଆଯାଇଛି। ଗଡ଼ଖୋର୍ଦ୍ଧା ଛକ ଠାରେ ଏକ ଅଣ୍ଡରପାସ୍ ନିର୍ମାଣ, ତୋଟାପଡା ଠାରୁ ପିତାପଲ୍ଲୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସବ୍ ରୋଡ ନିର୍ମାଣ ସହ ଆଲୋକୀକରଣ ବ୍ୟବସ୍ଥା ଲାଗି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ଏବଂ କେନ୍ଦ୍ରୀୟ ଭୂପୃଷ୍ଠ ଓ ପରିବହନ ମନ୍ତ୍ରଣାଳୟ ସହ ଆଲୋଚନା କରିବେ ବୋଲି ଏମ୍‌ପି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ପଟ୍ଟନାୟକ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ରଞ୍ଜିତ୍ ମହାପାତ୍ର, ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗରା, ବାଲ୍‌ଟି ରଖି ରାସ୍ତାରେ ବସିଲେ ମହିଳା


ଟିକାତଳ ଛକରେ ମହିଳାମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**ବୋଲଗଡ଼,୫।୪(ଡି.ଏନ୍.ଏ.)**

## ପାନୀୟଜଳ ଯୋଗାଣ ଦାବି

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଟିକାତାଳ ଗ୍ରାମର ଗଉଡ଼ ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଖରାଦିନେ ମହିଳାମାନେ ଅନ୍ୟ ସ୍ଥାନରୁ ପାଣି ସଂଗ୍ରହ କରୁଛନ୍ତି। ଉକ୍ତ ସାହିକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦୁଇଟି ବୋରୱେଲ ଖୋଳାଯାଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ପାନୀୟ ଜଳ ଯୋଗାଣ ଦାବିରେ ସୋମବାର ଏହି ସାହିର ମହିଳାମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଟିକାତଳ ଛକରେ ଗରା, ବାଲ୍‌ଟି ରଖି ପୂର୍ବାହ୍ନ ୧୦ଟାରେ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବେଗୁନିଆ ପୋଲିସ ଏବଂ ବିଭାଗୀୟ ବୋଲଗଡ଼ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ଘଡ଼ାଇ ପହଞ୍ଚି ବୁଝାଶୁଝା କରିଥିଲେ। ସାହିରେ ୪ଟି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇ ପାନୀୟ ଜଳ ଯୋଗାଇଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ପରେ କନିଷ୍ଠ ଯନ୍ତ୍ରୀ ଘଡ଼ାଇ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇ ପାନୀୟଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମିଳିମିଶି ୧୩.୪୦ଲକ୍ଷ ଟଙ୍କା ଆତ୍ମସାତ

**ଖୋର୍ଦ୍ଧା ଅଫିସ,୫।୪**

## ସାନପଦର ପଞ୍ଚାୟତ

ଗ୍ରାମାଞ୍ଚଳର ବିକାଶ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥ କମିଶନଙ୍କ ପକ୍ଷରୁ କୋଟି କୋଟି ଟଙ୍କା ପଞ୍ଚାୟତକୁ ଦିଆଯାଉଛି। ତେବେ ଯୋଜନା କାର୍ଯ୍ୟକାରୀ ଆଳରେ ଜନ ପ୍ରତିନିଧିମାନେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରୁଛନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତରେ ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନର ୧୩ଲକ୍ଷ ୪୦ହଜାର ଟଙ୍କା ଆତ୍ମସାତ ହୋଇଥିବା ପଞ୍ଚାୟତ ଅଡିଟରେ ଧରାପଡିଛି। ରାଜ୍ୟ ଅର୍ଥ କମିଶନ ଅନୁଦାନ ରାଶି ୩ ଲକ୍ଷ ୮୦ହଜାର ଏବଂ କେନ୍ଦ୍ର ଅର୍ଥ କମିଶନଙ୍କ ଅନୁଦାନ ରାଶି ୯ ଲକ୍ଷ ୬୦ଟଙ୍କା ଆତ୍ମସାତ କରିଛନ୍ତି। ଘଟଣା ଜଣାପଡିବା ପରେ ସାନପଦର ଗ୍ରାମବାସୀ ଏହି ଘଟଣା ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସୂଚନା ଆଇନ ପ୍ରକାରେ, ସାନପଦର ପଞ୍ଚାୟତ କାର୍ଯ୍ୟାଳୟ ତାରିଖ ୨୪/୨/୨୧ ସରପଞ୍ଚ ଟଙ୍କା ଫେରସ୍ତ ଲାଗି ଚୁକ୍ତିନାମା କରିଥିଲେ। ଚୁକ୍ତିନାମାରେ ଦର୍ଶାଯାଇଛି ଯେ, ସାନପଦର ସରପଞ୍ଚ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସଞ୍ଚୟ ଜମା ବହିରୁ ୧୩ଲକ୍ଷ ୪୦ହଜାର ଟଙ୍କା ପଞ୍ଚାୟତ ପକ୍ଷରୁ ଗ୍ରହଣ କରିଥିବାରୁ ଉକ୍ତ ଅର୍ଥ ରାଶିକୁ ମାର୍ଚ୍ଚ ଏବଂ ଏପ୍ରିଲ ମଧ୍ୟରେ ଜମା କରିବାକୁ ଚୁକ୍ତିନାମା କରିଥିଲେ। ସେହି ଅନୁସାରେ ସେ ୩୧ମାର୍ଚ୍ଚ ସୁଦ୍ଧା ୫ଲକ୍ଷ ୮୦ହଜାର ଏବଂ ଏପ୍ରିଲ ସୁଦ୍ଧା ୮ଲକ୍ଷ ୧୦ହଜାର ଟଙ୍କା ପାଣ୍ଠିରେ ଜମାଦେବା ଲାଗି ଚୁକ୍ତି କରିଥିଲେ। ଏହି ଚୁକ୍ତିନାମାରେ ସାନପଦର ପଞ୍ଚାୟତ ଜିଆରଏସ, ପିଇଓ, ସାନପଦର ପୂର୍ବତନ ପିଇଓ ଏବଂ ବୋଲଗଡ଼ ବ୍ଲକ ଜିପିଇଓ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଉକ୍ତ ଅର୍ଥରାଶି ଆତ୍ମସାତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା। ଅନ୍ୟପଟେ ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଡିଟ୍ ରିପୋର୍ଟରେ ଅର୍ଥ ଆତ୍ମସାତ ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

### ଫାଣ୍ଡି ପରିସରରୁ କଙ୍କାଳ ମିଳିବା ଘଟଣା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ଯାଁଳା ଫାଣ୍ଡି ପରିସରରେ ଥିବା ଏକ ଜବତ କାର୍‌ରୁ ମହିଳାଙ୍କ କଙ୍କାଳ ମିଳିବା ଘଟଣାକୁ ଦେଢ଼ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କମିଶନରେଟ୍ ପୋଲିସ ମହିଳାଙ୍କ ପରିଚୟ ପାଇପାରି ନାହିଁ। ଫଳରେ ତଦନ୍ତରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏନେଇ ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ପିଟିଶନ ଦାଖଲ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଫାଣ୍ଡି ପରିସରରେ ଏମିତି ଏକ ଅଭାବନୀୟ ଘଟଣା ଘଟିଥିଲେ ମଧ୍ୟ ପୋଲିସକୁ ସାମାନ୍ୟତମ ସୂଚନା ମିଳି ନ ଥିଲା। ଏହା ପୋଲିସର ବିଫଳତାକୁ ପଦାରେ ପକାଉଛି। ମହିଳାଙ୍କ ମୃତ୍ୟୁ ରହସ୍ୟ ଘେରରେ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଏପରି ସ୍ଥଳେ ପୋଲିସର ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡୁନାହିଁ। ତେଣୁ ଏଥିପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ଅଖଣ୍ଡ ନିବେଦନ କରିଛନ୍ତି। ଏନ୍‌ଏଚ୍‌ଆରସି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଡିଜିପି ଶ୍ରୀ ଅଭୟଙ୍କୁ ରିପୋର୍ଟ ତଲବ କରିଛନ୍ତି। ୮ସପ୍ତାହ ମଧ୍ୟରେ ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ରୁ ଗଞ୍ଜେଇ ଚୋରା ଚାଲାଣବେଳେ ଜବତ ହୋଇଥିବା ଉକ୍ତ ଏସ୍‌ୟୁଭି କାର୍‌ଟି ଯାଁଳା ଫାଣ୍ଡି ପରିସରରେ ପଡ଼ିରହିଥିଲା। ତେବେ ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ମାଲିକ ବିପିନ ପଟ୍ଟନାୟକ କୋର୍ଟ ଅର୍ଡର ଆଣି ପହଞ୍ଚିଥିଲେ। ଏହି ସମୟରେ ଉକ୍ତ ଗାଡ଼ିରେ ଏକ ନରକଙ୍କାଳ ଦେଖିବାକୁ ମିଳିଥିଲା। କମିଶନରେଟ୍ ପୋଲିସ କଙ୍କାଳ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମସ୍ ହସ୍ପିଟାଲ୍ ପଠାଇଥିଲା। ଏହାପରେ ଜୋନ୍ ଏସିପିଙ୍କୁ ଡିସିପି ଘଟଣାର ସ୍ପଷ୍ଟୀକରଣ ମାଗିଥିଲେ। ବ୍ୟବଚ୍ଛେଦ ରିପୋର୍ଟରୁ ଉକ୍ତ କଙ୍କାଳଟି ଜଣେ ମହିଳାଙ୍କର ଓ ବୟସ ୪୫ ବର୍ଷ ଉଲ୍ଲେଖ ଥିଲା। ପୋଲିସ ମହିଳାଙ୍କ ଏକ ଆନୁମାନିକ ସ୍କେଚ୍ ତିଆରି କରି ପୋଷ୍ଟର ମଧ୍ୟ ଲଗାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିମଲ


@ ନଭଜିତ୍


@ ପ୍ରମୋଦ


@ ନିଗମାନନ୍ଦ


@ ଉମା


@ ଅଜିତ


@ ସୌମ୍ୟାସୁଚରିତା

# ଫଗୁ ବଦଳରେ ଠାକୁରଙ୍କୁ ପୁଷ୍ପ

## କଟକଣାରେ ସରିଲା ହରିରାଜପୁର ମେଳଣ

**ଜଟଣୀ/ଡେଲାଙ୍ଗ,୫।୪(ଡି.ଏନ୍.ଏ.)**


ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ପୁଷ୍ପ ବୃଷ୍ଟି କରୁଛନ୍ତି।

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ କୋଭିଡ୍ କଟକଣା ମଧ୍ୟରେ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ, ବୁଢ଼ାପଡ଼ା ଗ୍ରାମର ସୋମନାଥ ଦେବ, ଭଁସର ଗ୍ରାମର ନୀଳକଣ୍ଠେଶ୍ୱର ଦେବ, କଣ୍ଟିଆ ଗ୍ରାମର ବାଲୁଙ୍କେଶ୍ୱର ଦେବ ଏବଂ ଛଣଘର ଗ୍ରାମର ଗଡିଶ୍ୱର ଦେବଙ୍କ ନିକଟରେ ପ୍ରଥମେ ଆଟିକା ଭୋଗ ଲାଗି କରାଯାଇଥିଲା। ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୮୦ ହରିହର ବିଗ୍ରହ ହରିହର ଭେଟରେ ସାମିଲ ହୋଇଥିଲେ। କଟକଣା ମଧ୍ୟରେ ଠାକୁରଙ୍କ ନୀତିକାନ୍ତି ସହିତ ପାରମ୍ପରିକ ବାଜା, ମୃଦଙ୍ଗ, ଘଣ୍ଟ, ଘଣ୍ଟି, ତୁରୀ, ମହୁରି, ଶଙ୍ଖଧ୍ୱନି, ହରିବୋଲ ହୁଳହୁଳିରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଉପରେ ଶ୍ରଦ୍ଧାଳୁମାନେ ଫଗୁ ପରିବର୍ତ୍ତେ ପୁଷ୍ପ ବୃଷ୍ଟି କରିଥିଲେ। ପରେ ନିମନ୍ତ୍ରିତ ଠାକୁରମାନେ ବିମାନରେ ସ୍ୱ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହିତ ହରିରାଜପୁରର ବାଳମୁକୁନ୍ଦ ଦେବ ଓ ଭଁସର ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ବିମାନକୁ ମେଳଣ ପଡ଼ିଆସ୍ଥିତ ରତ୍ନ ବେଦୀକୁ ନିଆଯାଇଥିଲା। ସେଠାରେ ତିନି ଠାକୁରଙ୍କ ସ୍ୱତନ୍ତ୍ର ପୂଜାନୀତି ସହ ହୋମ ଅନୁଷ୍ଠିତ କରାଯାଇ ଅଧରପଣା ଭୋଗ ଲାଗି କରାଯାଇଥିଲା। ପରମ୍ପରା ଅନୁଯାୟୀ ସମସ୍ତ ଠାକୁର ସ୍ୱ ଜାଗାକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ବାଳମୁକୁନ୍ଦ ଦେବ ନିଜ ନିଜ ବିମାନରେ ବିରାଜିତ ହୋଇ ନିଜସ୍ୱ ଗ୍ରାମ ପରିକ୍ରମା କରିବା ସହ ଗ୍ରାମରେ ଚାଟେରି ଭୋଗ ଓ ଦହି ପଖାଳ ଖାଇ ମଙ୍ଗଳବାର ମନ୍ଦିର ବେଢ଼ା ପ୍ରବେଶ କରିବା ପାଇଁ ସ୍ଥିର ହୋଇଛି।

ସୋମବାର ସକାଳେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମେଳଣ ପଡିଆରେ ସମାଗମ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ଠାକୁରଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ପରମ୍ପରା ଓ ବିଧି ରକ୍ଷା ପାଇଁ ସମସ୍ତ ନୀତିକାନ୍ତି କରାଯାଇଛି ବୋଲି ହରିରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ କହିଛନ୍ତି । ଏହି ମେଳଣ ଉତ୍ସବକୁ ହରିରାଜପୁର ମେଳଣ କମିଟି ସଭାପତି ପ୍ରେମାନନ୍ଦ ମହାରଥୀ, ସମ୍ପାଦକ ସଂଗ୍ରାମ କେଶରୀ ପ୍ରଧାନ, କୋଷାଧ୍ୟକ୍ଷ ଅଭିମନ୍ୟୁ ବଳିଆରସିଂ, ଶିବପ୍ରସାଦ ଚମ୍ପତି, ଅଶୋକ ସାମନ୍ତରାୟ, ବିଜୟ ଜେନା, ମାନସ ମଙ୍ଗରାଜ, କାଶୀନାଥ ପାତ୍ର, ହାଡିବନ୍ଧୁ ଚମ୍ପତି, ନନ୍ଦକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# କୋର୍ଟରେ ଇ-ସେବା କେନ୍ଦ୍ର ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ/ଜଟଣୀ, ୫।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଭର୍ଚୁଆଲ ମୋଡରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରନ ଇ-ସେବା କେନ୍ଦ୍ରକୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧା କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରାଜଜ୍(ପ୍ରଥମ) ଦିଲୀପ ବିଶ୍ୱାଳ, ଅତିରିକ୍ତ ଜିଲା ଦୌରାଜଜ (୨ୟ) ଅମିୟ ଜେନା, ସବ୍‌ଜଜ ଦିଲୀପ ସାହୁ, ଏସଡିଜେଏମ ସୌଦାମିନୀ ସିଂ, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ(ଏସ୍‌ଜେଏମ) ସୁରେନ୍ଦ୍ରନାଥ ପାଢ଼ୀ, ଜେଏମଏଫସି ସ୍ନାତକୀ ଦାଶ, ମୁନସିଫ ଜଜ୍ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେବା କେନ୍ଦ୍ର ଦ୍ୱାରା ଲୋକଙ୍କୁ ଇ-କୋର୍ଟ ସମ୍ବନ୍ଧୀୟ ସମସ୍ତ ଅନଲାଇନ ସେବା ମିଳିବ। ସେହିପରି ଜେଲରେ ବିଚାରାଧୀନ କଏଦୀମାନେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଅନଲାଇନ ମାଧ୍ୟମରେ ସାକ୍ଷାତ କରିବାରେ ସୁବିଧା ପାଇପାରିବେ ବୋଲି ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ଉପସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଶିଶିର ପରିଡା, ହର୍ଷ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସେହିପରି ଜଟଣୀ କୋର୍ଟ ପରିସରରେ ଭର୍ଚୁଆଲ ମୋଡରେ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରନ ଇ-ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କୋର୍ଟ ପରିସରରେ ଜଷ୍ଟିସ ଧ୍ରୁବୀ ସୋଲାଙ୍କି, ଜଟଣୀ ଲୟର୍ସ ଆସୋସିଏଶନ ଓ ବାର୍ ଆସୋସିଏଶନର ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଇ-ସେବା କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଜଜ୍ ଓ ଅନ୍ୟମାନେ।